# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୧୪/୨୦୨୧ (୧୬ ପୃଷ୍ଠା) | Bhubaneswar, Tuesday, September 14/2021 | ★★★★★★

୪୭ଶ ଭାଗ ୨୯୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




## ମେଡ୍‌ଭେଡେଭଙ୍କୁ ଟାଇଟଲ

ସର୍ବିଆର ନୋଭାକ୍ ଜୋକୋଭିଚ୍‌ଙ୍କୁ ହରାଇ ୟୁଏସ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି ରୁଷିଆର ଡାନିଲ ମେଡ୍‌ଭେଡେଭ।

୧୫

୧୪

## ଗ୍ଲାମରସ୍ ଲୁକ୍‌ରେ ଅମିଷା

ଦୀର୍ଘ ଦିନ ହେଲା ବଡ଼ ପରଦାରୁ ଦୂରରେ ଥିବା ଅଭିନେତ୍ରୀ ଅମିଷା ପଟେଲ ତାଙ୍କ ଇନ୍‌ଷ୍ଟା ଆକାଉଣ୍ଟରେ ଗ୍ଲାମରସ୍ ପୋଜ୍‌ରେ ଏକ ଭିଡିଓ ପୋଷ୍ଟ କରିଛନ୍ତି।





ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ସୋମବାର ପୁରୀ ଲୋକନାଥ ମନ୍ଦିର ପରିସର ଜଳାର୍ଣ୍ଣବ ହୋଇପଡ଼ିଛି।

# ତଥ୍ୟ ଦେବାକୁ କେନ୍ଦ୍ର ଅମଙ୍ଗ

*ଇସ୍ରାଏଲ କମ୍ପାନୀ ଏନ୍‌ଏସ୍‌ଓ ଗ୍ରୁପ୍‌ର ସ୍ପାଏୱେର ପେଗାସସ୍‌କୁ ନେଇ କେନ୍ଦ୍ର ସରକାର ଅଡୁଆରୁ ମୁକୁଳିପାରୁ ନାହାନ୍ତି। ପେଗାସସ୍ ଗୁପ୍ତଚରଗିରି ବିବାଦରେ କେନ୍ଦ୍ର ସରକାରଙ୍କ ସମ୍ପୃକ୍ତି ଥିବା ଅଭିଯୋଗ କରି ବିରୋଧୀ ସଂସଦର ମୌସୁମୀ ଅଧିବେଶନରେ ଘେରିଥିବା ବେଳେ ଏବେ ଅଦାଲତରେ ଫସିଛି କେନ୍ଦ୍ର। ସର୍ବୋଚ୍ଚ ଅଦାଲତରେ ସୋମବାର ସଲିସିଟର ଜେନେରାଲଙ୍କ ମାଧ୍ୟମରେ କେନ୍ଦ୍ର ସରକାର ସଫେଇ ଦେଇଛନ୍ତି। ପେଗାସସ୍ ସ୍ପାଏୱେରକୁ ସରକାର ବ୍ୟବହାର କରିଛନ୍ତି କି ନାହିଁ ସେ ନେଇ ସତ୍ୟପାଠରେ ବିସ୍ତୃତ ଉଲ୍ଲେଖ କରାଗଲେ ଏହା ଆତଙ୍କବାଦୀଙ୍କୁ ସହାୟକ ହେବ ବୋଲି କେନ୍ଦ୍ର ଯୁକ୍ତି ବାଢ଼ିଛି। ଅପରପକ୍ଷରେ ପ୍ରଧାନ ବିଚାରପତିଙ୍କୁ ନେଇ ଗଠିତ ୩ଜଣିଆ ଖଣ୍ଡପୀଠ ଏହି ଯୁକ୍ତିକୁ ଗ୍ରହଣ କରିପାରି ନାହାନ୍ତି। ଏହାର ପୁନର୍ବିଚାର ପାଇଁ ୨ ରୁ ୩ଦିନ ସମୟ ଦେଇଛନ୍ତି, ଯାହାକି କେନ୍ଦ୍ର ପାଇଁ ଏକ ଚ୍ୟାଲେଞ୍ଜ ସୃଷ୍ଟି କରିଛି।*

ନୂଆଦିଲ୍ଲୀ, ୧୩।୯

ପେଗାସସ୍ ସ୍ପାଏୱେର ବ୍ୟବହାରରେ କେନ୍ଦ୍ର ସରକାରଙ୍କ ଭୂମିକା ସମ୍ପର୍କରେ ତଦନ୍ତ କରିବା ପାଇଁ ସୁପ୍ରିମକୋର୍ଟରେ ଆଗତ ହୋଇଥିବା ଏକାଧିକ ଆବେଦନର ଶୁଣାଣି ସୋମବାର ହୋଇଛି। ଏ ସମ୍ପର୍କରେ କେନ୍ଦ୍ର ପକ୍ଷରୁ ସତ୍ୟପାଠ ଦାଖଲ କରିବାକୁ ପୂର୍ବରୁ ସର୍ବୋଚ୍ଚ ଅଦାଲତ ସମୟ ଦେଇଥିଲେ। ସୋମବାର ପ୍ରଧାନ ବିଚାରପତି ଏନ୍. ଭି. ରମନା, ବିଚାରପତି ସୂର୍ଯ୍ୟକାନ୍ତ ଏବଂ ବିଚାରପତି ହିମା କୋହଲିଙ୍କୁ ନେଇ ଗଠିତ ପୀଠରେ ମାମଲାର ଶୁଣାଣି ହୋଇଥିଲା। କେନ୍ଦ୍ର ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଖଣ୍ଡପୀଠରେ କହିଥିଲେ, ପେଗାସସ୍‌କୁ କେନ୍ଦ୍ର ସରକାର ବ୍ୟବହାର କରିଛନ୍ତି କି ନାହିଁ ସେନେଇ କୌଣସି ତଥ୍ୟ ସତ୍ୟପାଠ ମାଧ୍ୟମରେ ଉପସ୍ଥାପନ କରିବା ଉଚିତ୍ ହେବ ନାହିଁ। ଏହା ଜାତୀୟ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିବ। ତେଣୁ ସରକାର ନିରପେକ୍ଷ ବିଶେଷଜ୍ଞଙ୍କୁ ନେଇ ଏକ ବୈଷୟିକ କମିଟି ଗଠନ କରିବାକୁ ଯାଉଛନ୍ତି। ଏହି କମିଟି ଆବେଦନକାରୀଙ୍କ ଫୋନ୍ ଏବଂ ଯେଉଁମାନେ ପେଗାସସ୍ ଦ୍ୱାରା ପ୍ରଭାବିତ ବା କ୍ଷତିଗ୍ରସ୍ତ ହେଉଛନ୍ତି ବୋଲି ଦାବି କରୁଛନ୍ତି, ସେମାନଙ୍କୁ ଯାଞ୍ଚ କରିବ। ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଥିବା କୌଣସି ବ୍ୟକ୍ତି ବିଶେଷଜ୍ଞ କମିଟିରେ ରହିବେ ନାହିଁ। କମିଟି ତଦନ୍ତ ପରେ ଏହାର ରିପୋର୍ଟ ☞ପୃଷ୍ଠା-୪

### ପେଗାସସ୍ ବ୍ୟବହାର ମାମଲା




- ଜାତୀୟ ସୁରକ୍ଷାକୁ ଢାଲ କଲେ ସଲିସିଟର ଜେନେରାଲ
- ଜର୍ମାନୀ ତଥ୍ୟ ଦେବାକୁ ରାଜିଥିବାବେଳେ ଭାରତ ଅମଙ୍ଗ କାହିଁକି: କପିଲ୍ ସିବଲ
- ପୁନର୍ବିଚାର ପାଇଁ ୨ରୁ ୩ ଦିନ ମହଲତ ଦେଲେ ସର୍ବୋଚ୍ଚ ଅଦାଲତ




## ଆଜିଠୁ ଯୁକ୍ତ୨ ନାମଲେଖା

### ପ୍ରଥମ ପର୍ଯ୍ୟାୟ ମେରିଟ୍ ଲିଷ୍ଟ ପ୍ରକାଶ

ଭୁବନେଶ୍ୱର,୧୩।୯(ବ୍ୟୁରୋ)

ଯୁକ୍ତ୨ରେ ନାମଲେଖା ପାଇଁ ପ୍ରଥମ ପର୍ଯ୍ୟାୟ ମେରିଟ୍ ଲିଷ୍ଟ ସୋମବାର ପ୍ରକାଶ ପାଇଛି। ଓଡ଼ିଶାରେ ମୋଟ୍ ୪ ଲକ୍ଷ ୩୫ ହଜାର ୯୨ ଜଣ ଛାତ୍ରୀଛାତ୍ର ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ୩ ଲକ୍ଷ ୮୬ ହଜାର ୪୬୪ ଜଣ ପ୍ରଥମ କଟ୍ ଅଫ୍‌ରେ ମନୋନୀତ ହୋଇଛନ୍ତି। କଳାରେ ପ୍ରଥମ କଟ୍ ଅଫ୍‌ରେ ୨ ଲକ୍ଷ ୪୭ ହଜାର ୯୦୬ ଏବଂ ବିଜ୍ଞାନରେ ୧ ଲକ୍ଷ ୭୩୭ ଓ ବାଣିଜ୍ୟରେ ୨୪ ହଜାର ୫୬୦ ଜଣ ମନୋନୀତ ହୋଇଛନ୍ତି। ସେହିପରି ସଂସ୍କୃତରେ ୭ହଜାର ୫୯୨ ଓ ଧନ୍ଦାମୂଳକ ଶିକ୍ଷାରେ ୫ହଜାର ୬୬୯ଜଣ ମନୋନୀତ ହୋଇଛନ୍ତି। ପ୍ରଥମ ପର୍ଯ୍ୟାୟ ମେରିଟ୍ ଲିଷ୍ଟରେ ☞ପୃଷ୍ଠା-୪

## ଆଜିର ସମ୍ପାଦକୀୟ

### ଇସ୍‌ଲାମୀୟ ବିପଦ




# ଲଗାଣ ବର୍ଷାରେ ଗଲା ୪ ଜୀବନ

### ୧୧ ଜିଲାର ୨୦ ଲକ୍ଷ ଲୋକ ପ୍ରଭାବିତ

ଭୁବନେଶ୍ୱର, ୧୩।୯ (ବ୍ୟୁରୋ)

ଲଘୁଚାପ ଜନିତ ବର୍ଷା ଶନିବାର ରାତିରୁ ରାଜ୍ୟରେ ଲାଗି ରହିଛି। ରାଜ୍ୟର ୧୧ ଜିଲା ପ୍ରଭାବିତ ହୋଇଛି। ବିଶେଷକରି ଉପକୂଳ ଓଡ଼ିଶା ଜିଲାଗୁଡ଼ିକରେ ଏହାର ପ୍ରଭାବ ବିଶେଷମାତ୍ରାରେ ଦେଖିବାକୁ ମିଳିଛି। ଉପକୂଳ ଜିଲାର ବିଭିନ୍ନ ସ୍ଥାନରେ ୪ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଜଣେ ନିଖୋଜ ଅଛନ୍ତି। କେନ୍ଦ୍ରାପଡ଼ା ଜିଲା ଡେରାବିଶ ଓ ଗରଦପୁର ବ୍ଲକ ଅଞ୍ଚଳରେ ମାଟିକାନ୍ଥ ଭୁଶୁଡ଼ି ୨ଜୀବନ ଯାଇଥିବାବେଳେ ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅଞ୍ଚଳରେ ଜଣେ ଯୁବକ ନାଳ ପାଣି ସୁଅରେ ଭାସିଯାଇ ମୃତ୍ୟୁ ଘଟିଛି। ସେହିପରି କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳରେ ବର୍ଷାବେଳେ ☞ପୃଷ୍ଠା-୪




**ମଧ୍ୟପ୍ରଦେଶ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ରାମାୟଣ, ମହାଭାରତ**

ଇଞ୍ଜିନିୟରିଂ ପାଠ୍ୟକ୍ରମରେ ରାମାୟଣ, ମହାଭାରତ ଏବଂ ରାମଚରିତ ମାନସକୁ ସାମିଲ କରିବା ପାଇଁ ମଧ୍ୟପ୍ରଦେଶ ସରକାର ନିଷ୍ପତ୍ତି ନେଇଛନ୍ତି। ଜାତୀୟ ଶିକ୍ଷା ନୀତି (ଏନ୍‌ଇପି) ୨୦୨୦ର ଅଂଶବିଶେଷ ସ୍ୱରୂପ ଏବଂ ଛାତ୍ରୀଛାତ୍ରଙ୍କ ଶିକ୍ଷା ପାଇଁ ଏହା କରାଯାଇଥିବା ରାଜ୍ୟର ଉଚ୍ଚଶିକ୍ଷା ମନ୍ତ୍ରୀ ମୋହନ ଯାଦବ କହିଛନ୍ତି। ଧର୍ମଗ୍ରନ୍ଥକୁ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ସାମିଲ କରିବାରେ କିଛି ଭୁଲ୍ ନାହିଁ। ଭଗବାନ ରାମଙ୍କ ଚରିତ୍ର ଓ ସମସାମୟିକ କାର୍ଯ୍ୟ ସମ୍ପର୍କରେ ଯେଉଁମାନେ ଜାଣିବାକୁ ଚାହିଁବେ ସେମାନେ ଏହାକୁ ପଢ଼ିପାରିବେ।



କାବୁଲସ୍ଥିତ ଏକ ଶିବିରରେ ବିସ୍ଥାପିତ ଶିଶୁ

ପୂର୍ବ କଷ୍ଟୋପାର୍ଜିତ ଅର୍ଥ ବ୍ୟାଙ୍କରେ ପଡ଼ିଛି। ତାଲିବାନ୍ ମୁହଁକୁ ଦେଖି ଅନ୍ତର୍ଜାତୀୟ ସଙ୍ଗଠନଗୁଡ଼ିକ ଆଫଗାନିସ୍ତାନକୁ ପାଣ୍ଠି ଦେବାକୁ ମନା କରିଦେବା ପରେ ଲୋକଙ୍କ ମୁଣ୍ଡ ଉପରେ ପଡ଼ିଛି ଅକାଳ ଚଢ଼କ। କାହା ହାତରେ ଖାଇବାକୁ ଅର୍ଥ ନାହିଁ ତ ପୁଣି କିଏ ଜୀବନ ବଞ୍ଚାଇବା ଲାଗି ଔଷଧ କିଣିବାକୁ ନଗଦ ମୁଦ୍ରା ଖୋଜୁଛନ୍ତି। ଅଗତ୍ୟା ନିଜ ଘରର ମୂଲ୍ୟବାନ ଆସବାବପତ୍ର ଶାଗମାଛ ଦରରେ ବିକି ଦେଉଛନ୍ତି ଆଫଗାନ୍‌ମାନେ। ରାଜଧାନୀ କାବୁଲ ରାଜରାସ୍ତାରେ ଦେଖିବାକୁ ମିଳୁଥିବା ଏହି ବିକଳ ଚିତ୍ର ସାମ୍ପ୍ରତିକ ସ୍ଥିତାବସ୍ଥାକୁ ବୟାନ କରୁଛି।



ରାସ୍ତାକଡ଼ରେ କାମ ପାଇଁ ଅପେକ୍ଷାରତ ଶ୍ରମିକ

# ବଞ୍ଚିବା ପାଇଁ ବିକି ଦେଉଛନ୍ତି

**କାବୁଲ, ୧୩।୯**

ଆଫଗାନିସ୍ତାନ ସରକାରକୁ କ୍ଷମତାଚ୍ୟୁତ କରି ତାଲିବାନ୍ ଦେଶ ଦଖଲ କରିବା ପରେ ସେଠାକାର ଅର୍ଥନୀତି ବ୍ୟାପକ ପ୍ରଭାବିତ ହୋଇଛି। ବିଶ୍ୱ ବ୍ୟାଙ୍କ, ଆଇଏମ୍‌ଏଫ୍, ଆମେରିକା ସେଣ୍ଟ୍ରାଲ ବ୍ୟାଙ୍କ କିଛି ସପ୍ତାହ ତଳେ ଅନ୍ତର୍ଜାତୀୟ ଫଣ୍ଡ୍ ପର୍ଯ୍ୟନ୍ତ ପହଞ୍ଚିବା ପାଇଁ ତାଲିବାନ୍‌ର ସବୁ ରାସ୍ତା ବନ୍ଦ କରିଦେଇଛନ୍ତି। ଆଫଗାନ୍ ସରକାରୀ କର୍ମଚାରୀଙ୍କ ଦରମା ମିଳିନି। ଅଧିକାଂଶ ବ୍ୟାଙ୍କ ବନ୍ଦ ରହିବା ଏବଂ ଏଟିଏମ୍‌ରୁ ନଗଦ ଉଠାଣ ଉପରେ କଟକଣା ଜାରି ହୋଇଛି। ଏପରି ସ୍ଥିତିରେ ଦୈନିକ କାରବାର ପାଇଁ ଆଫଗାନ୍ ମାର୍କେଟରେ ନଗଦ ଅର୍ଥ ଅଭାବ ଦେଖାଦେଇଛି। ଲୋକେ ଖାଦ୍ୟ ପଦାର୍ଥ, ଔଷଧ ଆଦି ଅତ୍ୟାବଶ୍ୟକ ଜିନିଷ କିଣିବା ପାଇଁ ରାସ୍ତାରେ ନିଜ ଘର ସାମଗ୍ରୀ କମ୍ ଦରରେ ବିକ୍ରି କରିଦେଉଥିବା ଦେଖିବାକୁ ମିଳିଛି।

କାବୁଲର ବିଭିନ୍ନ ସ୍ଥାନରେ ଲୋକେ ନିଜ ରେଫ୍ରିଜରେଟର, ଫ୍ୟାନ୍, ଗଦି, ତକିଆ, ଖଟ, କମ୍ବଳ, ରୋଷେଇ ସାମଗ୍ରୀ, ପରଦା, ଚେୟାର, ଟେବୁଲ, ଥାକ ଆଦି ରାସ୍ତାରେ ଗଦା କରି ବିକ୍ରି କରୁଛନ୍ତି। ଘର ଚଳାଇବା ପାଇଁ ଜରୁରୀ ସାମଗ୍ରୀ ସେହି ଅର୍ଥରେ କିଣୁଛନ୍ତି। ଆଫଗାନିସ୍ତାନ ବ୍ୟାଙ୍କଗୁଡ଼ିକ ସପ୍ତାହକୁ ୨୦ ହଜାର ଆଫଗାନିସ୍ (ପ୍ରାୟ ୧୭ ହଜାର ଟଙ୍କା)ରୁ ଅଧିକ ଅର୍ଥ ଉଠାଣ ଉପରେ କଟକଣା ଲଗାଇଛନ୍ତି। ଏଟିଏମ୍‌ରୁ



କାବୁଲ ରାସ୍ତାରେ ଘରର ଆସବାବପତ୍ର ବିକ୍ରି କରିଦେଉଛନ୍ତି ସ୍ଥାନୀୟ ଲୋକେ।

- ଆଫଗାନିସ୍ତାନରେ ନଗଦ ଅର୍ଥ ସଙ୍କଟ
- ଏଟିଏମ୍ ଆଗରେ ଲମ୍ବା ଧାଡ଼ି
- ଗରିବ ହୋଇଯିବେ ୯୭% ଲୋକ

ଟଙ୍କା ଉଠାଇବାକୁ ଦିନ ତମାମ ଶହ ଶହ ସଂଖ୍ୟାରେ ଲୋକ ଲାଇନରେ ଛିଡ଼ା ହେଉଛନ୍ତି। ତାଲିବାନ୍ ଆଫଗାନିସ୍ତାନକୁ ଦଖଲକୁ ନେବା ପୂର୍ବରୁ ମଧ୍ୟ ଦେଶର ଅର୍ଥନୀତି ଦୁର୍ବଳ ହୋଇପଡ଼ିଥିଲା। ବିଦେଶୀ ସହାୟତା ଉପରେ ଦେଶ ଅନେକାଂଶରେ ନିର୍ଭରଶୀଳ ଥିଲା। ବିଶ୍ୱ ବ୍ୟାଙ୍କ ଅନୁସାରେ, ଗତ ୨୦ ବର୍ଷ ହେଲା ଆଫଗାନିସ୍ତାନ ଜିଡିପିର ୪୦ ପ୍ରତିଶତ ବାହାର ଦେଶରୁ ମିଳୁଥିଲା। ଏହାଦ୍ୱାରା ପ୍ରାୟ ୧.୮ କୋଟି ଲୋକ ଉପକୃତ ହେଉଥିଲେ। ହେଲେ ତାଲିବାନ୍ ସରକାରକୁ ଅଧିକାଂଶ ଦେଶ ମାନ୍ୟତା ଦେଇ ନ ଥିବାରୁ ବିଦେଶୀ ସହାୟତା ବନ୍ଦ ହୋଇଯାଇଛି। କୋଭିଡ୍-୧୯ ସଂକ୍ରମଣ ଏବଂ ମରୁଡ଼ି ଯୋଗୁ ଆଫଗାନିସ୍ତାନ ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ତାଲିବାନ୍ ଆଫଗାନିସ୍ତାନରେ ସରକାର ଗଢ଼ିବା ପରେ ଏହି ସଙ୍କଟ ଆହୁରି ଘନେଇଛି। ଏପରି ସ୍ଥିତି ଲାଗି ରହିଲେ ଆସନ୍ତା ବର୍ଷ ସୁଦ୍ଧା ୯୭ ପ୍ରତିଶତ ଆଫଗାନ୍ ଗରିବ ହୋଇଯିବେ ବୋଲି ଜାତିସଂଘ ଚେତାଇ ଦେଇଛି।

ସେପଟେ ଏଭଳି ସଙ୍କଟରୁ ମୁକୁଳିବା ପାଇଁ ଚାଇନା ଓ ରୁଷିଆ ଉପରେ ନିର୍ଭରଶୀଳ ହୋଇଛି ତାଲିବାନ୍। ପାଶ୍ଚାତ୍ୟ ସହାୟତା ଅଭାବକୁ ଏହି ଦୁଇ ଦେଶ ପୂରଣ କରିବେ ବୋଲି ତାଲିବାନ୍ ସରକାର ଆଶା ରଖିଥିବା ଏହାର ମୁଖପାତ୍ର ଜାବିହୁଲ୍ଲା ମୁଜାହିଦ୍ କହିଛନ୍ତି। ହେଲେ ଏ ପର୍ଯ୍ୟନ୍ତ ବେଜିଂ କିମ୍ବା ମସ୍କୋ ତରଫରୁ ଆଫଗାନିସ୍ତାନର ଆର୍ଥିକ ସଙ୍କଟ ଦୂର ପାଇଁ ସେଭଳି କୌଣସି ସହାୟତା ପ୍ରଦାନ କରାଯାଇନାହିଁ।

## ‘ସାଲେହଙ୍କ ଘରୁ ମିଳିଛି ୪୮ କୋଟି’

**କାବୁଲ, ୧୩।୯**



ଆଫଗାନିସ୍ତାନର କ୍ଷମତାଚ୍ୟୁତ ଉପରାଷ୍ଟ୍ରପତି ଅମରୁଲ୍ଲା ସାଲେହଙ୍କ ଘରୁ ୬.୫ ମିଲିୟନ ଡଲାର (ପ୍ରାୟ ୪୮ କୋଟି ଟଙ୍କା) ଏବଂ ୧୮ ସୁନା ଇଟା ମିଳିଥିବା ତାଲିବାନ୍ କହିଛି। ରାଷ୍ଟ୍ରପତି ଅଶ୍ରଫ ଗନି ଦେଶ ଛାଡ଼ି ପଳାଇବା ପରେ ନିଜକୁ କାର୍ଯ୍ୟକାରୀ ରାଷ୍ଟ୍ରପତି ଘୋଷଣା କରିଥିବା ସାଲେହଙ୍କ ଘରୁ ତାଲିବାନ୍ ଏହି ସମ୍ପତ୍ତି ଜବତ କରିଥିବା ନେଇ ସୋମବାର ଏକ ଭିଡିଓ ଜାରି କରିଛି। ତାଲିବାନ୍ ମଲ୍ଟିମିଡିଆ ବ୍ରାଞ୍ଚର ମୁଖ୍ୟ ଅହମଦ୍ଦୁଲା ମୁତ୍ତାକି ଟୁଇଟରରେ ପୋଷ୍ଟ କରିଥିବା ଏହି ଭିଡିଓରେ ଦେଖିବାକୁ ମିଳିଛି, ସାଲେହଙ୍କ ଘରେ ତାଲିବାନୀମାନେ ଚଢ଼ାଉ କରିଛନ୍ତି। ସେମାନେ ହାତରେ ଧରିଥିବା ଦୁଇଟି ସୁଟ୍‌କେସ୍‌ରେ ଡଲାର ଏବଂ ସୁନା ଇଟା ରହିଛି। କେତେଜଣ ତାଲିବାନୀ ତାହାର ଫଟୋ ଉଠାଉଥିବା ୧ ମିନିଟ୍ ୨୬ ସେକେଣ୍ଡର ଏହି ଭିଡିଓରେ ଦେଖାଯାଇଛି।

## ମୋ ପୋଷାକ ଛୁଅଁନି



ତାଲିବାନ୍ ଫତୱାକୁ ଚ୍ୟାଲେଞ୍ଜ କରି ପୋଜ୍ ଦେଉଛନ୍ତି ଜଣେ ମହିଳା।

**କାବୁଲ, ୧୩।୯**

ଆଫଗାନିସ୍ତାନ ମହିଳାମାନେ ବୁର୍ଖା, ନିକାବ ଆଦି ପିନ୍ଧିବା ବାଧ୍ୟତାମୂଳକ ବୋଲି ତାଲିବାନ୍ ସରକାରଙ୍କ ନିର୍ଦ୍ଦେଶ ଥିବାବେଳେ ଏହାକୁ ନେଇ ସେଠାରେ ବିରୋଧ ତେଜିଛି। ଶତାଧିକ ମହିଳା ଏଭଳି ଫତ୍‌ୱା ବିରୋଧରେ ଅନ୍‌ଲାଇନ କ୍ୟାମ୍ପେନ ଆରମ୍ଭ କରିଛନ୍ତି। ‘ଆଫଗାନିସ୍ତାନ କଲ୍‌ଚର’ ଏବଂ ‘ଡୁ ନଟ୍ ଟଚ୍ ମାଇ କ୍ଲଥେସ’ ହାଶ୍ ଟ୍ୟାଗ୍ ବ୍ୟବହାର କରି ସେମାନେ ବିନା ବୁର୍ଖାରେ ପାରମ୍ପରିକ ପୋଷାକ ପିନ୍ଧି ଫଟୋ ପୋଷ୍ଟ କରିଛନ୍ତି।

## ୬୦୬ ମିଲିୟନ ଡଲାର ମାଗିଲା ଜାତିସଂଘ

**ଜେନେଭା, ୧୩।୯**

ଆଫଗାନିସ୍ତାନବାସୀ ନିଜ ଗୁଜୁରାଣ ମେଣ୍ଟାଇବା ପାଇଁ ମୂଲ୍ୟବାନ୍ ସମ୍ପତ୍ତି କମ୍ ଦରରେ ବିକ୍ରି କରିଦେବା ଦ୍ୱାରା ସେଠାରେ ଦାରିଦ୍ର୍ୟ ହାର ୨୫ ପ୍ରତିଶତକୁ ବୃଦ୍ଧି ପାଇବ ବୋଲି ଜାତିସଂଘ ଚେତାଇ ଦେଇଛି। ୨୦୨୨ ଅଧା ସୁଦ୍ଧା ଦେଶର ୯୭ ପ୍ରତିଶତ ଜନସଂଖ୍ୟା ଦାରିଦ୍ର୍ୟ ସୀମାରେଖା ତଳେ ରହିବେ। ଏଭଳି ସଙ୍କଟରୁ ଆଫଗାନ୍‌ବାସୀଙ୍କୁ ମୁକୁଳାଇବା ପାଇଁ ୬୦୬ ମିଲିୟନ ଡଲାର (ପ୍ରାୟ ୪,୪୬୪ କୋଟି ଟଙ୍କା)ର ସହାୟତା ପ୍ରଦାନ ଲାଗି ସୋମବାର ଜେନେଭାରେ ଆଫଗାନ୍‌ମାନଙ୍କୁ ମାନବିକ ସହାୟତା



ଆଣ୍ଟୋନିଓ ଗୁଟେରସ୍

ପ୍ରଦାନ ସମ୍ପର୍କିତ ଏକ ସମ୍ମିଳନୀରେ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ଆହ୍ୱାନ ଦେଇଛନ୍ତି। ଏହାଦ୍ୱାରା ଚଳିତ ବର୍ଷର ବଳକା ଦିନ ପର୍ଯ୍ୟନ୍ତ ୧.୧ କୋଟି ଆଫଗାନ୍‌ଙ୍କୁ ସହାୟତା ମିଳିପାରିବ ବୋଲି ସେ କହିଛନ୍ତି। ଏଥିସହ ଜାତିସଂଘ କେନ୍ଦ୍ରୀୟ ଜରୁରିକାଳୀନ ପାଣ୍ଠିରୁ ୨୦ ମିଲିୟନ ଡଲାର (ପ୍ରାୟ ୧୪୭ କୋଟି ଟଙ୍କା) ସହାୟତା ପ୍ରଦାନ ପାଇଁ ଗୁଟେରସ୍ ଘୋଷଣା କରିଛନ୍ତି। ଦେଶରେ ଲାଗି ରହିଥିବା ଅସ୍ଥିରତା, ମାନବିକ ସଙ୍କଟ, ମରୁଡ଼ି ସ୍ଥିତି ଆଫଗାନ୍‌ଙ୍କ ପାଇଁ ଭୟଙ୍କର ଦୁର୍ଦ୍ଦଶାକୁ ଡାକି ଆଣିବ। ତେଣୁ ପାଶ୍ଚାତ୍ୟ ଦେଶ, ଜାତିସଂଘକୁ ସହାୟତା ପ୍ରଦାନ କରୁଥିବା ବଡ଼ ସଂସ୍ଥାଗୁଡ଼ିକ ସେମାନଙ୍କ ପାଇଁ ସହାୟତାର ହାତ ବଢ଼ାଇବାକୁ ଗୁଟେରସ୍ ଆହ୍ୱାନ ଦେଇଛନ୍ତି।

## ଭାଜପା ସହ ମେଣ୍ଟ କରିବନି ବିଏସ୍‌ପି

**ଲକ୍ଷ୍ନୌ, ୧୩।୯(ପି.ଟି.)**

ଉତ୍ତରପ୍ରଦେଶରେ ସରକାର ଗଠନ ପାଇଁ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ଭାଜପା ସହ ନିର୍ବାଚନ ପରବର୍ତ୍ତୀ ମେଣ୍ଟ କରିବ ନାହିଁ। ଦଳ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ସହ ସରକାର ଗଢ଼ିବ ବୋଲି ବିଏସ୍‌ପି ନେତା ସତୀଶ ଚନ୍ଦ୍ର ମିଶ୍ରା ସୋମବାର କହିଛନ୍ତି। ଅନ୍ୟ କୌଣସି ଦଳ ସହ ବିଏସ୍‌ପି ମେଣ୍ଟ କରିବ ନାହିଁ କିମ୍ବା କାହାର ସମର୍ଥନ ନେବ ନାହିଁ। ବରଂ ବିଏସ୍‌ପି ବିରୋଧୀ ଦଳ ଆସନରେ ବସିବାକୁ ଅଧିକ ପସନ୍ଦ କରିବ ବୋଲି ମାୟାବତୀଙ୍କ ଘନିଷ୍ଠ ସହଯୋଗୀ ମିଶ୍ରା କହିଛନ୍ତି।

## କୋଠା ଭୁଶୁଡ଼ି ୨ ଶିଶୁ ମୃତ

**ନୂଆଦିଲ୍ଲୀ, ୧୩।୯**

ଉତ୍ତର ଦିଲ୍ଲୀର ସବ୍‌ଜି ବଜାର ଅଞ୍ଚଳରେ ଏକ ତିନିମହଲା କୋଠା ଭୁଶୁଡ଼ି ୨ ଜଣ ଶିଶୁ ପ୍ରାଣ ହରାଇଛନ୍ତି। ସେମାନେ ବିଲ୍ଡିଂ ପାଖ ଦେଇ ଯାଉଥିବାବେଳେ ତାହା ଭୁଶୁଡ଼ି ପଡ଼ିଥିଲା। ଭଗ୍ନାବଶେଷ ତଳୁ ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ନିଆଯାଇଥିବାବେଳେ ମୃତ୍ୟୁ ହୋଇଥିଲା। ଭଗ୍ନାବଶେଷ ତଳେ ଅନ୍ୟ କେତେଜଣ ମଧ୍ୟ ପୋତିହୋଇପଡ଼ିଥିଲେ। ଆଉ ୩-୪ ଜଣ ପୋତିହୋଇ ରହିଥିବା ଆଶଙ୍କା କରାଯାଉଛି। ଘର ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ କହିଛି।



## ତାମିଲ ଈଶ୍ୱରଙ୍କ ଭାଷା: ମାଡ୍ରାସ୍ ହାଇକୋର୍ଟ

**ଚେନ୍ନାଇ, ୧୩।୯**

ତାମିଲ ଈଶ୍ୱରଙ୍କ ଭାଷା। ଅଝୱାର ଏବଂ ନୟନମାରଙ୍କ ଭଳି ସନ୍ଥ ଲେଖିଥିବା ତାମିଲ ମନ୍ତ୍ର ଦେଶର ମନ୍ଦିରଗୁଡ଼ିକରେ ଆବୃତ୍ତି ହେବା ଆବଶ୍ୟକ ବୋଲି ମାଡ୍ରାସ ହାଇକୋର୍ଟ କହିଛନ୍ତି। ସଂସ୍କୃତ ଭଗବାନଙ୍କ ଭାଷା ବୋଲି ବିଶ୍ୱାସ ରହିଆସିଥିବା ଜଷ୍ଟିସ୍ ଏନ୍. କିରୁବାକରନ ଏବଂ ବି. ପୁଗାଲେନ୍ଧିଙ୍କ ଖଣ୍ଡପୀଠ ନିକଟରେ ଏକ ରାୟ ଦେବା ଅବସରରେ କହିଥିଲେ। ବିଭିନ୍ନ ଦେଶ ଓ ଧର୍ମରେ ଭିନ୍ନ ଭିନ୍ନ ବିଶ୍ୱାସ ରହିଛି। ସଂସ୍କୃତି ଓ ଧର୍ମକୁ ନେଇ ଉପାସନାସ୍ଥଳ ଅଲଗା ହୋଇଥାଏ। ସେହିସବୁ ସ୍ଥାନରେ ଆରାଧନା ପାଇଁ ସ୍ଥାନୀୟ ଭାଷାକୁ



ବ୍ୟବହାର କରାଯାଇଥାଏ। କିନ୍ତୁ ଆମ ଦେଶରେ କେବଳ ସଂସ୍କୃତକୁ ଦେବଭାଷା କୁହାଯାଉଥିବାବେଳେ ଅନ୍ୟ କୌଣସି ଭାଷାକୁ ଏହାର ସମତୁଲ ବୋଲି ବିଶ୍ୱାସ କରାଯାଉନାହିଁ। ଅବଶ୍ୟ ସଂସ୍କୃତ ଏକ ପୁରାତନ ଭାଷା ଓ ଅନେକ ବୃହତ୍ ଗ୍ରନ୍ଥ ଏହି ଭାଷାରେ ଲେଖାଯାଇଛି। କେବଳ ସଂସ୍କୃତ ବେଦ ଆବୃତ୍ତି କଲେ ଭଗବାନ ଭକ୍ତମାନଙ୍କ ପ୍ରାର୍ଥନା ଶୁଣିଥାନ୍ତି ବୋଲି ଲୋକଙ୍କ ମନରେ ବିଶ୍ୱାସ ଜନ୍ମାଇ ଦିଆଯାଇଥିବା ଖଣ୍ଡପୀଠ କହିଛନ୍ତି। ଥିରୁମୁରାଇକାଲ, ତାମିଲ ଶୈବ ମନ୍ତ୍ର ଏବଂ ସନ୍ଥ ଅମରାବତୀ ଆତ୍ରଙ୍ଗରାଇ କାରୁରାରଙ୍କ ସଙ୍ଗୀତ ମନ୍ଦିରଗୁଡ଼ିକରେ ଆବୃତ୍ତି ପାଇଁ ସରକାରୀ କର୍ତ୍ତୃପକ୍ଷ, ହିନ୍ଦୁଧର୍ମ ଏବଂ ଦାତବ୍ୟ ଏଣ୍ଡାଓମେଣ୍ଟ କମିଶନରଙ୍କୁ ନିର୍ଦ୍ଦେଶ ଦେବା ପାଇଁ କାରୁର ଜିଲାର ଏକ ମନ୍ଦିର ତରଫରୁ ହାଇକୋର୍ଟରେ ପିଟିଶନ ଦାଏର ହୋଇଥିଲା। ତାମିଲ କେବଳ ପୁରାତନ ଭାଷା ନୁହେ, ଏହା ମଧ୍ୟ ଦେବଭାଷା। ଭଗବାନ ଶିବ ତାଣ୍ଡବ ନୃତ୍ୟ କଲାବେଳେ ତାଙ୍କ ଡମ୍ବରୁ ଖସିପଡ଼ି ତାମିଲ ଭାଷା ସୃଷ୍ଟି ହୋଇଥିବା ବିଶ୍ୱାସ କରାଯାଏ। ଅନ୍ୟ ଏକ ବିଶ୍ୱାସ ଅନୁଯାୟୀ ଭଗବାନ ମୁରୁଗା ତାମିଲ ଭାଷା ସୃଷ୍ଟି କରିଥିଲେ।

## ସଂକ୍ଷେପରେ

### ରାଜୀବ ସାକ୍ସେନା ଗିରଫ

**ଭିଭିଆଇପି ହେଲିକପ୍ଟର କିଣା ମାମଲା**



**ନୂଆଦିଲ୍ଲୀ, ୧୩।୯(ପି.ଟି.):** ବହୁଚର୍ଚ୍ଚିତ ୩,୬୦୦ କୋଟି ଟଙ୍କାର ଭିଭିଆଇପି ହେଲିକପ୍ଟର କିଣା ଦୁର୍ନୀତି ମାମଲାର ମନିଲଣ୍ଡରିଂ ଦିଗ ଉପରେ ତଦନ୍ତ ଚଳାଇଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅଭିଯୁକ୍ତ ରାଜୀବ ସାକ୍ସେନାଙ୍କୁ ଗିରଫ କରିଛି। ହେଲିକପ୍ଟର କିଣା ଚୁକ୍ତିନାମାରେ ମଧ୍ୟସ୍ଥତା କରୁଥିବା ସାକ୍ସେନାଙ୍କୁ ୨୦୧୯ ଜାନୁୟାରୀ ୩୧ରେ ଦୁବାଇରୁ ଭାରତ ଅଣାଯାଇଥିଲା। ଅଗୁସ୍ତା ୱେଷ୍ଟଲ୍ୟାଣ୍ଡ ହେଲିକପ୍ଟର କିଣା ଚୁକ୍ତିନାମାରେ ଉତ୍କୋଚ କାରବାର ଜଣାପଡ଼ିବା ପରେ ୨୦୧୪ରେ ଭାରତ ଉକ୍ତ ଚୁକ୍ତିନାମାକୁ ରଦ୍ଦ କରିଦେଇଥିଲା। ହାୱାଲା ଅପରେଟର ସାକ୍ସେନା ମାଟ୍ରିକ୍ସ ଗ୍ରୁପ୍ କମ୍ପାନୀ ମାଧ୍ୟମରେ ଦୁବାଇରେ ବ୍ୟବସାୟ ଚଳାଇଥିଲେ। ଅଗୁସ୍ତା ୱେଷ୍ଟଲ୍ୟାଣ୍ଡ ଲାଞ୍ଚ କାରବାର ଅର୍ଥକୁ ଲଣ୍ଡରିଂ କରାଇବାରେ ସେ ସମ୍ପୃକ୍ତ ଥିବା ଇଡି ପୂର୍ବରୁ କହିଥିଲା। ବିଭିନ୍ନ ମାମଲାରେ ତାଙ୍କର ସମ୍ପୃକ୍ତିକୁ ନେଇ ତଦନ୍ତ ଜାରି ରହିଛି।

### ୨୪୦ କଏଦୀଙ୍କୁ ମୁକୁଳାଇଲେ ବନ୍ଧୁକଧାରୀ

**ଆବୁଜା, ୧୩।୯:** ଦକ୍ଷିଣ କେନ୍ଦ୍ର ନାଇଜେରିଆର ଏକ ଜେଲରେ ସଶସ୍ତ୍ର ବନ୍ଧୁକଧାରୀ ରବିବାର ରାତିରେ ଚଢ଼ାଉ କରି ୨୪୦ ବନ୍ଦୀଙ୍କୁ ମୁକୁଳାଇଦେଇଛନ୍ତି। କୋଜି ପ୍ରଦେଶର କାବାଠାରେ ଥିବା ଏହି ଜେଲ ସୁରକ୍ଷାକର୍ମୀ ଏବଂ ବନ୍ଧୁକଧାରୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିଲା। ଏଥିରେ ମୃତାହତଙ୍କ ସଂଖ୍ୟା ଜଣାପଡ଼ିନାହିଁ। କଏଦୀଙ୍କୁ ଧରିବା ପାଇଁ ଜନସାଧାରଣ ସହଯୋଗ କରିବାକୁ ସେଠାକାର ସରକାର ନିବେଦନ କରିଛନ୍ତି। ଆକ୍ରମଣବେଳେ ଉକ୍ତ ଜେଲରେ ୨୯୪ କଏଦୀ ରହିଥିଲେ।

### ୟୁପିରେ ୨ ଭଉଣୀଙ୍କୁ ଗଣବଳାତ୍କାର

**ଇଟାୱା, ୧୩।୯:** ଉତ୍ତରପ୍ରଦେଶର ଇଟାୱା ଜିଲାରେ ୨ ଭଉଣୀଙ୍କୁ ଗଣବଳାତ୍କାର କରାଯାଇଛି। ରବିବାର ମହିଳା ଥାନାରୁ ଫେରୁଥିବା ୨ ଭଉଣୀଙ୍କୁ ୩ ଜଣ ଲୋକ ଅପହରଣ କରିନେଇ ଗଣବଳାତ୍କାର କରିଥିବା ଅଭିଯୋଗ ହୋଇଛି। ସେଫାଇ ଥାନାରେ ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିଛି। ରେଲୱେ ଓଭରବ୍ରିଜ୍ ତଳେ ପାଟ୍ରୋଲିଂ ଗାଡ଼ିକୁ ଦେଖି ୩ ଜଣ ଦୌଡ଼ିବା ଆରମ୍ଭ କରିବାରୁ ପୋଲିସ ସେମାନଙ୍କୁ ପିଛା କରି ଧରିଥିଲା। ଏହି ସମୟରେ ଅଧା ଖୋଲାଥିବା ଏକ ଦୋକାନରୁ କାନ୍ଦିବା ଶବ୍ଦ ଶୁଣାଯାଇଥିଲା। ଦୋକାନରେ ଦୁଇ ମହିଳା ଅର୍ଦ୍ଧନଗ୍ନ ଅବସ୍ଥାରେ କାନ୍ଦୁଥିବା ଦେଖାଯାଇଥିଲା ବୋଲି ଥାନା ଭାରପ୍ରାପ୍ତ ଅଧିକାରୀ ମହମ୍ମଦ ହମିଦ ସିଦ୍ଦିକି କହିଛନ୍ତି। ପୋଲିସ ସେମାନଙ୍କୁ ଜିଲା ହସ୍ପିଟାଲକୁ ନେଇ ଡାକ୍ତରୀ ମାଇନା କରାଇଥିଲା। ଅଭିଯୋଗ ଅନୁଯାୟୀ ଜଣେ ଅଭିଯୁକ୍ତ ସେମାନଙ୍କୁ ଗାଡ଼ିରେ ଲିଫ୍ଟ ଦେଇଥିଲେ। ଅନ୍ୟ ଦୁଇଜଣ ମିଶି ସେମାନଙ୍କୁ ଜବରଦସ୍ତ ମଦ ପିଆଇଥିଲେ। ପରେ ସେମାନେ ଉକ୍ତ ଦୋକାନକୁ ନେଇ ବଳାତ୍କାର କରିବା ସହ ମାଡ଼ ମାରିଥିଲେ ବୋଲି ପୀଡ଼ିତା ଅଭିଯୋଗରେ ଦର୍ଶାଇଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୨,୫୬,୯୯,୮୭୪ | ୪୬,୪୭,୭୬୭ | ୨୦,୨୩,୧୯,୦୫୫ |
| ଭାରତ | ୩,୩୨,୮୭,୯୬୯ | ୪,୪୩,୩୭୫ | ୩,୨୪,୭୬,୩୭୦ |
| ଓଡ଼ିଶା | ୧୦,୧୬,୮୩୩ | ୮୧୦୪(+୫୩) | ୧୦,୦୨,୮୧୦ |

ସୋମବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ପୁରୀରେ ୮୭, ଭୁବନେଶ୍ୱରରେ ୬୩ ବର୍ଷର ରେକର୍ଡ ଭାଙ୍ଗିଲା

**ରାଜ୍ୟରେ ଲଗାଣ ବର୍ଷା**
- ଫୁଲୁଛି ମହାନଦୀ
- ୧୭ରେ ପୁଣି ଲଘୁଚାପ
- ୧୨ ଜିଲାରେ ୨ ଦିନ ସ୍କୁଲ ବନ୍ଦ
- ଜଳ ସମ୍ପଦ ବିଭାଗ କର୍ମଚାରୀଙ୍କ ଛୁଟି ବାତିଲ

ଭୁବନେଶ୍ୱର,୧୩।୯(ବ୍ୟୁରୋ)

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଗଭୀର ଅବପାତ(ଡିପ୍ ଡିପ୍ରେସନ)ରେ ପରିଣତ ହେବା ଯୋଗୁ ଗତ ଦୁଇଦିନ ଧରି ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଛି। ଲଗାଣ ବର୍ଷା ଯୋଗୁ ଜନଜୀବନ ପ୍ରଭାବିତ ହୋଇଛି। ଘରୁ ବାହାରିବା ମଧ୍ୟ କଷ୍ଟକର ହୋଇପଡ଼ିଛି। ଚାଷ ଜମି ଜଳମଗ୍ନ ହୋଇଯାଇଛି। କେତେକ ସ୍ଥାନରେ ଗଛ ଉପୁଡ଼ି ପଡ଼ିଥିବା ବେଳେ କାନ୍ଥ ପଡ଼ି ୪ ଜଣଙ୍କ ମୃତ୍ୟୁ ହୋଇଛି। ଗତ ୨୪ ଘଣ୍ଟା ମଧ୍ୟରେ ପୁରୀ ଜିଲାରେ ୩୪୨.୫ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଥିବା ବେଳେ ଭୁବନେଶ୍ୱରରେ ୧୯୯.୯ ମିଲିମିଟର ବର୍ଷା ହୋଇଛି। ଉଭୟ ସହରରେ ବର୍ଷା ରେକର୍ଡ ଭାଙ୍ଗିଛି। ପୁରୀରେ ଗତ ୮୭ ବର୍ଷର ରେକର୍ଡ ଭାଙ୍ଗିଥିବାବେଳେ ଭୁବନେଶ୍ୱର ୬୩ ବର୍ଷର ରେକର୍ଡ ଭାଙ୍ଗିଛି। ପୁରୀରେ ୧୯୩୪ ସେପ୍ଟେମ୍ବର ୨୦ରେ ସର୍ବାଧିକ ୨୧୦.୮ ମିଲିମିଟର ବର୍ଷା ରେକର୍ଡ କରାଯାଇଥିଲା। ସେହିପରି ଭୁବନେଶ୍ୱରରେ ୧୯୫୮ ସେପ୍ଟେମ୍ବର ୫ରେ ୧୬୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

ପୁରୀ ଜିଲା ଅସ୍ତରଙ୍ଗରେ ୫୩୦ ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ କାକଟପୁରରେ ୫୨୫ ମିମି, ଗୋପରେ ୩୩୧ ମିମି, ସତ୍ୟବାଦୀରେ ୩୨୮ ମିମି, ନିମାପଡ଼ାରେ ୩୦୦.୬ ମିମି ବର୍ଷା ରେକର୍ଡ କରାଯାଇଛି। ସେହିପରି ଜଗତ୍‌ସିଂହପୁର ଜିଲାର ବାଲିକୁଦାରେ ୪୪୦ ମିମି, ଆଳିପିଙ୍ଗଳରେ ୩୬୪ ମିମି, ରଘୁନାଥପୁରରେ ୩୨୩ ମିମି, କଟକର କଣ୍ଟାପଡ଼ାରେ ୩୮୧ ମିମି, ନିଆଳିରେ ୩୭୦ ମିମି, ଖୋର୍ଦ୍ଧା ଜିଲା ବାଲିପାଟଣାରେ ୨୮୦.୫ ମିମି ବର୍ଷା ରେକର୍ଡ କରାଯାଇଛି। ସେହିପରି ପାରାଦୀପରେ ୨୨୦ ମିଲିମିଟର ବର୍ଷା ହୋଇଥିବା ବେଳେ ଗୋପାଳପୁର ୬୬, ଅନୁଗୋଳ ୭୪, ବାରିପଦା ୩୮.୨, କେନ୍ଦୁଝରର ୪୯, ସମ୍ବଲପୁର ୪୮, ସୁନ୍ଦରଗଡ଼ ୫୯, ତାଳଚେର ୧୬୦, ବଲାଙ୍ଗୀର ୪୪, ଫୁଲବାଣୀ ୧୫୧.୨, ଟିଟିଲାଗଡ଼ ୫୨.୮, ସୋନପୁର ୬୮, ନୟାଗଡ଼ ୧୫୪.୭, ବୌଦ୍ଧ ୧୮୪, ଛତ୍ରପୁର ୫୮ ଏବଂ ପାରଳାଖେମୁଣ୍ଡିରେ ୩୬.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ସୋମବାର ରାଜ୍ୟର ୨୦ ସ୍ଥାନରେ ୨୦ ସେଣ୍ଟିମିଟରରୁ ଅଧିକ ବର୍ଷା ରେକର୍ଡ କରାଯାଇଛି। ମୋଟ ୫୭ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ରେକର୍ଡ କରାଯାଇଛି, ଯାହା ବିଗତ ୫ ବର୍ଷରେ ଗୋଟିଏ ଦିନରେ ଏତେ ବର୍ଷା ରେକର୍ଡ ହୋଇନି।

ଲଗାଣ ବର୍ଷା ଯୋଗୁ ମହାନଦୀ ଓ ଏହାର ଶାଖା ନଦୀଗୁଡ଼ିକରେ ଜଳସ୍ତର ବୃଦ୍ଧି ପାଇଛି। ଜଳସମ୍ପଦ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଜଳକା ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଏହାର ବିପଦ ସଙ୍କେତ ସ୍ତର ୫.୫୫ ମିଟର ଥିବା ବେଳେ ବନ୍ୟା ଜଳ ୫.୬ ମିଟର ଉପରେ ପ୍ରବାହିତ ହେଉଛି। ଅନ୍ୟପକ୍ଷରେ ମହାନଦୀ, କୁଶଭଦ୍ରା, ବ୍ରାହ୍ମଣୀ, ବୈତରଣୀ, ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା, ବଂଶଧାରା, ଋଷିକୁଲ୍ୟା ଏବଂ ଏହାର ଶାଖା ନଦୀରେ ଜଳ ପତ୍ତନ ବୃଦ୍ଧିପାଉଛି। ଲଘୁଚାପ ଛତିଶଗଡ଼ ଓ ମଧ୍ୟପ୍ରଦେଶ ଆଡ଼ୁକୁ ମୁହାଁଇଥିବାରୁ ମହାନଦୀର ଉପରମୁଣ୍ଡରେ ପ୍ରବଳ ବର୍ଷା ହୋଇପାରେ। ହୀରାକୁଦର ଜଳ ପତ୍ତନ ବୃଦ୍ଧି ପାଉଥିଲେ ମଧ୍ୟ ସୋମବାର ସୁଦ୍ଧା କୌଣସି ଗେଟ୍ ଖୋଲାଯାଇନାହିଁ। ହୀରାକୁଦକୁ ପ୍ରତି ସେକେଣ୍ଡରେ ୧,୬୭,୮୮୦ କ୍ୟୁସେକ ଜଳ ପ୍ରବେଶ କରୁଛି। ଜଳଭଣ୍ଡାରର ଜଳସ୍ତର ୬୨୫.୧୦ ଫୁଟ ରହିଛି। ସମ୍ଭାବ୍ୟ ବନ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଜଳ ସମ୍ପଦ ବିଭାଗ ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ କରିଛନ୍ତି।

ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଏହା ପଶ୍ଚିମ-ଉତ୍ତର ପଶ୍ଚିମ ଦିଗ ଦେଇ ଉତ୍ତର ଓଡ଼ିଶା ଉପକୂଳ, ଉତ୍ତର ଛତିଶଗଡ଼ ଓ ମଧ୍ୟପ୍ରଦେଶ ଦେଇ ଗତି କରିବ। ପରବର୍ତ୍ତୀ ୧୨ ଘଣ୍ଟା ମଧ୍ୟରେ ଡିପ୍ରେସନରେ ପରିଣତ ହୋଇ ଦୁର୍ବଳ ହୋଇଯିବ। ଲଘୁଚାପ ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୭ଟି ଜିଲାରେ ଅତି ପ୍ରବଳ ଓ ୧୨ଟି ଜିଲାରେ ପ୍ରବଳ ବର୍ଷା ହେବ। ସମ୍ବଲପୁର, ଦେବଗଡ଼, ଅନୁଗୋଳ, ସୋନପୁର, ଢେଙ୍କାନାଳ, ଝାରସୁଗୁଡ଼ା ଏବଂ ବରଗଡ଼ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏହି ସମୟ ମଧ୍ୟରେ ବଲାଙ୍ଗୀର, ସୁନ୍ଦରଗଡ଼, ବୌଦ୍ଧ, କେନ୍ଦୁଝର, ଖୋର୍ଦ୍ଧା, ଜଗତ୍‌ସିଂହପୁର, ପୁରୀ, କେନ୍ଦ୍ରାପଡ଼ା, ବାଲେଶ୍ୱର, ଭଦ୍ରକ, ଯାଜପୁର ଏବଂ କଟକ ଜିଲାରେ ପ୍ରବଳ ବର୍ଷା ହେବ। ଏହିସବୁ ଜିଲା ପାଇଁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଲଘୁଚାପ ଯୋଗୁ ଉପକୂଳରେ ଘଣ୍ଟା ପ୍ରତି ୫୦ରୁ ୬୦ ଏବଂ ବେଳେ ବେଳେ ୭୦ କି.ମି. ବେଗରେ ପବନ ବହିପାରେ। ମଙ୍ଗଳବାର ଯାଏ ସମୁଦ୍ରକୁ ନ ଯିବା ଲାଗି ମତ୍ସ୍ୟଜୀବୀଙ୍କୁ ପରାମର୍ଶ ଦିଆଯାଇଛି। ଲଘୁଚାପକୁ ଦେଖି ସମସ୍ତ ବନ୍ଦରରେ ୩ ନମ୍ବର ବିପଦ ସଙ୍କେତ ଦିଆଯାଇଛି। ଏହି ଲଘୁଚାପର ପ୍ରଭାବ ମଙ୍ଗଳବାର ହ୍ରାସ ପାଇବା ପରେ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଆସନ୍ତା ୧୭ ତାରିଖରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଉପକୂଳ ଓଡ଼ିଶା ସମେତ ଆଭ୍ୟନ୍ତରୀଣ ଜିଲାଗୁଡ଼ିକରେ ପ୍ରବଳ ବର୍ଷା ହୋଇପାରେ। ସେପ୍ଟେମ୍ବର ୨୦ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଲଘୁଚାପ ବର୍ଷା ସତ୍ତ୍ୱେ ରାଜ୍ୟରେ ଏବେ ବି ସ୍ୱାଭାବିକଠାରୁ ୨୦ ପ୍ରତିଶତ କମ୍ ବର୍ଷା ହୋଇଛି। ଜୁନ୍ ପହିଲାରୁ ସେପ୍ଟେମ୍ବର ୧୩ ମଧ୍ୟରେ ରାଜ୍ୟରେ ୧୦୪୭.୫ ମିଲିମିଟର ବର୍ଷା ହେବାକୁ ଥିବା ବେଳେ ହୋଇଛି ୮୩୭.୫ ମିଲିମିଟର। ଗତ ଦୁଇଦିନ ହେବ ରାଜ୍ୟର ୧୨ ଜିଲାରେ ପ୍ରବଳ ବର୍ଷା ଜାରି ରହିଥିବାରୁ ରାଜ୍ୟ ସରକାର ସେହି ଜିଲାର ସ୍କୁଲଗୁଡ଼ିକ ସୋମବାର ଏବଂ ମଙ୍ଗଳବାର ଦୁଇଦିନ ପାଇଁ ବନ୍ଦ ଘୋଷଣା କରିଛନ୍ତି। ସେହି ଜିଲାଗୁଡ଼ିକ ହେଲା ପୁରୀ, ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଢେଙ୍କାନାଳ, ନୟାଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ସୋନପୁର ଓ ବରଗଡ଼। ସ୍କୁଲଗୁଡ଼ିକରେ ନବମ, ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ପାଠପଢ଼ା ଚାଲିଛି।




# ଭୁଶୁଡ଼ି ପଡ଼ିଲା ମନ୍ଦିର

**ଶ୍ରୀବିଗ୍ରହ ସ୍ଥାନାନ୍ତର**

ଫୁଲବାଣୀ ଅଫିସ/ସାରଙ୍ଗଗଡ, ୧୩।୯

କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକ ସାରଙ୍ଗଗଡ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ସର୍ବପୁରାତନ ଜଗନ୍ନାଥ ମନ୍ଦିର ସୋମବାର ଲଗାଣ ବର୍ଷାରେ ଭୁଶୁଡି ପଡ଼ିଛି। ମନ୍ଦିରର ଅଧା ପର୍ଯ୍ୟନ୍ତ ଭାଙ୍ଗି ଗର୍ଭଗୃହରେ ପଡିଛି। ସୌଭାଗ୍ୟବଶତଃ ମନ୍ଦିର ଭିତରେ କେହି ନ ଥିବାରୁ କାହାରି କିଛି କ୍ଷତି ଘଟିନାହିଁ। ଶ୍ରୀବିଗ୍ରହଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏପରି ହେଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ପୁରାତନ ଏହି ମନ୍ଦିରଟି ବିପଦସଙ୍କୁଳ ଅବସ୍ଥାରେ ରହିଥିଲା। ମରାମତି କିମ୍ବା ପୁନଃ ନିର୍ମାଣ ପାଇଁ ସ୍ଥାନୀୟ ଲୋକେ ବହୁବାର ଦାବି କରି ଆସୁଥିଲେ ମଧ୍ୟ ପ୍ରଶାସନ କି ଲୋକ ପ୍ରତିନିଧି କେହି ଏଥିପ୍ରତି ଦୃଷ୍ଟି ଦେଉ ନ ଥିଲେ। ଲଗାଣ ବର୍ଷା ପ୍ରଭାବରେ ସୋମବାର ସକାଳ ପ୍ରାୟ ୭ଟାରେ ପ୍ରଥମେ ଦଧିନଉତି ଭୁଶୁଡ଼ି ପଡ଼ିଥିଲା। ପରେ ମନ୍ଦିର ଅଧା ପର୍ଯ୍ୟନ୍ତ ଭୁଶୁଡ଼ିଗଲା। ସେ ସମୟରେ ପ୍ରଚଣ୍ଡ ଶବ୍ଦ ହେବାରୁ ଲୋକେ ଆସି ମନ୍ଦିର ଭାଙ୍ଗିପଡିଥିବା ଦେଖିବାକୁ ପାଇଥିଲେ। ମନ୍ଦିର ପୁନଃନିର୍ମାଣ କରିବା ପାଇଁ ପ୍ରଶାସନ ଏବଂ ଲୋକପ୍ରତିନିଧି ଦୃଷ୍ଟିଦେବାକୁ ମନ୍ଦିର କମିଟି ଓ ସ୍ଥାନୀୟ ଲୋକେ ଦାବି କରିଛନ୍ତି।


ଭୁଶୁଡି ପଡ଼ିଥିବା ମନ୍ଦିର।

# ବୋଡ଼ାନଦୀ ଅସ୍ଥାୟୀ କଲଭର୍ଟ ଭାସିଗଲା

**ବେଲଗୁଣ୍ଠା, ବୁଗୁଡ଼ା ଯୋଗାଯୋଗ ବିଚ୍ଛିନ୍ନ**

ଭଞ୍ଜନଗର,୧୩।୯(ଡି.ଏନ.ଏ)

ଲଘୁଚାପ ପ୍ରଭାବରେ ଭଞ୍ଜନଗର ଅଞ୍ଚଳରେ ୩ ଦିନ ହେଲା ବର୍ଷା ହେଉଛି। ସୋମବାର ଦିନତମାମ ଲଗାଣ ବର୍ଷା ହୋଇଛି। ବୋଡ଼ାନଦୀ ବନ୍ୟାଜଳରେ ବେଲଗୁଣ୍ଠା ନିକଟ ଚଢ଼େୟାପଲ୍ଲୀଠାରେ ହୋଇଥିବା ଅସ୍ଥାୟୀ କଲଭର୍ଟ ଭାସିଯାଇଛି। ଏଥିଯୋଗୁ ବେଲଗୁଣ୍ଠା-ବୁଗୁଡ଼ା, ବେଲଗୁଣ୍ଠା-ଆସିକା ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ବୁଗୁଡ଼ା, ବାଲିପଦର ଏବଂ ଆମ୍ବପୁଆ ଯିବାକୁ ଚାହୁଁଥିବା ଲୋକଙ୍କୁ ବର୍ତ୍ତମାନ ଜଗନ୍ନାଥପ୍ରସାଦ ରୋଡ୍ ଦେଇ ଅଧିକ ୧୨ କି.ମି. ଯିବାକୁ ପଡୁଛି। ନୟାଗଡ଼ ଏବଂ କନ୍ଧମାଳ ଜିଲାର କେତେକ ଅଞ୍ଚଳରେ ପ୍ରବଳ ବର୍ଷା ହୋଇଥିବାରୁ ଉକ୍ତ ଅଞ୍ଚଳରୁ ଆସୁଥିବା ବନ୍ୟାଜଳ ବଡ଼ନଦୀ ଓ ବୋଡ଼ାନଦୀ ଦେଇ ପ୍ରବାହିତ ହେଉଛି। ତେଣୁ ଏହି ୨ଟି ନଦୀର ଜଳସ୍ତର ବୃଦ୍ଧି ପାଇଛି। ବଡ଼ନଦୀ ଜଳସ୍ତର ବୃଦ୍ଧିପାଇଥିବାରୁ ବନ୍ୟା ଆଶଙ୍କାରେ ସନ୍ଧ୍ୟାରେ ବେଲଗୁଣ୍ଠା ବ୍ଲକ ଇଙ୍ଗିନାଠିର ତଳିଆ ଅଞ୍ଚଳରେ ରହୁଥିବା ଲୋକଙ୍କୁ ବିଡିଓ ଶଶୀଭୂଷଣ ରଥଙ୍କ ତତ୍ତ୍ୱାବଧାନରେ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଉଛି। ଲୋହରାଖଣ୍ଡି ନଦୀରେ ଜଳସ୍ତର ବହୁତ ତଳେ ଅଛି।

ଲଗାଣ ବର୍ଷା ହୋଇଥିଲେ ମଧ୍ୟ ଜଳଭଣ୍ଡାରଗୁଡ଼ିକର ଜଳସ୍ତର ବହୁତ ତଳେ ଅଛି। ଭଞ୍ଜନଗର ଜଳଭଣ୍ଡାରରେ ସୋମବାର ସକାଳ ୮ଟା ସୁଦ୍ଧା ମାତ୍ର ୩୩ ପ୍ରତିଶତ ପାଣି ଥିବାବେଳେ ସୋରଡ଼ାରେ ୩୬ ପ୍ରତିଶତ, ଡହରେ ୨୪ ଓ ବାଘୁଆରେ ମାତ୍ର ୧୬ ପ୍ରତିଶତ ପାଣି ରହିଥିଲା। ବର୍ଷାରେ ଅନେକ ଝାଟି ମାଟିଘର ଭାଙ୍ଗିଯାଇଛି। ଭଞ୍ଜନଗର ଅଞ୍ଚଳରେ ବର୍ତ୍ତମାନ ବନ୍ୟା ସ୍ଥିତି ଉପୁଜି ନ ଥିଲେ ମଧ୍ୟ ପ୍ରଶାସନ ଓ ଜଳ ସମ୍ପଦ ବିଭାଗ ପକ୍ଷରୁ ଏଥିପ୍ରତି ନଜର ରଖାଯାଇଛି। ୪ ବର୍ଷ ପୂର୍ବେ ଚଢ଼େୟାପଲ୍ଲୀଠାରେ ଥିବା ବୋଡ଼ାନଦୀ ଲୁହା ସେତୁଟି ଭାଙ୍ଗିଯାଇଥିଲା। ଏହାପରେ ପୂର୍ତ୍ତବିଭାଗ ପକ୍ଷରୁ ସେଠାରେ ୧୦ କୋଟି ଟଙ୍କା ବ୍ୟୟରେ ଏକ ହାଇଲେଭଲ ସେତୁ ନିର୍ମାଣ କରାଯାଉଛି। ଅସ୍ଥାୟୀ କଲଭର୍ଟ ଭାସିଯାଇଛି। ଏନେଇ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ରମେଶ ପ୍ରସାଦ ସ୍ୱାଇଁ କହିଛନ୍ତି, ପାଣି ଛାଡ଼ିଲେ ସେଠାରେ ଆଉଥରେ ଏକ ଅସ୍ଥାୟୀ କଲଭର୍ଟ ନିର୍ମାଣ କରାଯିବ।


ଚଢ଼େୟାପଲ୍ଲୀରେ ବୋଡ଼ାନଦୀ ଉପରେ ହୋଇଥିବା ଅସ୍ଥାୟୀ କଲଭର୍ଟ ଭାସିଯାଇଛି।

# ଆଖଣ୍ଡଳମଣି ମନ୍ଦିର ଗର୍ଭଗୃହରେ ପାଣି

ଆରଡ଼ି,୧୩।୯ (ଡି.ଏନ.ଏ.)

ଲଘୁଚାପଜନିତ ଲଗାଣ ବର୍ଷାରେ ଭଦ୍ରକ ଜିଲା ଆରଡ଼ିର ଆଖଣ୍ଡଳମଣି ମନ୍ଦିର ଗର୍ଭଗୃହରେ ପାଣି ଲହଡ଼ି ଭାଙ୍ଗୁଛି। ଏପରିକି ବାବା ଆଖଣ୍ଡଳମଣିଙ୍କ ବିଗ୍ରହ ବୁଡ଼ିଯାଇଛି। ଫଳରେ ସୋମବାର ନୀତିକାନ୍ତିରେ ବିଳମ୍ବ ହୋଇଥିଲା। ସକାଳୁ ପହଡ଼ ଖୋଲାଯିବା ପରେ ପାଳିଆ ସେବକ ଓ ଅନ୍ୟ ସେବାୟତ ବାବାମଣିଙ୍କ ବିଗ୍ରହ ବୁଡ଼ିଯାଇଥିବା ଦେଖିଥିଲେ। ନିୟମ ଅନୁସାରେ ବିଗ୍ରହ ପାଣିରେ ବୁଡ଼ି ରହିଲେ ମନ୍ଦିରରେ ନୀତିକାନ୍ତି ହୋଇପାରିବ ନାହିଁ। ଏଣୁ ମନ୍ଦିର ପ୍ରଶାସନ ପକ୍ଷରୁ ପମ୍ପସେଟ୍ ଯୋଗେ ଗର୍ଭଗୃହରୁ ପାଣି ନିଷ୍କାସନ କରାଯାଇଥିଲା। ଘଣ୍ଟାଏ ବିଳମ୍ବରେ ମଙ୍ଗଳ ଆଳତି ଓ ଅନ୍ୟାନ୍ୟ ପୂଜାର୍ଚ୍ଚନା ହୋଇଥିଲା। ନିଷ୍କାସନ ସତ୍ତ୍ୱେ ବର୍ଷା ଲାଗି ରହିଥିବାରୁ ପୁଣି ଗର୍ଭଗୃହରେ ପାଣି ଜମି ରହିଛି।


ଆଖଣ୍ଡଳମଣି ମନ୍ଦିର ଗର୍ଭଗୃହରେ ବର୍ଷାପାଣି ଜମି ରହିଛି।

# ଭାଙ୍ଗିଲା ଆନ୍ଧ୍ର ମହିଳା ସମାଜମ୍ କୋଠା


ଭୁଶୁଡି ପଡିଥିବା କୋଠା।

ବ୍ରହ୍ମପୁର ଅଫିସ୍,୧୩।୯

ତିନିଦିନ ଧରି ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ବ୍ରହ୍ମପୁର ସହରର ଗିରି ମାର୍କେଟରେ ଥିବା ବହୁ ପୁରାତନ ଆନ୍ଧ୍ର ମହିଳା ସମାଜମ୍ କୋଠା ରବିବାର ବିଳମ୍ବିତ ରାତିରେ ଭୁଶୁଡି ପଡିଛି। ଏହି ଘଟଣାରେ କେହି ମୃତାହତ ହୋଇ ନ ଥିବା ଜଣାପଡିଛି। ତେବେ ଏହି କୋଠାରେ ରହିଥିବା ପାଠାଗାରଟି ସଂପୂର୍ଣ୍ଣ ଭୁଶୁଡି ପଡିଥିବାରୁ ବହୁ ପୁରୁଣା ପୁସ୍ତକ ମାଟି ତଳେ ପୋତି ହୋଇଯାଇଥିବା ସମାଜମ୍ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି)କୁ ସମାଜମ୍ ପକ୍ଷରୁ ଜଣାଇବା ପରେ ସୋମବାର ପୂର୍ବାହ୍ନରେ କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ଘଟଣା ସ୍ଥଳ ପରିଦର୍ଶନ କରିଥିଲେ। ସମାଜମ୍‌ର ସଭାପତି ଏମ୍.କାମେଶ୍ୱରୀ ଭଗ୍ନ କୋଠାର ଧ୍ୱଂସାବଶେଷକୁ ଉଠାଇବା ଦିଗରେ ବିଏମ୍‌ସିର ସହଯୋଗ ଲୋଡିଥିଲେ। କମିଶନର କହିଥିଲେ, ବର୍ଷା କମିବା ପରେ ଭଗ୍ନାବଶେଷକୁ ଉଠାଇବା ଦିଗରେ ପଦକ୍ଷେପ ଗ୍ରହଣ କରାଯିବ।

ସୂଚନା ଥାଉ କି, ଏହି ସମାଜମ୍ କୋଠାଟି ସହରର ଗିରି ମାର୍କେଟଠାରେ ୧୯୧୨ରେ ନିଜସ୍ୱ ଜାଗାରେ ଗଢି ଉଠିଥିଲା। ଅତୀତରେ ଏହି ସମାଜମ୍‌ରେ ପୂର୍ବତନ ରାଷ୍ଟ୍ରପତି ଭି.ଭି. ଗିରି ଓ ତାଙ୍କ ମାତା ଏବଂ ଭଉଣୀ ମଧ୍ୟ ସଦସ୍ୟ ରହିଥିଲେ। ଏପରିକି ସମାଜମ୍‌ର ବହୁ ସଦସ୍ୟ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ।

# ବିଦ୍ୟାଳୟ, ଡାକବଙ୍ଗଳା ପାଚେରି ଭୁଶୁଡ଼ିଲା

ଉଦଳା/କୁଆମରା,୧୩।୯ (ଡି.ଏନ.ଏ.):

ଲଘୁଚାପ ପ୍ରଭାବରେ ଲଗାଣ ବର୍ଷା ଯୋଗୁ ମୟୂରଭଞ୍ଜ ଜିଲା ଉଦଳା ବ୍ଲକ ମେଣ୍ଢାଖାଇ ୟୁଜିଏମ୍‌ଇ ବିଦ୍ୟାଳୟର ପାଚେରି ଭୁଶୁଡ଼ି ପଡ଼ିଛି। ଏହି ପାଚେରିକୁ ଲାଗି ରହିଥିବା ରାସ୍ତା ଧୋଇଯିବାର ସମ୍ଭାବନା ଦେଖା ଦେଇଥିବାରୁ ସ୍ଥାନୀୟ ଲୋକେ ପାଚେରି ନିକଟରେ ବାଉଁଶର ବାଡ଼ ଦେଇଛନ୍ତି। ସେହିପରି ଗୋପବନ୍ଧୁ ନଗର ବ୍ଲକ କୁଆମରା ଡାକ ବଙ୍ଗଳା ପାଚେରି ମଧ୍ୟ ଭୁଶୁଡ଼ି ପଡ଼ିଛି। ଭଙ୍ଗା ପାଚେରି ତଳେ କୁଆମରା ଗ୍ରାମର ପ୍ରଫୁଲ୍ଲ ମହୁଆଲଙ୍କ ଏକ ଗାଈ ଚାପି ହୋଇ ଆହତ ହୋଇଛି।


**ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ,**
**କୃଷି ଭବନ, ଓଡ଼ିଶା, ଭୁବନେଶ୍ୱର - ୭୫୧୦୦୧**

**"ମହୁମାଛି ପାଳନ - ଆତ୍ମନିଯୁକ୍ତି ପାଇଁ ବରଦାନ"**

**No.L-57:-** ଇଚ୍ଛୁକ ବ୍ୟକ୍ତିବିଶେଷ ଓ ବେକାର ଯୁବକ ଯୁବତୀମାନଙ୍କ ପାଇଁ ମହୁମାଛି ପାଳନ କରି ଆତ୍ମନିର୍ଭରଶୀଳ ହେବା ନିମନ୍ତେ **ଜାତୀୟ ମହୁମାଛି ପାଳନ ଓ ମହୁ ମିଶନ** ଏକ ସୁବର୍ଣ୍ଣ ସୁଯୋଗ ଆଣିଛି । ମହୁମାଛି ଦଳ ନିମନ୍ତେ ସର୍ବାଧିକ ଟ.୮୦୦/- ଓ ବାକ୍ସ (୪ ଥାକ ବିଶିଷ୍ଟ) ନିମନ୍ତେ ସର୍ବାଧିକ ଟ.୮୦୦/- ରିହାତିର ବ୍ୟବସ୍ଥା ଅଛି । ଏହାସହିତ ମହୁ ନିଷ୍କାସନ ଯନ୍ତ୍ର ନିମନ୍ତେ ସର୍ବାଧିକ ଟ.୨୦,୦୦୦/-ର ବ୍ୟବସ୍ଥା ଥିବାବେଳେ ନର୍ସରୀ ପ୍ରତିଷ୍ଠା (୨୦୦୦ ଦଳ ଉତ୍ପାଦନ) ନିମନ୍ତେ ସର୍ବାଧିକ ଟ.୧୦,୦୦,୦୦୦/-ର ବ୍ୟବସ୍ଥା ଅଛି । ଇଚ୍ଛୁକ ବ୍ୟକ୍ତିବିଶେଷମାନେ **Madhukranti** ପୋର୍ଟାଲରେ ନାମ ପଞ୍ଜୀକରଣ କରନ୍ତୁ । ଅଧିକ ବିବରଣୀ ନିମନ୍ତେ ନିକଟସ୍ଥ ଉଦ୍ୟାନ ଅଧିକାରୀଙ୍କୁ ଯୋଗାଯୋଗ କରନ୍ତୁ ।

ସ୍ୱା./- ଉଦ୍ୟାନ କୃଷି ନିର୍ଦ୍ଦେଶକ
ଓଡ଼ିଶା, ଭୁବନେଶ୍ୱର
OIPR-01038/11/0009/2122



**DISTRICT EMPLOYMENT EXCHANGE, SAMBALPUR**
JAIL ROAD, BHUTAPADA, SAMBALPUR-768001
e-mail:- deexsambalpur@yahoo.co.in
Notice No.751/DEE, SBP Dated the: 09.09.2021

**NOTICE INVITING TENDER FOR ENGAGEMENT OF YP & COUNSELLORS AT MCC, SAMBALPUR**

**No. KK-80:-** Applications are invited in the prescribed form from eligible reputed Manpower Agencies / Service Providers to provide the services of **one Young Professional** and **two Counsellors** on outsourcing basis for Model Career Centre, at District Employment Exchange, Sambalpur. The details regarding procedure of applicaiton are available in district website (**www.sambalpur.nic.in**) or obtained from District Employment Exchange, Sambalpur on ay working day between 11 A.M. to 4 P.M. The last date and time of receiving tender documents by Speed Post/Registered Post only is **Dt.23.09.2021 by 5 P.M.**

**Sd./- Regional Asst. Director of Employment, Sambalpur**
OIPR-14092/11/0001/2122



**UNIVERSITY LAW COLLEGE**
UTKAL UNIVERSITY, VANI VIHAR, BHUBANESWAR-751004 (ODISHA), Tel: 0674-2589507
UTKAL UNIVERSITY NAAC ACCREDITED A+
No. ULC / 281 / 2021 Date : 11.09.2021

**ADMISSION NOTICE**
**3 Year LL.B (HONS.) COURSE, 2021-2022**

**The candidates desirous of seeking admission into 3-year LL.B (Hons.) courses (Semester) under Choice Based Credit System at University Law College, Vani Vihar, Bhubaneswar**

- **Number of Seats** : 80 (Eighty)
- **Reservation** : As per Government of Odisha Rules / BCI Rules.
- **Eligibility Criteria** : The candidates must have secured at least 45 % of marks for General and 40% of marks for SC/ST categories in aggregate at B.A /B.Sc. / B.Com (10+2+3 pattern) or in any equivalent examination.
- **Cost of the Form** : The Candidates are required to download the application form from our website **www.universitylawcollegebbsr.org.in** and send the filled in application form with requisite document along with application fees for Rs.600/- (Rupees six hundred only) in the shape of D.D drawn in favour of the **Principal, University Law College, Bhubaneswar Payable at Bhubaneswar and send the filled form to Principal, University Law College, Vani Vihar, Bhubaneswar-751004.**
- **Availability of Form** : **From 14th September 2021**
- **Last date of submission of Form** : **30.09.2021 upto 05.00 PM.**
- **Date of Entrance** : Date of Entrance will be notified later on to our website.
- **Course Fee** : As in the Prospectus.
- **Publication of Merit List** : 23rd October 2021 (Saturday)
- **Selection for Admission** : Selection for admission will be made on the basis of Career-cum-Entrance.

For further details, please visit our website **www.universitylawcollegebbsr.org.in**

**Sd/- Dr. Prativa Panda (Principal)**
**University Law College, Bhubaneswar-04**
**Tel.: (0674) 2589507 (Off.)**



**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER-cum-District Mission Director**
**District Programme Management Unit, National Health Mission, Subarnapur**

**Advertisement**

**Advt. No. 4227/DPMU/2021 Date: 09.09.2021**

No. E-432:- Applications are invited from the contractual employees of NHM already engaged in the following post under OSH&FWs in other districts and desiring to be posted in Subarnapur District.

| Sl. No. | Name of the Post | No. of Vacancy |
|---|---|---|
| 1 | Accountant-Cum-DEO at DPMU | 2 (Two) Nos. |

Interested in-house candidates of NHM are requested to apply in the prescribed format with NOC and experience certificate issued by concerned CDM&PHO. Selection shall be made on the highest length of incumbency under the society. The application format & other details are available in the District website **www.subarnapur.nic.in** The application should reach by Regd/Speed Post to the undersigned latest by date. 24.09.2021 at 5.00 PM. No personal query will be entertained. Vacancies' shown above are provisional and subject to change during the time of selection/appointment. Incomplete application in any forms is liable for rejection. The authority reserve the right of accepting/rejecting any application and modifying/cancel the advertisement without assigning any reason thereof.

**Sd./- CDM&PHO-Cum-DMD, Subarnapur**
OIPR-10118/11/0006/2122

**ଆଜିର ମନ୍ତବ୍ୟ**

"ଗମ୍ଭୀର ମାନବିକ ସଙ୍କଟ ଦେଇ ଗତି କରୁଥିବା ଆଫଗାନ୍‌ବାସୀଙ୍କୁ ଭାରତ ପୂର୍ବଭଳି ସହଯୋଗ ଜାରି ରଖିବା।"

– ଏସ୍. ଜୟଶଙ୍କର, ବହିର୍ବ୍ୟାପାର ମନ୍ତ୍ରୀ


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ସାଇ ସଙ୍ଗୀତା
ପରିବାରବର୍ଗ


ଗଣେଷ
ପରିବାରବର୍ଗ


ଖୁସି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କେୱାଇସି ଠକେଇ: ସତର୍କ କଲା ଆର୍‌ବିଆଇ

**ନୂଆଦିଲ୍ଲୀ,୧୩।୯**

ନୋ ୟୋର କଷ୍ଟମର(କେୱାଇସି) ଅପ୍‌ଡେଟ୍ କରାଇବା ଆଳରେ ଲୋକମାନେ ବ୍ୟାଙ୍କ ଠକେଇର ସାମ୍ନା କରୁଥିବା ଦେଖାଯାଉଛି। ଏହାକୁ ନେଇ ଲୋକଙ୍କୁ ରିଜର୍ଭ ବ୍ୟାଙ୍କ ସତର୍କ କରାଇଛି। ଆକାଉଣ୍ଟ ଲଗ୍‌ଇନ୍ ସମ୍ପର୍କିତ ତଥ୍ୟ, ବ୍ୟକ୍ତିଗତ ତଥ୍ୟ, କେୱାଇସି ଡକ୍ୟୁମେଣ୍ଟ କପି, କାର୍ଡ ସୂଚନା, ପିନ୍, ପାସ୍‌ୱାର୍ଡ କିମ୍ବା ଓଟିପି ଅଚିହ୍ନା ଲୋକ କିମ୍ବା ଏଜେନ୍ସିକୁ ନ ଦେବାକୁ ଆର୍‌ବିଆଇ ପକ୍ଷରୁ କୁହାଯାଇଛି। ସେହିଭଳି ଅନଧୀକୃତ ଏବଂ ଯାଞ୍ଚ ହୋଇ ନ ଥିବା ୱେବ୍‌ସାଇଟ୍ ଏବଂ ଆପ୍ଲିକେଶନଗୁଡ଼ିକରେ ଏଭଳି ତଥ୍ୟ ଶେୟାର ନ କରିବା ଆବଶ୍ୟକ। ଯଦି କୌଣସି ବ୍ୟକ୍ତିବିଶେଷ ଏ ସଂକ୍ରାନ୍ତ ତଥ୍ୟ ମାଗେ ତେବେ ତୁରନ୍ତ ବ୍ୟାଙ୍କ ଶାଖାକୁ ଜଣାଇବାକୁ ଆର୍‌ବିଆଇ ପରାମର୍ଶ ଦେଇଛି। କେୱାଇସି ଅପ୍‌ଡେଟ୍ କରାଇବା ଆଳରେ ଅନେକ ଲୋକ ଠକେଇର ଶିକାର ହେଉଥିବା ଅଭିଯୋଗ ଆର୍‌ବିଆଇ ନିକଟକୁ ଆସିଛି।

କଲ୍, ଏସ୍‌ଏମ୍‌ଏସ୍ ଏବଂ ଇମେଲ୍ ମାଧ୍ୟମରେ ଲୋକଙ୍କ ସହ ଠକ୍‌ମାନେ ସମ୍ପର୍କ କରୁଛନ୍ତି। ଲୋକଙ୍କଠାରୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଆକାଉଣ୍ଟ ତଥ୍ୟ ପାଇବା ପରେ ଠକେଇ ହେଉଥିବା ଦେଖାଯାଉଛି। ନିୟାମକ ସଂସ୍ଥାଗୁଡ଼ିକ ଏହି ଦିଗକୁ ବିଚାରକରି ସମୟ ସମୟରେ ଲୋକଙ୍କୁ ଠିକ୍ ଉପାୟରେ ସେବା ଯୋଗାଣ କରିବା ଲାଗି ଆର୍‌ବିଆଇ ପରାମର୍ଶ ଦେଇଛି।

**ପ୍ରଥମ ପୃଷ୍ଠାରୁ...**

## ଲଗାଣ ବର୍ଷାରେ...

ପାଟନାଳିରେ ମାଛ ଧରିବାକୁ ଯାଇ ନିଖୋଜ ଥିବାବେଳେ ଶୌଚ ହେବାକୁ ଯାଇ ଜଣେ ବୃଦ୍ଧଙ୍କ ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ଅନୁସାରେ ରବିବାର ବିଳମ୍ବିତ ରାତିରେ ଡେରାବିଶ ବ୍ଲକ ଅଧୀନ ବେଣୀପୁର ଗାଁରେ ମାଟିକାନ୍ଥ ଭୁଶୁଡ଼ି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗାଁର ଅନାମ ପୃଷ୍ଟିଙ୍କ ସ୍ତ୍ରୀ ନର୍ମଦା(୬୦)। ଲଗାଣ ବର୍ଷା ଯୋଗୁ ମାଟିକାନ୍ଥ ବତୁରି ଯାଇଥିଲା। ରାତିରେ ଶୋଇଥିବା ବେଳେ ମାଟିକାନ୍ଥ ଭୁଶୁଡ଼ି ପଡ଼ିବାରୁ ନର୍ମଦା କାନ୍ଥ ତଳେ ଚାପି ହୋଇଯାଇଥିଲେ। ଫଳରେ ତାଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ପୋଲିସ ନର୍ମଦାଙ୍କ ମୃତଦେହ ଜବତ କରିବା ସହ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଘଟଣାସ୍ଥଳକୁ ଅତିରିକ୍ତ ତହସିଲଦାର ପ୍ରମୋଦ କୁମାର ସମ୍ପୃକ୍ତ ସର୍କଲର ଆର୍‌ଆଇଙ୍କୁ ସାଙ୍ଗରେ ଧରି ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ମୃତ ମହିଳାଙ୍କ ପରିବାରକୁ ଜିଲା ରେଡ୍‌କ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ସେହିପରି ଗରଦପୁର ବ୍ଲକ ଅଧୀନ ବଡ଼ବେତରା ଗାଁରେ ମାଟିକାନ୍ଥ ପଡ଼ି ଅଭୟ କୁମାର ମହାପାତ୍ର(୮୬)ଙ୍କ ସୋମବାର ସକାଳ ସାଢ଼େ ୫ଟାରେ ମୃତ୍ୟୁ ଘଟିଛି। ଘରେ ଶୋଇଥିବା ବେଳେ ତାଙ୍କ ଉପରେ କାନ୍ଥ ପଡ଼ିଯିବାରୁ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଅଭୟଙ୍କ ବୋହୂ କଳ୍ପନା(୨୭)ଙ୍କ ମଧ୍ୟ ବାମ ଗୋଡ଼ରେ କାନ୍ଥ ପଡି ଭାଙ୍ଗିଯାଇଛି। ତାଙ୍କୁ ଚିକିତ୍ସା ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଖବରପାଇ ପାଟକୁରା ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ବ୍ୟବଚ୍ଛେଦ କରାଇଛି। ଗରଦପୁର ତହସିଲଦାର, ବିଡିଓ, ସର୍କଲ ଆର୍‌ଆଇ ପହଞ୍ଚି କ୍ଷୟକ୍ଷତିର ଆକଳନ କରିଛନ୍ତି। ଅଭୟଙ୍କ ପରିବାରକୁ ରେଡ୍‌କ୍ରସ ପକ୍ଷରୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ସେହିପରି ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅଧୀନ ନୂଆଗଡ଼ ପଞ୍ଚାୟତ ମୋରମୋରସିଂହ ଗ୍ରାମର କମ୍ଳେଶ୍ୱର ପାଇଶାଣୀ(୨୯) ନାମକ ଜଣେ ଯୁବକ ସୋମବାର ନାଳ ପାଣି ସୁଅରେ ଭାସିଯାଇ ପ୍ରାଣ ହରାଇଛନ୍ତି। ସେ ୬ମାସ ପୂର୍ବେ ବିବାହ କରିଥିଲେ। କମ୍ଳେଶ୍ୱର ସକାଳେ ଘରୁ ବାହାରି କେଉଁଆଡ଼େ ଯାଇଥିଲେ। ସେ ଘରକୁ ଫେରିବା ବିଳମ୍ବ ହେବାରୁ ଘରଲୋକେ ଓ ଗ୍ରାମବାସୀ ତାଙ୍କୁ ଖୋଜାଖୋଜି କରିଥିଲେ। ପରେ ତାଙ୍କ ମୃତଦେହ ନାଳରେ ଭାସୁଥିବା ଦେଖିବାକୁ ମିଳିଥିଲା। ଖବରପାଇ ନିରାକାରପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଅନ୍ତର୍ଗତ ନତକାଇ ପଞ୍ଚାୟତ ଏକୁରିଖ ଗ୍ରାମର ସଞ୍ଜୟ ରାଉତ(୪୧) ବର୍ଷା ସମୟରେ ପାଟନାଳିରେ ମାଛ ଧରୁଥିବା ବେଳେ ସୁଅରେ ଭାସି ଯାଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ନିଶ୍ଚିନ୍ତକୋଇଲି ଦମକଳ ବାହିନୀ ଏବଂ ଓଡ୍ରାଫ୍ ଟିମ୍ କର୍ମଚାରୀ ପହଞ୍ଚି ଖୋଜାଖୋଜି କରିଛନ୍ତି। ତେବେ ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ସଞ୍ଜୟଙ୍କ କୌଣସି ସନ୍ଧାନ ମିଳି ନ ଥିଲା। ସେହିପରି ରବିବାର ରାତିରେ ପୋଖରୀରେ ବୁଡ଼ିଯିବାରୁ ରାମକୃଷ୍ଣପୁର ପଞ୍ଚାୟତ ଅନ୍ତର୍ଗତ ପାଟପାରି ଗ୍ରାମର ବୃଦ୍ଧ ବଟକୃଷ୍ଣ ସ୍ୱାଇଁ (୭୨)ଙ୍କ ମୃତ୍ୟୁ ଘଟିଛି। ସେ ଘର ନିକଟରେ ଥିବା ପୋଖରୀକୁ ଶୌଚ ହେବାକୁ ଯାଇଥିଲେ। ଏହି ସମୟରେ ଗୋଡ଼ ଖସିଯିବାରୁ ସେ ବୁଡ଼ିଯାଇଥିଲେ। ବହୁ ସମୟ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରି ଶେଷରେ ପୋଖରୀରୁ ମୃତଦେହ ଠାବ କରିଥିଲେ। ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆରସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଲଘୁଚାପଜନିତ ପ୍ରବଳ ବର୍ଷା ଯୋଗୁ ୧୧ ଜିଲାର ୫୩ ବ୍ଲକ ଏବଂ ୧୪ ପୌରାଞ୍ଚଳର ୨୬୮୯ ଗ୍ରାମର ୧୯ ଲକ୍ଷ ୫୩ ହଜାର ୬୪୭ ଲୋକ ପ୍ରଭାବିତ ହୋଇଛନ୍ତି। ସେହି ଜିଲାଗୁଡ଼ିକ ହେଲା କଟକ, ଯାଜପୁର, କୋରାପୁଟ, କଳାହାଣ୍ଡି, କନ୍ଧମାଳ, ପୁରୀ, ଜଗତ୍‌ସିଂହପୁର, କେନ୍ଦ୍ରାପଡା, ଢେଙ୍କାନାଳ, ଖୋର୍ଦ୍ଧା ଏବଂ ଅନୁଗୋଳ। ବର୍ଷା ଯୋଗୁ ୨୬୫ ଘର ଭାଙ୍ଗିଛି। ୩୮୧୯ ଜଣଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବା ଏସ୍‌ଆରସିଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଜଗତ୍‌ସିଂହପୁର ଜିଲାର ୮ ବ୍ଲକର ୧୩୨୧ ଗ୍ରାମର ୧୧,୩୬,୯୭୧ ଲୋକ ପ୍ରଭାବିତ ହୋଇଥିବା ବେଳେ କେନ୍ଦ୍ରାପଡ଼ା ଜିଲାର ୮୧୧ ଗ୍ରାମର ୭,୭୯,୨୪୧ ଜଣ ପ୍ରଭାବିତ ହୋଇଛନ୍ତି। କଳାହାଣ୍ଡି ଜିଲାର ୩ଟି ଗ୍ରାମର ୪୪ ଜଣ, କନ୍ଧମାଳ ଜିଲାର ୨୦ଟି ଗ୍ରାମର ୫ ହଜାର, କୋରାପୁଟ ଜିଲାର ୨୦ଟି ଗ୍ରାମର ୧୨୫, କଟକ ଜିଲାର ୨ଟି ଗ୍ରାମ ଓ ୨ଟି ପୌରାଞ୍ଚଳର ୨୫୫୬, ଯାଜପୁର ଜିଲାର ୫୧୫ ଗ୍ରାମର ୮ ହଜାର, ପୁରୀ ଜିଲାର ୫୨ଟି ଗ୍ରାମର ୧୫୪୩୪ଜଣ, ଢେଙ୍କାନାଳ ଜିଲାର ୯ଟି ଗ୍ରାମ ପ୍ରଭାବିତ ହୋଇଛି। ଖୋର୍ଦ୍ଧା ଜିଲାର ୩୨ ଗ୍ରାମ ଓ ୨ଟି ପୌରାଞ୍ଚଳର ୧୨୫୭ ଜଣ, ଅନୁଗୋଳ ଜିଲାର ୪ଟି ଗ୍ରାମର ୧୯ ଜଣ ପ୍ରଭାବିତ ହୋଇଛନ୍ତି।

## ତଥ୍ୟ ଦେବାକୁ...

ସର୍ବୋଚ୍ଚ ଅଦାଲତରେ ଦାଖଲ କରିବେ। ଏହା ପରେ ଯଦି କୋର୍ଟ ଚାହିଁବେ, ତେବେ ତାହା ସର୍ବସାଧାରଣରେ ପ୍ରକାଶଯୋଗ୍ୟ ହୋଇପାରିବ। ମେହେଟ୍ଟାଙ୍କ ଏଭଳି ଯୁକ୍ତି ଶୁଣିବା ପରେ ଅଦାଲତ କହିଥିଲେ, ପେଗାସସ୍‌କୁ ନେଇ ଏକ ନିରପେକ୍ଷ ତଦନ୍ତ ପାଇଁ ହୋଇଥିବା ଆବେଦନର କୋର୍ଟ ଅନ୍ତରୀଣ ନିର୍ଦ୍ଦେଶ ଦେବେ। ତେଣୁ କେନ୍ଦ୍ର ଏହାର ପୁନର୍ବିଚାର କରୁ। ୨ ରୁ ୩ଦିନ ପରେ ଏନେଇ ରାୟ ପ୍ରକାଶ କରାଯିବ। ଖଣ୍ଡପୀଠ ଆହୁରି କହିଛନ୍ତି, ବୁଦା ଚାରିପଟେ ପିଟି ଚାଲିଲେ, କୌଣସି ପ୍ରସଙ୍ଗର ସମାଧାନ ହେବ ନାହିଁ। ଯଦି ବିଶେଷଜ୍ଞ କମିଟି ରିପୋର୍ଟ ଦାଖଲ କରିବ, ତେବେ ଏହା ମଧ୍ୟ ସର୍ବସାଧାରଣରେ ପ୍ରକାଶଯୋଗ୍ୟ ଭଳି ହେବ ବୋଲି ଅଦାଲତ କହିଛନ୍ତି। ଏହି ମାମଲାର ଶୁଣାଣି ଗତ ୭ତାରିଖରେ ହୋଇଥିଲା। ଏଥିରେ ସଲିସିଟର ଜେନେରାଲ ମେହେଟ୍ଟା ଉପସ୍ଥିତ ହୋଇ ୨ୟ ସତ୍ୟପାଠ ପ୍ରସ୍ତୁତ ହୋଇପାରି ନ ଥିବା ଦର୍ଶାଇଥିଲେ, ଯାହାକୁ ଖଣ୍ଡପୀଠ ଗ୍ରହଣ କରି ସୋମବାରକୁ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପେଗାସସ୍ ଗୁପ୍ତଚରଗିରି ଘଟଣାର ତଦନ୍ତ ଦାବି କରି ହୋଇଥିବା ଆବେଦନରେ ପୂର୍ବରୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ଅନ୍ତରୀଣ ସତ୍ୟପାଠ ଦାଖଲ କରାଯାଇଥିଲା। ଏଥିରେ ତଦନ୍ତ ନେଇ ହୋଇଥିବା ଆବେଦନଗୁଡ଼ିକ ଅସମ୍ପୂର୍ଣ୍ଣ, ଅଣସଂଗଠିତ ବିଷୟବସ୍ତୁ ଏବଂ ଅବାସ୍ତବ ଗଣମାଧ୍ୟମ ରିପୋର୍ଟ ଉପରେ ଆଧାରିତ ବୋଲି ଉଲ୍ଲେଖ କରାଯାଇଥିଲା। ଏପରି କି ଏହି ପ୍ରସଙ୍ଗରେ କେନ୍ଦ୍ର ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗୃହରେ ସ୍ପଷ୍ଟୀକରଣ ଦେଇ ସାରିଥିବାରୁ ଏନେଇ ଅଧିକ ତଥ୍ୟ ଦେବା ଆବଶ୍ୟକ ନାହିଁ ବୋଲି କହିଥିଲେ।

ସୋମବାର ପେଗାସସ୍ ମାମଲାରେ କେନ୍ଦ୍ର ପକ୍ଷରୁ ସର୍ବୋଚ୍ଚ ଅଦାଲତରେ କରାଯାଇଥିବା ଯୁକ୍ତି ଏବଂ ଖଣ୍ଡପୀଠଙ୍କ ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ରାଜନୈତିକ କାଦୁଅଫିଙ୍ଗା ଆରମ୍ଭ ହୋଇଯାଇଛି। କଂଗ୍ରେସ ନେତା କପିଲ୍ ସିବଲ କହିଛନ୍ତି, ଯଦି ପେଗାସସ୍ ଗୁପ୍ତଚରୀ ମାମଲାରେ ଜର୍ମାନ ସରକାର ସେଠାକାର ସର୍ବୋଚ୍ଚ ଅଦାଲତରେ ତଥ୍ୟ ଦେବାକୁ ସମ୍ମତି ପ୍ରକାଶ କରିବା ସହ ଏହା ଆତଙ୍କବାଦ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବ ନାହିଁ ବୋଲି କହିଛନ୍ତି, ଏଭଳିସ୍ଥିତିରେ ଭାରତ ସରକାର କାହିଁକି ଅମଙ୍ଗ ହେଉଛନ୍ତି ବୋଲି ସିବଲ ପ୍ରଶ୍ନ କରିଛନ୍ତି। ଅପରପକ୍ଷରେ ଏପ୍ରସଙ୍ଗରେ ଭାଜପା ବିରୋଧୀଙ୍କ ଏଭଳି ଅଭିଯୋଗକୁ ଖଣ୍ଡନ କରିବାକୁ ଆଗେଇ ଆସିଛି। ବିରୋଧୀମାନେ ଷଡ଼ଯନ୍ତ୍ର କରି ଭାରତର ବିକାଶ ପଥକୁ ଅଟକାଇବାକୁ କେବେ ସମର୍ଥ ହୋଇପାରିବେ ନାହିଁ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ସମାଲୋଚନା କରିଛନ୍ତି।

## ଆଜିଠୁ ଯୁକ୍ତ୨...

ରେଭେନ୍‌ଶା ଜୁନିୟର କଲେଜ ତିନୋଟି ବିଭାଗରେ ଆଗୁଆ ରହିଛି। ଏହି କଲେଜରେ କଳାରେ ୭୯.୩୧%, ବାଣିଜ୍ୟରେ ୮୨% ଓ ବିଜ୍ଞାନରେ ୯୧.୩୩% କଟ୍ ଅଫ୍ ମାର୍କ ରହିଛି। ମେରିଟ୍ ଲିଷ୍ଟର ସମସ୍ତ ତାଲିକା www.samsodisha.gov.in ପୋର୍ଟାଲରେ ଉପଲବ୍ଧ ହୋଇଛି। ପ୍ରଥମ ପର୍ଯ୍ୟାୟରେ ମନୋନୀତ ହୋଇଥିବା ଛାତ୍ରୀଛାତ୍ରମାନେ ୧୪ରୁ ୨୧ ତାରିଖ ସନ୍ଧ୍ୟା ୬ଟା ମଧ୍ୟରେ ନାମ ଲେଖାଇବେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ମେରିଟ୍ ଲିଷ୍ଟ ୨୭ତାରିଖରେ ପ୍ରକାଶ ପାଇବ। ଦ୍ୱିତୀୟ ପର୍ଯ୍ୟାୟରେ ଯେଉଁ ଛାତ୍ରୀଛାତ୍ର ମନୋନୀତ ହେବେ ସେମାନେ ୨୯ରୁ ଅକ୍ଟୋବର ୧ ତାରିଖ ଅପରାହ୍ନ ୫ଟା ମଧ୍ୟରେ ନାମ ଲେଖାଇବେ। ଏହି ଦୁଇଟି ପର୍ଯ୍ୟାୟ ନାମଲେଖା ପରେ ବଳକା ସିଟ୍ ପାଇଁ ଅକ୍ଟୋବର ୪ରେ ତାଲିକା, ୫ ସୁଦ୍ଧା ପଞ୍ଜୀକରଣ ଏବଂ ମେରିଟ ଲିଷ୍ଟ ପରେ ଅକ୍ଟୋବର ୭ ତାରିଖରେ ନାମଲେଖା ହେବ। ତେବେ ଏଥର ପ୍ରାୟ ୫ ଲକ୍ଷ ଯୁକ୍ତ୨ ସିଟ୍ ପାଇଁ ୪ଲକ୍ଷ ୩୫ହଜାର ୯୨ ଜଣ ଛାତ୍ରୀଛାତ୍ର ଆବେଦନ କରିଛନ୍ତି।

ସୂଚନାଯୋଗ୍ୟ, ଚଳିତବର୍ଷ ବିନା ପରୀକ୍ଷାରେ ମାଟ୍ରିକ୍ ପରୀକ୍ଷା ହୋଇଥିଲା। ତେଣୁ ଏଥର ପାସ୍ ହାର ଅଧିକ ରହିଥିଲା। ତେବେ ଯୁକ୍ତ୨ ପାଇଁ କଲେଜରେ ଥିବା ସିଟ୍ ସଂଖ୍ୟାଠାରୁ ପାସ୍ କରିଥିବା ଛାତ୍ରୀଛାତ୍ରଙ୍କ ସଂଖ୍ୟା ଅଧିକ ହୋଇଯାଇଥିଲା। ଫଳରେ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା। ନାମଲେଖା କିପରି ହେବ ତାକୁ ନେଇ ସମସ୍ତେ ଚିନ୍ତାରେ ଥିଲେ। ତେଣୁ ଯୁକ୍ତ୨ ସିଟ୍ ବୃଦ୍ଧି କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ଏହାପରେ ଶିକ୍ଷାନୁଷ୍ଠାନରେ ସିଟ୍ ବଢ଼ାଇବା ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ରାଜ୍ୟରେ ମୋଟ୍ ୭୨ହଜାର ସିଟ୍ ବୃଦ୍ଧି ନେଇ ବିଭିନ୍ନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଆବେଦନ ହୋଇଥିଲା। ସେଥିମଧ୍ୟରୁ ସାରା ରାଜ୍ୟରେ ୫୪,୯୦୦ ସିଟ୍ ବୃଦ୍ଧି କରାଯାଇଥିଲା। କଳାରେ ୩୮ହଜାର, ବିଜ୍ଞାନରେ ୧୩ହଜାର ଓ ବାଣିଜ୍ୟରେ ୩,୯୦୦ ସିଟ୍ ବୃଦ୍ଧି କରାଯାଇଥିଲା। ପୂର୍ବରୁ ୪ଲକ୍ଷ ୪୩ ହଜାର ୩୫୪ ସିଟ୍ ଥିବାବେଳେ ସିଟ୍ ବୃଦ୍ଧି ପରେ ତାହା ୪ଲକ୍ଷ ୯୮ ହଜାର ୨୫୪ରେ ପହଞ୍ଚିଛି। ସୂଚନାଯୋଗ୍ୟ, ଅଗଷ୍ଟ ୧୨ରୁ ଯୁକ୍ତ୨ ନାମଲେଖା ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇ ସେପ୍ଟେମ୍ବର ୫ ପର୍ଯ୍ୟନ୍ତ ଚାଲିଥିଲା।

### ଶ୍ରେଷ୍ଠ ୧୦ ଜୁନିୟର କଲେଜ କଟ୍ ଅଫ୍ ମାର୍କ

| କଳା | କଲେଜ | କଟ୍ ଅଫ୍ ମାର୍କ |
|---|---|---|
| | ରେଭେନ୍‌ଶା ଉଚ୍ଚ ମାଧ୍ୟମିକ ସ୍କୁଲ, କଟକ | ୭୯.୩% |
| | ବିଜେବି ଉଚ୍ଚ ମାଧ୍ୟମିକ ସ୍କୁଲ, ଭୁବନେଶ୍ୱର | ୭୮% |
| | ସରକାରୀ ଉଚ୍ଚ ମାଧ୍ୟମିକ ସ୍କୁଲ, ରାଉରକେଲା | ୭୫% |
| | ଶୈଳବାଳା ମହିଳା ଉଚ୍ଚ ମାଧ୍ୟମିକ ସ୍କୁଲ, କଟକ | ୭୪.୫% |
| | ଭଦ୍ରକ ଉଚ୍ଚ ମାଧ୍ୟମିକ ସ୍କୁଲ, ଭଦ୍ରକ | ୭୪.୩୩% |
| | ଫକୀର ମୋହନ ଉଚ୍ଚ ମାଧ୍ୟମିକ ସ୍କୁଲ, ବାଲେଶ୍ୱର | ୭୩.୮୩% |
| | ରମାଦେବୀ ମହିଳା ଉଚ୍ଚ ମାଧ୍ୟମିକ ସ୍କୁଲ, ଭୁବନେଶ୍ୱର | ୭୩.୬୭% |
| | ନରସିଂହ ଚୌଧୁରୀ ଉଚ୍ଚ ମାଧ୍ୟମିକ ସ୍କୁଲ, ଯାଜପୁର | ୭୩.୫% |
| | ରାଜେନ୍ଦ୍ର ଉଚ୍ଚ ମାଧ୍ୟମିକ ସ୍କୁଲ, ବଲାଙ୍ଗୀର | ୭୩.୪% |
| | ରାଜଧାନୀ ଉଚ୍ଚ ମାଧ୍ୟମିକ ସ୍କୁଲ, ଭୁବନେଶ୍ୱର | ୭୩.୧୭% |
| ବିଜ୍ଞାନ | କଲେଜ | କଟ୍ ଅଫ୍ ମାର୍କ |
| | ରେଭେନ୍‌ଶା ଉଚ୍ଚ ମାଧ୍ୟମିକ ସ୍କୁଲ, କଟକ | ୯୧.୩୩% |
| | ବିଜେବି ଉଚ୍ଚ ମାଧ୍ୟମିକ ସ୍କୁଲ, ଭୁବନେଶ୍ୱର | ୯୦.୬୭% |
| | ସରସ୍ୱତୀ ବିଦ୍ୟା ମନ୍ଦିର ଉଚ୍ଚ ମାଧ୍ୟମିକ ସ୍କୁଲ, ଗଞ୍ଜାମ | ୮୭.୮୩% |
| | ଉପେନ୍ଦ୍ରନାଥ ଉଚ୍ଚ ମାଧ୍ୟମିକ ସ୍କୁଲ, ସୋରୋ | ୮୭.୫% |
| | ଫକୀର ମୋହନ ଉଚ୍ଚ ମାଧ୍ୟମିକ ସ୍କୁଲ, ବାଲେଶ୍ୱର | ୮୬.୮୩% |
| | ବେସିକ୍ ସାଇନ୍ସ ଆଣ୍ଡ ହ୍ୟୁମାନିଟିଜ୍ ଉଚ୍ଚ ମାଧ୍ୟମିକ ସ୍କୁଲ, ଭୁବନେଶ୍ୱର | ୮୬.୬୭% |
| | ନୟାଗଡ଼ ଉଚ୍ଚ ମାଧ୍ୟମିକ ସ୍କୁଲ, ନୟାଗଡ଼ | ୮୫.୬୭% |
| | ଜାତୀୟ କବି ବୀର କିଶୋର ସରକାରୀ ଉଚ୍ଚ ମାଧ୍ୟମିକ ସ୍କୁଲ, କଟକ | ୮୫.୫% |
| | ଖଲ୍ଲିକୋଟ ଉଚ୍ଚ ମାଧ୍ୟମିକ ସ୍କୁଲ, ବ୍ରହ୍ମପୁର | ୮୫% |
| | ରମାଦେବୀ ମହିଳା ଉଚ୍ଚ ମାଧ୍ୟମିକ ସ୍କୁଲ, ଭୁବନେଶ୍ୱର | ୮୪.୬୭% |
| ବାଣିଜ୍ୟ | କଲେଜ୍ | କଟ୍ ଅଫ୍ ମାର୍କ |
| | ରେଭେନ୍‌ଶା ଉଚ୍ଚ ମାଧ୍ୟମିକ ସ୍କୁଲ, କଟକ | ୮୨% |
| | ସରକାରୀ ଉଚ୍ଚ ମାଧ୍ୟମିକ ସ୍କୁଲ, ରାଉରକେଲା | ୮୦.୮୩% |
| | ଶୈଳବାଳା ମହିଳା ଉଚ୍ଚ ମାଧ୍ୟମିକ ସ୍କୁଲ, କଟକ | ୭୭.୬୭% |
| | ବିଜେବି ଉଚ୍ଚ ମାଧ୍ୟମିକ ସ୍କୁଲ, ଭୁବନେଶ୍ୱର | ୭୭.୫% |
| | ଜିରାଳ ଉଚ୍ଚ ମାଧ୍ୟମିକ ସ୍କୁଲ, ଭୁବନ | ୭୬.୫% |
| | ମ୍ୟୁନିସିପାଲ ଉଚ୍ଚ ମାଧ୍ୟମିକ ସ୍କୁଲ | ୭୪.୮୩% |
| | ଜାତୀୟ କବି ବୀର କିଶୋର ଉଚ୍ଚ ମାଧ୍ୟମିକ ସ୍କୁଲ, କଟକ | ୭୪.୫% |
| | ରାଜଧାନୀ ଉଚ୍ଚ ମାଧ୍ୟମିକ ସ୍କୁଲ, ଭୁବନେଶ୍ୱର | ୭୩.୬୭% |
| | ଖଲ୍ଲିକୋଟ ଉଚ୍ଚ ମାଧ୍ୟମିକ ସ୍କୁଲ, ବ୍ରହ୍ମପୁର | ୭୩% |
| | ଶଶିଭୂଷଣ ରଥ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ସ୍କୁଲ, ବ୍ରହ୍ମପୁର | ୭୧.୬୭% |

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**



ଆଜିର ପ୍ରତ୍ୟୁଷ ଯାତ୍ରା ଲାଭପ୍ରଦ ହେବ, ଲାଗିରହିଥିବା ବିବାଦୀୟ ଘଟଣାରେ ବିଜୟୀ ହେବେ, ପ୍ରତିଯୋଗିତାମୂଳକ କାର୍ଯ୍ୟରେ ଯୋଗଦେଇପାରନ୍ତି। ବହୁତ ଦିନରୁ ଭଲ ସମ୍ପର୍କ ଥିବା ବନ୍ଧୁଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଦୀର୍ଘଦିନର ସୁପରିକଳ୍ପିତ ନୂଆ ଯୋଜନାଟିଏ କରିବା ସକାଶେ ମନ ବଳାଇ କାମରେ ଲାଗି ପାରନ୍ତି।

**ବୃଷ**



ଭୁଲ୍ ବୁଝାମଣା କାରଣରୁ ଘରର ସଦସ୍ୟମାନେ ବିରକ୍ତି ଅନୁଭବ ପ୍ରକାଶ କରିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବେ। ସଙ୍ଗୀତ, କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର କ୍ଷେତ୍ରରେ ଉନ୍ନତି କରିବେ। ଅପରାହ୍ନେ ବନ୍ଧୁମାନଙ୍କ ନିକଟରୁ ବକେୟା ଟଙ୍କା ପାଇବେ।

**ମିଥୁନ**



କର୍ମକ୍ଷେତ୍ରରେ ବିଭିନ୍ନ କାରଣକୁ ନେଇ ମାନସିକ ସ୍ଥିରତା ରହିବ ନାହିଁ। ପ୍ରତିଯୋଗୀ କିମ୍ବା ପ୍ରତିଦ୍ୱନ୍ଦ୍ୱୀ ସମସ୍ୟାକୁ ବଢ଼ାଇ ଦେଇପାରନ୍ତି। ପୂର୍ବ ପରିକଳ୍ପିତ ଯୋଜନା ଅନୁଯାୟୀ କର୍ମରେ କେତେକାଂଶରେ ସଫଳତା ପାଇବେ। ଆଜି ଯାତ୍ରା, ପରିବହନ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ସକାଶେ ଦିନଟି ବହୁତ ଭଲ।

**କର୍କଟ**



ଯାତ୍ରା ସମୟରେ ବିଭିନ୍ନ ପ୍ରକାରର କଷ୍ଟ ସ୍ୱୀକାର କରିବାକୁ ପଡ଼ିପାରେ। ପାରିବାରିକ ସମସ୍ୟାକୁ ନେଇ ନିଜେ ଅସୁବିଧା ଭିତରେ ଚଳୁଥିଲେ ମଧ୍ୟ ବନ୍ଧୁଙ୍କୁ ସାହାଯ୍ୟ କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ପରିସ୍ଥିତିରେ ପଡ଼ି ଧାର କରଜ କରିବାକୁ ବାଧ ହୋଇପାରନ୍ତି।

**ସିଂହ**



କର୍ମକ୍ଷେତ୍ରରେ ମାତ୍ରାଧିକ ଭ୍ରମଣ ଓ କାମର ଚାପ ଯୋଗୁ କ୍ଳାନ୍ତି ଅନୁଭବ କରିବେ। ଆକସ୍ମିକ ଭାବରେ ପଦସ୍ଥ ବ୍ୟକ୍ତିଙ୍କ କିଛି ଆଶ୍ୱସ୍ତି ସୂଚକ କଥା ଶୁଣି ମନ ହାଲୁକା ହୋଇଯିବ। ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ନିଜର କାମଟି ଅଟକି ରହିଯିବାର ଆଶଙ୍କା ରହିଛି । ପ୍ରଶାସନିକ ସ୍ତରରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ।

**କନ୍ୟା**



ପାରିବାରିକ ଅଶାନ୍ତି କାରଣରୁ ଚିନ୍ତାରେ ମାନସିକ ସ୍ଥିରତା ରହିବ ନାହିଁ। ଆଜିର ଯାତ୍ରାରେ ଲକ୍ଷ୍ୟସ୍ଥଳରେ କିଛିଟା ହଇରାଣ ହରକତ ହେବାକୁ ପଡ଼ିପାରେ। ଘରର ବରାଦ ଅନୁଯାୟୀ କୌଣସି ଗୃହୋପକରଣ କିଣିବା ସକାଶେ ଯୋଜନା କରିବେ। ବିବାଦୀୟ କଥାରେ କିମ୍ବା ସମସ୍ୟା ଥିବା ଘଟଣାରେ ମୁଣ୍ଡ ନ ପୂରାଇବା ଭଲ।

**ତୁଳା**



ଶାରୀରିକ ଅସୁସ୍ଥତା ସଙ୍ଗକୁ କର୍ମଜଞ୍ଜାଳର ବୋଝରେ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ଆରମ୍ଭ କରିଥିବା କାମଟି ସମ୍ପନ୍ନ ହେବାରେ ସମସ୍ୟାର ସମ୍ମୁଖୀନ ହେବେ। ଦୀର୍ଘ ମିଆଦୀ ଯୋଜନା ଫସର ଫାଟିଯିବା କାରଣରୁ ମନ ଭଲ ରହି ନ ପାରେ। ଅନ୍ୟମାନଙ୍କ ସକାଶେ ଯେତେ ଭଲ କାମ କଲେ ସୁଦ୍ଧା ସମସ୍ତଙ୍କୁ ସନ୍ତୁଷ୍ଟ କରିପାରିବେ ନାହିଁ।

**ବିଛା**



କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାରର କୌଶଳ ଅବଲମ୍ବନ କରି କାର୍ଯ୍ୟ ହାସଲ କରିବେ। ସାହିତ୍ୟ, ସଂଗୀତ, କଳା, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସୁନାମ ଅର୍ଜନ କରିବେ। ନିର୍ମାଣ କ୍ଷେତ୍ରରେ ଅଟକି ରହିଥିବା କାମକୁ ପୂରା ଦମରେ କରିବାପାଇଁ ନିଷ୍ପତ୍ତି ନେବେ। ସ୍ୱାସ୍ଥ୍ୟ ପ୍ରତି ଅବହେଳା କରନ୍ତୁ ନାହିଁ, ନଚେତ୍ ପରେ ଚିନ୍ତା କରିବାକୁ ପଡ଼ିବ।

**ଧନୁ**



ଶାରୀରିକ ସୁସ୍ଥତା ପ୍ରତି ଧ୍ୟାନଦେବା ନିହାତି ଜରୁରୀ ହୋଇପଡ଼ିବ। ଆନୁଷ୍ଠାନିକ କ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ। ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ ହେବେ। ବ୍ୟବସାୟ, ବାଣିଜ୍ୟରେ କ୍ଷତିର ଭରଣା କରିବା ସକାଶେ ପ୍ରଯତ୍ନ କରିପାରନ୍ତି।

**ମକର**



ପରିସ୍ଥିତି ଯାହା ହେଉନା କାହିଁକି, ଆଜି ଅଟକିଥିବା ସମସ୍ତ କାମ ଶେଷ କରିବାକୁ ବାଧ ହେବେ। ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ଓଲଟି ଦୋଷାରୋପ କରିପାରନ୍ତି। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ। ଦୂର ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି।

**କୁମ୍ଭ**



କର୍ତ୍ତବ୍ୟନିଷ୍ଠା ଓ ସମୟାନୁବର୍ତ୍ତିତା ହେତୁ କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ଆସ୍ଥାଭାଜନ ହେବେ। ପରିବାରରେ ଋଣ ପରିଶୋଧ କରିବା ହେତୁକ ସମସ୍ୟା ଲାଗି ରହିବ। ଅସ୍ୱସ୍ତିର ପରିବେଶ ମଧ୍ୟରେ ମାନସିକ ସୁସ୍ଥତା କେତେକାଂଶରେ ବାଧାପ୍ରାପ୍ତ ହେବ। ପାରିବାରିକ ଶୃଙ୍ଖଳା ରକ୍ଷା କରିବାକୁ ଯାଇ ବହୁତ କଷ୍ଟ ସ୍ୱୀକାର କରିବାକୁ ପଡ଼ିପାରେ।

**ମୀନ**



ପ୍ରତ୍ୟେକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିବା ହେତୁ ଅଣନିଃଶ୍ୱାସୀ ହୋଇପାରନ୍ତି। ପାରିବାରିକ କ୍ଷେତ୍ରରେ ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କାମ ହାସଲ କରିବେ। ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ପୁରାତନ ରୋଗର ପ୍ରାଦୁର୍ଭାବ ବୃଦ୍ଧି ପାଇବାଜନିତ କିଛିଟା ମାନସିକ ଅସ୍ଥିରତା ସୃଷ୍ଟି ହୋଇପାରେ।


# classifieds Everyday

0674-2580101, 2549302




**SALE**

Individual Duplex Corner 2+2 BHK House, North-West FACING for SALE at Kasturi Nagar, Rayagada. 7032661973. D-21602

2BHK North facing flat 1100sqft. at BMC Bhawani, Sahid Nagar, Bhubaneswar for immediate sale. Brokers Excuse. Contact: 9337192262, 9937889778. D-71159

ଭୁବନେଶ୍ୱର, ପଟିଆ, ରଘୁନାଥପୁର, ନଖରା ପାଖରେ 1,2,3BHK, Simplex, Duplex ଅଛି। 8327785834, 9658122456. D-71701

ଭୁବନେଶ୍ୱର, ଭରତପୁର ଆଦର୍ଶ ବିଦ୍ୟାଳୟକୁ ଲାଗି ବାସୋପଯୋଗୀ ପ୍ଲଟ୍ 14,40,000/-ରେ ମିଳୁଛି। 9437033320. D-71705

ଭୁବନେଶ୍ୱର Sum Hospital ନିକଟବର୍ତ୍ତୀ ଅନ୍ଧାରୁଆରେ boundary, electricity, gated societyରେ plot କିଣି immediate ଘର କରନ୍ତୁ। 9437005434. D-70898

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। (ଘରବାରି, ପାଚେରି, ଇଲେକ୍ଟ୍ରିସିଟି ସହିତ) Call: 9827119799. D-71154

Bhubaneswar infocity-2 ପାଖରୁ 200mtrs distance ଘରବାରି ପଟ୍ଟା (4plots) 30ft. road, electricity available. Rate-21,00,000/-, 7978444805. D-70900

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପ ଦୂରତାରେ 1200 sqft. 2,80,000/-, ନଖରା ତ୍ରିନାଥବଜାର sqft.-150/- (Outright). 9348232008. D-21590

30'road gharabari plot at Ghangapatna 4kms from Sum Hospital and commercial/residential plot Pitapalli NH side. 7978601422. D-70879

2/3 BHK flats sale at Mancheswar Railway Station, Bhubaneswar discount upto-5,00,000/-. 8114982646, 9040744989. D-70890

ଭୁବନେଶ୍ୱର ଚନ୍ଦକାରେ Nalanda ଓ BCCST College ପାଖରେ road, electricity, water ସୁବିଧା ଥାଇ ବାସୋପଯୋଗୀ ପ୍ଲଟ୍ possession ଥାଇ ମିଳୁଛି। 9348870771, 9090543542. D-70889

Gated community township planning gharabari plot sale in Gudiapokhari near KEC College with 30'road, Electricity, boundarywall. 8763887357, 9238902929. D-71702




Construct your home with branded material. We provide plan approval, boring, vastu. 7789824989, 9040744989. D-70891




2x2000sqft. Hall near Airport on 100ft. wide Bhimatangi Main road for Office or commercial. 9958003695. D-71415

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in




Newly Open Saikrupa Panchakarma Spa positively health benefits with Expert. 8984068077. D-21564

Refreshing your mind, your body with tha best therapy at Lotus SPA. 8018891951. D-70482

Life is great, massage makes it better. Book appointment. 7852986810. D-71416

Refreshments rejuvenation body massage therapy with experience therapists, Bhubaneswar. 9668374480. D-71152

Swarna SPA newly open positively health benefits with expert therapist. 9556978408. D-71156

Newly open SPA Offer @599/-, positively health benefits, Kalpana. 8984846329. D-71413

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ବନ୍ଧୁକମୁନରେ ୫ ଜଣଙ୍କୁ ଉଠାଇନେଇଛି ପୋଲିସ

## ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

**ରାୟଗଡ଼ା ଅଫିସ,୧୩।୯:** ରାୟଗଡ଼ା ଜିଲା ଅମ୍ବାଦଳା ଥାନା ପୋଲିସ ଡିମ୍ବିରିଗଡ଼ା ପଞ୍ଚାୟତ ଅନ୍ତର୍ଗତ ଟିକରପଡ଼ା ଗ୍ରାମର ୫ଜଣଙ୍କୁ ବନ୍ଧୁକ ଦେଖାଇ ସେପ୍ଟେମ୍ବର ୫ ରେ ଥାନାକୁ ନେଇଥିଲା। ସେମାନଙ୍କୁ ଏ ପର୍ଯ୍ୟନ୍ତ ଛାଡ଼ି ନ ଥିବାବେଳେ କେଉଁ କାରଣରୁ ଥାନାକୁ ନେଇଛନ୍ତି ସେ ନେଇ ମଧ୍ୟ ଜଣାଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ସୋମବାର ଗ୍ରାମବାସୀ ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଅନୁଯାୟୀ, ବଡ଼ବାବୁ ଆସିଛନ୍ତି କହି ଟିକରପଡ଼ା ଗ୍ରାମର ବାବୁଲାଲ ପାଲକିଆ, ବଟକାବାଙ୍ଗ ଗ୍ରାମର ଆଶାରାମ କୁଲଦିପିଆ ଓ ଚକାରାମ କୁଲଦିପିଆ, ଡୁମୁରିଗୁଡ଼ା ଗ୍ରାମର ରାକେଶ କରକରିଆ, ଜରପା ଗ୍ରାମର ଜୁରୁକା ମାଝିଙ୍କୁ ସ୍ଥାନୀୟ ପୋଲିସ ଉଠାଇ ନେଇଥିଲା। ତୁରନ୍ତ ଛଡ଼ାଯିବ ବୋଲି କହି ଥାନାକୁ ନେଇଥିଲେ ମଧ୍ୟ ୭ ଦିନ ହେଲା ସେମାନଙ୍କୁ ଛାଡୁନାହାନ୍ତି। ତେଣୁ ବାଧ ହୋଇ ସେମାନେ ଏସ୍‌ପିଙ୍କ ନିକଟକୁ ଆସିଥିବା କହିଛନ୍ତି। ସେମାନଙ୍କୁ କେଉଁକାରଣରୁ ପୋଲିସ ଉଠାଇ ନେଇଛି ସେ ନେଇ ଏସ୍‌ପି ମଧ୍ୟ ସୂଚନା ଦେଇନାହାନ୍ତି। ଅନ୍ୟପକ୍ଷରେ ପରିବାର ଲୋକେ ନ୍ୟାୟ ଦାବି କରିଛନ୍ତି।

## ସଂକ୍ଷେପରେ

### ୫.୩% ସ୍ତରକୁ ଖସିଲା ଖୁଚୁରା ମୁଦ୍ରାସ୍ଫୀତି

**ନୂଆଦିଲ୍ଲୀ,୧୩।୯:** ଖାଉଟି ମୂଲ୍ୟସୂଚୀ (ସିପିଆଇ) ଭିତ୍ତିକ ଖୁଚୁରା ମୁଦ୍ରାସ୍ଫୀତି ଅଗଷ୍ଟରେ ୫.୩% ସ୍ତରକୁ ଖସିଛି। ଏହା ଚଳିତ ବର୍ଷ ଜୁଲାଇରେ ୫.୫୯% ସ୍ତରରେ ରହିଥିଲା ବୋଲି ସୋମବାର ସରକାର ଜାରି କରିଥିବା ଡାଟାରୁ ସାମ୍ନାକୁ ଆସିଛି। ଲଗାତର ଦ୍ୱିତୀୟ ମାସ ଲାଗି ରିଜର୍ଭ ବ୍ୟାଙ୍କର ଧାର୍ଯ୍ୟ ଲକ୍ଷ୍ୟ ମଧ୍ୟରେ ମୁଦ୍ରାସ୍ଫୀତି ରହିଛି। ଲଗାତର ୨ ମାସ ୬%ରୁ ଊର୍ଦ୍ଧ୍ୱରେ ରହିବା ପରେ ଏଥିରେ ବର୍ତ୍ତମାନ ସ୍ୱାଭାବିକ ସ୍ଥିତି ଫେରିଛି। କୋଭିଡ୍ କଟକଣା କୋହଳ ହେବା ପରେ ବର୍ତ୍ତମାନ ସାମଗ୍ରୀ ଯୋଗାଣରେ ଉନ୍ନତି ଆସିଛି। ଫଳରେ ଦରଦାମ ନିୟନ୍ତ୍ରଣକୁ ଆସୁଥିବା ନଜରକୁ ଆସିଛି। ମୁଦ୍ରାସ୍ଫୀତି ଚାପକୁ ନଜରରେ ରଖି ଅର୍ଥ ବ୍ୟବସ୍ଥା ଲାଗି ମୁଦ୍ରାନୀତି ଭିତ୍ତିକ ସହାୟତାର ଆବଶ୍ୟକତା ରହିଥିବା ରିଜର୍ଭ ବ୍ୟାଙ୍କ ନିକଟରେ କହିଥିଲା। ଗତ ବର୍ଷ ମାର୍ଚ୍ଚ ପରଠାରୁ ରିଜର୍ଭ ବ୍ୟାଙ୍କ ରେପୋରେ ୧୧୫ ବେସିସ୍ ପଏଣ୍ଟ ହ୍ରାସ କରିଛି। ଖାଦ୍ୟ ସାମଗ୍ରୀ ଦର ବଢ଼ିବା ଯୋଗୁ ମୁଦ୍ରାସ୍ଫୀତି ନିୟନ୍ତ୍ରଣକୁ ଆସିଛି। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ରିପୋର୍ଟ ମୁତାବକ, ଅଗଷ୍ଟ ମାସରେ ଖାଦ୍ୟ ସାମଗ୍ରୀ ବର୍ଗରେ ମୁଦ୍ରାସ୍ଫୀତି ୩.୧୧% ରହିଛି। ଏହାର ଗୋଟିଏ ମାସ ପୂର୍ବରୁ ଏହି ହାର ୩.୯୬% ରହିଥିଲା। ପନିପରିବା ଦର ୧୧.୬୮% ହ୍ରାସ ହୋଇଛି। ସେହିଭଳି ଡାଲି କ୍ଷେତ୍ରରେ ଏହା ୧.୪୨% କମିଛି। ଇନ୍ଧନ ଏବଂ ଲାଇଟ୍ କ୍ଷେତ୍ରରେ ମୁଦ୍ରାସ୍ଫୀତି ୧୨.୯୫% ବୃଦ୍ଧି ପାଇଛି। ପୂର୍ବ ବର୍ଷ ତୁଳନାରେ ପରିବହନ ଖର୍ଚ୍ଚ ୧୦.୨୪% ବୃଦ୍ଧି ହୋଇଛି। ତେଲ ଏବଂ ଫ୍ୟାଟ୍ ଦର ୩୩% ଉଚ୍ଚରେ ରହିଥିବା ବେଳେ ଅଣ ଆଲକହଲ ପାନୀୟ ଦର ପ୍ରାୟ ୧୩.୮୫% ବଢ଼ିଥିବା ଏନ୍ଏସ୍ଓ ଡାଟାରୁ ଜଣାପଡ଼ିଛି।

### ଏସ୍‌ସିବିରେ ଏକ୍‌ମୋ ଚିକିତ୍ସାଧୀନ ଦ୍ୱିତୀୟ ରୋଗୀଙ୍କ ମୃତ୍ୟୁ

**କଟକ ଅଫିସ, ୧୩।୯:** ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲର ଏକ୍‌ମୋ ସପୋର୍ଟରେ ଚିକିତ୍ସାଧୀନ ଥିବା ଜଣେ ରୋଗୀଙ୍କର ରବିବାର ରାତିରେ ମୃତ୍ୟୁ ଘଟିଛି। ସେ ହେଲେ ବଲାଙ୍ଗୀର ଜିଲାର ଜ୍ୟୋତିର୍ମୟୀ ପଣ୍ଡା(୩୮)। ଏସ୍‌ସିବିରେ ଏହା ଦ୍ୱିତୀୟ ଏକ୍‌ମୋ ମୃତ୍ୟୁ ବୋଲି ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି। ଜ୍ୟୋତିର୍ମୟୀ କରୋନାରେ ଆକ୍ରାନ୍ତ ହେବା ପରେ ତାଙ୍କ ଫୁସ୍‌ଫୁସ୍ ସଂକ୍ରମିତ ହୋଇଥିଲା। ଫଳରେ ଚିକିତ୍ସା ଲାଗି ତାଙ୍କୁ ଗତ ୨୯ ତାରିଖରେ ଏସ୍‌ସିବିର ଏକ୍‌ମୋ ୟୁନିଟ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସା ଚାଲିଥିଲେ ମଧ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସି ନ ଥିଲା। ସୂଚନାଯୋଗ୍ୟ, ଏହା ପୂର୍ବରୁ ଏସ୍‌ସିବିରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ରାତିରେ ଜଣେ ରୋଗୀଙ୍କ ମୃତ୍ୟୁ ଘଟିଥିଲା। ସେ ହେଲେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳର ଜଗନ୍ନାଥ ପ୍ରଧାନ(୩୨)। ଏବେ ଆଉ ୨ ଜଣ ରୋଗୀ କଟକ ଜିଲା ନିଶ୍ଚିନ୍ତକୋଇଲି ଅଞ୍ଚଳର ଅନ୍ନପୂର୍ଣ୍ଣା ନାୟକ ଓ ସ୍ୱାସ୍ଥ୍ୟ ବିଭାଗର ଡେପୁଟି ସେକ୍ରେଟାରି ଦିଲୀପ କୁମାର ଅଗ୍ରୱାଲ ଏକ୍‌ମୋ ସପୋର୍ଟରେ ଚିକିତ୍ସିତ ହେଉଛନ୍ତି।

# ଲୁଚାଯାଉଛି ବାୟୁ ପ୍ରଦୂଷଣ

- ଦିଲ୍ଲୀ କର୍ତ୍ତୃପକ୍ଷଙ୍କୁ ଭୟ
- କଳିଙ୍ଗନଗରରେ ୩ ରୁ ୨ ଏଏକ୍ୟୁଏମ୍ଏସ୍ ଅଚଳ

**ଯାଜପୁର ଅଫିସ,୧୩।୯**

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି)କୁ 'ରାଜ୍ୟକୁ ପ୍ରଦୂଷିତ କର ବୋର୍ଡ' ବୋଲି ଯାହା ଉପହାସ କରାଯାଉଛି, ତାହା ସତ୍ୟ ମନେହେଉଛି। କାରଣ କୋଇଲା, ଲୁହାପଥର ଗୁଣ୍ଡ, କଳା ଧୂଆଁ ଓ ପାଉଁଶରେ ବାୟୁମଣ୍ଡଳକୁ ପ୍ରଦୂଷିତ କରୁଥିବା ଖଣି, କାରଖାନା ମାଲିକମାନେ ଜୋକ ମୁହଁରେ ଲୁଣ ଭଳି ଏସ୍‌ପିସିବି କର୍ତ୍ତୃପକ୍ଷଙ୍କୁ ଅଥର୍ବ କରି ପକାଇଛନ୍ତି। ଏଠାରେ ଏସ୍‌ପିସିବି କର୍ତ୍ତୃପକ୍ଷ ଖଣି ଓ ଶିଳ୍ପ ମାଲିକଙ୍କ ବୋଲକରା ସାଜିଛନ୍ତି। ୨୦୨୦ ନଭେମ୍ବର ୧୩ରେ ବେଦାନ୍ତର ଚିଫ୍ ଏକ୍ଜିକ୍ୟୁଟିଭ ଅଫିସର ପି.ଜି. ସୁରେଶ କୁମାରଙ୍କ ନିକଟକୁ ଫାକର ଓସ୍ତପାଳ ଖଣିର ସିନିୟର ମ୍ୟାନେଜର ଏ.କେ. ପାତ୍ର ଦେଇଥିବା ପତ୍ରରେ ଏହା ସ୍ପଷ୍ଟ ହୋଇ ସାରିଛି।

ସଂପ୍ରତି ଅନ୍ୟ ଏକ ରୋଚକ ତଥ୍ୟ ସାମ୍ନାକୁ ଆସିଛି। ରାଜ୍ୟରେ ୧୭ ସହରର ୩୯ଟି ସ୍ଥାନରେ ପାରିପାର୍ଶ୍ୱିକ ବାୟୁର ମାନ ମାପିବା ପାଇଁ ସ୍ଥାପିତ ପରୀକ୍ଷଣ ଯନ୍ତ୍ର ଏମ୍ବିଏଣ୍ଟ ଏୟାର କ୍ୱାଲିଟି ମନିଟରିଂ ଷ୍ଟାଟସ(ଏଏକ୍ୟୁଏମ୍ଏସ୍) ମଧ୍ୟରୁ ୪ଟି ଖରାପ ରହିଛି। ସେଥିରୁ ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ ସ୍ଥାପିତ ୩ ଏଏକ୍ୟୁଏମ୍ଏସ୍ ମଧ୍ୟରୁ ୨ ଅଚଳ ଅବସ୍ଥାରେ ରହିଛି। ଗତ ୭।୯।୨୦୨୧ରେ ବିଧାନସଭାରେ ବିଧାୟକ ମୋହନ ଚରଣ ମାଝିଙ୍କ ଉତ୍ଥାପିତ ଏକ ପ୍ରଶ୍ନର ଉତ୍ତରରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏହା ଦର୍ଶାଇଛନ୍ତି। ଅନ୍ୟପକ୍ଷେ ଜିଲାର କଳିଙ୍ଗନଗର, କାଳିଆପାଣି, ଧର୍ମଶାଳା ଅଞ୍ଚଳରେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଛୋଟବଡ଼ ଇସ୍ପାତ୍ ଓ ସିମେଣ୍ଟ କାରଖାନା ସମେତ ଖଣି ଖାଦାନ ରହିଛି। କିନ୍ତୁ ସେଠାରେ ମାତ୍ର ୩ଟି ଏଏକ୍ୟୁଏମ୍ଏସ୍ ସ୍ଥାପନ କରି ଏସ୍‌ପିସିବି କର୍ତ୍ତୃପକ୍ଷ ଜାଣିଶୁଣି ନିଜ କର୍ତ୍ତବ୍ୟରୁ ଓହରି ଯାଇଥିବା ମନେ ହେଉଛି। ଏହି ଯନ୍ତ୍ରରେ ଦିଲ୍ଲୀ ସର୍ଭର ସହିତ ସିଧାସଳଖ ୱାଇ-କେବୁଲ ଜରିଆରେ ସଂଯୋଗ କରାଯାଇ ପ୍ରଦୂଷଣ ନିୟନ୍ତ୍ରଣ ହୋଇଥାଏ। କାଳେ ପ୍ରଦୂଷଣ ସଂକ୍ରାନ୍ତରେ ଦିଲ୍ଲୀ କର୍ତ୍ତୃପକ୍ଷ ଜାଣିଯିବେ ସେଥିପାଇଁ ଜାଣିଶୁଣି ଏଭଳି ଚକ୍ରାନ୍ତ କରାଯାଇଛି ବୋଲି ଅଭିଯୋଗ ହେଉଛି।

ରାଜ୍ୟ ତଥା କେନ୍ଦ୍ର ସରକାର ପରିବେଶର ସୁରକ୍ଷା ପାଇଁ ପ୍ରଦୂଷଣ ନିୟନ୍ତ୍ରଣ, ଜଙ୍ଗଲ ସୃଷ୍ଟି ପ୍ରତି ଗୁରୁତ୍ୱାରୋପ କରୁଛନ୍ତି। ଏହି କ୍ରମରେ ଓଡ଼ିଶାରେ ପ୍ରତିଷ୍ଠିତ ସମସ୍ତ ଶିଳ୍ପ ଓ ଖଣି ଅଞ୍ଚଳରେ ବାୟୁ ପ୍ରଦୂଷଣ ରୋକିବା ପାଇଁ ୨୦୧୫ ଜୁନ୍ ସୁଦ୍ଧା ଆବଶ୍ୟକ ସଂଖ୍ୟାରେ ଏଏକ୍ୟୁଏମ୍ଏସ୍ ସ୍ଥାପନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିରେ ବ୍ୟତିକ୍ରମ ହେଲେ ସଂପୃକ୍ତ ଶିଳ୍ପ କମ୍ପାନୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚେତାବନୀ ଦିଆଯାଇଥିଲା। କିନ୍ତୁ କଳିଙ୍ଗନଗରରେ ୧୫ରୁ ଊର୍ଦ୍ଧ୍ୱ ସ୍ଥାନରେ ଏଏକ୍ୟୁଏମ୍ଏସ୍‌ର ଆବଶ୍ୟକ ଥିବାବେଳେ ମାତ୍ର ୩ଟି ଯଥା ବିଆରପିଏଲ ଗେଷ୍ଟ ହାଉସ, ନୀଳାଚଳ ଗେଷ୍ଟ ହାଉସ ଓ କଳିଙ୍ଗନଗର ଆଞ୍ଚଳିକ କାର୍ଯ୍ୟାଳୟରେ ରହିଛି। ଏଥିରୁ ନୀଳାଚଳ ଗେଷ୍ଟ ହାଉସ ନିକଟରେ ରହିଥିବା ଏଏକ୍ୟୁଏମ୍ଏସ୍ କେବଳ କାମ କରୁଛି। ଏଥିଯୋଗୁ ଖଣି ଓ କାରଖାନା ଦ୍ୱାରା ସୃଷ୍ଟି ପ୍ରଦୂଷଣର ଭାରରେ ଭାରାକ୍ରାନ୍ତ କଳିଙ୍ଗନଗର ପରିବେଶଗତ ବିପର୍ଯ୍ୟୟକୁ ଆଉ ସମ୍ଭାଳିବା ସ୍ଥିତିରେ ନାହିଁ। କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ଏନସିଏପି(ନ୍ୟାଶନାଲ କ୍ଲିନ ଏୟାର ପ୍ରୋଗ୍ରାମ)ରିପୋର୍ଟରେ ମଧ କଳିଙ୍ଗନଗର ଶିଳ୍ପାଞ୍ଚଳ ବାୟୁ ପ୍ରଦୂଷଣରେ ସାରା ଭାରତବର୍ଷରେ ୮୨ ନମ୍ବର ସ୍ଥାନରେ ରହିଛି। ଖଣି ଓ କାରଖାନାରୁ ନିର୍ଗତ ପାଉଁଶ ବିସ୍ତୃତ ଚାଷଜମି, ଜଙ୍ଗଲରେ ମାଡିଯାଇ ଯେଉଁଭଳି ବିପର୍ଯ୍ୟୟ ସୃଷ୍ଟି କରୁଛି ତାହା ସାଧାରଣ ଲୋକଙ୍କ ପାଇଁ ଅସହ୍ୟ ହେବାରେ ଲାଗିଛି। ଏଭଳି ମାରାତ୍ମକ ବାୟୁ ପ୍ରଦୂଷଣକୁ ରୋକିବାକୁ ସରକାର ଚିନ୍ତିତ ଥିବାବେଳେ କୌଣସି ଶିଳ୍ପ କମ୍ପାନୀ ଏହାକୁ ମାନୁ ନାହାନ୍ତି। ଶିଳ୍ପାଞ୍ଚଳ ପାଇଁ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ନିହାତି ଆବଶ୍ୟକ। ଏଥିପାଇଁ ଏଏକ୍ୟୁଏମ୍ଏସ୍ ଯନ୍ତ୍ର ଉଦ୍ଭାବନ କରାଯାଇଛି। ଏହି ଯନ୍ତ୍ର ଦ୍ୱାରା ପବନର ଗତି,ବେଗ, ଗୁଳୁଗୁଳି, ତାପମାତ୍ରା, ବର୍ଷା ପରିମାଣ ଆଦି ମପାଯାଇ ପାରିବ। ପାଣିପାଗର ସ୍ଥିତି ଅନୁଯାୟୀ ଆକ୍ୟୁମ୍ସ ଯନ୍ତ୍ରର ବ୍ୟବହାର କରାଯାଇ ପ୍ରଦୂଷଣ ନିୟନ୍ତ୍ରଣ ହୋଇ ପାରିବ।

ବାୟୁ ପ୍ରଦୂଷଣ ମାତ୍ରକୁ ଅବଲୋକନ କଲେ ଜିଲାର କାଳିଆପାଣି, ଫାକର ଛକ, ମେସ୍କୋ ରେଲୱେ ସାଇଡିଂ, ସୁକିନ୍ଦା ରେଲୱେ ସାଇଡିଂ, ତେଲିବାଡ଼ି ଛକ, କେଜେ ଇସ୍ପାତ୍ ଛକ, ଜିନ୍ଦଲ ଛକ, ବିଆରପିଏଲ ଛକ, ମଇଥାନ ଛକ, କଚେରୀ ଗାଁ ଛକ, ଡୁବୁରୀ ଛକ, ପଙ୍କପାଳ, ମାନତିରା ଆଦି ସ୍ଥାନରେ ଏଏକ୍ୟୁଏମ୍ଏସ୍ ସ୍ଥାପନ ହେବ କଥା ବୋଲି କୁହାଯାଉଛି। କିନ୍ତୁ କଳିଙ୍ଗନଗର ଅଞ୍ଚଳରେ ବାୟୁ ପ୍ରଦୂଷଣ ମାତ୍ରାକୁ ଲୁଚାଇବାକୁ ଯାଇ ମାତ୍ର ୩ଟିରୁ ୨ଟି ଏଏକ୍ୟୁଏମ୍ଏସ୍ ଜାଣିଶୁଣି ଅଚଳ କରିଦିଆଯାଇଥିବା ଅଭିଯୋଗ ଉଠିଛି। ଏହାବାଦ୍ ଖାରସୁଗୁଡ଼ା ବେଦାନ୍ତ ଟାଉନସିପ୍ ଏବଂ ପୁରୀ ଟାଉନ ପୋଲିସ ଷ୍ଟେଶନ ନିକଟରେ ରହିଥିବା ଏଏକ୍ୟୁଏମ୍ଏସ୍ ଅଚଳ ରହିଛି।

ବିଧାନସଭା ଉତ୍ତରରେ ମନ୍ତ୍ରୀ ଆରୁଖ ଆହୁରି ଦର୍ଶାଇଥିଲେ ଯେ, ଅଚଳ ଏଏକ୍ୟୁଏମ୍ଏସ୍ ସଂକ୍ରାନ୍ତରେ ମୁଖ୍ୟ କାର୍ଯ୍ୟାଳୟ ଅବଗତ ଅଛନ୍ତି। ଯନ୍ତ୍ରଗୁଡିକ କାର୍ଯ୍ୟକ୍ଷମ କରିବାକୁ ନୂଆ ଦିଲ୍ଲୀର ଆନ୍‌ଭାର୍‌ଟେକ୍‌କୁ ଅବଗତ କରାଯାଇଛି। କୋଭିଡ୍-୧୯ କଟକଣା ଯୋଗୁ ଯନ୍ତ୍ରୀ ଆସିବାରେ ବାଧା ସୃଷ୍ଟି ହେଉଛି। ଏହି ପରୀକ୍ଷଣ ଯନ୍ତ୍ରଗୁଡିକ ଅଳ୍ପ ଦିନ ମଧ୍ୟରେ କାର୍ଯ୍ୟକ୍ଷମ ହେବ।



ଏମ୍ବିଏଣ୍ଟ ଏୟାର କ୍ୱାଲିଟି ମନିଟରିଂ ଷ୍ଟାଟସ ଯନ୍ତ୍ର।

## ଓସ୍କାର ଫର୍ନାଣ୍ଡିଜ୍‌ଙ୍କ ପରଲୋକ



**ମାଙ୍ଗାଲୁରୁ, ୧୩।୯**

ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଓସ୍କାର ଫର୍ନାଣ୍ଡିଜ୍‌ଙ୍କର ସୋମବାର ମାଙ୍ଗାଲୁରୁର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୮୦ ବର୍ଷ ହୋଇଥିଲା। ଗତ ଜୁଲାଇରେ ବ୍ୟାୟାମ କରୁଥିବାବେଳେ ସେ ପଡ଼ିଯାଇ ଆହତ ହୋଇଥିଲେ। ଜୁଲାଇ ୧୯ରେ ତାଙ୍କୁ ୟେନେପୋୟା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ମସ୍ତିଷ୍କରେ ରକ୍ତ ଜମାଟ ବାନ୍ଧିଥିବା ଜଣାପଡ଼ିଥିଲା। ତାଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କଂଗ୍ରେସ ନେତା ରାହୁଲ ଗାନ୍ଧୀ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ଉପା ଦ୍ୱିତୀୟ ପାଳି ସରକାରରେ ଫର୍ନାଣ୍ଡିଜ୍ ସଡ଼କ ପରିବହନ, ରାଜପଥ, ଶ୍ରମ ଓ ନିଯୋଜନ ମନ୍ତ୍ରୀ ଥିଲେ। ଏହା ବ୍ୟତୀତ ମନମୋହନ ସିଂ ସରକାରରେ ସେ ବିଭିନ୍ନ ପଦ ପଦବୀରେ ରହିବା ସହ ଏଆଇସିସି ସାଧାରଣ ସମ୍ପାଦକ ଥିଲେ। ସୋନିଆ ଗାନ୍ଧୀ ଓ ରାହୁଲଙ୍କ ସହ ତାଙ୍କର ଘନିଷ୍ଠ ସମ୍ପର୍କ ଥିଲା। ୧୯୪୧ ମାର୍ଚ୍ଚ ୨୭ରେ କର୍ଣ୍ଣାଟକରେ ଉଡୁପି ଜିଲାରେ ଜନ୍ମିତ ଫର୍ନାଣ୍ଡିଜ୍ ବ୍ଲୋସମ୍ ଫର୍ନାଣ୍ଡିଜ୍‌ଙ୍କୁ ବିବାହ କରିଥିଲେ। ତାଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛନ୍ତି।

## ବିନା ଅରିଜିନାଲ ସାର୍ଟିଫିକେଟ୍‌ରେ ଯୁକ୍ତ୩ ନାମଲେଖା

**ଭୁବନେଶ୍ୱର,୧୩।୯(ବ୍ୟୁରୋ)**

ଏଣିକି ଛାତ୍ରୀଛାତ୍ରମାନେ ମୂଳ ପ୍ରମାଣପତ୍ର ବା ଅରିଜିନାଲ ସାର୍ଟିଫିକେଟ୍ ନ ଦେଇ ଡିଗ୍ରୀ କଲେଜରେ ନାମ ଲେଖାଇପାରିବେ। ଏ ନେଇ ସୋମବାର ଉଚ୍ଚଶିକ୍ଷା ବିଭାଗ ସୂଚନା ଦେଇଛି। ନାମଲେଖା ପାଇଁ ଡାଉନ୍‌ଲୋଡ୍ ହୋଇଥିବା ମାର୍କ ଶିଟ୍ ଏବଂ ଏକ ଅଣ୍ଡରଟେକିଂ ରଖି ଛାତ୍ରୀଛାତ୍ରଙ୍କୁ ନାମ ଲେଖାଇବା ପାଇଁ ଅନୁମତି ଦେବାକୁ ସମସ୍ତ ସରକାରୀ ଏବଂ ବେସରକାରୀ ଡିଗ୍ରୀ କଲେଜ ଅଧକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏକ ଚିଠିରେ ଉଚ୍ଚଶିକ୍ଷା ବିଭାଗ ଡେପୁଟି ଡାଇରେକ୍ଟର (ପରଫରମାନ୍ସ ଟ୍ରାକିଂ ସେଲ୍) ରାଜେଶ କୁମାର ସାହୁ ଲେଖିଛନ୍ତି ଯେ, କରୋନା ଯୋଗୁ ବିଭିନ୍ନ ପ୍ରକାର ଅସୁବିଧା ହୋଇଥିବାରୁ ୨୦୨୧-୨୨ରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ)ରୁ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରମାନେ ନାମଲେଖା ସମୟରେ ଯାଞ୍ଚ ପାଇଁ ଅରିଜିନାଲ ସାର୍ଟିଫିକେଟ୍, ମାର୍କଶିଟ୍ ଏବଂ ମାଇଗ୍ରେଶନ ସାର୍ଟିଫିକେଟ୍ ଦେଖାଇ ନ ପାରନ୍ତି। ତେଣୁ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକ ସିଏଚ୍ଏସ୍ଇରୁ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କ ନାମଲେଖା ସମୟରେ ସେମାନଙ୍କ ସେଲ୍ଫ ଆଟେଷ୍ଟେଡ୍ ଡାଉନଲୋଡ୍ ମାର୍କଶିଟ୍ ଓ ଏକ ଅଣ୍ଡରଟେକିଂ ଗ୍ରହଣ କରି ନାମଲେଖା ନିମନ୍ତେ ଅନୁମତି ଦେବା ଲାଗି କୁହାଯାଇଛି।



କେନ୍ଦ୍ର ଶକ୍ତି ମନ୍ତ୍ରୀ ଆର୍.କେ. ସିଂ ଓ ନୂଆଦିଲ୍ଲୀ ଗସ୍ତରେ ଆସିଥିବା ଆମେରିକାର ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତ ସ୍ୱତନ୍ତ୍ର ପ୍ରତିନିଧି ଜନ୍ କେରି ସୋମବାର ପରସ୍ପରକୁ ଅଭିଭାଦନ ଜଣାଉଛନ୍ତି।

# ବିନା ଏନ୍‌ଇଇଟିରେ ଡାକ୍ତରୀ ନାମଲେଖା

### ତାମିଲନାଡୁ ବିଧାନସଭାରେ ବିଲ୍ ଗୃହୀତ

**ଚେନ୍ନାଇ, ୧୩।୯**

ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା (ଏନ୍ଇଇଟି) ନ ଦେଇ ସିଧାସଳଖ ଡାକ୍ତରୀ ପାଠ ପଢ଼ିବା ପାଇଁ ତାମିଲନାଡୁ ସରକାର ସୋମବାର ବିଧାନସଭାରେ ଏକ ବିଲ୍ ଆଣିଛନ୍ତି। ଉକ୍ତ ବିଲ୍ ଅନୁଯାୟୀ ଜଣେ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ରଖିଥିବା ନମ୍ବର ଆଧାରରେ ମେଡିସିନ୍, ଡେଣ୍ଟିଷ୍ଟ୍ରି, ହୋମିଓପାଥି ଅଣ୍ଡରଗ୍ରାଜୁଏଟ୍ ପାଠ୍ୟକ୍ରମରେ ନାମ ଲେଖାଇ ପାରିବେ। ନାମଲେଖାରେ ସରକାରୀ ସ୍କୁଲ୍ ପିଲାଙ୍କ ପାଇଁ ୭.୫ ପ୍ରତିଶତ ସିଟ୍ ସଂରକ୍ଷିତ ରହିବ।

ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଉକ୍ତ ବିଲ୍ ଆଗତ କରିଥିବାବେଳେ ମୁଖ୍ୟ ବିରୋଧୀ ଦଳ ଏଆଇଏଡିଏମ୍‌କେ, ଏହାର ସହଯୋଗୀ ପିଏମ୍‌କେ, କଂଗ୍ରେସ ସମେତ ସବୁ ବିରୋଧୀ ଦଳ ଏହାକୁ ସମର୍ଥନ କରିଥିଲେ। ଭାଜପା ସଦସ୍ୟମାନେ ବିଲ୍‌କୁ ବିରୋଧକରି କକ୍ଷତ୍ୟାଗ କରିଥିଲେ। ମାଡ୍ରାସ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଏ.କେ. ରାଜନଙ୍କ ଅଧକ୍ଷତାରେ ଗଠିତ ଉଚ୍ଚସ୍ତରୀୟ କମିଟିର ସୁପାରିସ୍ ଆଧାରରେ ଉକ୍ତ ବିଲ୍ ପ୍ରସ୍ତୁତ ହୋଇଥିଲା। କମିଟି ମେଡିକାଲ ଶିକ୍ଷା ସହ ସମ୍ପୃକ୍ତ ବିଭିନ୍ନ ବର୍ଗରୁ ୮୬,୦୦୦ ଲୋକଙ୍କ ମତାମତ ସଂଗ୍ରହ କରି ରିପୋର୍ଟ ପ୍ରସ୍ତୁତ କରିଥିଲା। ଅଧିକାଂଶ ଏନ୍ଇଇଟି ଚାହାନ୍ତି ନାହିଁ ବୋଲି ମତ ଦେଇଥିଲେ। ଉକ୍ତ କମିଟିର ସୁପାରିସକୁ ବିଚାରକୁ ନେଇ ସମସ୍ତଙ୍କୁ ସାମାଜିକ ନ୍ୟାୟ ଦେବା ପାଇଁ ରାଜ୍ୟ ସରକାର ଏନ୍ଇଇଟି ଉଚ୍ଛେଦ ପାଇଁ ନିଷ୍ପତ୍ତି ନେଇଥିବା ଷ୍ଟାଲିନ୍ କହିଛନ୍ତି। ତାଙ୍କ କହିବା ଅନୁଯାୟୀ ଏନ୍ଇଇଟି ଯୋଗୁ ଏମ୍‌ବିବିଏସ୍ ଏବଂ ଅନ୍ୟ ଉଚ୍ଚତର ଡାକ୍ତରୀ ପାଠ୍ୟକ୍ରମରେ ସମାଜର ସବୁ ବର୍ଗର ପିଲାଙ୍କୁ ଉପଯୁକ୍ତ ପ୍ରତିନିଧିତ୍ୱ ମିଳୁନାହିଁ। ସମାଜର ପ୍ରଭାବଶାଳୀ ଏବଂ ପଇସାବାଲା ଲୋକେ ଏଥିରୁ ଫାଇଦା ଉଠାଉଥିବାବେଳେ ଅବହେଳିତ ବର୍ଗଙ୍କ ସ୍ୱପ୍ନ ଅଧୁରା ରହୁଛି ବୋଲି କମିଟି ରିପୋର୍ଟରେ ଦର୍ଶାଇଥିଲା। ରବିବାର ଏନ୍ଇଇଟି-ୟୁଜି ପରୀକ୍ଷା ପୂର୍ବରୁ ଜଣେ ୧୯ ବର୍ଷୀୟ ମେଡିକାଲ ଶିକ୍ଷା ପ୍ରତ୍ୟାଶୀ ଆତ୍ମହତ୍ୟା କରିବା ପରେ ଏହାକୁ ନେଇ ରାଜ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏହାକୁ ନେଇ ମୁଖ୍ୟ ବିରୋଧୀ ଦଳ ଏଆଇଏଡିଏମ୍‌କେ ସରକାରଙ୍କୁ ଦୋଷାରୋପ କରିଥିଲା। ଡିଏମ୍‌କେ କ୍ଷମତାକୁ ଆସିଲେ ଏନ୍ଇଇଟି ବାତିଲ ହେବ ବୋଲି ଷ୍ଟାଲିନ୍ ପ୍ରତିଶ୍ରୁତି ଦେଇଥିଲେ। ହେଲେ ସରକାର ଏପର୍ଯ୍ୟନ୍ତ ଉପଯୁକ୍ତ ନିଷ୍ପତ୍ତି ନେବାରେ ବିଫଳ ହୋଇଥିବାରୁ ଛାତ୍ରୀଛାତ୍ର ଓ ଅଭିଭାବକ ଅସହାୟ ହୋଇପଡ଼ିଛନ୍ତି ବୋଲି ବିରୋଧୀ ଦଳ ନେତା ଇ.କେ. ପଲାନିସ୍ୱାମୀ ଅଭିଯୋଗ କରିଥିଲେ।

# ଟଙ୍କା ମୂଲଚାଲକୁ ନେଇ ହତ୍ୟାକାଣ୍ଡ

### ପାଣିକୋଇଲି ଡବଲ ମର୍ଡର ଘଟଣାର ପର୍ଦ୍ଦାଫାଶ
### ୨ କିନ୍ନରଙ୍କ ସହ ୭ ଗିରଫ

**ଯାଜପୁର ଅଫିସ/ ପାଣିକୋଇଲି(ଡି.ଏନ.ଏ.),୧୩।୯**

ଯାଜପୁର ଜିଲା ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥର ପାଣିକୋଇଲି ଥାନା ସାନସୋଡି ଗ୍ରାମ ନିକଟ ନିର୍ମାଣାଧୀନ ଏକ ପୋଲ ନିକଟରେ ଘଟିଥିବା ଡବଲ ମର୍ଡର ଘଟଣାର ରହସ୍ୟ ଉନ୍ମୋଚିତ ହୋଇଛି। ଅପ୍ରାକୃତିକ ଯୌନ ସମ୍ପର୍କ ଓ ଟଙ୍କା ମୂଲଚାଲକୁ ନେଇ ହତ୍ୟାକାଣ୍ଡ ଘଟିଛି। ଏହି ଘଟଣାରେ ଭଦ୍ରକର ଜଣେ ନାବାଳକଙ୍କ ସମେତ ୫ ଜଣ ଏବଂ ୨ ଜଣ କିନ୍ନରଙ୍କୁ ପାଣିକୋଇଲି ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଏ ସଂକ୍ରାନ୍ତରେ ପାଣିକୋଇଲି ଥାନାରେ ଏକ ମାମଲା(ନଂ.୨୩୮/୨୧) ଦଫା ୩୦୨, ୨୦୧ ଓ ୩୪ ଆଇପିସିରେ ରୁଜୁ ହୋଇଛି। ଅଭିଯୁକ୍ତମାନେ ହେଲେ ଦୀପା କିନ୍ନର ଓ ଶୀଲା କିନ୍ନର, ଭଦ୍ରକ ଜିଲା ପୁରୁଣାବଜାର ଥାନା ଗରଦପୁର ଅଞ୍ଚଳର ସତ୍ୟଜିତ୍ ବେହେରା, ମନୋଜ ସାହୁ, ରାଜେନ୍ଦ୍ର ସାହୁ, ମନୋଜ ବେହେରା ଏବଂ ଜଣେ ଯୁକ୍ତ ୨ ପଢୁଥିବା ନାବାଳକ ଛାତ୍ର ବୋଲି ଡିଏସ୍‌ପି ପ୍ରମୋଦ କୁମାର ମଲ୍ଲିକ କହିଛନ୍ତି।



ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଉଛି।

ସୂଚନା ଅନୁଯାୟୀ, ଗତ ୨ ତାରିଖରେ ମାନସ ରଞ୍ଜନ ଦାସ ଓ ବିଜୟ କୁମାର ସାହୁ ନିଜ ଗ୍ରାମ ଜହ୍ନାରୁ ରାଉତରାପୁରସ୍ଥିତ ସାଙ୍ଗ ପାଖକୁ ଯାଇଥିଲେ। ସେଠାରେ ଜୁଆ ଖେଳି କିଛି ଟଙ୍କା ଜିତିବା ପରେ ସନ୍ଧ୍ୟାରେ ବ୍ୟାସନଗରସ୍ଥିତ ଏକ ବାର୍‌ରେ ପହଞ୍ଚି ମଦ୍ୟପାନ କରିଥିଲେ। ସେଦିନ ରାତି ୯ଟା ୧୫ ପର୍ଯ୍ୟନ୍ତ ଦୁହେଁ ବାର୍‌ରେ ଥିଲେ। ସେଠାରୁ ବାହାରି ଜହ୍ନାସ୍ଥିତ ଏକ ହୋଟେଲରେ କିଛି ସମୟ କଟାଇଥିଲେ। ପରେ ରାତିରେ ପାଣିକୋଇଲି ଟୋଲଗେଟ ପାର ହୋଇ ଶିଳା ଓ ଦୀପା କିନ୍ନରଙ୍କ ନିକଟରେ ପହଞ୍ଚି ଥିଲେ। ସେଠାରେ ୨ କିନ୍ନରଙ୍କ ସହ ବିଜୟ ଓ ମାନସ ମଦ ପିଇବା ପରେ ତାଙ୍କ ସହ ମୂଲଚାଲ ନେଇ ବଚସା ଆରମ୍ଭ ହୋଇଥିଲା। ପରେ ଉଭୟଙ୍କ ମଧ୍ୟରେ ମାରପିଟ ହୋଇଥିଲା। ଏହି ସମୟରେ ନିୟମିତ ଭାବେ ଭଦ୍ରକରୁ ଆସୁଥିବା କିନ୍ନରଙ୍କ ୫ ଗ୍ରାହକ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେହି ୫ଜଣଙ୍କ ସମେତ ୨ କିନ୍ନର ମିଶି ବିଜୟ ଓ ମାନସଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ। ମାନସ ମରି ଯାଇଥିବା ଜାଣି ସେମାନେ ମିଳିତ ଭାବେ ବିଜୟଙ୍କ ଉପରେ ଆକ୍ରମଣ କରିଥିଲେ। ପରେ ଉଭୟଙ୍କୁ ସେମାନେ ଆଣି ନିର୍ମାଣାଧୀନ ପୋଲ ଉପରେ ପକାଇ ଦେଇଥିଲେ। ସେମାନେ ବ୍ୟବହାର କରୁଥିବା ବାଇକ୍‌କୁ ଆଣି ପୋଲ ତଳକୁ ପକାଇ ଦୁର୍ଘଟଣାର ରୂପ ଦେବାକୁ ଚେଷ୍ଟା କରିଥିଲେ। ସୋମବାର ସମସ୍ତ ଅଭିଯୁକ୍ତଙ୍କୁ ଥାନାରେ ଜେରା ପରେ ସେମାନେ ଏହି ଘଟଣା ସ୍ୱୀକାର କରିଥିବା ପୋଲିସ କହିଛି।

## ବନ୍ୟପ୍ରାଣୀଙ୍କ ସୁରକ୍ଷା ଉପରେ ଗୁରୁତ୍ୱ

### ବନ ବିଭାଗ ପକ୍ଷରୁ ମାର୍ଗଦର୍ଶିକା ଜାରି

**ଭୁବନେଶ୍ୱର,୧୩।୯(ବ୍ୟୁରୋ)**

ରାଜ୍ୟରେ ଲଗାଣ ବର୍ଷା ଯୋଗୁ ବନ୍ୟପ୍ରାଣୀଙ୍କ ସୁରକ୍ଷା ଲାଗି ବନ ବିଭାଗ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି। ବର୍ଷା ଯୋଗୁ ବନ୍ୟ ଜନ୍ତୁଙ୍କର ଯେପରି କ୍ଷତି ନ ହୁଏ, ସେଥିଲାଗି ପ୍ରସ୍ତୁତ ରହିବା ପାଇଁ ପୁରୀ, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଡିଏଫ୍ଓଙ୍କୁ କୁହାଯାଇଛି। ବିଶେଷ କରି ବାଲୁଖଣ୍ଡ ଓ ଭିତରକନିକାକୁ ଫୋକସରେ ରଖାଯାଇଛି। ଏହାଛଡ଼ା ହାତୀ-ମଣିଷ ଲଢ଼େଇ ରୋକିବା ଲାଗି ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ନୂଆ ପ୍ରଣାଳୀ ଆପଣାଯାଇଛି। ଜନବସତି ଆଡ଼କୁ ହାତୀ ଯେପରି ନ ଆସିବେ ସେଥିଲାଗି ଆଫ୍ରିକୀୟ ଦେଶରେ ଜନବସତି ପାଖରେ ମହୁ ବସା ଲଗାଯାଏ। ଠିକ ସେହିପରି ଆଠମଲ୍ଲିକ ଓ କେନ୍ଦୁଝରରେ ଏଭଳି ପ୍ରଣାଳୀ ଆପଣାଯିବ ବୋଲି ପିସିସିଏଫ୍ ଶଶି ପଲ୍ କହିଛନ୍ତି। ସେହିପରି ହାତୀ ଗତିବିଧି ସମ୍ପର୍କରେ ଆଗୁଆ ସୂଚନା ଦେବାକୁ ବନ ସୁରକ୍ଷା ସମିତି ସଦସ୍ୟଙ୍କୁ ଗଜ ସାଥୀ ରୂପେ ନିୟୋଜିତ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ପ୍ରତି ବନ ସୁରକ୍ଷା ସମିତିର ପାଞ୍ଚ ଜଣଙ୍କୁ ଗଜ ସାଥୀ ରୂପେ ଦାୟିତ୍ୱ ଦେବାକୁ ଯୋଜନା କରାଯାଉଛି। ପ୍ରତି ବନ ସୁରକ୍ଷା ସମିତିକୁ ୨୫ ହଜାର ଟଙ୍କା ଲେଖାଏ ଦିଆଯିବ। ବାଦାମ ପାହାଡ଼ ଓ ଶିମିଳିପାଳରେ ହାତୀଙ୍କ ବେକରେ ରେଡିଓ କଲାର ଲଗାଯିବ ବୋଲି ଜଣାପଡ଼ିଛି।

# ୨୭ରେ ଭାରତ ବନ୍ଦ ପାଇଁ ପ୍ରସ୍ତୁତି



ସଂଯୁକ୍ତ କିଷାନ୍ ମୋର୍ଚ୍ଚା ପକ୍ଷରୁ ଭାରତ ବନ୍ଦ ପାଇଁ ସୋମବାର ଆୟୋଜିତ ବୈଠକ।

### କର୍ମୀ ସଭା, ମଶାଲ ଶୋଭାଯାତ୍ରା ହେବ

**ଭୁବନେଶ୍ୱର, ୧୩।୯ (ବ୍ୟୁରୋ)**

ସଂଯୁକ୍ତ କିଷାନ୍ ମୋର୍ଚ୍ଚା ତରଫରୁ ଆସନ୍ତା ୨୭ ତାରିଖରେ ଭାରତ ବନ୍ଦ ଡାକରା ଦିଆଯାଇଛି। ଓଡିଶାରେ ଏହାକୁ ସଫଳ କରିବା ପାଇଁ ବିଭିନ୍ନ ଗଣ ସଙ୍ଗଠନକୁ ନେଇ ସୋମବାର ସ୍ଥାନୀୟ ଲୋହିଆ ଏକାଡେମୀଠାରେ ଏକ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମସ୍ତ ଦାବି ଏବଂ ବନ୍ଦ ସଫଳ ଲାଗି ପ୍ରଚାର ଅଭିଯାନକୁ ବ୍ୟାପକ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଛି। ମଙ୍ଗଳବାରଠାରୁ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ରାଜ୍ୟର ଜିଲା ଓ ବ୍ଲକ୍ ସ୍ତରରେ ପ୍ରସ୍ତୁତି ବୈଠକ, କର୍ମୀ ସଭା, ଗାଁ ବୈଠକ, ଶୋଭାଯାତ୍ରା ଏବଂ ପ୍ରଚାରପତ୍ର ବଣ୍ଟନ ଇତ୍ୟାଦି କାର୍ଯ୍ୟକ୍ରମ କରାଯିବ। ସେହିପରି ୨୬ ତାରିଖରେ ମଶାଲ ଶୋଭାଯାତ୍ରା ଆୟୋଜନ ହେବ। କେନ୍ଦ୍ର ସରକାରଙ୍କ ୩ କୃଷି ଆଇନ ପ୍ରତ୍ୟାହାର କରାଯିବା, ଶ୍ରମିକ ବିରୋଧୀ ଶ୍ରମ କୋଡ୍ ରଦ୍ଦ କରିବା, ସମସ୍ତ କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ନିମନ୍ତେ ଆଇନଗତ ବ୍ୟବସ୍ଥା କରାଯିବା ସମେତ ମହିଳା, ଛାତ୍ର, ଯୁବକ, କୃଷି ଶ୍ରମିକ, ଆଦିବାସୀ, ଦଳିତ ଆଦି ସବୁ ବର୍ଗଙ୍କ ଦାବି ଏହି ଆନ୍ଦୋଳନରେ ଅନ୍ତର୍ଭୁକ୍ତ ହୋଇଛି।

କୃଷକ ନେତା ଶଶିଭୂଷଣ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ୫୦ରୁ ଊର୍ଦ୍ଧ୍ୱ ଗଣସଙ୍ଗଠନର କର୍ମକର୍ତ୍ତା ସାମିଲ ଥିଲେ। ବନ୍ଦକୁ ସଫଳ କରିବା ନିମନ୍ତେ ସମସ୍ତ ଗଣସଙ୍ଗଠନର ପ୍ରତିନିଧିମାନଙ୍କୁ ନେଇ '୨୭ ସେପ୍ଟେମ୍ବର ଭାରତ ବନ୍ଦ ପ୍ରସ୍ତୁତି କମିଟି' ଗଠନ କରାଯାଇଛି। ଏଥିସହ ୨୧ ଦଫା ଦାବି ସନନ୍ଦ ଗୃହୀତ ହୋଇଛି। କୃଷକ ନେତା ସୁରେଶ ପାଣିଗ୍ରାହୀ ପ୍ରାରମ୍ଭରେ ଦାବି ସନନ୍ଦ ଓ ପ୍ରଚାର କାର୍ଯ୍ୟକ୍ରମର ଏକ ପ୍ରସ୍ତାବବଳୀ ଉପସ୍ଥାପନ କରିଥିଲେ। କୃଷକ ନେତା ଯମେଶ୍ୱର ସାମନ୍ତରାୟ, ଶଙ୍କର ସାହୁ, ପ୍ରତାପ ନାୟକ, ଶେଷଦେବ ନନ୍ଦ, ଅରୁଣ ଜେନା, ବଂଶୀଧର ପରିଡା, ଶ୍ରମିକ ନେତା ବୀରେନ୍ଦ୍ର ପ୍ରସାଦ ଦାସ, ଜୟନ୍ତ ଦାସ, ପୁଷ୍ପା ଦାଶ, ମହେନ୍ଦ୍ର ପରିଡା, ମହିଳା ନେତ୍ରୀ ଛବି ମହାନ୍ତି, ଛାତ୍ର ନେତା ସୁବାସ ନାୟକ, ଜନ ଆନ୍ଦୋଳନ ତରଫରୁ ପ୍ରଫୁଲ୍ଲ ସାମନ୍ତରା ପ୍ରମୁଖ ଉପସ୍ଥିତ ଥିଲେ।

ଶିଖର ଚିରଦିନ ଆକର୍ଷଣ କରୁଥାଏ ନିମ୍ନଭୂମିକୁ। କାରଣ ସେ ଚାହେଁ– ନିମ୍ନ ଭାଗ ଉଠିଆସୁ ତା'ଉଚ୍ଚତାକୁ। ବିପୁଳ ମଧ୍ୟ କ୍ଷୁଦ୍ରକୁ ତା'ର ବୃହତ୍ତର ଅଭିଯାନରେ ଚାଲିବା ଲାଗି ଚିରଦିନ ଆକର୍ଷଣ କରୁଥାଏ। **–ଶ୍ରୀଅରବିନ୍ଦ**

# ଇସ୍‌ଲାମୀୟ ବିପଦ

ତାଲିବାନ୍ ଆଫଗାନିସ୍ତାନକୁ ୨୦ ବର୍ଷ ପରେ କ୍ଷମତାକୁ ଫେରିବା ପରେ ଆଶା କରାଯାଉଥିଲା ତା'ର ହିଂସାତ୍ମକ ଆଭିମୁଖ୍ୟରେ ପରିବର୍ତ୍ତନ ଆସିବ। ଅଗଷ୍ଟ ୧୫ରେ କାବୁଲ ଦଖଲ କଲା ପରେ ତାଲିବାନ୍‌ର ଅନ୍ୟତମ ଶୀର୍ଷ ନେତା ତଥା ଉପପ୍ରଧାନମନ୍ତ୍ରୀ ଅବଦୁଲ ଗନି ବରାଦର ଘୋଷଣା କରିଥିଲେ ଯେ, ତାଙ୍କ ସଙ୍ଗଠନ କୌଣସି ରକ୍ତପାତ ଘଟାଇବ ନାହିଁ। ଏପରି କି ପୂର୍ବ ସରକାରରେ ଥିବା ସେନା ଅଧିକାରୀ, କର୍ମଚାରୀ ଓ ତାଲିବାନ୍ ବିରୋଧରେ କାମ କରିଥିବା ବ୍ୟକ୍ତି ଓ ଗୋଷ୍ଠୀକୁ ସର୍ବକ୍ଷମା ଦିଆଯାଇଥିବା କହିଥିଲେ। ତାଲିବାନ୍ ସମ୍ପୂର୍ଣ୍ଣ କ୍ଷମତା ଦଖଲ କରିବା ପରେ ବରାଦରଙ୍କୁ ଉପପ୍ରଧାନମନ୍ତ୍ରୀ କରାଯାଇ ତାଙ୍କ କାଟ୍‌ତି କମାଇ ଦିଆଯାଇଛି। ଇତିମଧ୍ୟରେ ମହିଳାମାନଙ୍କ ଉପରେ ଅତ୍ୟାଚାରଠାରୁ ଆରମ୍ଭକରି ଆଫଗାନିସ୍ତାନ ସେନାରେ କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କୁ ଗୋଡ଼ାଇ ଗୋଡ଼ାଇ ମାରୁଛି ତାଲିବାନ୍। ନିକଟରେ ଜଣେ ଆଫଗାନ୍ ସେନାଙ୍କ ମୁଣ୍ଡ କାଟି ହାତରେ ଚୁଟିକୁ ଧରି ତାଲିବାନ୍ ସଦସ୍ୟମାନେ ଖୁସିରେ ନାଚୁଥିବାର ଏକ ଭିଡିଓ ଭାଇରାଲ ହେବା ପରେ ସେହି ସଙ୍ଗଠନ ନିଜ ପ୍ରତିଶ୍ରୁତିଠାରୁ ଦୂରେଇ ଯାଇ ପ୍ରମାଣ କରିଛି ଯେ ତା'ର ମୂଳ କ୍ରୁର ରୂପ କେବେହେଲେ ବଦଳିବ ନାହିଁ।

୧୧ ସେପ୍ଟେମ୍ବର ୨୦୨୧ରେ ଆମେରିକା ଉପରେ ଅଲ୍‌-କାଏଦା ଆତଙ୍କବାଦୀ ଆକ୍ରମଣ ୯/୧୧କୁ ୨୦ ବର୍ଷ ପୂରିଛି। ଏହି ଅବସରରେ ଅନୁଷ୍ଠିତ ସରକାରୀ କାର୍ଯ୍ୟକ୍ରମରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ କୌଣସି ଶବ୍ଦ ଉଚ୍ଚାରଣ କରି ନ ଥିବା ଦେଖିବାକୁ ମିଳିଥିଲା। କେବଳ ତାଙ୍କ ୩ ଜଣ ପୂର୍ବସୂରୀଙ୍କ ନିକଟରେ ସେ ଠିଆ ହୋଇ ମୁଣ୍ଡ ନୁଆଁଇଥିଲେ। ଦୀର୍ଘ ୨୦ ବର୍ଷ ଧରି ଆଫଗାନିସ୍ତାନ ମାଟିରେ ସୈନ୍ୟ ମୁତୟନ କରି ଆମେରିକା ତା' ଇତିହାସରେ ସବୁଠାରୁ ଲମ୍ବା ଯୁଦ୍ଧ କରିଥିଲା। ହେଲେ ଶେଷ ନିଷ୍ପତ୍ତି ଆଜି ତାଲିବାନ୍‌କୁ ପୂର୍ବାପେକ୍ଷା ଅଧିକ ଶକ୍ତିଶାଳୀ କରିଦେଇଛି, ଯଦ୍ୱାରା ତାହାର ଫାଇଦା ଚାଇନା, ରୁଷିଆ, ପାକିସ୍ତାନ ଓ ଇରାନ୍ ଭଳି ରାଷ୍ଟ୍ର ନେବାକୁ ଆଗେଇ ଆସିଛନ୍ତି। ଏହିସବୁ ରାଷ୍ଟ୍ର ସହ ଆହୁରି କେତେକ ଅନ୍ତର୍ଜାତୀୟ ସଙ୍ଗଠନ ତାଲିବାନ୍‌କୁ ପ୍ରତ୍ୟକ୍ଷ ଓ ପରୋକ୍ଷରେ ସମର୍ଥନ ଦେଲେଣି। ଏଭଳି ସ୍ଥଳେ ବ୍ରିଟେନ୍‌ର ପୂର୍ବତନ ପ୍ରଧାନମନ୍ତ୍ରୀ ଟୋନି ବ୍ଲେୟାରଙ୍କ ଉଚ୍ଚାରଣ ବିଶ୍ୱରେ ଅତ୍ୟନ୍ତ ଗୁରୁତ୍ୱ ରଖୁଛି। ଭାରତ ମଧ୍ୟ ଏଥିରୁ ବାଦ୍ ପଡୁନାହିଁ। ସେ କହିଛନ୍ତି ଯେ, ଉଗ୍ର ଇସ୍‌ଲାମୀୟ ଚିନ୍ତାଧାରା ବେଳକୁ ବେଳ ତୀବ୍ର ରୂପ ଧାରଣ କରିବା ପରେ ଏହା ଏବେ ଧର୍ମାନ୍ଧତା ଆଡ଼କୁ ଗତି କରି ଇସ୍‌ଲାମିକ୍ ପଲିଟିକାଲ ଡକ୍‌ଟ୍ରିନ୍ ବା ଇସଲାମୀୟ ରାଜନୈତିକ ମତ ସୃଷ୍ଟି କଲାଣି। ଏହି ଚିନ୍ତାଧାରା ସମ୍ପୂର୍ଣ୍ଣ ହିଂସା ଉପରେ ଆଧାରିତ। ଏକ ସମୟରେ ବୈପ୍ଳବିକ କମ୍ୟୁନିଷ୍ଟ ଚିନ୍ତାଧାରାକୁ ଦମନ କରିବା ପାଇଁ ଯେଉଁଭଳି ସମଗ୍ର ପୃଥିବୀରେ ପ୍ରଚେଷ୍ଟା କରାଯାଇଥିଲା, ଆଜି ସେହିଭଳି ଇସ୍‌ଲାମୀୟ ମତକୁ ପ୍ରତିହତ କରିବା ପାଇଁ ଉଭୟ ଶକ୍ତ ଓ ନରମ ପଦକ୍ଷେପ ନିଆଯିବା ଦରକାର। ଏହି ପ୍ରଚ୍ଛଦପଟରେ ଆଫଗାନିସ୍ତାନରୁ ଆମେରିକୀୟ ସୈନ୍ୟ ପ୍ରତ୍ୟାହାରରୁ ଭାରତ ଶିକ୍ଷାଲାଭ କରିବା ଦରକାର। କାହା ଉପରେ ନିର୍ଭର ନ କରି ବା କାହା କାନ୍ଧରେ ହାତ ନ ପକାଇ ସମସ୍ୟାର ସମାଧାନ ଦିଗରେ ଭାରତ ସ୍ୱାଧୀନ ନିଷ୍ପତ୍ତି ନେବାର ସମୟ ଆସିଲାଣି। ସୀମାପାର ଆତଙ୍କବାଦ ବିରୋଧରେ କେବଳ ଲଢ଼େଇ ନୁହେଁ, ଧର୍ମାନ୍ଧତା ଯୋଗୁ ଉପୁଜୁଥିବା ଆଭ୍ୟନ୍ତରୀଣ ବିପଦକୁ ସାମ୍ନା କରିବା ଲାଗି ଭାରତ ନିଜେ ଲଢ଼େଇ କରିବା ଜରୁରୀ ହୋଇପଡ଼ିଲାଣି। ଏବର ଇସ୍‌ଲାମିକ୍ ଚିନ୍ତାଧାରା ନୂଆ ରୂପ ଧାରଣ କରି ମୁକ୍ତ, ଆଧୁନିକ ଓ ସଂସ୍କୃତିଗତ ସହନଶୀଳ ସମାଜ ପାଇଁ ବିପଦ ଭାବେ ଉଭା ହୋଇଛି।

ସେପ୍ଟେମ୍ବର ୧୧ ଆତଙ୍କବାଦୀ ଆକ୍ରମଣ ଯେଭଳି ଭାବେ ଅନ୍ତର୍ଜାତୀୟ ରାଜନୀତିକୁ ପରିବର୍ତ୍ତନ କରିଥିଲା, ଏକବିଂଶ ଶତାବ୍ଦୀର ଅନ୍ୟ କୌଣସି ଘଟଣା ସେଭଳି ପ୍ରଭାବ ପକାଇପାରି ନାହିଁ। କାରଣ ବାଇଡେନ୍‌ଙ୍କଠାରୁ ଟୋନି ବ୍ଲେୟାରଙ୍କ ପର୍ଯ୍ୟନ୍ତ ସମସ୍ତେ ଆଫଗାନିସ୍ତାନଠାରୁ ଯଥେଷ୍ଟ ଭୌଗୋଳିକ ଦୂରତାରେ ଥିବା ସତ୍ତ୍ୱେ ବିଚଳିତ ହେଲେଣି। ଅନ୍ୟପଟେ ଭାରତର ଦୁଆରମୁହଁରେ ଆଫଗାନିସ୍ତାନ ବସିଛି। ଦୀର୍ଘ ୨୦ ବର୍ଷର ଯୁଦ୍ଧ ପରେ ମଧ୍ୟ ଆମେରିକା ନେତୃତ୍ୱାଧୀନ ଗଣତାନ୍ତ୍ରିକ ଶକ୍ତିମାନେ ଆଫଗାନିସ୍ତାନରେ ପରିବର୍ତ୍ତନ ଆଣିବାରେ ଅସଫଳ ହେଲେ। ଏଥିରୁ ବୁଝିବାକୁ ହେବ ଯେ, ଭାରତ ସମେତ ଅନ୍ୟ ଯେତେ ଦେଶ ସେଠାରେ ବେସାମରିକ କିମ୍ବା ସାମରିକ ଶକ୍ତି ବ୍ୟବହାର କରି ଏକ ନୂଆ ସମାଜ ସୃଷ୍ଟି କରିବାରେ ଉଦ୍ଦେଶ୍ୟ ରଖିଥିଲେ, ସମସ୍ତେ ବାଟବଣା ହୋଇଯାଇଛନ୍ତି। ଆଜିର ସ୍ଥିତିରେ ବିଶ୍ୱ ସମ୍ମୁଖରେ ପୁନର୍ବାର ୧୧ ସେପ୍ଟେମ୍ବର ୨୦୦୧ ମସିହାର ସେହି ସମାନ ରାଜନୈତିକ, ଅର୍ଥନୈତିକ ଓ ସାମାଜିକ ସମସ୍ୟା ଫେରିଆସିଛି।

ଏବର ଇସ୍‌ଲାମୀୟ ଉଗ୍ର ଚିନ୍ତାଧାରା ସମଗ୍ର ପୃଥିବୀ ପାଇଁ ଏକ ବିରାଟ ବିପଦ ସୃଷ୍ଟି କରିଦେଲାଣି। ଏହାକୁ ସାମ୍ନା କରିବା ସକାଶେ ଭାରତକୁ ତା'ର ନିଜସ୍ୱ ପନ୍ଥା ଓ ରଣନୀତି ପ୍ରସ୍ତୁତ କରିବାକୁ ହେବ। ତାହା ସମ୍ପୂର୍ଣ୍ଣ ଭାବେ ଭାରତର କୂଟନୀତି ଓ ପ୍ରତିରକ୍ଷା କୌଶଳ ଉପରେ ନିର୍ଭର କରେ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | 1 | 8 | | | | | | |
| | 2 | | | | | | 5 | |
| | | | | 3 | | 7 | | 2 |
| 8 | 3 | | | 2 | 4 | | | |
| | 5 | | 7 | | | 1 | | |
| | | | | | | 2 | 6 | |
| | | | | | 6 | | | 7 |
| 4 | 8 | | 3 | | | | | 6 |
| 7 | | | | | 5 | | 4 | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 7 | 4 | 1 | 5 | 9 | 8 | 2 | 6 |
| 6 | 9 | 5 | 8 | 3 | 2 | 7 | 4 | 1 |
| 8 | 1 | 2 | 4 | 6 | 7 | 3 | 9 | 5 |
| 2 | 6 | 7 | 5 | 4 | 8 | 1 | 3 | 9 |
| 4 | 8 | 1 | 3 | 9 | 6 | 5 | 7 | 2 |
| 9 | 5 | 3 | 2 | 7 | 1 | 4 | 6 | 8 |
| 1 | 4 | 8 | 6 | 2 | 3 | 9 | 5 | 7 |
| 7 | 3 | 6 | 9 | 8 | 5 | 2 | 1 | 4 |
| 5 | 2 | 9 | 7 | 1 | 4 | 6 | 8 | 3 |

ଗତକାଲିର ଉତ୍ତର

# ନାକ ଉପରେ ବ୍ରଣ



ଡ. ସୁବାସ ଚନ୍ଦ୍ର ପାତ୍ର

ଯୁଦ୍ଧ ହେଉ ଅବା ଜୀବନ, ପ୍ରତ୍ୟେକ ସଂଗ୍ରାମ ପାଇଁ ଲୋଡ଼ା ସାହସ। ଅବଶ୍ୟ ଏ ଲଢ଼େଇରେ ସଫଳତା ପାଇଁ ଶାରୀରିକ ଅପେକ୍ଷା ଅଧିକ ଜରୁରୀ ମାନସିକ ଓ ନୈତିକ ସାହସ। ଶେଷୋକ୍ତ ଦୁଇଟିର ଅଭାବରେ ଶାରୀରିକ ସାହସ ଆହରିତ ଅନେକ ଗୌରବ, ସାଫଲ୍ୟ ଓ ସମୃଦ୍ଧି ଅବାନ୍ତର ହୋଇପଡ଼େ। ପ୍ରଖ୍ୟାତ ବ୍ରିଟିଶ୍ ସେନାଧ୍ୟକ୍ଷ ୱିଲିୟମ ସ୍ଲିମ୍ ଏ ପ୍ରସଙ୍ଗରେ ଏକ କୌତୁକିଆ ଉଦାହରଣ ରଖିଛନ୍ତି।

ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟର କଥା। କେତେ କେତେ ସୈନିକ ଯୁଦ୍ଧକ୍ଷେତ୍ରରେ ପ୍ରାଣପାତ କରୁଥିଲେ ତ ସୌଭାଗ୍ୟବଶତଃ କିଛି ଉପଯୁକ୍ତ ସମୟରେ ଚିକିତ୍ସା ପାଇ ବିକଳାଙ୍ଗ ହେଲେ ବି ସ୍ମୃତିଭରା ଏକ ଯୁଦ୍ଧୋତ୍ତର ଜୀବନଯାପନ କରୁଥିଲେ। ସୈନିକଟିଏ ଗୁରୁତର ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହେଲେ। ଗୋଡ଼ରେ ତାଙ୍କର ଗଭୀର କ୍ଷତଚିହ୍ନ ଥିଲା, ଯାହା ତାଙ୍କ ସର୍ବାଙ୍ଗକୁ ସଂକ୍ରମିତ କରିବାକୁ ବସିଥିଲା। ଡାକ୍ତର ଓ ନର୍ସଙ୍କ ଅକ୍ଳାନ୍ତ ପରିଶ୍ରମ ଓ ସେବା ଫଳରେ ସେ ଆସ୍ତେ ଆସ୍ତେ ସୁସ୍ଥ ହେବାକୁ ଲାଗିଲେ। ସର୍ବାଙ୍ଗ ସଂକ୍ରମଣର ଭୟ ମଧ୍ୟ ଅପସରି ଗଲା। ସୁସ୍ଥତାର ପଥରେ ଅଗ୍ରସର ହେଉଥିଲାବେଳେ ତାଙ୍କର ଧ୍ୟାନ କେନ୍ଦ୍ରୀଭୂତ ହେଲା ନାକ ଉପରେ ହଠାତ୍ ଉଦ୍ଭବ ଏକ ବ୍ରଣ ଉପରେ। ସବୁବେଳେ ସେହି ବ୍ରଣଟି ଉପରେ ହାତ ବୁଲାଉଥା'ନ୍ତି। ଡାକ୍ତର ଓ ନର୍ସଙ୍କୁ ପଚାରନ୍ତି, 'ସୁସ୍ଥ ହୋଇ ଆସୁଥିଲା ବେଳେ ଏ ବ୍ରଣର ଆବିର୍ଭାବ କାହିଁକି?' ସେମାନେ ଏହାକୁ ଗୁରୁତ୍ୱ ନ ଦେବାକୁ ଯେତେ କହିଲେ ବି ସେ ବୁଝୁ ନ ଥିଲେ। ତାଙ୍କ ମନରେ ସନ୍ଦେହ ହେବାକୁ ଲାଗିଲା ଡାକ୍ତର ବୋଧେ କିଛି ଲୁଚାଉଛନ୍ତି। ଏହା କ୍ୟାନ୍‌ସର ନୁହେଁ ତ? ସର୍ବାଙ୍ଗ ସଂକ୍ରମଣ ଏହି ବ୍ରଣ ମାଧ୍ୟମରେ ଆତ୍ମପ୍ରକାଶ କରିନି ତ? ଘଟଣାକ୍ରମେ ବ୍ରଣର ଆକାର ମଧ୍ୟ ବଢ଼ିଲା ଆଉ ଏ ସଂଶୟୀ ସୈନିକଙ୍କର ସନ୍ଦେହ ମଧ୍ୟ। ବେଳେବେଳେ ରାତିରେ ସମସ୍ତେ ଶୋଇଥିଲାବେଳେ ବିଛଣାରେ ବସି ସେ ବ୍ରଣ ଉପରେ ହାତ ବୁଲାଉଥା'ନ୍ତି। ଆସ୍ତେ ଆସ୍ତେ ସେ ନିଦ୍ରାହୀନତାର ଶିକାର ହେଲେ। ଦିନକୁ ଦିନ ଡାକ୍ତର ଓ ନର୍ସ ତାଙ୍କର ଅଯଥା ସଂକଟ ସୃଷ୍ଟିର ଉଦ୍ୟମକୁ ବିରକ୍ତିଭରା କଣ୍ଠରେ ନାପସନ୍ଦ କଲେ। ସେ ଧୀରେ ଧୀରେ ଏକାକୀ ହେବାକୁ ଲାଗିଲେ। ଦୁଶ୍ଚିନ୍ତା, ଏକଲାପଣ, ସନ୍ଦେହ, କଳ୍ପିତ ଦୁରାରୋଗ୍ୟ ରୋଗର ଆଗମନରେ ଛଟପଟ ହୋଇ ଦିନେ ରାତ୍ରିରେ ହୃଦ୍‌ଘାତର ଶିକାର ହୋଇ ପ୍ରାଣତ୍ୟାଗ କଲେ। ୱିଲିୟମ୍ ସ୍ଲିମ୍ ଦୁଃଖ ପ୍ରକାଶ କରି କହନ୍ତି, ''ଯେଉଁଥିରେ ତାଙ୍କର ମରିବାର ଥିଲା, ସେ ସେଥିରୁ ଆରୋଗ୍ୟ ହେଲେ ସତ, କିନ୍ତୁ ଏକ କାଳ୍ପନିକ ଅସୁସ୍ଥତା ତାଙ୍କ ପ୍ରାଣ ନେଇଗଲା।''

ଖାଲି ସେହି ସୈନିକ ନୁହେଁ, କଳ୍ପିତ ଅସୁସ୍ଥତା ଅବା ମୃତ୍ୟୁଯୋଗକୁ ନେଇ ବହୁତ ସତ୍ୟ ଘଟଣା ରହିଛି। ବହୁତ ଦିନ ତଳର କଥା। କୋଲକାତାର ସୌନ୍ଦର୍ଯ୍ୟପ୍ରେମୀ ବନ୍ଧୁଜଣକ। ଫୁଲପ୍ରେମୀ ଏହି ବଙ୍ଗାଳୀ ଭଦ୍ରଲୋକ ନିଜ ମୁଖ୍ୟଫାଟକ ଉପରେ ଫୁଲବହନ କରୁଥିବା ଏକ ଲତାଟି ମଡ଼େଇ ଦେଇଥିଲେ। ଲତା ମାଡ଼ିବାରେ ସହାୟକ ହେବ ବୋଲି ଅର୍ଦ୍ଧବୃତ୍ତାକାର ଲୁହା ଫ୍ରେମ ଉପରେ କିଛି କଣ୍ଟାବାଉଁଶ କଣି ବିଛା ହୋଇଥିଲା। ଦିନେ ଅଫିସ୍ ଗଲାବେଳେ ଲତାଗହଳରେ ସାପଟିଏ ଦେଖି ଶଙ୍କି ଯାଇଥିଲେ ସେ। ଆଉ ଦିନେ ଅଫିସ୍ ଗଲାବେଳେ ସେଇଥିରୁ ଫୁଲଟିଏ ତୋଳୁ ତୋଳୁ ତାଙ୍କ ଆଙ୍ଗୁଠିରୁ ରକ୍ତ ବାହାରିଲା। କ'ଣ ଗୋଟାଏ ଫୋଡ଼ି ହୋଇଗଲା ଭଳି ସେ ଅନୁଭବ କଲେ। ତୁରନ୍ତ ଘରକୁ ଫେରି ଧଇଁସଇଁ ହୋଇ ବସିପଡ଼ି ତାଙ୍କୁ ସାପ କାମୁଡ଼ି ଦେଲା ବୋଲି କହି ଅଳ୍ପ ସମୟ ପରେ ଅଚେତ ଗଲେ। ଡାକ୍ତରଖାନା ନିଆଗଲା। ରକ୍ତ ପରୀକ୍ଷା ହେଲା। ସେ ସେମିତି ଅଚେତ ହୋଇ ରହିଥା'ନ୍ତି। ତାଙ୍କରି ବିଛଣା ପାଖରେ ଅନ୍ୟ ଏକ ଟେବୁଲରେ ଡାକ୍ତରମାନେ ବସି ତାଙ୍କ ଅସୁସ୍ଥତା, ରକ୍ତ ପରୀକ୍ଷା ରିପୋର୍ଟର ସଠିକତା ବିଷୟରେ ଆଲୋଚନା କରୁଥା'ନ୍ତି। ହଠାତ୍ ଜଣେ ଯୁବଡାକ୍ତର ଚିତ୍କାର କରି ଜୋରରେ ଟେବୁଲ ବାଡ଼େଇ କହିଲେ, ''ମୁଁ ଦୃଢ଼ତାର ସହ କହୁଛି, ତାଙ୍କୁ ସାପ କାମୁଡ଼ି ନାହିଁ।'' ଠିକ୍ ଏତିକିବେଳେ ଏକ ଅଦ୍ଭୁତ ଦୃଶ୍ୟ ଦେଖାଗଲା। ଅଚେତ ଭଦ୍ରବ୍ୟକ୍ତି ଜଣକ ଉଠିପଡ଼ି ପଚାରିଲେ, ''ତା'ହେଲେ ମୋତେ ସାପ କାମୁଡ଼ି ନାହିଁ?'' ପରେ ଜଣାପଡ଼ିଲା କଣ୍ଟାବାଉଁଶର କଣ୍ଟା ଫୋଡ଼ିଯିବାଟାକୁ ସେ ସାପକାମୁଡ଼ି ଦେଲା ବୋଲି ଭାବିଥିଲେ।

ମଣିଷର କାଳ୍ପନିକ ଭୟ ଏହିପରି ମୃତ୍ୟୁର ଛାଇ ବା ଭୂତ ତିଆରି କରେ। କେତେବେଳେ କେତେବେଳେ ସେ ବଞ୍ଚିଯାଏ ତ କେତେବେଳେ ଛାଇ, ବାସ୍ତବତା ଉପରେ ଭାରିପଡ଼େ- ସେ ମୃତ୍ୟୁର ଶିକାର ହୁଏ। ବର୍ତ୍ତି ଯାଇଥିବା ବନ୍ଧୁଙ୍କର କାହାଣୀ ଏହିପରି। ହୃତ୍‌ସ୍ପନ୍ଦନର ଅନିୟମିତତା ସେ ଅନୁଭବ କରୁଥା'ନ୍ତି। ଆସ୍ତେ ଆସ୍ତେ ଦେହର ହୃତ୍‌ପିଣ୍ଡ ସହିତ ତାଳଦେଇ ମନର ହୃତ୍‌ପିଣ୍ଡର ଗତି ମଧ୍ୟ ବଢ଼ିଚାଲିଲା। ସେତେବେଳେ ମାଡ୍ରାସରେ ରହୁଥିବା ଡାକ୍ତର କବିପ୍ରସାଦ ମିଶ୍ରଙ୍କ ବହୁତ ନାମ। ହୃଦ୍‌ସମସ୍ୟା ବାବଦରେ ସେତେବେଳେ ଡ. ମିଶ୍ରଙ୍କ ଉପସଂହାରକୁ ଶେଷକଥା ବୋଲି କୁହାଯାଉଥିଲା। ସେହି ଶେଷକଥା ଶୁଣିବା ଆଶାରେ ସେ ସେଠିକି ଯାଇଥିଲେ। ଡା. ମିଶ୍ର ତାଙ୍କର ଆବଶ୍ୟକ ପରୀକ୍ଷା କଲେ ଏବଂ ଇଂଲିଶ୍‌ରେ ଧାଡ଼ିଟିଏ କହିଲେ, ''ୱାନ୍ ମେ ଡାଇ ୱିଥ୍ ଦିସ୍ ଡିଜିଜ୍, ବଟ୍ ନଟ୍ ଅଫ୍ ଦିସ୍ ଡିଜିଜ୍''। ଓଡ଼ିଆରେ ବୁଝାଇ ଦେଇ କହିଲେ, 'ଏହି ରୋଗ ସହିତ ଜଣେ ମୃତ୍ୟୁବରଣ କରିପାରେ, କିନ୍ତୁ ଏ ରୋଗରୁ ନୁହେଁ।'

ଉପରଲିଖିତ ବ୍ରଣ, ଖାଲି ନାକ ଉପରେ ବସେ ନାହିଁ। ଏହାକୁ ଆମେ ପାର୍ଲାମେଣ୍ଟ, ବିଧାନସଭା, ଖବରକାଗଜ, ବ୍ୟବସ୍ଥା ଅବା ସାହିତ୍ୟ ପୃଷ୍ଠାର ଛାତି ଉପରେ ବସିବାର ଦେଖୁ, ଯେତେବେଳେ ଅପ୍ରସଙ୍ଗ ସବୁ ପ୍ରସଙ୍ଗ ପାଲଟେ। ନିଜର ବୁଡ଼ି ଯାଉଥିବା ରାଜନୈତିକ ଭବିଷ୍ୟତକୁ ସଜାଡ଼ିବାକୁ ହେଉ ଅବା ବ୍ୟକ୍ତିଗତ ଭାବରେ ନିଜର ପତିଆରାର ପ୍ରଦର୍ଶନ ପାଇଁ ହେଉ ଅବା ହନ୍ତସନ୍ତ କରୁଥିବା ସମସ୍ୟାଠୁ ଜନତାଙ୍କ ଧ୍ୟାନ ହଟେଇବାକୁ ହେଉ, ଉଭୟ ବିରୋଧୀ ଓ ଶାସକ ଦଳ ଏହି ନିରୀହ ବ୍ରଣଗୁଡ଼ିକୁ କ୍ୟାନସରଗ୍ରସ୍ତ ଆବୁ ରୂପରେ ସାଧାରଣରେ ଉପସ୍ଥାପନ କରନ୍ତି। ସମ୍ବାଦପତ୍ରଗୁଡ଼ିକ କଥା ଭିନ୍ନ। ଭାରତ ଭଳି ବିକାଶଶୀଳ ଦେଶରେ ଗଣମାଧ୍ୟମଗୁଡ଼ିକର ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ରାଜନୈତିକ ବିଷୟବସ୍ତୁ। ଶିକ୍ଷା, ସ୍ୱାସ୍ଥ୍ୟ, ସଂସ୍କୃତି, ପରିବେଶ, ଗ୍ରାମ୍ୟ ଦୃଶ୍ୟପଟରେ ଘଟୁଥିବା ନିୟତ ପରିବର୍ତ୍ତନ ଏବଂ ସେ ସବୁ ଆଧାରିତ ଆହ୍ୱାନ ବେଶି ଗୁରୁତ୍ୱ ଲାଭ କରିପାରେ ନାହିଁ। ବ୍ୟବସ୍ଥା କଥା ନ କହିଲେ ଭଲ। ସମସ୍ତେ ଯେ ଯାହାର ମୁହଁ ଅବା ନାକ ଉପରେ ଥିବା ବ୍ରଣର ପ୍ରସାଧନୀ ଚିକିତ୍ସାରେ ବ୍ୟସ୍ତ। କାହାରି ବି ମୌଳିକ ବିକାଶର କିମ୍ବା ମୂଳ ପ୍ରସଙ୍ଗକୁ ଛୁଇଁବାର ଚିନ୍ତା ନାହିଁ। ଆପାତତଃ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରକୁ ଦେଖିଲେ ଏହାହିଁ ଜଣାପଡ଼େ। ଉନ୍ନତ ପ୍ରଯୁକ୍ତିବିଦ୍ୟା, ଜ୍ଞାନ କୌଶଳ, ଯନ୍ତ୍ରପାତିର ଦ୍ୱାହି ଦେଇ ସବୁକୁ ବିଶ୍ୱସ୍ତରୀୟ କରାଯାଉଅଛି ବୋଲି କୁହାଯାଉଥିଲାବେଳେ, ନା ଅଛନ୍ତି ଶିକ୍ଷାନୁଷ୍ଠାନରେ ଶିକ୍ଷକ, ନା ଚିକିତ୍ସାଳୟରେ ଡାକ୍ତର। ସାହିତ୍ୟରେ ଅନେକଙ୍କ ଲେଖାରେ ଭାରି ବିଳାସର ସହ ବ୍ରଣସାଉଁଳା ଚାଲିଛି; ତା'ର ପ୍ରସାଧନୀ ଉପଚାର ବି ଚାଲିଛି। ନିଜ ନିଜର ହାତୀଦାନ୍ତର ମୀନାରରେ ବେଶ୍ କିଛି 'ସାଧକ' ଆବଦ୍ଧ।

ଏବେ ଏହି ଅପ୍ରସଙ୍ଗରୂପକ ବ୍ରଣଗୁଡ଼ିକ ଏକ ଏକ ପାହାଡ଼ର ରୂପ ନେଲାଣି। ସେ ସୈନିକଟିଏ ସିନା ମୁଖ୍ୟକଥା ଛାଡ଼ି ଗୌଣକଥାରେ ନାକ ପୂରାଇ, ନିଜର ବିଚାରଶକ୍ତି ଅଭାବର ଶିକାର ହୋଇ ଜୀବନଠୁ ମୁକ୍ତି ପାଇଲେ; ସାଧାରଣ ସାମୂହିକ ଜୀବନରେ ଆମର ସେ ସୌଭାଗ୍ୟ ନାହିଁ। ଆପାତତଃ ଜାଣିବାରେ କେଉଁଟି ମୁଖ୍ୟ, କେଉଁଟି ଗୌଣ। ଯେଉଁମାନେ ମାର୍ଗଦର୍ଶନ ଓ ନିର୍ବାହର ଦାୟିତ୍ୱରେ ଅଛନ୍ତି, ସେମାନେ ଇଚ୍ଛାକୃତ ଭାବରେ ଏକ କୁହୁଡ଼ିର ପରଦା ଆମ ଆଗରେ ଟାଣିଦେଇ ଭୁଲ୍‌-ଠିକ୍, ଠିକ୍‌-ଭୁଲ୍‌ର ଭ୍ରମ ସୃଷ୍ଟି କରିଚାଲିଛନ୍ତି ଆମ ଭିତରେ। ଗୁରୁତର ଅସୁସ୍ଥତା ଓ ନାକ ଉପରେ ମାମୁଲି ବ୍ରଣର ଫରକ ଆମେ ଥରେ ବୁଝିଗଲେ, ସେମାନଙ୍କର ଗୁରୁତ୍ୱ, ଉପଯୋଗିତା ଓ ସେମାନଙ୍କ ଉପରେ ନିର୍ଭରଶୀଳତା ଆଉ ରହିବ କିପରି?

**ପୂର୍ବତନ ଅଧ୍ୟକ୍ଷ, ଜେଲ୍‌ରୋଡ଼, ବାଲେଶ୍ୱର**
**ମୋ: ୯୪୩୭୩୭୬୨୧୯**
subashbls56@gmail.com

# ଅସଲି-ନକଲି



ଡ. ଗୌରହରି ରାଉତ

ସକାଳୁ ସକାଳୁ ଗେଟ୍ ପାଖରେ ଠକ୍‌ଠକ୍ ଶବ୍ଦ ଶୁଭିଲା। ଦ୍ୱାର ଖୋଲି ଦେଖେ ତ ଆଲୁଳାୟିତ କେଶ, ମସିଆ ଲୁଗା ପିନ୍ଧା ସ୍ତ୍ରୀ ଲୋକଟିଏ ଛୋଟ ଶିଶୁପୁତ୍ରକୁ କାଖରେ ଧରି ଠିଆହୋଇ କିଛି ପଇସା ମାଗୁଛି। ପିଲାଟିର ଗୋଡ଼ରେ ବନ୍ଧାହୋଇଛି ବ୍ୟାଣ୍ଡେଜ କପଡ଼ା। ସ୍ତ୍ରୀ ଲୋକଟି କହୁଥାଏ- ବାବୁ, କିଛି ଦୟା କରନ୍ତୁ। ସ୍ତ୍ରୀଲୋକକୁ କହିଲି- ଠିକ୍ ଅଛି, ପଇସା ତ ସାହାଯ୍ୟ କରିବି, ହେଲେ ବ୍ୟାଣ୍ଡେଜ କନା ଖୋଲିଲ ଦେଖିବା ଗୋଡ଼ର ଅବସ୍ଥା କେମିତି ଅଛି। ଦରକାର ହେଲେ ହସ୍ପିଟାଲରେ ଚିକିତ୍ସା କରାଇବାକୁ ବି ମୁଁ ପ୍ରସ୍ତୁତ ଅଛି। ମୋ ମୁହଁରୁ ଏତିକି କଥା ବାହାରିଛି କି ନାହିଁ ସ୍ତ୍ରୀ ଲୋକଟି କ'ଣ ଗୁଡ଼ାଏ ଗାରୁ ଗାରୁ ହୋଇ କହି ତୁରନ୍ତ ଗେଟ୍ ପାଖରୁ ପଳାଇଲା। ଯେତେ ଡାକୁଥାଏ ତା' ପାଦର ଗତି ସେତେ କ୍ଷିପ୍ର ହେଉଥାଏ। କେବଳ ତାକୁ ନୁହେଁ, ହାତ ଗୋଡ଼ ବ୍ୟାଣ୍ଡେଜ ବନ୍ଧା ଛୋଟ ପିଲାଙ୍କୁ ଧରି ପଇସା ମାଗୁଥିବା ମା'ମାନଙ୍କୁ ଯେଉଁଠି ଦେଖିଛି ସେଇ ଏକା ପ୍ରକାର କଥା କହିଛି- ବ୍ୟାଣ୍ଡେଜ ଖୋଲ ଦେଖିବା। ମାତ୍ର ମୋ କଥାର ସନ୍ତୋଷଜନକ ଉତ୍ତର ପାଇନି।

ଆଉ ଏକ ଘଟଣା। ଚାକିରି କାଳରେ ମୋତେ ସବୁଦିନ ଟ୍ରେନ ଯୋଗେ କର୍ମସ୍ଥଳୀରେ ପହଞ୍ଚିବାକୁ ପଡ଼େ। ପାସେଞ୍ଜର ଟ୍ରେନରେ ସବୁଦିନ ଗୋଟେ ଭିକାରିକୁ ଦେଖୁଥିଲି ଯିଏ କି ଚାଲି ନ ପାରି ଘୋଷାରି ହୋଇ ଟ୍ରେନରେ ବସିଥିବା ଯାତ୍ରୀଙ୍କ ପାଖକୁ ଯାଇ ପଇସା ମାଗୁଥିଲା, ତା' ପାଟି ବି ଫିଟୁ ନ ଥିଲା। ଲୋକେ ଯିଏ ଯାହା ପଇସା ଦିଅନ୍ତି। ଦୟା ଭାବରୁ ମୁଁ ବି କେତେ ଥର ପଇସା ଦେଇଛି। ମାତ୍ର ଗୋଟିଏ ଦିନର ଘଟଣା ତା' ପ୍ରତି ମୋ ମନରେ ଥିବା ଧାରଣାକୁ ବଦଳାଇଦେଲା। ସେଦିନ ଦେଖିଲି- ଗୋଟିଏ ଷ୍ଟପେଜରେ ଟ୍ରେନ ରହିଲା ପରେ ସେଇ ଭିକାରିଟି ହଠାତ୍ ଉଠି ଅତି ଦ୍ରୁତ ବେଗରେ ଭିଡ଼ ଠେଲି ତଳକୁ ଓହ୍ଲାଇ ଆଉ ଏକ ବଗିକୁ ପଶିଲା। ଆଖିକୁ ବିଶ୍ୱାସ କରିପାରିଲିନି। ଲୋକଙ୍କୁ ପଚାରିବାରୁ ସେମାନେ ହସି ହସି କହିଲେ - ଆଜ୍ଞା, ଏହା ତା'ର ନିତିଦିନିଆ ବୃତ୍ତି। ଆମେ ସବୁଦିନ ତା'ର ଏ ଅଭିନୟ ଦେଖୁଛୁ। ସେ କଥାବାର୍ତ୍ତା ଓ ଚାଲବୁଲ କରିପାରୁଥିବା ସୁସ୍ଥ ମଣିଷଟିଏ। ସେଦିନର ଘଟଣା ଗଭୀରଭାବରେ ମୋ ମନକୁ ଆନ୍ଦୋଳିତ କରିଥିଲା, ମୁଁ ସ୍ତବ୍ଧ ହୋଇଗଲି।

ଆମ ଚାରିପାଖରେ ନିତିଦିନ ଏଭଳି କେତେ ନା କେତେ ଘଟଣା ଘଟୁଛି। ଅସଲି ପରି ଦେଖାଯାଉଥିବା ଅନେକ ନକଲି ଜିନିଷକୁ ନ ଜାଣିପାରି ତାକୁ ସତ ବୋଲି ଭାବି ଆମେ ଭକୁଆ ହେଉ। ଉପରୋକ୍ତ ଦୁଇଟି ପ୍ରସଙ୍ଗ ସମ୍ପର୍କରେ ଯାହା ଅବତାରଣା କଲି ତାହା କିଛି ପାଠକଙ୍କୁ ଆଶ୍ଚର୍ଯ୍ୟ ଚକିତ କଲେ ବି ଏହା ମୋ ବାସ୍ତବ ଅନୁଭୂତିର ଘଟଣା। ଆପଣ ଦୟାପରବଶ ହୋଇ ଯେଉଁ ଭିକାରିମାନଙ୍କୁ ପଇସା ଦେଉଛନ୍ତି, ଜାଣନ୍ତି କି ବାସ୍ତବରେ ସେମାନେ ଅସଲି ନା ନକଲି? ଚିହ୍ନିବା ମୁସ୍କିଲ। ପୁଣି ପ୍ରଶ୍ନ ଆସେ- ପ୍ରକୃତରେ ସେମାନେ ନିଜର ଭୋକିଲା ପେଟ ପାଇଁ ମାଗୁଛନ୍ତି ନା ନକଲି ନୀତିକୁ ଆଶ୍ରା କରି ପୁଞ୍ଜି ବଢ଼େଇବା ଉଦ୍ଦେଶ୍ୟରେ ହାତ ପାତୁଛନ୍ତି? ଆଜିର ସମୟରେ ଏସବୁ ମାପିବା ଭାରି କଷ୍ଟ – ସେମାନଙ୍କ ଭିତରୁ କିଏ ଅସଲି, କିଏ ନକଲି। ଆମେ ଭିକାରିଙ୍କ ହାତରେ କିଛି ଦାନ ଦେଇ ଆତ୍ମସନ୍ତୋଷ ଲାଭ କରୁ, ଈଶ୍ୱର ସନ୍ତୁଷ୍ଟ ହେବେ ବୋଲି ଭାବୁ କିନ୍ତୁ ଆମର ସେ ଭାବନା ଅନେକ ସମୟରେ ଭୁଲ୍ ପ୍ରମାଣିତ ହୁଏ। କେମିତି ଚିହ୍ନିବା କିଏ ଅସଲି ଆଉ କିଏ ନକଲି?

ଏଇ ମର୍ମରେ ଅସଲି ପରି ଦିଶୁଥିବା ଆଉ କିଛି ନକଲିଙ୍କୁ ଭେଟିବା। ଆମେ ଆତ୍ମ ଘୋଷିତ ଈଶ୍ୱରରୂପୀ ବାବାମାନଙ୍କ କଥା କହୁଛୁ। ସେମାନେ କାଳେ ଆମର ବିଭିନ୍ନ ପ୍ରକାର ସମସ୍ୟାର ସମାଧାନ କରିପାରନ୍ତି। ଏଭଳି ନିର୍ବିକାର ନିରାସକ୍ତ ସଂସାର ବିରାଗୀ ତଥା ଜଗତ କଲ୍ୟାଣକାରୀ ବାବାଙ୍କର ସାନ୍ନିଧ୍ୟ ଲାଭ କରି ତାଙ୍କଠାରୁ କାଣିଚାଏ କରୁଣା ପାଇବାକୁ ପାଗଳପ୍ରାୟ ଜନତାଙ୍କର ଭିଡ଼ ଜମେ। ସାଂସାରିକ ଜୀବନରେ ବିନା ପରିଶ୍ରମରେ ବାବାଙ୍କ କୃପାରୁ ଯଦି ସବୁ କିଛି ମିଳିଯାଉଛି ତେବେ ହିତାହିତ ଜ୍ଞାନ ହରେଇ ଲୋକେ ସେଠିକୁ ଧାଇଁବେନି କିଆଁ? ତାଙ୍କ ପାଦୁକ ପାଣିରେ ଯଦି କାହାର ଦୁରାରୋଗ୍ୟ ବ୍ୟାଧି ଭଲ ହୋଇଗଲା, ଦୃଷ୍ଟିବାଧିତଟିଏ ଯଦି ଚକ୍ଷୁଷ୍ମାନ୍ ହେଲା ତେବେ ସେ ତ ସାକ୍ଷାତ ବିଭୂତି ପୁରୁଷ (?)! ଆମେ ତାଙ୍କ ମାୟାରେ ବାୟା ହୋଇ ବୈକୁଣ୍ଠ ସମାନ ଘରକୁ ଛାରଖାର କରୁ, ବୃଦ୍ଧ ମାତାପିତାଙ୍କ ସେବାକୁ ତୁଚ୍ଛ ମଣି ତାଙ୍କ ପାଦୁକ ସେବା, ପଲଙ୍କ ସେବାରେ ନିଜକୁ ନିୟୋଜିତ କରି ଧନ୍ୟ ହେଉ। ବାବାଙ୍କର ମହିମାରୁ ଏସବୁ ଚାଲିଥାଏ। କିନ୍ତୁ ସମୟ ଆସେ – ବାବାଙ୍କର ନକଲି କାରନାମା ପ୍ରଘଟ ହୁଏ, ବିଭିନ୍ନ ଗଣମାଧ୍ୟମରେ ପ୍ରସାରିତ ହୋଇ ଖେଳିଯାଏ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ। କହିବା ବାହୁଲ୍ୟ – ବାବାଙ୍କ ହାତରେ ଚାରିସରିଆ ତୁଳସୀ/ରୁଦ୍ରାକ୍ଷ ବଦଳରେ ହ୍ୟାଣ୍ଡକପ୍ ପଡ଼େ। ଶେଷରେ ଆଶ୍ରମ ସିଲ୍ ହୁଏ ଓ ମେଘନାଦ ପାଚେରିଘେରା ମାମୁ ଘରେ ବାବା ମଶା ଡାଆଁଶରେ ବାଡ଼େଇ ହୁଅନ୍ତି। ତାଙ୍କ ଅଲୌକିକ ଶକ୍ତିର ପରାକାଷ୍ଠା ଫେଲ୍ ମାରେ। ମହାଯୋଗୀର ବ୍ୟକ୍ତିଚରିତ୍ରରେ ମହାଭୋଗୀର କଳା ମୋହର ଲାଗିଲାପରେ ତାଙ୍କରି ଭକ୍ତମାନେ ହିଁ ପ୍ରଥମେ ତାଙ୍କୁ ବିଦ୍ରୂପ କରିବାକୁ ଲାଗନ୍ତି। ଏବେ ଅନେକ ନକଲି ବାବାଙ୍କର ମାରାଥନ ଚାଲିଛି ଆମ ସମାଜରେ। ତଥାପି ଆମେ ଭକୁଆ ଜନତା ତାଙ୍କ ମାୟା ମରୀଚିକା ପଛରେ ଧାଇଁଛେ ଆଜିର ଏକବିଂଶ ଶତାବ୍ଦୀରେ। କାଞ୍ଚନ ଭ୍ରମରେ କାଚକଣିକାକୁ ମୁଠେଇ ରକ୍ତାକ୍ତ ହେଉଛେ। ଚକ୍ ଚକ୍ ଦିଶୁଥିବା ସବୁ ଜିନିଷ ସୁନା ନୁହେଁ – ଏହା ନିଜ ମଗଜରେ ପଶେନି। ଆମ ଚାରିପାଖରେ ଯାହା ଆମକୁ ଅସଲି ପରି ଲାଗୁଛି, ପ୍ରକୃତରେ ତାହା ଅସଲି କି ନକଲି ଆମେ ନିଜର ବିଚାର ବୁଦ୍ଧି ଖଟାଇ ସେସବୁର ତର୍ଜମା ନ କଲେ ଠକାମିରେ ପଡ଼ିବା ଅନେକ ସମ୍ଭାବନା ଅଛି। ଏବେ ଯୁଆଡ଼କୁ ଆଖି ବୁଲାଅ ସେଠି ନକଲିର କଳାକାରନାମା। ବିଶୁଦ୍ଧ ଘିଅ ନାଁରେ ପୋଡ଼ା ମୋବିଲ, ଚିନିରେ କାଚଗୁଣ୍ଡ, ଡାଲିରେ ଅଗରା ମଞ୍ଜି, ଚାଉଳରେ ଗୋଡ଼ି। ସୋରିଷ ତେଲ, ପନିର, ଥଣ୍ଡା ପାନୀୟ ଆଦିରେ ରାସାୟନିକ ଦ୍ରବ୍ୟର ଅପମିଶ୍ରଣ, ବିଶୁଦ୍ଧ ବାୟୁ, ଶୁଦ୍ଧ ପରିବେଶ ମଧ୍ୟ ଆଜି ଦୁଷ୍ପ୍ରାପ୍ୟ। ଗୋଟିଏ ବିଷବଳୟ ଭିତରେ ଆମେ ଆଜି ହା ହୁତାଶ ହୋଇ ଜୀବନ ଜିଉଛେ। ଆମ ସମାଜ ଜୀବନରେ ଅସଲି ନକଲିର ଏ ଯେଉଁ ଲୁଚକାଳି ଖେଳ ଚାଲିଛି ତା' ଭିତରୁ ନକଲିକୁ ନିଆରା କରି ଅସଲିକୁ ଆପଣେଇବାକୁ ହେଲେ ନିଜର ଆତ୍ମପ୍ରତ୍ୟୟ, ଭୁଲ୍ ଠିକ୍‌ର ବିଚାର ବୁଦ୍ଧି ଖଟାଇବାକୁ ପଡ଼ିବ। ନଇଲେ ନକଲିର ମାୟା ଜାଲରେ ପଡ଼ି ଛଟପଟ ହେବା ହିଁ ସାର ହେବ।

**ଇ-୨୪/୩, ୟୁନିଟ ୯ (ଫ୍ଲାଟ)**
**ଭୋଇନଗର, ଭୁବନେଶ୍ୱର**
**ମୋ:୮୭୬୩୮୫୩୨୪୪**

## ଏଇ ଭାରତରେ

ଆଦିତ୍ୟ ବାଙ୍ଗରଙ୍କ ବୟସ ୧୭, କିନ୍ତୁ କାର୍ଯ୍ୟ ପ୍ରେରଣାଦାୟକ। ସେ ପ୍ରତିଦିନ ୧୦ ଟନ୍ ପ୍ଲାଷ୍ଟିକ ରିସାଇକ୍ଲିଂ କରି ସେଥିରୁ କପଡ଼ା ତିଆରି କରୁଛନ୍ତି। ରାଜସ୍ଥାନର ଭିଲ୍‌ୱାରାରେ ରୁହନ୍ତି ବାଙ୍ଗର। ଜାନୁୟାରୀ ୨୦୨୧ରେ 'ଟାର୍ସ ଟୁ ଟ୍ରେଜର' ଷ୍ଟାର୍ଟଅପ୍ ଆରମ୍ଭ କରି ତା' ମାଧ୍ୟମରେ ପ୍ଲାଷ୍ଟିକ୍ ରିସାଇକ୍ଲିଂ କରୁଛନ୍ତି। ସେ ମୁଖ୍ୟତଃ ପ୍ଲାଷ୍ଟିକ୍ ବଟଲ, ୱ୍ରାପର ଏବଂ କଭରରୁ ରିସାଇକ୍ଲିଂ ପଦ୍ଧତିରେ କପଡ଼ା ପ୍ରସ୍ତୁତ କରୁଛନ୍ତି। ଏହା କଟନ କପଡ଼ାଠାରୁ ବି ମଜଭୁତ ହେଉଛି। ଆଦିତ୍ୟ ଦ୍ୱାଦଶ ଶ୍ରେଣୀରେ ମାୟୋ କଲେଜରେ ପଢୁଛନ୍ତି। ତାଙ୍କ ପରିବାରର ଏକ ଟେକ୍ସଟାଇଲ ମାନୁଫାକ୍ଚରିଂ କମ୍ପାନୀ ଥିବାରୁ ସେ ପ୍ଲାଷ୍ଟିକ ବର୍ଜ୍ୟରୁ କପଡ଼ା ପ୍ରସ୍ତୁତ କରିବାକୁ ଇଚ୍ଛାପ୍ରକାଶ କରିଥିଲେ। ୧୦ମ ପଢ଼ିବା ବେଳେ ସେ ତାଙ୍କ ଦାଦାଙ୍କ ସହ ଚାଇନା ଯାଇଥିଲେ ଓ ସେଠାରୁ ଏଭଳି ପଦ୍ଧତି ସମ୍ପର୍କରେ ଜାଣିବାକୁ ପାଇଥିଲେ। ପରେ 'ଟାର୍ସ ଟୁ ଟ୍ରେଜର' ଷ୍ଟାର୍ଟଅପ୍ ଗଠନ କରି ଲକ୍ଷ୍ୟ ପଥରେ ଆଗେଇଛନ୍ତି। ଏହି ଅଭିଯାନରେ ତାଙ୍କ ପରିବାରର ପୂର୍ଣ୍ଣ ସହଯୋଗ ପାଉଛନ୍ତି। ସେ ଦେଶର ବିଭିନ୍ନ ସ୍ଥାନରେ ଥିବା ବର୍ଜ୍ୟ ସଂଗ୍ରହ କେନ୍ଦ୍ର ସହ ଯୋଗାଯୋଗ କରି ପ୍ଲାଷ୍ଟିକ୍ ବର୍ଜ୍ୟ ସଂଗ୍ରହ କରୁଛନ୍ତି ଏବଂ ପିଇଟି ଗ୍ରେଡ୍ ପ୍ଲାଷ୍ଟିକ୍ କେଜି ୪୦ ଟଙ୍କାରେ କିଣୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୧୪ ସେପ୍ଟେମ୍ବର ୧୯୯୬**

- ପ୍ରଧାନମନ୍ତ୍ରୀଙ୍କ ସମେତ ସରକାରୀ ଉଚ୍ଚ ପଦପଦବୀରେ ଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଦୁର୍ନୀତି ଅଭିଯୋଗର ତଦନ୍ତ ପାଇଁ ଲୋକପାଳ ପ୍ରତିଷ୍ଠା ନିମନ୍ତେ ଏକ ବିଲ୍ ଲୋକସଭାରେ ଆଗତ କରାଯାଇଛି।
- ସୁପ୍ରିମ୍‌କୋର୍ଟର ବରିଷ୍ଠ ଓକିଲ କେ.ଏନ୍. ଭଟ୍ଟଙ୍କୁ ନୂଆ ଅତିରିକ୍ତ ସଲିସିଟର ଜେନେରାଲ ଭାବେ ନିଯୁକ୍ତି ଦିଆଯାଇଛି।
- ପଞ୍ଚାୟତ ଓ ପୌରସଂସ୍ଥାଗୁଡ଼ିକୁ ଭାଙ୍ଗି ଦେବାର ଗୋଟିଏ ବର୍ଷ ପୂରିଯାଇଥିଲେ ସୁଦ୍ଧା ସାନି ନିର୍ବାଚନ କରି ନ ଥିବାରୁ ଓଡ଼ିଶା ସରକାରଙ୍କୁ ସୁପ୍ରିମ୍‌କୋର୍ଟ ପକ୍ଷରୁ କଟୁ ସମାଲୋଚନା କରାଯାଇଛି।
- ପୁରୀ ଗୋବର୍ଦ୍ଧନ ପୀଠର ପୂର୍ବତନ ଶଙ୍କରାଚାର୍ଯ୍ୟ ନିରଞ୍ଜନ ଦେବତୀର୍ଥଙ୍କ ୮୬ ବର୍ଷ ବୟସରେ ପରଲୋକ।

## ପାଠକ ଶ୍ରେଷ୍ଠ ବିଚାରକ

### ଶିକ୍ଷା ବିଭାଗର ଦୃଷ୍ଟିପଡୁ

ମହାଶୟ,

ଦୀର୍ଘଦିନର ଲଢ଼େଇ ପରେ ୧୯୯୬ ଏପ୍ରିଲରୁ ବେସରକାରୀ ଉଚ୍ଚ ବିଦ୍ୟାଳୟଗୁଡ଼ିକୁ ବିଜୁବାବୁଙ୍କ ଆଦେଶ ମୁତାବକ ଓ ଅର୍ଥ ବିଭାଗର ପ୍ରତିକୂଳ ମନ୍ତବ୍ୟ ସତ୍ତ୍ୱେ ସରକାରୀ କରାଗଲା। ସରକାର ୬୩୫ ଉଚ୍ଚ ବିଦ୍ୟାଳୟ ପରିବର୍ତ୍ତେ ୨୭୩୫ ବିଦ୍ୟାଳୟକୁ ଗ୍ରହଣ କଲେ। ସରକାରୀ ନିୟମ ଅନୁସାରେ ସେହିସବୁ ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟରତ ଶିକ୍ଷକ ଓ କର୍ମଚାରୀ ୫୮ ବର୍ଷ ବୟସରେ ଅବସର ନେଲେ। କିନ୍ତୁ ସରକାରୀ ନିୟମ ଅନୁସାରେ ଗ୍ରାଚ୍ୟୁଇଟି ପାଇଲେ ନାହିଁ, ଯଦ୍ୱାରା ଶିକ୍ଷକ ଓ କର୍ମଚାରୀମାନଙ୍କ ପାଇଁ ପକ୍ଷପାତ କରାଗଲା। ପରେ ଅର୍ଥାତ୍ ମାତ୍ର ୪/୫ ବର୍ଷ ପରେ କାର୍ଯ୍ୟରତ କର୍ମଚାରୀଙ୍କ ଅବସର ବୟସ ୬୦ ବର୍ଷକୁ ବୃଦ୍ଧି କରାଗଲା। ମନେପକାଇ ଦେବାକୁ ଚାହେଁ, ସରକାରୀକରଣର ୨/୩ ବର୍ଷ ପରେ କେତେକ ଶିକ୍ଷକ ଓ କର୍ମଚାରୀ ଅବସର ନେଲେ। ମାତ୍ର ସେମାନେ ସମ୍ପୂର୍ଣ୍ଣ ଗ୍ରାଚ୍ୟୁଇଟି ପାଇଲେ ନାହିଁ। ଏହି ନିଷ୍ପତ୍ତି ଯୋଗୁ ସ୍ୱଳ୍ପ ବେତନରେ ପରିଚାଳନା କମିଟି ଅଧୀନରେ ଥାଇ ବହୁ ଉପାନ୍ତ ଅଞ୍ଚଳରେ ଶିକ୍ଷାର ପ୍ରସାର ଘଟାଇଥିବା ଶିକ୍ଷକ ବା କର୍ମଚାରୀ ନିରାଶ ହେଲେ। ସେହି ହାତଗଣତି କର୍ମଚାରୀ ଓ ଶିକ୍ଷକମାନେ ଏବେ ଆଉ ନାହାନ୍ତି। କହିବାକୁ ଗଲେ ସେମାନଙ୍କର ଲାଭ ଅପେକ୍ଷା କ୍ଷତି କିଛି କମ୍ ନୁହେଁ। ଉଦାହରଣ ସ୍ୱରୂପ: ୨ ବର୍ଷ ଚାକିରି ହରାଇଲେ, ଗ୍ରାଚ୍ୟୁଇଟି ପାଇଲେ ନାହିଁ। ଏହି ନିଷ୍ପତ୍ତି ବିରୋଧରେ ନ୍ୟାୟାଳୟକୁ ଯାଇ ସେମାନେ ତାଙ୍କ ସପକ୍ଷରେ ନିଷ୍ପତ୍ତି ପାଇଛନ୍ତି। ପ୍ରକାଶଥାଉକି, ବିଭାଗୀୟ ଅବହେଳା ସେମାନଙ୍କୁ ପ୍ରାପ୍ୟ ପାଇବାରୁ ବଞ୍ଚିତ କରିଅଛି। ଏଣୁ ସରକାର ଓ ସଂପୃକ୍ତ କର୍ତ୍ତୃପକ୍ଷ ଏହି ଦୁଃଖଦ ପରିସ୍ଥିତିକୁ ବିଚାରକୁ ନେଇ ଫଳପ୍ରସୂ ନିଷ୍ପତ୍ତି ଗ୍ରହଣ କରନ୍ତୁ।

**–କୈଳାସ ଚନ୍ଦ୍ର ସ୍ୱାଇଁ, ବିଷ୍ଣୁପୁର ଉଚ୍ଚ ବିଦ୍ୟାଳୟ, ନିମାପଡ଼ା, ଚାରିଛକ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଯେ ଦେଶେ ଭ୍ରମଇ ମୁହିଁ ଯେତେ ପରସଙ୍ଗେ
ସ୍ମୃତି ତାର ଛାୟା ସମ ଚଳଇ ମୋ ସଙ୍ଗେ
ସେ ଆଖି ନିରେଖେ ମୋରେ
ନିଶିଦିନ ସଞ୍ଜ ଭୋରେ,
ସେ ବାହୁବନ୍ଧନ ମୋର ବେଢ଼ିଅଛି ଅଙ୍ଗେ
ସ୍ମୃତି ତାର ଛାୟା ସମ ଚଳଇ ମୋ ସଙ୍ଗେ।
–(ବନ୍ଦୀର ବିଳାପ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ବନ୍ଦ ଶାନ୍ତିପୂର୍ଣ୍ଣ, ରାସ୍ତାଘାଟ ଶୂନ୍‌ଶାନ୍


ବାଦାମବାଡି ଟ୍ରାଫିକ ଛକରେ ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।


କଟକ ବନ୍ଦ ଯୋଗୁ ମାଲଗୋଦାମ ରାସ୍ତା ଶୂନ୍‌ଶାନ୍ ହୋଇପଡିଛି।

## ମୂର୍ତ୍ତି ଉଚ୍ଚତା ବଢ଼ାଇବା ପ୍ରସଙ୍ଗ

- ଦୂରେଇ ରହିଲା ଶାନ୍ତି କମିଟି
- ସୁରକ୍ଷା ଦୃଷ୍ଟିରୁ ଦୋକାନ ବଜାର ବନ୍ଦ କରାଯାଇଛି: ବଣିକ ସଂଘ
- ଆନ୍ଦୋଳନକାରୀଙ୍କୁ ଉଠାଇ ନେଲା ପୋଲିସ

**କଟକ ଅଫିସ,୧୩।୯**

ଶାରଦୀୟ ପୂଜାରେ ମୂର୍ତ୍ତି ଉଚ୍ଚତା ବଢ଼ାଇବା ଏବଂ ମୂର୍ତ୍ତି ଉପରୁ ପରଦା ହଟାଇ ଭକ୍ତଙ୍କୁ ଦର୍ଶନ କରିବାର ଅନୁମତି ଦେବା ଦାବିରେ କଟକରେ ଭାଜପା ପକ୍ଷରୁ ସୋମବାର ଦିଆଯାଇଥିବା ୧୨ ଘଣ୍ଟିଆ ବନ୍ଦ ଡାକରା ସଫଳ ହୋଇଛି। ସକାଳ ବନ୍ଦକୁ ସମର୍ଥନ ଜଣାଇ ସହର ସମସ୍ତ ବାଣିଜ୍ୟ କାରବାର, ବେସରକାରୀ ଅନୁଷ୍ଠାନ, ପେଟ୍ରୋଲ ପମ୍ପ, ଦୋକାନ ବଜାର ଏକ ପ୍ରକାର ବନ୍ଦ ରହିଥିଲା। ସହରର ବ୍ୟବସାୟିକ ପେଣ୍ଠସ୍ଥଳୀ ମାଲ୍‌ଗୋଦାମ ବ୍ୟବସାୟୀମାନେ ଦୋକାନ ବନ୍ଦ ରଖିଥିଲେ। ଦିନସାରା ପ୍ରବଳ ବର୍ଷା ସହ ବନ୍ଦ କାରଣରୁ ସହରର ରାସ୍ତାଘାଟ ଚାରିଆଡ଼େ ଶୂନଶାନ ଦେଖିବାକୁ ମିଳିଥିଲା। ବାଦାମବାଡ଼ି, କଲେକ୍ଟର ଅଫିସ, ଖୋଲାସାହି, ଚୌଧୁରୀ ବଜାର, ସିଡିଏ, ବିଡ଼ାନାସୀ, ବକ୍ସି ବଜାର, ବିଜୁ ପଟ୍ଟନାୟକ ଛକ, ଚଣ୍ଡୀ ଛକ, ନୟାସଡ଼କ ଆଦି ବିଭିନ୍ନ ସ୍ଥାନରେ ଭାଜପା କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସେହିଭଳି ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରୁଥିବା ସମୟରେ କେତେଜଣ କର୍ମୀଙ୍କୁ ପୋଲିସ ଉଠାଇ ନେଇଥିଲା। ସେହିପରି ସହରରେ ଆଇନ୍‌ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କାରେ ୧୨ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ସେହିଭଳି ପୋଲିସ ପକ୍ଷରୁ କଟକକୁ ଦୁଇଟି ଜୋନ୍‌ରେ ଭାଗ କରାଯାଇ ସହର ଭିତର ଓ ବାହାରେ ଜଣେ ଲେଖାଏ ଏଡିସିପିଙ୍କୁ ନିୟନ୍ତ୍ରଣ ଦାୟିତ୍ୱ ଦିଆଯାଇଥିଲା। କଲେଜ ଛକ, ଦୋଳମୁଣ୍ଡାଇ, ଓଏମ୍‌ପି ଛକ, ଖାନ୍‌ନଗର, ଜିଲାପାଳ ଅଫିସ ସମ୍ମୁଖ, ସିଏମ୍‌ସି ଅଫିସ ସାମ୍ନା, ବକ୍ସିବଜାର, ଚଣ୍ଡୀଛକ, ବାଦାମବାଡ଼ି, ଆକାଶବାଣୀ ଭବନକୁ ସମ୍ବେଦନଶୀଳ ଅଞ୍ଚଳଭାବେ ଗ୍ରହଣ କରାଯାଇ ଅସ୍ଥାୟୀ ଚେକ୍ ପୋଷ୍ଟ ଖୋଲାଯାଇଥିଲା । କଟକ ନଗର ଭାଜପା ସଭାପତି ଲଲାଟେନ୍ଦୁ ବଡ୍ଡୁ କହିଛନ୍ତି ,ଜନତାଙ୍କ ଭାବାବେଗକୁ ଦୃଷ୍ଟିରେ ରଖି ଭାଜପା ପକ୍ଷରୁ ଏହି ବନ୍ଦ ଡାକରା ଦିଆଯାଇଥିଲା। ପ୍ରଶାସନ ନିଷ୍ପତ୍ତି ଉପରେ କ୍ଷୁବ୍ଧ ଥିବାରୁ ସହରବାସୀ ଏହି ବନ୍ଦକୁ ଅକୁଣ୍ଠ ସମର୍ଥନ ଦେଇଛନ୍ତି। କଟକରେ ବନ୍ଦ ଶତ ପ୍ରତିଶତ ସଫଳ ହୋଇଛି ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସିକନ୍ଦର ଅଲ୍ଲି, ଲକ୍ଷ୍ମୀଧର ପ୍ରଧାନ, ରଶ୍ମିରେଖା ଦାସ, ମିତାଲି ଦାସ, ବିଶ୍ୱରଞ୍ଜନ ମିଶ୍ର, ଦେବାଶିଷ ରାୟ, ସବ୍ୟସାଚୀ ମହାପାତ୍ର, ହରପ୍ରସନ୍ନ ଦାଶ, ଦେବାନନ୍ଦ ସିଂ, ଲଲାଟେନ୍ଦୁ ଦାସ, ପୁଷ୍ପିତା ମହାପାତ୍ର, ସୁରେଶ ମହାନ୍ତି, ଗୀତା ଦାସ ପ୍ରମୁଖ ଯୋଗଦେଇଥିଲେ। ଅପରପକ୍ଷରେ ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ପ୍ରଫୁଲ୍ଲ କୁମାର ସାହୁ କହିଛନ୍ତି, ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ପକ୍ଷରୁ ବନ୍ଦ ଡାକରା ଦିଆଯାଇଥିବାରୁ ଏଥିରେ ଉଭୟ ମହାନଗର ଏବଂ ପୂର୍ବାଞ୍ଚଳ ଶାନ୍ତି କମିଟିର କୌଣସି ସମ୍ପର୍କ ନାହିଁ। ବ୍ୟକ୍ତିଗତ ସମର୍ଥନ ଜଣାଇ ଦୋକାନ ବଜାର ବନ୍ଦ କରାଯାଇଛି। ସେହିପରି ବଣିକ ସଂଘ ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ପାତ୍ର କହିଛନ୍ତି, ଆମେ ସୁରକ୍ଷା ଦୃଷ୍ଟିରୁ ମାଲ୍‌ଗୋଦାମ ବନ୍ଦ କରିଛୁ।

## ଆଜି ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବ ବାଲୁବଜାର ପୂଜା କମିଟି

**କଟକ ଅଫିସ, ୧୩।୯:** ୪ ଫୁଟ୍‌ର ମୂର୍ତ୍ତି ନିର୍ମାଣ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ହୋଇଥିବା ଗାଇଡ୍‌ଲାଇନ୍ ପାଳନ କରିବାକୁ କଟକ ବାଲୁବଜାର ପୂଜା କମିଟି ମନା କରିଛି। ଏ ସମ୍ପର୍କରେ ବାଲୁବଜାର ପୂଜା କମିଟି ସଭାପତି ସୂର୍ଯ୍ୟକାନ୍ତ ସାଙ୍ଗନାରିୟା କହିଛନ୍ତି, ପ୍ରତିବର୍ଷ ଆମେ ୭.୫ ଫୁଟର ମୂର୍ତ୍ତି ନିର୍ମାଣ କରି ପୂଜା କରିଥାଉ। ଏହା ଆମର ବହୁ ବର୍ଷର ପରମ୍ପରା। ପରମ୍ପରା ରକ୍ଷା କରିବା ପାଇଁ ଗତବର୍ଷ ମୂର୍ତ୍ତି ଉଚ୍ଚତା ନେଇ ଆମେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲୁ। ପରେ ହାଇକୋର୍ଟଙ୍କ ଅନୁମତି ଅନୁଯାୟୀ ଆମେ ୭.୫ ଫୁଟ ଉଚ୍ଚର ମୂର୍ତ୍ତି ନିର୍ମାଣ କରି ପୂଜା କରିଥିଲୁ। ଚଳିତବର୍ଷ ଗାଇଡ୍‌ଲାଇନ୍‌କୁ ନେଇ ସେ ମଙ୍ଗଳବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଯୋଗମାୟା ବାର୍ଷିକ ଉତ୍ସବ, ବୁଦ୍ଧ ମନ୍ଦିର ପରିସର କନଫରେନ୍ସ ହଲ, ୟୁନିଟ-୯, ଅପରାହ୍ନ ୪ଟା।
- ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସଂସ୍କୃତି ଭବନ ପରିସରରେ ଥିବା ପ୍ରତିମୂର୍ତ୍ତି, ସକାଳ ୮ଟା। ଜୟନ୍ତୀ ସମାରୋହ, ରବୀନ୍ଦ୍ରମଣ୍ଡପ, ସନ୍ଧ୍ୟା ୬ଟାରୁ ଆରମ୍ଭ।

**ପୁରୀ**

- ଆଦିତ୍ୟ ବାହିନୀର ପ୍ରାନ୍ତୀୟ ପରିଷଦ ବୈଠକର ଦ୍ୱିତୀୟ ଦିବସ, ଗୋବର୍ଦ୍ଧନ ମଠ, ପୂର୍ବାହ୍ନ ୧୦ଟା।
- ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟର ୩୨ତମ ବାର୍ଷିକୋତ୍ସବ, ୟୁଥ୍ ହଷ୍ଟେଲ, ଅପରାହ୍ନ ୩ଟା।

## ଅନ୍ଧାରରେ ୨ ପଞ୍ଚାୟତ

**ତିଗିରିଆ,୧୩।୯(ଡି.ଏନ୍.ଏ):** ଲଘୁଚାପଜନିତ ଲଗାଣ ବର୍ଷା ଓ ପବନରେ ତିଗିରିଆ ବ୍ଲକର ଅଚଳକୋଟ ଓ ଭାରୁଡ଼ା ପଞ୍ଚାୟତରେ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଯାଇଛି। ରବିବାର ସନ୍ଧ୍ୟାରୁ ଖବର ଲେଖା ହେବା ପର୍ଯ୍ୟନ୍ତ ୨୦ ଘଣ୍ଟା ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ବିଦ୍ୟୁତ୍ ସେବା ସ୍ୱାଭାବିକ ହୋଇ ନଥିବାରୁ ଉଭୟ ପଞ୍ଚାୟତବାସୀ ଅନ୍ଧାରରେ ରହିଛନ୍ତି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ୨ ପଞ୍ଚାୟତକୁ ଆଠଗଡରୁ ୧୧ କେ.ଭି ଲାଇନରେ ବିଦ୍ୟୁତ୍ ଯୋଗାଣ ହେଉଥିବା ସୂଚନା ମିଳିଛି।

## ଟ୍ରକ୍ ଧକ୍କାରେ କନଷ୍ଟେବଲ ମୃତ

**ଫୁଲନଖରା,୧୩।୯(ଡି.ଏନ୍.ଏ.):** କଟକ-ଭୁବନେଶ୍ୱର ୧୬ନଂ. ଜାତୀୟ ରାଜପଥର ରାମନଗର ଛକ ନିକଟରେ ରବିବାର ବିଳମ୍ବିତ ରାତିରେ ଟ୍ରକ୍ ଧକ୍କାରେ ଜଣେ କନଷ୍ଟେବଲଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧା ଜିଲା ବାଲିଅନ୍ତା ଥାନା ଅନ୍ତର୍ଗତ ବିଶରପୁର ଗ୍ରାମର ଗାଲମାଧବ ନାୟକ(୫୫)। ସେ ଏୟାରଫିଲ୍ଡ ଥାନାରେ କନଷ୍ଟେବଲ ଭାବେ କାର୍ଯ୍ୟରତ ଥିଲେ। ଗାଲମାଧମ ଭୁବନେଶ୍ୱରରୁ କଟକ ସ୍କୁଟିରେ ଯାଉଥିବାବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ସେ ତଳେ ପଡିଯିବା ପରେ ଟ୍ରକ ଚକ ତାଙ୍କ ଉପରେ ଚଢି ଯାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଟ୍ରକ ଚାଳକ ଫେରାର ହୋଇଯାଇଛନ୍ତି। କଟକ ସଦର ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଛି। ପରେ ଦୁର୍ଘଟଣାଗ୍ରସ୍ତ ଗାଡି ଦୁଇଟି ଜବତ କରିବା ସହ ଏକ ମାମଲା(ନଂ.୫୨୫/୨୧) ରୁଜୁ କରି ତଦନ୍ତ ଚଳାଇଛି।

## ଶ୍ରୀମନ୍ଦିରରେ କେକେଶୀ ବଧ ନୀତି ସମ୍ପନ୍ନ

**ପୁରୀ ଅଫିସ,୧୩।୯**

ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମୀଠାରୁ ଶ୍ରୀକ୍ଷେତ୍ରରେ ଆରମ୍ଭ ହୋଇଛି ଶ୍ରୀକୃଷ୍ଣ ଲୀଳା। ଏହି କ୍ରମରେ ଶୁକ୍ଳ ସପ୍ତମୀ ତିଥି ସୋମବାର ଅବସରରେ ଶ୍ରୀମନ୍ଦିରରେ କେକେଶୀ ବା କେଶୀ ବଧ ଲୀଳା ନୀତି ସମ୍ପନ୍ନ ହୋଇଛି। ଭଗବାନ ଶ୍ରୀକୃଷ୍ଣ କେକେଶୀକୁ ବଧ କରିଛନ୍ତି। ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ସନ୍ଧ୍ୟାଧୂପ ପରେ ଶ୍ରୀମଦନମୋହନ ମହାଜନଙ୍କ ଦ୍ୱାରା ରତ୍ନ ସିଂହାସନକୁ ବିଜେ କରିଥିଲେ। ପରେ ମହାପ୍ରଭୁଙ୍କ ନିକଟରୁ ଆଜ୍ଞାମାଳ ପାଇ ନାଟ ମନ୍ଦିର ଖଟ ଉପରେ ବିଜେ କରିଥିଲେ। ସେଠାରେ କେକେଶୀ ବଧ ଲୀଳା ପ୍ରସ୍ତାବ ଆଗତ ହୋଇଥିଲା। ପୌରାଣିକ କଥାବସ୍ତୁ ଅନୁଯାୟୀ ଭଗବାନ ଶ୍ରୀକୃଷ୍ଣ ଯେତେବେଳେ ବୃନ୍ଦାବନରେ ଲୀଳା କରୁଥିଲେ ତାଙ୍କୁ ମାରିବା ପାଇଁ କଂସାସୁର କେଶୀ ନାମକ ଦୈତ୍ୟକୁ ପଠାଇଥିଲେ। ଏହି ଦୈତ୍ୟ ଭୟଙ୍କର ଘୋଟକ ରୂପରେ ଶ୍ରୀକୃଷ୍ଣଙ୍କୁ ଆକ୍ରମଣ କରିବାକୁ ଆସିଥିଲା। ଯମୁନା ତଟରେ ଶ୍ରୀକୃଷ୍ଣ ତା ପାଟି ଭିତରେ ହାତ ଭର୍ତ୍ତି କରି ତାକୁ ଶ୍ୱାସରୁଦ୍ଧ କରି ବିନାଶ କରିଥିଲେ। ଏବେ ମଧ୍ୟ ବୃନ୍ଦାବନ ଯମୁନା କୂଳରେ ଏକ ଘାଟର ନାମ କେଶୀ ଘାଟ ରହିଛି। ସେହି ସ୍ମୃତିରେ ଶ୍ରୀମନ୍ଦିରରେ କୃଷ୍ଣ ଲୀଳା କ୍ରମରେ କେଶୀ ବଧ ଲୀଳା ଅନୁଷ୍ଠିତ ହୋଇଥାଏ।


ଶ୍ରୀକୃଷ୍ଣ ବେଶଧାରୀ କେକେଶୀ ରାକ୍ଷସୀଙ୍କୁ ବଧ କରୁଛନ୍ତି।

## ୨ ଦିନରେ ୮୦୦ ଲୋକ ନେଲେ କୋଭିଡ୍ ଟିକା

**କଟକ ଅଫିସ, ୧୩।୯**

ଉତ୍କଳ ସେବକ ସମାଜ ପକ୍ଷରୁ ଶିଖରପୁରସ୍ଥିତ ଗୋପୀନାଥ କ୍ଲବରେ ଶୁକ୍ରବାର ଓ ଶନିବାର ଦୁଇଦିନିଆ କୋଭିଡ ଟିକାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଉକ୍ତ ଅଞ୍ଚଳର ଡ୍ରାଇଭର, ହେଲ୍‌ପର, ଗ୍ୟାରେଜ୍ କର୍ମଚାରୀ, ବସ୍ତିବାସିନ୍ଦା, ବରିଷ୍ଠ ନାଗରିକ ଓ ସାମାଜିକ ସଙ୍ଗଠନର ୮୦୦ ଲୋକଙ୍କୁ ଟିକା ଦିଆଯାଇଥିଲା। ଟିକାକରଣ କାର୍ଯ୍ୟକ୍ରମ ପାଇଁ ସଙ୍ଗଠନର ମୋବାଇଲ ହେଲ୍‌ଥ କେୟାର ୟୁନିଟ୍ ପକ୍ଷରୁ ଡାକ୍ତର, ଲ୍ୟାବ ଟେକ୍ନିସିଆନ, ଫାର୍ମାସିଷ୍ଟ ଓ ୮ଟି ଲାପ୍‌ଟପ ଯୋଗାଇ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶିଖରପୁର ଗ୍ରାମ୍ୟ ଅଧିକାରୀ ଶରତ ଚନ୍ଦ୍ର ପ୍ରଧାନ, ସଙ୍ଗଠନର ନିର୍ଦ୍ଦେଶକ ଇଂ. ଅନ୍ୱୟ ଅଭିନବ, ଗୋପୀନାଥ ଯୁବକ ସଂଘ ସଭାପତି ଜୟନ୍ତ ପ୍ରଧାନ, କାର୍ଯ୍ୟକାରୀ ସଭାପତି ଚିତ୍ରସେନ ଦଳାଇ, ସହସମ୍ପାଦକ ସୌରଭ ପ୍ରଧାନ, ଉପଦେଷ୍ଟା ଭାଗୀରଥି ଦଳାଇ ଓ ମଳୟ କୁମାର ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

## 'ଆତ୍ମୀୟତାରୁ କବିତାର ସୃଷ୍ଟି'

**କୃଷ୍ଣପ୍ରସାଦ,୧୩।୯(ଡି.ଏନ୍.ଏ.)**

କୃଷ୍ଣପ୍ରସାଦ ବ୍ଲକ ନନ୍ଦଳାରେ ଡ.ମାୟାଧର ମାନସିଂହ ସାହିତ୍ୟ ସଂସଦର ୮ମ ମାସିକ ସାହିତ୍ୟ କବିତା ଆସର ଭର୍ଚୁଆଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ବିଷ୍ଣୁପ୍ରସାଦ ଦଳେଇ ସଭାପତିତ୍ୱ କରିଥିବା ବେଳେ ବନବିହାରୀ ପଟ୍ଟନାୟକ ଉପସ୍ଥିତ ଥିଲେ। ସାହିତ୍ୟିକ ଚଣ୍ଡେଶ୍ୱର ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଆତ୍ମୀୟତାରୁ କବିତାର ସୃଷ୍ଟି ବୋଲି ସେ କହିଥିଲେ। ୩୦ରୁ ଊର୍ଦ୍ଧ୍ୱ କବି,କବୟିତ୍ରୀ କବିତା ପାଠ କରିଥିଲେ।

## 'ଜଣେ ବି ରୋଗୀ ଚିକିତ୍ସାରୁ ବଞ୍ଚିତ ନ ହୁଅନ୍ତୁ'

### ଏସ୍‌ସିବିର ପ୍ଲାଟିନମ୍ ଜୁବିଲି ସମାରୋହ

**କଟକ ଅଫିସ, ୧୩।୯**

ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲର ୭୫ ବର୍ଷ ପୂର୍ତ୍ତି ପାଳନ ଅବସରରେ ଏସ୍‌ସିବି ପରିସରସ୍ଥ ନୂତନ ଅଡିଟୋରିୟମରେ ସୋମବାର ପ୍ଲାଟିନମ୍ ଜୁବିଲି ସମାରୋହ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଯୋଗଦେଇ କହିଥିଲେ, ଏସ୍‌ସିବିକୁ ବିଶ୍ୱସ୍ତରୀୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ନେତୃତ୍ୱ ନେଇଛନ୍ତି। ଜଣେ ହେଲେ ରୋଗୀ ଯେପରି ଚିକିତ୍ସାରୁ ବଞ୍ଚିତ ନ ହୁଅନ୍ତି, ଏହା ଆମର ଲକ୍ଷ୍ୟ ହେବା ଉଚିତ୍। ଏସ୍‌ସିବି ମେଡିକାଲର ପ୍ରତ୍ୟେକ ବିଭାଗ ରୋଗୀଙ୍କୁ ଉତ୍ତମ ସେବା ଯୋଗାଇ ଆସୁଛି। ଲୋକଙ୍କ ଜୀବନରେ ଡାକ୍ତରଙ୍କ ଭୂମିକା ରହିଛି ବୋଲି ମନ୍ତ୍ରୀ ଦାସ କହିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଓଡ଼ିଶା ସ୍କିଲ ଡେଭଲପମେଣ୍ଟ ଅଥରିଟିର ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀ କହିଥିଲେ, ଜଣେ ଡାକ୍ତର ରୋଗୀଙ୍କୁ ବଞ୍ଚିବାର ଆଶା ଓ ଆଲୋକ ଦେଖାଇଥାଏ। ଏହି ଉତ୍ସବରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଓ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସଞ୍ଜୀବ ଚୋପ୍ରା ଯୋଗ ଦେଇଥିଲେ। ଏହି ଅବସରରେ ଉତ୍କୃଷ୍ଟ ସ୍ୱାସ୍ଥ୍ୟସେବା ଯୋଗାଇ ପ୍ରଥମ ସ୍ଥାନ ଅଧିକାର କରିଥିବା ଗାଏନୋକୋଲୋଜି ବିଭାଗ, ଦ୍ୱିତୀୟ ହୋଇଥିବା ରେଡିଏସନ୍ ଅନ୍‌କୋଲୋଜି ବିଭାଗ ଓ ତୃତୀୟ ହୋଇଥିବା ମାଇକ୍ରୋବାଏଓଲୋଜି ବିଭାଗକୁ ପୁରସ୍କୃତ କରାଯାଇଥିଲା। ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲର ଡିନ୍ ତଥା ପ୍ରିନ୍ସିପାଲ ଦଣ୍ଡେଶ୍ୱର ହୋତା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଫେସର ନିର୍ମଳ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଦେଇଥିଲେ।


ପ୍ଲାଟିନମ୍ ଜୁବିଲି ସମାରୋହରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସଙ୍କ ସହ ଅନ୍ୟ ଅତିଥିମାନେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ହିମାଂଶୁ


@ ବିଶ୍ୱପ୍ରକାଶ


@ ଆଶିଷ


@ ଦୀପାଞ୍ଜଳି


@ ଚିଙ୍କୁଲ


@ ଆଞ୍ଚଲ

## ଏସ୍‌ସିବି ଆଉଟ୍‌ଡୋର ଛାତରୁ କଂକ୍ରିଟ୍ ଖସିଲା

### କମ୍ପ୍ୟୁଟର ଭାଙ୍ଗିଲା, ଆସବାବପତ୍ର ନଷ୍ଟ

**କଟକ ଅଫିସ, ୧୩।୯**

ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲର ସର୍ଜରି ଆଉଟ୍‌ଡୋର ଛାତରୁ ସୋମବାର ମଧ୍ୟାହ୍ନ ପ୍ରାୟ ସାଢେ ୧୨ଟାରେ କଂକ୍ରିଟ୍ ଖଣ୍ଡ ଖସିପଡିଥିଲା। ଏଥିଯୋଗୁ ସିଲିଂ ମଧ୍ୟ ଖସିଥିଲା। ଏଥିରେ ୪ଟି କମ୍ପ୍ୟୁଟର, ଗୋଟିଏ ପ୍ରିଣ୍ଟର ଭାଙ୍ଗିଯାଇଥିବାବେଳେ କେତେକ ଆସବାବପତ୍ର ନଷ୍ଟ ହୋଇଥିଲା। କଂକ୍ରିଟ୍ ଖଣ୍ଡ ଖସିବା ସମୟରେ ରୋଗୀମାନେ ଟିକେଟ କାଟିବା ପାଇଁ ଆସିଥିଲେ। ଏଥିରେ କାହାରି କ୍ଷତି ହୋଇ ନ ଥିବାବେଳେ କିଛି ସମୟ ପାଇଁ ଟିକଟ କଟା ବନ୍ଦ ରହିଥିଲା ବୋଲି ମେଡିକାଲ ସୂତ୍ରରୁ ଜଣାପଡିଛି।


ସର୍ଜରି ଆଉଟ୍‌ଡୋର ଛାତରୁ ଖସିପଡିଥିବା କଂକ୍ରିଟ୍ ଖଣ୍ଡ।



କଟକ ଜିଲା ନିଶ୍ଚିନ୍ତକୋଇଲି ନିକଟରେ ରାସ୍ତା ଧୋଇଯାଇଛି।

# ଜଳଘେରରେ ଜନବସତି

## ଦୁର୍ଦ୍ଦଶା ବଢ଼ାଉଛି ଲଗାଣ ବର୍ଷା

ଭୁବନେଶ୍ୱର/କଟକ/ପୁରୀ/ ଖୋର୍ଦ୍ଧା, ୧୩।୯(ବ୍ୟୁରୋ)

ଶନିବାର ରାତିରୁ ଆରମ୍ଭ ହୋଇଥିବା ଲଘୁଚାପଜନିତ ବର୍ଷା ସୋମବାର ଦିନ ତମାମ ଲାଗି ରହିଥିଲା। ଫଳରେ କଟକ, ଖୋର୍ଦ୍ଧା, ପୁରୀ ଜିଲାର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇଛି। ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ସମାନ ପରିସ୍ଥିତି। କେଉଁଠି ରାସ୍ତାରେ ପାଣିର ସୁଅ ଛୁଟୁଛି ତ ଆଉ କେଉଁଠି ଜଳଘେରରେ ଜନବସତି। ଅନେକ ଲୋକଙ୍କ ଘରେ ପାଣି ପଶିବା ଯୋଗୁ ଜିନିଷପତ୍ର ନଷ୍ଟ ହୋଇଛି। ଲଗାଣ ବର୍ଷା ଯୋଗୁ ଲୋକମାନେ ବାହାରକୁ ବାହାରିପାରୁ ନାହାନ୍ତି। ବିଶେଷ କରି ବସ୍ତି ଓ ତଳିଆ ଅଞ୍ଚଳର ଲୋକେ ବେଶୀ ପ୍ରଭାବିତ ହୋଇଛନ୍ତି। କେତେକ ସ୍ଥାନରେ ଘର କାନ୍ଥ ଭୁଶୁଡ଼ିଥିବାବେଳେ ରାସ୍ତା ଉପରେ ଗଛ ଭାଙ୍ଗିପଡ଼ିଛି। ଜଳ ନିଷ୍କାସନ ହୋଇପାରୁ ନ ଥିବାରୁ ବସ୍ତିଠାରୁ ଆରମ୍ଭ କରି ବଡ଼ ବଡ଼ ଆପାର୍ଟମେଣ୍ଟ ଥିବା ଅଞ୍ଚଳ ସବୁଠାରେ ପାଣି।

କଟକର ତୁଳସୀପୁର, ମହାନଦୀ ବିହାର, ରାଜାବଗିଚା, ଚୌଧୁରୀବଜାର ଅଞ୍ଚଳରେ ପାଣି ଜମି ରହିଥିବାରୁ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ବିଶେଷକରି ନିଶ୍ଚିନ୍ତକୋଇଲି, ବାଙ୍କୀ, ସାଲେପୁର, ଖୁଣ୍ଟୁଣୀ, ଆଠଗଡ଼, ତିଗିରିଆ ଅଞ୍ଚଳରେ ରେକର୍ଡ ପରିମାଣର ବର୍ଷା ହୋଇଛି। ଭୁବନେଶ୍ୱରରେ ସୋମବାର ବର୍ଷା ୬୩ ବର୍ଷର ରେକର୍ଡ ଭାଙ୍ଗିଥିବାବେଳେ, ପୁରୀରେ ଗତ ୨୪ ଘଣ୍ଟାରେ ସର୍ବାଧିକ ୩୪୨.୫ ମିମି ବର୍ଷା ରେକର୍ଡ କରାଯାଇଛି। ଏଠାରେ ୮୭ ବର୍ଷର ରେକର୍ଡ ଭାଙ୍ଗିଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି। ସେହିପରି ଖୋର୍ଦ୍ଧା ଜିଲାର ବୋଲଗଡ଼, ବେଗୁନିଆ, ନିରାକାରପୁରରେ ବହୁ ଅଞ୍ଚଳ ଜଳମଗ୍ନ ହୋଇଛି। ଭୁବନେଶ୍ୱର ରସୁଲଗଡ ଜିଜିପି କଲୋନୀର କିଛି ଅଞ୍ଚଳରେ ଲୋକେ ଦୁଇଦିନ ହେବ ଜଳବନ୍ଦୀ ହୋଇ ରହିଛନ୍ତି। ଘର ଭିତରେ ପାଣି ପଶି ବାସନକୁସନ ସହ ଅନ୍ୟାନ୍ୟ ଆସବାବପତ୍ର ନଷ୍ଟ ହୋଇଛି। ପୁରୁଣା ଭୁବନେଶ୍ୱରସ୍ଥିତ ବୈତାଳ ମନ୍ଦିର, ଗୋସାଗରେଶ୍ୱର ମନ୍ଦିର, କେଦାରଗୌରୀ ମନ୍ଦିର, ଟଙ୍କପାଣିରୋଡ୍‌ର ମେଘେଶ୍ୱର ଓ ସାଇ ମନ୍ଦିର ସମେତ ଅନେକ ଧର୍ମାନୁଷ୍ଠାନରେ ପାଣି ପଶିଛି। କେଉଁଠାରେ ବେଢା ଭିତରେ ଆଣ୍ଠୁଏ ଉପରକୁ ତ ଆଉ କେଉଁଠି ଠାକୁର ପାଣିରେ ଭାସୁଛନ୍ତି। ଏ ସମ୍ପର୍କରେ ସିଟି ଇଂଜିନିୟର ଅରୁଣ କୁମାର ନାୟକ କହିଛନ୍ତି, ରବିବାର ବର୍ଷାର ପରିମାଣ ତୀବ୍ରତର ଥିବାରୁ ଏପରି ଦୁର୍ଦ୍ଦଶା ହୋଇଛି। ସହରର ସମସ୍ତ ଡ୍ରେନଗୁଡ଼ିକୁ ସଫା କରାଯାଉଛି। ଜଳମଗ୍ନ ସ୍ଥାନରେ ମୋଟର ପମ୍ପ ଲଗାଇ ପାଣି କଢ଼ାଯାଉଛି। ଏବେ ସୁଦ୍ଧା ସହରରେ ୩୫ଟି ମୋଟର ପମ୍ପ୍ ଲଗାଯାଇଛି। ଆମ ପାଖରେ ପର୍ଯ୍ୟାପ୍ତ ପରିମାଣର ମୋଟର ପମ୍ପ୍ ରହିଛି। ଆବଶ୍ୟକ ହେଲେ ଆହୁରି ପମ୍ପ୍ ଲଗାଯିବ। କେତେକ ସ୍ଥାନରେ ଡିସ୍‌ପୋଜାଲ ପଏଣ୍ଟ ନ ଥିବା ସହ ଖାଲ ଜାଗାରେ ଘର କରାଯାଇଛି ବୋଲି ନାୟକ କହିଛନ୍ତି।



ସାଲେପୁର ଅଞ୍ଚଳରେ ଏକ ଘରର କାନ୍ଥ ଭାଙ୍ଗିଯାଇଛି।



କଟକ ତୁଳସୀପୁର ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଘରେ ପାଣି ପଶିଯାଇଛି।




ରସୁଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଜମି ରହିଥିବା ବର୍ଷା ପାଣି।



ଭୁବନେଶ୍ୱର ଏଜି ଛକରୁ ରାଜମହଲ ମଧ୍ୟରେ ରାସ୍ତା ପାର୍ଶ୍ୱରେ ଥିବା ଏକ ଗଛ ଡାଳ ଭାଙ୍ଗିପଡ଼ିଛି।



ଭୁବନେଶ୍ୱର ଟଙ୍କପାଣି ରୋଡ୍ ସୁଶାନ୍ତି ବିହାରରେ ଏକ କାର ପାଣିରେ ବୁଡ଼ି ରହିଛି।



ପୁରୀ ସହରର ତଳିଆ ଅଞ୍ଚଳ ପାଣିରେ ବୁଡ଼ି ରହିଛି।



ଖୋର୍ଦ୍ଧା-ବୋଲଗଡ଼ ସାଗରଗୁଆଁ ବଳସିଂଘ ରାସ୍ତାରେ ପାଣି।



ଭୁବନେଶ୍ୱର ବୈତାଳ ମନ୍ଦିର ଭିତରେ ଜମି ରହିଥିବା ପାଣି।



ପୁରୁଣା ଭୁବନେଶ୍ୱର ଗୋସାଗରେଶ୍ୱର ମନ୍ଦିର।



ଖୋର୍ଦ୍ଧା ଜିଲା ବେଗୁନିଆ ଅଞ୍ଚଳରେ ଏକ ଘରର କାନ୍ଥ ଭୁଶୁଡ଼ିପଡ଼ିଛି।



କଟକ ସହର ପଟ୍ଟାପୋଲ ଅଞ୍ଚଳରେ ଜମି ରହିଥିବା ପାଣିରେ ପଶି ଲୋକମାନେ ଯାଉଛନ୍ତି



ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିସରରେ ଜମି ରହିଥିବା ପାଣି।



ପୁରୁଣା କଟକ-ସମ୍ବଲପୁର ରାସ୍ତାର ଚମ୍ପାପୁର ଡାଉରଙ୍ଗ ବ୍ରିଜ୍‌ରେ ପ୍ରବାହିତ ବର୍ଷାଜଳ।

**୨ ବୋମା ଜବତ, ଜଣେ ଗିରଫ**

**ପୁରୀ ଅଫିସ:** ବୋମା ମାଡ଼ ଅଭିଯୋଗରେ ଚନ୍ଦନପୁର ଥାନା ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ବାଲିପଡା ପଞ୍ଚାୟତର ଗୋବିନ୍ଦପୁର ଗ୍ରାମର ଗଣେଶ ବେହେରା ଓରଫ ବାବୁନା। ତାଙ୍କଠାରୁ ୨ଟି ବୋମା ଜବତ ହୋଇଛି। ଏ ନେଇ ପୋଲିସ ଏକ କେସ୍ (ନଂ ୨୮୮/୨୧) ରୁଜୁ କରିଛି। ଗତ ୯ ତାରିଖ ସନ୍ଧ୍ୟାରେ ବାବୁନା ମାସ୍କ ପିନ୍ଧି ଚନ୍ଦନପୁର ଥାନା ଅଞ୍ଚଳରେ ଥିବା ଏକ ବିଦେଶୀ ମଦ ଦୋକାନ ଉପରେ ବୋମା ମାଡ଼ କରିଥିଲେ। ଏହି ଘଟଣା ଦୋକାନ ସିସିଟିଭିରେ କଏଦ ହୋଇଥିଲା। ଏ ନେଇ ଅଭିଯୋଗ ପରେ ପୋଲିସ ଉକ୍ତ ସିସିଟିଭି ଫୁଟେଜ୍‌କୁ ଆଧାର କରି ବାବୁନାଙ୍କୁ ଗିରଫ କରିଥିଲା।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୧୩।୦୯।୨୦୨୧

| ୨,୩୪,୫୩୪ ଟଙ୍କା | |
|---|---|
| ସୁନା | ୧.୫୮୦ ଗ୍ରାମ୍ |
| ରୁପା | ୪୫.୪୬୦ ଗ୍ରାମ୍ |

# ବାଉଁଶରେ ପିଟି ମାରିଥିଲେ

## ନିଶାମୁକ୍ତି କେନ୍ଦ୍ରରେ ଯୁବକଙ୍କୁ ହତ୍ୟା ଘଟଣା

- ପିପିଲିରୁ ସଂସ୍ଥା ମୁଖ୍ୟ ଗିରଫ
- ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ଚାଲିଛି ତନାଘନା



ତ୍ରିନାଥ ସେଠୀ

ଭୁବନେଶ୍ୱର,୧୩।୯(ବ୍ୟୁରୋ)

ରାଜଧାନୀର ନିଶାମୁକ୍ତି କେନ୍ଦ୍ର କୃପା ଫାଉଣ୍ଡେଶନରେ ଘଟିଥିବା ହତ୍ୟା ଘଟଣାର ଦୀର୍ଘ ଏକ ମାସ ପରେ କମିଶନରେଟ ପୋଲିସ ପରଦା ଉଠାଇଛି। ଅଗଷ୍ଟ ୫ରେ ଜଗତ୍‌ସିଂହପୁର ଥାନା ଅଧୀନ ଜୋତ ଗ୍ରାମର ତ୍ରିନାଥ ସେଠୀଙ୍କୁ ଶହୀଦନଗର ଥାନା ଅନ୍ତର୍ଗତ ପାଣ୍ଡରାସ୍ଥିତ କୃପା ଫାଉଣ୍ଡେଶନରେ ବାଉଁଶରେ ପିଟିପିଟି ହତ୍ୟା କରାଯିବା ପରେ ଏହାକୁ ଦୁର୍ଘଟଣାର ରୂପ ଦିଆଯାଇଥିଲା। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟରୁ ସତ୍ୟାସତ୍ୟ ଜଣାପଡ଼ିବା ପରେ ପୋଲିସ ଏହି ନିଶାମୁକ୍ତି କେନ୍ଦ୍ରର ମାଲିକଙ୍କୁ ପିପିଲିରୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ପୁରୀ ଜିଲା ସତ୍ୟବାଦୀ ଥାନା ଅଧୀନ ଶ୍ରୀରାମଚନ୍ଦ୍ରପୁର ଗ୍ରାମର କୀର୍ତ୍ତି ତ୍ରିପାଠୀ। ହତ୍ୟା ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଜୋନ୍-୫ ଏସିପି ସଞ୍ଜୀବ ଶତପଥୀ କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଅଗଷ୍ଟ ୫ତାରିଖ ଅପରାହ୍ନରେ ଉକ୍ତ ନିଶାମୁକ୍ତି କେନ୍ଦ୍ରରୁ ୫ଜଣ ରୋଗୀ ଖସି ପଳାଇଥିଲେ। ସେମାନଙ୍କ ମଧ୍ୟରୁ କାର୍ତ୍ତିକଙ୍କ ସମେତ ୩ଜଣଙ୍କୁ କେନ୍ଦ୍ରର କର୍ମଚାରୀମାନେ ଧରିଥିଲେ। ଏହାପରେ ତ୍ରିନାଥଙ୍କୁ ଉକ୍ତ କେନ୍ଦ୍ରର ମୁଖ୍ୟ କୀର୍ତ୍ତି ଓ କେୟାରଟେକର୍‌ମାନେ ମିଶି ବାଉଁଶରେ ନିସ୍ତୁକ ମାଡ଼ ମାରିଥିଲେ। ଫଳରେ ତ୍ରିନାଥ ଗୁରୁତର ହୋଇ ପ୍ରାଣ ହରାଇଥିଲେ। ଏହାପରେ ସେଠାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ତେବେ ନିଶାମୁକ୍ତି କେନ୍ଦ୍ରର ଛାତ ଉପରୁ ପଡ଼ି ତ୍ରିନାଥଙ୍କ ମୃତ୍ୟୁ ହୋଇଥିବା କୀର୍ତ୍ତି ପୋଲିସକୁ କହିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ-୪୧/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟରୁ ତାଙ୍କୁ ପିଟିପିଟି ହତ୍ୟା କରାଯାଇଥିବା ସ୍ପଷ୍ଟ ହୋଇଥିଲା। ତେଣୁ ପୋଲିସ ଅଗଷ୍ଟ ୨୪ରେ ଏକ ହତ୍ୟା ମାମଲା (ନଂ-୩୨୬/୨୧) ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିଲା। ପୋଲିସ ସତ୍ୟାସତ୍ୟ ଜାଣିବା ପରେ କୀର୍ତ୍ତି ଏବଂ କେୟାରଟେକରମାନେ ଫେରାର ହୋଇଯାଇଥିଲେ।

ଅନ୍ୟପକ୍ଷରେ ମୃତକଙ୍କ ବାପା ବାବାଜୀ ଚରଣ ସେଠୀଙ୍କ କହିବା ଅନୁଯାୟୀ, ୬ ମାସ ହେବ ସେ କୃପା ଫାଉଣ୍ଡେଶନର ନିଶାମୁକ୍ତି କେନ୍ଦ୍ରରେ ତ୍ରିନାଥଙ୍କୁ ଛାଡିଥିଲେ। ଏଥିପାଇଁ ସେ ଉକ୍ତ ଫାଉଣ୍ଡେଶନକୁ ଟଙ୍କା ପଠାଉଥିଲେ। ତେବେ ଅଗଷ୍ଟ ୫ ତାରିଖ ବିଳମ୍ବିତ ରାତିରେ ତାଙ୍କ ପୁଅକୁ ହତ୍ୟା କରାଯାଇଥିବା ଜଣେ ଅଜଣା ବ୍ୟକ୍ତି ତାଙ୍କୁ ଫୋନ କରି ଜଣାଇଥିଲେ। ସେ ୬ ତାରିଖରେ କ୍ୟାପିଟାଲ ହସ୍ପିଟାଲରେ ପହଞ୍ଚିଥିଲେ। ଛାତରୁ ପଡ଼ି ତ୍ରିନାଥଙ୍କ ମୃତ୍ୟୁ ହୋଇଥିବା ପୋଲିସ ତାଙ୍କୁ କହିଥିଲା। ତେବେ ତାଙ୍କ ପୁଅର ହାତ କିମ୍ବା ଗୋଡ଼ ଭାଙ୍ଗି ନ ଥିବା ସହ ମୁଣ୍ଡରେ କୌଣସି କ୍ଷତ ଚିହ୍ନ ନ ଥିଲା। ତେଣୁ ପୋଲିସ କଥାରେ ସେ ବିଶ୍ୱାସ କରି ନ ଥିଲେ। ତ୍ରିନାଥଙ୍କୁ ହତ୍ୟା କରାଯାଇଥିବା ବାବାଜୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ।



ଗିରଫ ଅଭିଯୁକ୍ତ କୀର୍ତ୍ତି ତ୍ରିପାଠୀ।

# ମହାପ୍ରଭୁଙ୍କୁ ଦର୍ଶନ କଲେ ୧୫ ହଜାର ଶ୍ରଦ୍ଧାଳୁ

ପୁରୀ ଅଫିସ,୧୩।୯

ଶ୍ରୀମନ୍ଦିରରେ ସର୍ବସାଧାରଣଙ୍କ ଦର୍ଶନ ଗତ ୩ଦିନ ଧରି ବନ୍ଦ ରହିଥିବାବେଳେ ସୋମବାରଠାରୁ ପୁଣି ଆରମ୍ଭ ହୋଇଛି। ନୂଆ ଏସ୍‌ଓପି ଆଧାରରେ ସକାଳ ୭ଟାରୁ ରାତ୍ର ୯ଟା ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଥିଲା। ୧୫ ହଜାର ୧୦୨ ଜଣ ଶ୍ରଦ୍ଧାଳୁ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। କୋଭିଡ୍ କଟକଣା ମଧ୍ୟରେ ଦୀର୍ଘଦିନର ବ୍ୟବଧାନରେ ଶ୍ରଦ୍ଧାଳୁମାନେ ଆନନ୍ଦବଜାରରେ ବସି ଅବଢ଼ା ଖାଇବାର ସୁଯୋଗ ପାଇଲେ।

### ନୂଆ ଏସ୍‌ଓପି ଲାଗୁ

ଆରଟି-ପିସିଆର୍ ରିପୋର୍ଟ ଓ ଡବଲ୍ ଡୋଜ୍ ଭ୍ୟାକ୍ସିନେସନ୍ ସାର୍ଟିଫିକେଟ୍ ଯାଞ୍ଚ ପ୍ରକ୍ରିୟାକୁ ପୋଲିସ ଆହୁରି କଡ଼ାକଡ଼ି କରିଛି। ଅତିରିକ୍ତ ପୋଲିସ ବ୍ୟବସ୍ଥା ହେବା ସହ କିଓସ୍କୋ ପାଖରେ ଠିକ ବାବେ ପରିଚୟ ପତ୍ର ଯାଞ୍ଚ ହେଉଛନ୍ତି। ନକଲି ସାର୍ଟିଫିକେଟ୍‌ଧାରୀଙ୍କୁ ଧରିବା ପାଇଁ ପୋଲିସ ସବୁ ପ୍ରକାର ଫନ୍ଦା ଆପଣାଉଥିବା ସିଟି ଡିଏସ୍‌ପି ଜନାର୍ଦ୍ଦନ ପାଢ଼ୀ କହିଛନ୍ତି।

# ଜୋର୍ ଧରିଲା ବର୍ଷା ରାଜନୀତି

ଭୁବନେଶ୍ୱର, ୧୩।୯(ବ୍ୟୁରୋ)

ଲଘୁଚାପଜନିତ ବର୍ଷାରେ ସହରବାସୀ ଦୁର୍ଦ୍ଦଶାରେ ଥିବାବେଳେ ଏହାକୁ ନେଇ ରାଜନୀତି ଜୋର୍ ଧରିଛି। ରବିବାର ଏମ୍‌ପି ଅପରାଜିତା ଷଡଙ୍ଗୀ ଟୁଇଟ୍ କରି ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ସୋମବାର ସେ ପ୍ରଭାବିତ ଅଞ୍ଚଳ ବୁଲି ଦେଖିବା ସହ ରାଜ୍ୟ ସରକାର କାହିଁକି କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛନ୍ତି ବୋଲି ପ୍ରଶ୍ନ କରିଛନ୍ତି। ଅପରାଜିତା କହିଛନ୍ତି, ୨୧ବର୍ଷର ଶାସନ ପରେ ବି ରାଜଧାନୀରେ ଜଳନିଷ୍କାସନ ସମସ୍ୟା ସୁଧୁରି ପାରୁନାହିଁ। ଡ୍ରେନେଜ୍ ଅବ୍ୟବସ୍ଥା ଭୁବନେଶ୍ୱରର ବଡ ସମସ୍ୟା। ସଂସଦୀୟ କମିଟି ମଧ୍ୟ ଡ୍ରେନେଜ ବ୍ୟବସ୍ଥା ସଜାଡ଼ିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆବଶ୍ୟକ ସହାୟତା କେନ୍ଦ୍ର ସହରାଞ୍ଚଳ ମନ୍ତ୍ରଣାଳୟ ଯୋଗାଇଦେବ ବୋଲି କହିଥିଲେ। ଏନେଇ ଗତବର୍ଷ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲି। ଏପରିକି ବିଏମ୍‌ସି କମିଶନରଙ୍କ ସହ ଆଲୋଚନା ମଧ୍ୟ କରିଥିଲି। ମାତ୍ର ରାଜ୍ୟ ସରକାରଙ୍କ ଅପାରଗତାରୁ ସହରର ଡ୍ରେନେଜ୍ ବ୍ୟବସ୍ଥା ସୁଧୁରି ପାରିନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। ସେହିପରି ବରିଷ୍ଠ କଂଗ୍ରେସ ନେତା ସୁରେଶ ରାଉତରାୟ ସରକାରଙ୍କୁ କଟାକ୍ଷ କରିଛନ୍ତି। ସେ କହିଛନ୍ତି, ଜଳବନ୍ଦୀ ପାଇଁ ଘରୁ ବାହାରିବା ସମ୍ଭବ ହେଉନାହିଁ। ସରକାର ସ୍ମାର୍ଟସିଟି ପାଇଁ ବାହା ବା ନେଉଥିବାବେଳେ ଅସଲ ଚିତ୍ର ସମ୍ମୁଖକୁ ଆସୁଛି ଓ ଲୋକେ ଏହାର ପରିଣାମ ଭୋଗୁଛନ୍ତି। ଅନ୍ୟପକ୍ଷରେ ବିଜେଡି ବିଧାୟକ ଅନନ୍ତ ନାରାୟଣ ଜେନା ଜଳବନ୍ଦୀ ସ୍ଥିତି ପାଇଁ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଆଇ)ର ଅବହେଳାକୁ ଦାୟୀ କରିଛନ୍ତି। ସରକାରଙ୍କୁ ସମାଲୋଚନା କରିବା ପରିବର୍ତ୍ତେ ଏମ୍‌ପି ଏନ୍‌ଏଚଆଇ ସହିତ ଆଲୋଚନା କରନ୍ତୁ ବୋଲି ବିଧାୟକ କହିଛନ୍ତି। ସେ ଆହୁରି କହିଛନ୍ତି, ପୂର୍ବରୁ ଏମ୍‌ପି ଏଠାରେ ବିଏମ୍‌ସି କମିଶନର ଥିଲେ। ତେଣୁ ସହରର ସମସ୍ୟା ସମ୍ପର୍କରେ ସେ ବେଶ୍ ଅବଗତ। ବର୍ତ୍ତମାନର ସ୍ଥିତି ଉପରେ କେବଳ ଟୁଇଟ୍ କିମ୍ବା ପ୍ରତିକ୍ରିୟା ଦେଲେ ହେବନାହିଁ। ସରକାର ଏ ଦିଗରେ ଯତ୍ନବାନ। ଭୁବନେଶ୍ୱର ଭିତରେ ୧୦ଟି ମୁଖ୍ୟ ଡ୍ରେନ୍ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ୧୩୦ କୋଟି ଟଙ୍କା ପ୍ରଦାନ କରିଛନ୍ତି। ମାତ୍ର ସହରରେ ଏନ୍‌ଏଚ୍‌ଆଇ ଯେତିକି କାମ କରିବା କଥା ସେତିକି କରୁନାହିଁ। ଏନ୍‌ଏଚ୍‌ଆଇ ଡ୍ରେନ୍ କରିଥିଲେ ବର୍ଷା ପାଣି ଆଜି ସହରରେ ପ୍ରବେଶ କରି ନ ଥାନ୍ତା।

## ସଂକ୍ଷେପରେ

# ତିରୁମାଲା ତିରୁପତି କଲ୍ୟାଣ ମଣ୍ଡପ ସିଲ୍

### କୋଭିଡ୍ କଟକଣା ଉଲ୍ଲଂଘନ

**ଭୁବନେଶ୍ୱର, ୧୩।୯(ବ୍ୟୁରୋ):** ବିଏମ୍‌ସିର ବିନା ଅନୁମତିରେ ପ୍ରଦର୍ଶନୀ ଆୟୋଜନ କାରଣରୁ ଜୟଦେବ ବିହାରସ୍ଥିତ ତିରୁମାଲା ତିରୁପତି ଦେବସ୍ଥାନମ୍ କଲ୍ୟାଣ ମଣ୍ଡପକୁ ସିଲ୍ କରାଯାଇଛି। ସମ୍ପୃକ୍ତ ମଣ୍ଡପରେ ସିଲ୍କ ଇଣ୍ଡିଆ ବସ୍ତ୍ର ପ୍ରଦର୍ଶନୀ ଆୟୋଜନ ହେଉଥିଲା। ଏ ସମ୍ପର୍କରେ ସୋମବାର ସୂଚନା ପାଇବା ପରେ ବିଏମ୍‌ସି ପକ୍ଷରୁ ଏହାକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସିଲ୍ କରାଯାଇଛି। ଏପରି କି ପ୍ରଦର୍ଶନୀ ପାଇଁ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଅନୁମତି ମଧ୍ୟ ନିଆଯାଇ ନ ଥିଲା। ବିଏମ୍‌ସି ଜୋନାଲ ଡେପୁଟି କମିଶନର (ଦକ୍ଷିଣ ପୂର୍ବ ଜୋନ୍) ଅଂଶୁମାନ ରଥ, ଆସିଷ୍ଟାଣ୍ଟ କମିଶନର (ଏନ୍‌ଫୋର୍ସମେଣ୍ଟ) ଲିଲନ ସାହୁଙ୍କ ନେତୃତ୍ୱରେ କେନ୍ଦ୍ରୀୟ ଓ ଦକ୍ଷିଣ ପୂର୍ବ ଜୋନ୍ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଉକ୍ତ କଲ୍ୟାଣ ମଣ୍ଡପରେ ଚଢାଉ କରିବା ସହ ଏହାକୁ ସିଲ୍ କରିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟରେ କରୋନା ସଂକ୍ରମଣ ହ୍ରାସ ପାଇଥିଲେ ମଧ କୋଭିଡ୍ କଟକଣା ଅନୁଯାୟୀ କୌଣସି ବ୍ୟବସାୟିକ ପ୍ରଦର୍ଶନୀ ଆୟୋଜନ କରିବାକୁ ବାରଣ କରାଯାଇଛି। ମାତ୍ର କଟକଣାକୁ ବେଖାତିର କରି ଏଠାରେ ବସ୍ତ୍ର ପ୍ରଦର୍ଶନୀ ଚାଲିଥିଲା। ତେଣୁ କୋଭିଡ୍ କଟକଣା ଖିଲାପ ଅଭିଯୋଗରେ ତିରୁମାଲା ତିରୁପତି ଦେବସ୍ଥାନମ୍ କଲ୍ୟାଣ ମଣ୍ଡପକୁ ସିଲ୍ କରାଯାଇଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

# ବର୍ଜ୍ୟବସ୍ତୁ ପରିଚାଳନା ସଚେତନତା ଅଭିଯାନ

ଭୁବନେଶ୍ୱର, ୧୩।୯(ବ୍ୟୁରୋ): ସହରକୁ ସ୍ୱଚ୍ଛ ଓ ପରିବେଶ ଅନୁକୂଳ କରିବା ନିମନ୍ତେ ବିଏମ୍‌ସି ପକ୍ଷରୁ ନିର୍ମାଣ ଓ ଭଗ୍ନାବଶେଷ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ସଚେତନତା ଅଭିଯାନ ଆରମ୍ଭ ହୋଇଛି। ସହରର ବିଭିନ୍ନ ସ୍ଥାନରେ ଭଙ୍ଗାରୁଜା ଓ ନିର୍ମାଣ ସାମଗ୍ରୀରୁ ବାହାରୁଥିବା ବର୍ଜ୍ୟକୁ ଏଣେତେଣେ ପକାଇବା ଦ୍ୱାରା ପରିବେଶ ଦୂଷିତ ହେବା ସାଙ୍ଗକୁ ସ୍ୱଚ୍ଛତା ବାଧାପ୍ରାପ୍ତ ହେଉଛି। ଏ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ବିଏମ୍‌ସି ପକ୍ଷରୁ ସୋମବାରଠାରୁ ସ୍ୱତନ୍ତ୍ର ସଚେତନତା ଅଭିଯାନ ଆରମ୍ଭ ହୋଇଛି। ଏହା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ବର୍ଜ୍ୟବସ୍ତୁର ପରିଚାଳନା ଲାଗି ସରକାରଙ୍କ ନିୟମ ଅନୁସାରେ ସଚେତନତା, ନିରୀକ୍ଷଣ ଏବଂ ପ୍ରବର୍ତ୍ତନ (ଏନ୍‌ଫୋର୍ସମେଣ୍ଟ) କାର୍ଯ୍ୟ ଚାଲିଛି। କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ-୨୦୧୬ ଅନୁସାରେ ପ୍ରତ୍ୟେକ ବ୍ୟକ୍ତି ବା ଅନୁଷ୍ଠାନ ନିଜସ୍ୱ ବ୍ୟବସ୍ଥା କରି ବର୍ଜ୍ୟକୁ ପୌରସଂସ୍ଥାଙ୍କ ଅନୁମତି ନେଇ ଚିହ୍ନିତ ସ୍ଥାନରେ ପକାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ଭୀମ୍‌ପୁର ମୌଜାର କାର୍‌ଗିଲ୍ ବସ୍ତିରେ ଥିବା ପଥରଖାଲ ଏବଂ ପଟିଆ ମୌଜାର ସେସୁ ସବ୍‌ଷ୍ଟେଶନ୍ ନିକଟ ପଥରଖାଲକୁ ଚିହ୍ନଟ କରାଯାଇଛି। ପ୍ରତ୍ୟେକ ନାଗରିକ ବା ଅନୁଷ୍ଠାନ ସମ୍ପୃକ୍ତ ୱାର୍ଡ଼ ଅଧିକାରୀ, ସ୍ୱଚ୍ଛସାଥୀ ଏବଂ ଜୋନ୍ କାର୍ଯ୍ୟାଳୟରେ ଯୋଗାଯୋଗ କରି ନିଜ ବ୍ୟବସ୍ଥାରେ ବର୍ଜ୍ୟ ନିଷ୍କାସନ କରିପାରିବେ। ବିଏମ୍‌ସି ଚିହ୍ନିତ ସ୍ଥାନରେ ବର୍ଜ୍ୟ ପକାଇବା ପାଇଁ ନିଜସ୍ୱ ସୁବିଧା ନ ଥିଲେ ଦେୟଯୁକ୍ତ ସେବା ଟୋଲ୍ ଫ୍ରି ନଂ- ୧୮୦୦ ୩୪୫ ୦୦୬୧ରେ କଲ୍ କରିପାରିବେ। ନିୟମ ଓ କଟକଣାଜନିତ ନୋଟିସ୍ ଜାରି ସହ ଉଲ୍ଲଂଘନକାରୀଙ୍କୁ ଜରିମାନା ଓ ଦଣ୍ଡବିଧାନ କରାଯିବ। ନିର୍ମାଣ ସାମଗ୍ରୀ ନିର୍ଦ୍ଦିଷ୍ଟ ସ୍ଥାନରେ ନିର୍ଦ୍ଦିଷ୍ଟ ସମୟସୀମା ପର୍ଯ୍ୟନ୍ତ ବିଏମ୍‌ସି ଅନୁମତି ନେଇ ରଖିବାକୁ କୁହାଯାଇଛି। ସ୍ୱଚ୍ଛସାଥୀ, ୱାର୍ଡ଼ ଅଧିକାରୀ, ସାନିଟେଶନ୍ ଇନ୍‌ସପେକ୍ଟର୍ ଏବଂ ଏସ୍‌ବିଏ ସେଲ୍ ଏକ୍ସପର୍ଟ ଏବଂ ସାନିଟେଶନ୍ ଏକ୍ସପର୍ଟମାନେ ଏହି ଅଭିଯାନକୁ ତ୍ୱରାନ୍ୱିତ କରିବେ।



ଭୁବନେଶ୍ୱର ବମିଖାଲ କେନାଲ ବ୍ରିଜ୍ ଉପରେ ଅଳିଆ ଆବର୍ଜନା ପଡ଼ିରହିଛି।

# ରୋଗୀ ମୃତ୍ୟୁକୁ ନେଇ ଉତ୍ତେଜନା

### ଥାନାରେ ଅଭିଯୋଗ କଲେ ମୃତକଙ୍କ ଝିଅ

ଭୁବନେଶ୍ୱର,୧୩।୯(ବ୍ୟୁରୋ)

ଜଣେ ରୋଗୀଙ୍କ ମୃତ୍ୟୁର ଦୁଇଦିନ ପରେ ବି ରାଜଧାନୀର ଏକ ଘରୋଇ ହସ୍ପିଟାଲ ମୃତକଙ୍କୁ ଛାଡି ନ ଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସୋମବାର ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଥିବା ଉକ୍ତ ଘରୋଇ ହସ୍ପିଟାଲରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲା। ସେହି ସମୟରେ ମେଡିକାଲରେ ମୃତକଙ୍କ ଝିଅ ଫେସ୍‌ବୁକରେ ଲାଇଭ୍ କରି ନ୍ୟାୟ ମାଗିଥିଲେ। ମୃତକ ହେଲେ ଜଗନ୍ନାଥ ନଗରର ସଞ୍ଜୀବ ମହାକୁଡ(୫୩)। ଏନେଇ ମୃତକଙ୍କ ଝିଅ ଅର୍ପିତା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ-୬୦/୨୧) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ସଞ୍ଜୀବ ବିଭିନ୍ନ ରୋଗରେ ପୀଡ଼ିତ ଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ୧୦ ତାରିଖରେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଡାକ୍ତର ପ୍ରଥମେ ତାଙ୍କର କିଡ୍‌ନୀ ଭଲ ଥିବା କହିଥିଲେ। ମାତ୍ର ପରେ ଖରାପ ଥିବା ଜଣାଇଥିଲେ। ଏପରିକି ସେ କୋଭିଡ୍ ପଜିଟିଭ୍ ଥିବା ମଧ କହିଥିଲେ। ଏହାପରେ ପରିବାର ଲୋକଙ୍କୁ ଆଉ ରୋଗୀଙ୍କ ସହ ଡାକ୍ତର ଦେଖା କରାଇ ଦେଇ ନ ଥିଲେ। ତେବେ ବାପା କେମିତି ଅଛନ୍ତି ଜାଣିବା ପାଇଁ ସେମାନେ ସୋମବାର ୱାର୍ଡ ଭିତରକୁ ପଶି ଯିବାରୁ ଡାକ୍ତର ସଞ୍ଜୀବଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ତାଙ୍କ ବାପାଙ୍କ ଦୁଇ ଦିନ ପୂର୍ବରୁ ମୃତ୍ୟୁ ହୋଇଥିଲେ ମଧ କର୍ତ୍ତୃପକ୍ଷ ଲୁଚାଇଥିବା ଅର୍ପିତା ଅଭିଯୋଗ କରିଛନ୍ତି।

# ବିନା ଟେଣ୍ଡରରେ ବିକିଦେଲେ ପାଣିଟାଙ୍କି

ଖୋର୍ଦ୍ଧା ଅଫିସ,୧୩।୯

ଖୋର୍ଦ୍ଧା ଜିଲା ଜଟଣୀ ପୌର ପ୍ରଶାସନ ବିରୋଧରେ ଗୋଟିଏ ପରେ ଗୋଟିଏ ଅଭିଯୋଗ ଫର୍ଦ୍ଦ ଲମ୍ବିବାରେ ଲାଗିଛି। ପୌର କାର୍ଯ୍ୟାଳୟ ପରିସରରେ ଦୀର୍ଘଦିନ ଧରି ଅବ୍ୟବହୃତ ହୋଇ ରହିଥିବା ୭ଟି ପାଣିଟାଙ୍କିକୁ ବିନା ଟେଣ୍ଡରରେ କବାଡିଆଙ୍କୁ ବିକ୍ରି କରିଦିଆଯାଇଛି ବୋଲି କେତେଜଣ ପୂର୍ବତନ କାଉନସିଲର ଅଭିଯୋଗ ଆଣିଛନ୍ତି। ଅନ୍ୟପଟେ ପୌର ପ୍ରଶାସନ ରଦ୍ଦି ଲୁହା ଦରରେ ଏହି ପାଣି ଟାଙ୍କିକୁ କବାଡ଼ିଆଙ୍କୁ ଟେଣ୍ଡର ମାଧମରେ ବିକ୍ରି କରିଥିବା ନେଇ ଜଣାପଡ଼ିବା ପରେ ଏଥିରେ ବ୍ୟାପକ ଅନିୟମିତତା ହୋଇଥିବା ସାଧାରଣରେ ମତପ୍ରକାଶ ପାଇଛି। ପ୍ରକାଶ ଯେ, ବିଭିନ୍ନ ସଭାସମିତି, ମାଙ୍ଗଳିକ କାର୍ଯ୍ୟ ଓ ଖରାଦିନେ ଜଳକଷ୍ଟ ଦୂର କରିବା ପାଇଁ ଜଟଣୀ ସହରବାସିନ୍ଦା ପାଣି ଟାଙ୍କିର ମୂଲ୍ୟ ଦେଇ ବ୍ୟବହାର କରିଥାନ୍ତି। ୫ବର୍ଷ ପୂର୍ବେ କିଣାଯାଇଥିବା ଏହି ପାଣିଟାଙ୍କିଗୁଡିକ ଉପଯୁକ୍ତ ରକ୍ଷଣାବେକ୍ଷଣ ଏବଂ ମରାମତି ଅଭାବରୁ ନଷ୍ଟ ହୋଇଯାଇଥିଲା। ମରାମତି କରି ବ୍ୟବହାର କରିବା ପରିବର୍ତ୍ତେ ବିନା ଟେଣ୍ଡରରେ କିପରି ପୌର ପ୍ରଶାସନ ପକ୍ଷରୁ ଏହାକୁ ସ୍ୱଳ୍ପ ମୂଲ୍ୟରେ ବିକ୍ରି କରିଦିଆଗଲା ବୋଲି ପୂର୍ବତନ କାଉନସିଲର ବିଷ୍ଣୁ ସାହୁ କହିଛନ୍ତି। ପୌର ପ୍ରଶାସନର ଦାୟିତ୍ୱହୀନତା ଏବଂ ଅବହେଳାରୁ ସହର ବାସିନ୍ଦା ଏହି ସୁଯୋଗରୁ ବଞ୍ଚିତ ହେବେ ବୋଲି ବରିଷ୍ଠ ନାଗରିକ ଅକ୍ଷୟ ମହାନ୍ତି କହିଛନ୍ତି। ଏନେଇ ପୌର ପ୍ରଶାସନର ଜଣେ ଅଧିକାରୀ କହିଛନ୍ତି, ରଦ୍ଦି ଲୁହା ସାମଗ୍ରୀ ବିକ୍ରି ଲାଗି ମାର୍ଚ୍ଚରେ ଟେଣ୍ଡର ଆହ୍ୱାନ କରାଯାଇଥିଲା। ୩ଟି ଠିକା ସଂସ୍ଥା ଯଥାକ୍ରମେ ୧୦,୧୧ ଏବଂ ୧୫ଟଙ୍କା ୫୦ପଇସା ଦାମ ଉଲ୍ଲେଖ କରିଥିଲେ। ଅଧିକ ଟଙ୍କା ଦର୍ଶାଇଥିବା ସଂସ୍ଥାକୁ ଅନୁମତି ଦିଆଯାଇଥିଲା। ଅନ୍ୟପଟେ ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ କହିଛନ୍ତି, ଟେଣ୍ଡର ପ୍ରକ୍ରିୟାରେ କୌଣସି ଅନିୟମିତା ହୋଇଥିବା ନେଇ ଅଭିଯୋଗ ଆସିଲେ, ଘଟଣାର ତଦନ୍ତ କରାଯିବ।

# ‘ଜୀବନ ପଥେ’ ସାହିତ୍ୟ ଆସର

ଭୁବନେଶ୍ୱର, ୧୩।୯(ବ୍ୟୁରୋ)

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପକ୍ଷରୁ ରମାଦେବୀ ଚୌଧୁରୀଙ୍କ ନାମରେ ‘ଜୀବନ ପଥେ’ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ସ୍ନାତକୋତ୍ତର ପରିଷଦ ଅଧକ୍ଷା ପ୍ରଫେସର ସସ୍ମିତା ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ ଅଧକ୍ଷତା କରିଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟିକା ତଥା ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ଅବସରପ୍ରାପ୍ତ ପ୍ରଫେସର ଡ. ସଂଘମିତ୍ରା ମିଶ୍ର ଯୋଗଦେଇ ଏହି ଆସର ନୂତନ କବି ଓ ଲେଖିକା ସୃଷ୍ଟି କରାଇବାରେ ଯୁଗାନ୍ତକାରୀ ଭୂମିକା ନିଭାଇବ ବୋଲି ଆଶା ବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ରମାଦେବୀ ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ଅବସରପ୍ରାପ୍ତ ପ୍ରାଧ୍ୟାପିକା ଡ. ସେବତୀ ମିଶ୍ର, ଯୁବକବି ଶତ୍ରୁଜିତ୍, ଭାଷାତତ୍ତ୍ୱବିତ୍ ଡ. ଦେବାଶିଷ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଓଡ଼ିଆ ବିଭାଗର ଛାତ୍ରୀ ସ୍ୱରୂପା ସୂତାର ସଂଯୋଜନା କରିଥିବାବେଳେ ସ୍ନାତକୋତ୍ତର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଡ. ସଂଘମିତ୍ରା ଭଞ୍ଜ ପରିଚାଳନା କରିଥିଲେ। ଅଧ୍ୟାପିକା ଦୀପ୍ତିମୟୀ ସାହୁ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

# ରାଜଧାନୀରେ ନୂଆଁଖାଇ ଭେଟଘାଟ

ଭୁବନେଶ୍ୱର, ୧୩।୯(ବ୍ୟୁରୋ)

ଉତ୍କଳ ସମ୍ମିଳନୀ କାର୍ଯ୍ୟାଳୟରେ ସମ୍ମିଳନୀ ପକ୍ଷରୁ ରବିବାର ନୂଆଁଖାଇ ଭେଟଘାଟ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟି ଉପସଭାପତି ବିଚିତ୍ରାନନ୍ଦ ସାହୁ ସଭାପତିତ୍ୱ କରିଥିଲେ। ଅନ୍ୟତମ ଉପସଭାପତି ବିଚିତ୍ର କୁମାର ବଡଜେନା, ଡ. ସୁରେନ୍ଦ୍ର ମିଶ୍ର ଓ ସମ୍ମିଳନୀର ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଦିଲୀପ ଦାଶଶର୍ମା ନୂଆଁଖାଇ ଉପଲକ୍ଷେ ବାର୍ତ୍ତା ପ୍ରଦାନ କରିଥିଲେ। ଭାଇଚାରା ତଥା ଭ୍ରାତୃଭାବ ବଢାଇବା ପାଇଁ ଓଡିଶାରେ ବାରମାସରେ ତେର ପର୍ବ ଅଛି ଓ ଏହାକୁ ଠିକ୍ ଭାବେ ଉପଯୋଗ କରିବା ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଶାଖାର ଉପସଭାପତି ସୁବ୍ରତ କୁମାର ମହାପାତ୍ର ଓ ବିଶ୍ୱରଞ୍ଜନ ଆଚାର୍ଯ୍ୟ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଶେଷରେ ସମସ୍ତେ ଏକସାଙ୍ଗରେ ବସି ନବାନ୍ନ ଭୋଜନ କରିଥିଲେ।




ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

# ୪୮ ଘଣ୍ଟା ପରେ ବି ପତ୍ତା ପାଉନି ପୋଲିସ

## ଡେଲିଭରି ବୟଙ୍କୁ ଅପହରଣ ଘଟଣା

- ଶନିବାର ରାତିରେ ଅପହରଣ ହୋଇଥିଲେ

ଭୁବନେଶ୍ୱର,୧୩।୯(ବ୍ୟୁରୋ)

ଶନିବାର ରାତିରେ ଜଣେ ଡେଲିଭରି ବୟଙ୍କୁ ଦୁର୍ବୃତ୍ତମାନେ ଅପହରଣ କରିନେଇଥିବା ଧଉଳି ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଥିବା ବେଳେ ଘଟଣାକୁ ୪୮ ଘଣ୍ଟା ବିତିଛି। ହେଲେ ଅପହରଣ ହୋଇଥିବା ପତିତପାବନ ପୃଷ୍ଟିଙ୍କୁ ପୋଲିସ ଖୋଜି ପାଇନାହିଁ। ତେବେ ଏନେଇ ଜୋନ୍-୨ ଏସିପି ବିଷ୍ଣୁ ପ୍ରସାଦ ପାତ୍ରଙ୍କ କହିବା କଥା, ଏହି ଘଟଣାରେ ୪ଟି ଟିମ୍ ଗଠନ କରାଯାଇଛି। ତଥ୍ୟ ପ୍ରମାଣ ଆଧାରରେ ବିଭିନ୍ନ ଦିଗକୁ ନେଇ ତଦନ୍ତ କରାଯାଉଥିବା ସେ କହିଛନ୍ତି। ଅନ୍ୟପଟେ ପୋଲିସ ଗୁରୁତ୍ୱର ସହ ନେଇ ଖୋଜୁ ନ ଥିବା ପତିତପାବନଙ୍କ ବଡଭାଇ ପୁରୁଷୋତ୍ତମ ପୃଷ୍ଟି ଅଭିଯୋଗ କରିଛନ୍ତି। ତେବେ ଏହି ଘଟଣାରେ ପରିବାରଲୋକଙ୍କ ସମ୍ପୃକ୍ତି ଥିବା ମଧ ପୋଲିସ ସନ୍ଦେହ କରୁଛି। ଏସମ୍ପର୍କରେ ପତିତପାବନଙ୍କ ପତ୍ନୀ ଅହଲ୍ୟା ପୃଷ୍ଟିଙ୍କୁ କହିଛନ୍ତି, ସ୍ୱାମୀଙ୍କ ନିଖୋଜ ହେବାର ୪୮ଘଣ୍ଟା ବିତିଲାଣି। ତାଙ୍କ ଦେହରେ ଛୁରି ଭୁସା ଯାଇଥିଲା। ସେ ଏବେ କେମିତି ଅଛନ୍ତି, କିଭଳି ଅବସ୍ଥାରେ ଅଛନ୍ତି, ତାଙ୍କ ସହ କ’ଣ ଘଟିଛି କିଛି ଜଣାପଡୁନାହିଁ। । ପୋଲିସକୁ ପଚାରିବାରୁ ସନ୍ଧାନ ମିଳିଲେ ଖବର ଦିଆଯିବ ବୋଲି କହୁଛନ୍ତି। ତେବେ ଘଟଣା ଉପରେ ରହସ୍ୟ ଉଠି ନ ଥିବା ବେଳେ ଏହାକୁ ନେଇ ଚର୍ଚ୍ଚା ଲାଗି ରହିଛି। ସୂଚନାଯୋଗ୍ୟ, ପତିତପାବନ ତାଙ୍କ ପତ୍ନୀ ଓ ବଡ଼ଭାଇଙ୍କ ସହ ସ୍ଥାନୀୟ ଥାନା ନୂଆଗାଁ ବିଜୟ ବିହାରରେ ଘର ଭଡ଼ା ନେଇ ରହୁଥିଲେ। । ପତିତପାବନ ଏକ ଖାଦ୍ୟ ଡେଲିଭରି ସଂସ୍ଥାରେ କାମ କରୁଥିଲେ। ଶନିବାର ସନ୍ଧ୍ୟା ପ୍ରାୟ ୬ଟାରେ ଖାଦ୍ୟ ଅର୍ଡର ପାଇଁ ଯିବା ସହ ନୂଆ ଗ୍ୟାରେଜ ପାଇଁ କିଛି ଉପକରଣ କିଣିବାକୁ କହି ସାଙ୍ଗରେ ୩୦ ହଜାର ଟଙ୍କା ନେଇ ଘରୁ ବାହାରିଥିଲେ। ତେବେ ରାତି ପ୍ରାୟ ୯ଟା ୪୫ରେ ସେ ତାଙ୍କ ସ୍ତ୍ରୀ ଅହଲ୍ୟାଙ୍କୁ ଫୋନ୍ କରି କହିଥିଲେ, ସୁନ୍ଦରପଦା ଓ ସାମନ୍ତରାପୁର ମଝି କପିଳେଶ୍ୱର କେନାଲ ବନ୍ଧରେ ତାଙ୍କ ଗାଡ଼ି ଖରାପ ହୋଇଯାଇଥିବାରୁ ମୁଁ ଯାଇପାରୁନି। ପଛପଟେ ମଦୁଆ ୪ରୁ ୫ଜଣ ଅଛନ୍ତି। ପାଖରେ ଟଙ୍କା ଥିବାରୁ ଭୟ ଲାଗୁଥିବା କହିଥିଲେ। ତେବେ ପରେ ତାଙ୍କ ସ୍ତ୍ରୀଙ୍କୁ ହ୍ୱାଟ୍ସଆପ୍‌ରେ ଅତି ଭୟଭୀତ ହୋଇ ଏକ ଭଏସ୍ ମେସେଜ ପଠାଇ ତାଙ୍କୁ କିଛି ଲୋକ ଛୁରୀ ଭୁସି ତାଲା ଅଟୋରେ ପକାଇ ନେଇଯାଉଛନ୍ତି। ବଡଭାଇକୁ ଇତ୍ତରାଠି ଆସିବା ପାଇଁ କହିଥିଲେ। ଏହାପରେ ପରିବାର ଲୋକେ ଖୋଜାଖୋଜି କରି ତାଙ୍କୁ ନ ପାଇବାରୁ ଶେଷରେ ରାତି ପ୍ରାୟ ୨ଟାରେ ସେମାନେ ଧଉଳି ଥାନାରେ ଅଭିଯୋଗ କରିଥିଲେ। ରବିବାର ସକାଳ ପ୍ରାୟ ୮ଟାରେ ଲିଙ୍ଗିପୁର ନଦୀ ବନ୍ଧ ନିକଟରେ ପୋଲିସ ଓ ପରିବାର ଲୋକେ ଖୋଜାଖୋଜିବେଳେ ପତିତପାବନଙ୍କର ଚପଲ, ଖାଦ୍ୟ ଯୋଗାଣକାରୀ ସଂସ୍ଥାର ବ୍ୟାଗ୍, ଟି-ଶାର୍ଟ, ଖାଲି ପର୍ସ ଓ ନିକଟରେ ପୋତାଯାଇଥିବା ଏକ ଛୁରି ମିଳିଥିଲା।



ପତିତପାବନ ପୃଷ୍ଟି

**ଗୁରୁ ସମ୍ବର୍ଦ୍ଧନା ଉତ୍ସବ**

ପୁରୀ ଅଫିସ- ଶ୍ୟାମ ସୁନ୍ଦର ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ମହାବିଦ୍ୟାଳୟ ପରିସରରେ ଗୁରୁ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଛି। ପ୍ରଥମେ ତାନ୍‌ପୁରାର ମୁଖ୍ୟ ସମ୍ପାଦକ ନାରାୟଣ ଚନ୍ଦ୍ର ସିହ୍ନା ମହାପ୍ରଭୁଙ୍କ ସ୍ତୁତି ଗାନ କରିବା ସହ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଅନୁଷ୍ଠାନ ସଭାପତି ଗୋବିନ୍ଦ ଚନ୍ଦ୍ର ପାଲଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ତଥା ଓଡ଼ିଶା ସଙ୍ଗୀତ ଏକାଡେମୀ ତରଫରୁ ସମ୍ବର୍ଦ୍ଧିତ ହୋଇଥିବା ଅନୁଷ୍ଠାନର ଅଧକ୍ଷ ଗୁରୁ ଚନ୍ଦ୍ରମଣୀ ଲେଙ୍କାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ଭରତ ନାୟକ ସଂଯୋଜନା ଓ ଗୁରୁ ଲିଙ୍ଗରାଜ ମିଶ୍ର ପରିଚାଳନା କରିଥିଲେ। ଏଥିରେ ଶ୍ରୀଧର ମହାପାତ୍ର, ଅନୁଷ୍ଠାନ ସମ୍ପାଦକ ମହାବରୀ ପ୍ରତିହାରୀ, ସଙ୍ଗୀତା ନାୟକ ଏବଂ ଜେନି ଜେନା ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ବଟି ମାଗିବା ଅଭିଯୋଗରେ ୫ ଗିରଫ

ପୁରୀ ଅଫିସ,୧୩।୯ - ସମୁଦ୍ରକୂଳ ଥାନା ପୋଲିସ ବଟି ମାଗିବା ଅଭିଯୋଗରେ ୩ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ୟୁଥ୍ ହଷ୍ଟେଲ ବାଙ୍କୀ ମୁହାଣ ନିକଟସ୍ଥ ରାଜେଶ ମହାନ୍ତି ଓରଫ ରାଜା, ରାମ ମନ୍ଦିର ସାଲବେଗ ସାହିର ପ୍ରମୋଦ ଜାଲି ଏବଂ ପେଣ୍ଠକଟା ଭୂଦାନ ନଗରର ରବି ସୁବୁଦ୍ଧି। ସେମାନଙ୍କଠାରୁ ଗୋଟିଏ ଖଣ୍ଡା, ଦୁଇଟି ଛୁରି ଏବଂ ନଗଦ ୪୩୫ ଟଙ୍କା ଜବତ କରିଛି। ଏ ନେଇ ପୋଲିସ ନଂ. ୧୯୫/୨୧ରେ ଏକ ମାମଲା ରୁଜୁ କରିଛି। ସୂଚନା ଅନୁଯାୟୀ ରବିବାର ସନ୍ଧ୍ୟାରେ ଥାନାର ଏଏସ୍‌ଆଇ ବିଜୟ ମହାପାତ୍ରଙ୍କ ଟିମ୍ ପାଟ୍ରୋଲିଂ କରୁଥିବା ବେଳେ ପେଣ୍ଠକଟା ମାଛ ମାର୍କେଟ ପରିସରରେ ଦୋକାନୀମାନଙ୍କଠାରୁ କିଛି ଦୁର୍ବୃତ୍ତ ବଟି ମାଗୁଥିବା ଖବର ପାଇଥିଲା। ଉକ୍ତ ଟିମ୍ ସେଠାରେ ଚଢ଼ାଉ କରି ୩ଜଣଙ୍କୁ ଧରିଥିଲା। ସେହିପରି ପେଣ୍ଠକଟା ମେରାଇନ ଥାନା ପୋଲିସ ବଟି ମାଗିବା ଅଭିଯୋଗରେ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ବାଲିଗୁଆଳିଅଞ୍ଚଳର ମୁନ୍ନା ପ୍ରଧାନ ଏବଂ କୈଳାସ ପ୍ରଧାନ(୨୧)। ଅଭିଯୁକ୍ତଙ୍କ ଠାରୁ ଛୁରି ଜବତ କରିଛି। ଏ ନେଇ ନଂ. ୭୩/୨୧ରେ ଏକ ମାମଲା ରୁଜୁ କରିଛି। ସୂଚନା ଅନୁଯାୟୀ, ପୁରୀ-କୋଣାର୍କ ରାସ୍ତାର ବେଲଦଳ ବଜାର ଅଞ୍ଚଳରେ ୨ ଅପରାଧୀ ଛୁରି ଦେଖାଇ ସ୍ଥାନୀୟ ଦୋକାନୀଙ୍କଠାରୁ ବଟି ଆଦାୟ କରୁଥିବା ଖବରପାଇ ପେଣ୍ଠକଟା ମେରାଇନ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ତେବେ ଉଭୟଙ୍କ ନାମରେ ପୁରୀ ଜିଲାର ବିଭିନ୍ନ ଥାନାରେ ଏକାଧିକ ଆପରାଧିକ ମାମଲା ଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି ।

### ଗୋବିନ୍ଦ ଚନ୍ଦ୍ରିକା ଗ୍ରନ୍ଥର ଲୋକାର୍ପଣ ଉତ୍ସବ

ପୁରୀ ଅଫିସ,୧୩।୯- କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ଶ୍ରୀ ସଦାଶିବ ପରିସରରେ ପଣ୍ଡିତ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କର ଅଭିନନ୍ଦନସ୍ୱରୂପ ଗୋବିନ୍ଦ ଚନ୍ଦ୍ରିକା ଗ୍ରନ୍ଥର ଲୋକାର୍ପଣ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ପୂର୍ବତନ ପ୍ରାଚାର୍ଯ୍ୟ ହରେକୃଷ୍ଣ ମହାପାତ୍ର ଅଭିନନ୍ଦନ ସମିତିର ଅଧକ୍ଷ ଭାବେରେ ଗୁଗୁଲ ମିଟ୍‌ରେ ଯୋଗଦେଇଥିଲେ। ଅନ୍ୟ ଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ନୀଳକଣ୍ଠ ପତି, କିଶୋର ଚନ୍ଦ୍ର ପାଢ଼ୀ ଓ ବର୍ତ୍ତମାନର କୁଳପତି ହରିହର ହୋତା ଉପସ୍ଥିତ ରହି ପୂଜ୍ୟପୂଜା ହିଁ ଆମର ସଂସ୍କୃତି ଗୋବିନ୍ଦ ଚନ୍ଦ୍ରିକାନ୍ତ ଗ୍ରନ୍ଥ ଏହାର ପ୍ରମାଣ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପ୍ରତିକାର ସମ୍ପାଦିକା ଗୌରପ୍ରିୟା ମାନପତ୍ର ପାଠ କରିଥିଲେ। କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟର କୁଳାଧିପତି ରାଜେନ୍ଦ୍ର ପ୍ରସାଦ, ଗୋପାଳ କୃଷ୍ଣ ଦାଶ, ଓଡ଼ିଶା ସଂସ୍କୃତ ଏକାଡେମୀର ଅଧକ୍ଷ ପ୍ରମୋଦଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇ ପଣ୍ଡିତଙ୍କ ସଂସ୍କୃତ ପ୍ରତି ଥିବା ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହରେକୃଷ୍ଣ ଶତପଥୀ, ପ୍ୟାରୀମୋହନ ପଟ୍ଟନାୟକ, ସଦାନନ୍ଦ ଦୀକ୍ଷିତ, ପ୍ରଳୟ ନନ୍ଦ, ସୁକାନ୍ତ ସେନାପତି, ଶାରଦା ସାମନ୍ତରାୟ, ଯୁଧିଷ୍ଠିର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟର ପ୍ରାଚାର୍ଯ୍ୟ ଜଗବନ୍ଧୁ ମିଶ୍ରଙ୍କ ସମେତ ପ୍ରମୁଖ ବ୍ୟକ୍ତିମାନେ ପଣ୍ଡିତଙ୍କୁ ସ୍ୱତନ୍ତ୍ର ସମ୍ମାନ ଏବଂ ଉପହାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଖଗେଶ୍ୱର ମିଶ୍ରଙ୍କ ସହିତ ଡ. ଜ୍ୟୋତି ପ୍ରକାଶ ନନ୍ଦ, ଡ. ଅଜୟ ଦାଶ, ଡ.ପ୍ରଦୀପ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଗ୍ରନ୍ଥର ଅନ୍ୟତମ ସମ୍ପାଦିକା ଡା. ହରପ୍ରିୟା ଦାଶ ଧନ୍ୟବାଦ ଦେଇଥିଲେ।

### ଆଇନଜୀବୀ ସତ୍ୟବ୍ରତ ପ୍ରଧାନଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

କଟକ ଅଫିସ,୧୩।୯: ଆଇନଜୀବୀ ସତ୍ୟବ୍ରତ ପ୍ରଧାନଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ହାଇକୋର୍ଟ ବାର୍ ଆସୋସିଏଶନ ପରିସରରେ ସୋମବାର ପାଳିତ ହୋଇଯାଇଛି। ଏଥିରେ ଜଷ୍ଟିସ ଏସ୍. କେ. ପାଣିଗ୍ରାହୀ ଯୋଗଦେଇ ସ୍ୱର୍ଗତ ପ୍ରଧାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ଜଗବନ୍ଧୁ ସାହୁ, ଆଇନଜୀବୀ ବାସୁଦେବ ପୂଜାରୀଙ୍କ ସହ ଅନ୍ୟ ଆଇନଜୀବୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ସକାଳେ ଆଇନଜୀବୀ ସତ୍ୟବ୍ରତ ପ୍ରଧାନ ସ୍ମୃତି ପରିଷଦର ସାଧାରଣ ସମ୍ପାଦକ ତଥା ଆଇନଜୀବୀ ସଞ୍ଜୟ କୁମାର ଦାସଙ୍କ ନେତୃତ୍ୱରେ ଗଡଗଡିଆ ଘାଟଠାରେ ତିଳତର୍ପଣ କରାଯାଇଥିଲା। ସେହିପରି କଟକ କ୍ରିମିନାଲ କୋର୍ଟ ବାର୍ ଆସୋସିଏଶନ ପକ୍ଷରୁ ପ୍ରଧାନଙ୍କ ଶ୍ରାଦ୍ଧବାର୍ଷିକୀ ପାଳନ କରାଯାଇଥିଲା।

# ଅନ୍ତ୍ୟେଷ୍ଟି କ୍ରିୟାରେ ନିମ୍ନମାନର ଘିଅ ବ୍ୟବହାର

**ପୁରୀ ଅଫିସ,୧୩।୯:**




ପୁରୀ ସ୍ୱର୍ଗଦ୍ୱାରରେ ସତ୍କାର କଲେ ମୃତବ୍ୟକ୍ତିଙ୍କୁ ପୁଣ୍ୟ ପ୍ରାପ୍ତି ହେଉଥିବା ବିଶ୍ୱାସରେ ଲୋକେ ଏଠାକୁ ଆସନ୍ତି। ହେଲେ ସ୍ୱର୍ଗଦ୍ୱାରରେ ପୂଜା ଓ ଅନ୍ତ୍ୟେଷ୍ଟି କ୍ରିୟାବେଳେ ସାମଗ୍ରୀ କିଣାବିକାରେ ସରକାରୀ ଆଇନକୁ ଖୋଲାଖୋଲି ଭାବେ ଉଲ୍ଲଂଘନ କରାଯାଉଥିବା ଅଭିଯୋଗ ହୋଇଛି। ଏଠାରେ ମୃତଦେହ ସତ୍କାର ପାଇଁ କେବଳ ଓମଫେଡ୍ ଘିଅ ଉଦ୍ଦିଷ୍ଟ ଥିବାବେଳେ ଦୋକାନରେ ନିମ୍ନମାନର ଘିଅ ଦିଆଯାଉଛି। ସାଧାରଣ ଲୋକଙ୍କ ଉଦ୍ଦେଶ୍ୟରେ ଏକ ସାମଗ୍ରୀ ତାଲିକା ସ୍ୱର୍ଗଦ୍ୱାର ପରିସର ମଧ୍ୟରେ ରହିଛି। ଯେଉଁଥିରେ ସ୍ପଷ୍ଟ ଭାବେ ଲେଖାଅଛି କେବଳ ଓମ୍‌ଫେଡ୍ ଘିଅ ହିଁ ବିକ୍ରି ଉଦ୍ଦେଶ୍ୟରେ ମିଳିପାରିବ। ତେବେ ସାମଗ୍ରୀ ଦୋକାନୀ ଓମ୍‌ଫେଡ୍ ଘିଅ ବଦଳରେ ଅଲଗା ଘିଅ ଦେଉଥିବା ଲୋକେ ଅଭିଯୋଗ କରିଛନ୍ତି। ଏପରିକି ଏ ନେଇ ସ୍ୱର୍ଗଦ୍ୱାର ସେବା ସମିତି ପକ୍ଷରୁ ଜାଣିଥିଲେ ମଧ୍ୟ କାହିଁକି କାର୍ଯ୍ୟାନୁଷ୍ଠାନ ନିଆଯାଉନି ସେନେଇ ପ୍ରଶ୍ନ ଉଠିଛି।

ସାଧାରଣତଃ ଅଧିକାଂଶ ଲୋକେ ହରିଶ୍ଚନ୍ଦ୍ର ଯୋଜନାରେ ମାଗଣାରେ ମୃତଦେହ ସତ୍କାର କରୁଛନ୍ତି। ଫଳରେ ସରକାର ଏହି ଖର୍ଚ୍ଚ ବହନ କରୁଥିବା ବେଳେ ସ୍ୱର୍ଗଦ୍ୱାର ପରିସରରେ ଥିବା ଅନ୍ତ୍ୟେଷ୍ଟି କ୍ରିୟା ସାମଗ୍ରୀ ଲୋକଙ୍କୁ ମାଗଣାରେ ଯୋଗାଇ ଦିଆଯାଉଛି। ଲୋକେ ମାଗଣାରେ ସାମଗ୍ରୀ ପାଉଥିବା ହେତୁ କେଉଁ କମ୍ପାନୀର ଘିଅ ମିଳୁଛି ସେନେଇ ପ୍ରଶ୍ନ ଉଠାଉନାହାନ୍ତି। ମାତ୍ର ଅପରପାର୍ଶ୍ୱରେ ଅନ୍ତ୍ୟେଷ୍ଟି କ୍ରିୟା ସାମଗ୍ରୀ ଦୋକାନ କରିଥିବା ବ୍ୟକ୍ତି ସରକାରଙ୍କଠାରୁ ଓମ୍‌ଫେଡ୍ ଘିଅ ମୂଲ୍ୟର ଟଙ୍କା ନେଇ ଲୋକଙ୍କୁ ନିମ୍ନମାନର ଘିଅ ଦେଉଛନ୍ତି। ଏ ସମ୍ପର୍କରେ ଦୋକାନରେ ଥିବା କର୍ମଚାରୀଙ୍କୁ ପଚାରିବାରେ ଦୋକାନର ମାଲିକାନା ମୋ ପାଖରେ ନାହିଁ। ମୋତେ ଯାହା କୁହାଯାଇଛି ମୁଁ ତାହା ବିକ୍ରି କରୁଛି ବୋଲି କହିଛନ୍ତି। ଓମ୍‌ଫେଡ୍ ଘିଅ ଓ ଏହି ନିମ୍ନ ମାନର ଘିଅ ମଧ୍ୟରେ ଅତିକମ୍‌ରେ ୫୦ ଟଙ୍କାର ଅନ୍ତର ରହୁଛି। ଅର୍ଥାତ୍ ଦୈନିକ ପ୍ରତିଟି ଶବଦାହରେ

**ସ୍ୱର୍ଗଦ୍ୱାରରେ ମୃତଦେହ ସତ୍କାର**

ଏମାନଙ୍କୁ ୫୦ ଟଙ୍କାର ଲାଭ ହେଉଛି। ମୋଟାମୋଟି ଭାବେ ଦିନକୁ ୬୦ରୁ ୭୦ ଶବଦାହ ହେଉଥିଲେ, ୩ହଜାର ଟଙ୍କା ଏହି ବାବଦରେ ହେରଫେର କରାଯାଉଛି। କିଛି ସଚେତନ ଲୋକେ ନିମ୍ନମାନର ଘିଅକୁ ନେଇ ପ୍ରଶ୍ନ କଲେ ଏହାକୁ ତୁରନ୍ତ ବଦଳାଇ ଓମଫେଡ୍ ଘିଅ ଦିଆଯାଉଛି। ଦୋକାନରେ ଓମ୍‌ଫେଡ୍ ରଖାଯାଇଥିବା ବେଳେ ଲୋକଙ୍କୁ ନିମ୍ନମାନର ଘିଅ ଦିଆଯାଉଛି। ଏ ନେଇ ଅଭିଯୋଗ କରିବା ପାଇଁ ଏକ ଟୋଲ୍ ଫ୍ରି ନମ୍ବରର ଆବଶ୍ୟକତା ରହିଛି ବୋଲି ଶବଦାହ କରିବାକୁ ଆସିଥିବା ଶୁଭ୍ରାଂଶୁ ନାୟକ କହିଛନ୍ତି। ଅନ୍ୟପକ୍ଷରେ ଏ ନେଇ ସ୍ୱର୍ଗଦ୍ୱାର ମ୍ୟାନେଜର ବିଶ୍ୱନାଥ ସାହୁ କହିଛନ୍ତି, ଅଭିଯୋଗ ଦାଖଲ କରାଯାଇଛି। ଏ ସମ୍ପର୍କରେ ସ୍ୱର୍ଗଦ୍ୱାର ସେବା ସମିତିକୁ ଜଣାଯିବ। ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

# ଚିଲିକା ହ୍ରଦରେ ପାଣିତୋଳା ଉତ୍ସବ

**ବାଲୁଗାଁ,୧୩।୯(ଡି.ଏନ୍.ଏ.):**

ଚିଲିକା ହ୍ରଦରେ ସୋମବାର ସନ୍ଧ୍ୟାରେ ବାଣପୁର ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀ ଓ କାଳିଜାଈଙ୍କ ପାଣିତୋଳା ଉତ୍ସବ ଅନୁଷ୍ଠିତ ହେବା ସହ ଶାରଦୀୟ ପାର୍ବଣର ପରମ୍ପରା ଶୁଭାରମ୍ଭ ହୋଇଛି। କରୋନା ଯୋଗୁ ଚଳିତବର୍ଷ ନିରାଡ଼ମ୍ବରଭାବେ ସ୍ୱଳ୍ପ ସେବାୟତ ଓ ଭକ୍ତଙ୍କ ଗହଣରେ ଏହି ଉତ୍ସବ ପାଳିତ ହୋଇଯାଇଛି।

ପରମ୍ପରା ଅନୁଯାୟୀ, ଭଗବତୀଙ୍କ ଶାରଦୀୟ ପାର୍ବଣ ନିମନ୍ତେ ତଥାକଥିତ ୬ ଭଉଣୀଙ୍କୁ ବିଭିନ୍ନ ତିଥିରେ ନିମନ୍ତ୍ରଣ କରାଯାଇଥାଏ। ଏପରିସ୍ଥଳେ ପୂର୍ବରୁ ୫ ଭଉଣୀ ବିରଜାଇ, ନାରାୟଣୀ, ପୋଲକାଶୁଣୀ, ସିଦ୍ଧାମ୍ବରୀ ଓ ବୁଢ଼ୀ ଠାକୁରାଣୀଙ୍କୁ ନିମନ୍ତ୍ରିତ ହୋଇସାରିଛି। ତେବେ ଚିଲିକାରେ ଥିବା ଭଉଣୀ କାଳିଜାଈଙ୍କୁ ନିମନ୍ତ୍ରଣ କରିବା ପାଇଁ ଭଗବତୀଙ୍କ କାଠି ଠାକୁରାଣୀ ସୋମବାର ଅପରାହ୍ନରେ ସେବାୟତଙ୍କ ଗହଣରେ ଘଣ୍ଟ, ବାଦ୍ୟ, କାହାଳୀ ପାଟପତୁଆର ସହ ବାଣପୁରରୁ ବାହାରି ବାଲୁଗାଁ ଚିଲିକା କୂଳରେ ପହଞ୍ଚିଥିଲେ। ସେଠାରୁ ଏକ ସୁସଜ୍ଜିତ ବୋଇତରେ ମା'ଙ୍କୁ ବିରାଜମାନ କରାଯାଇ ଚିଲିକା ବକ୍ଷ ମଧ୍ୟ ଭାଗକୁ ନିଆଯାଇଥିଲା। ଅନ୍ୟ ଏକ ଡଙ୍ଗାରେ କାଳିଜାଈଙ୍କ ଆଜ୍ଞାମାଳ ଆସିବା ପରେ ପାଣିତୋଳା ଉତ୍ସବ ଆରମ୍ଭ ହୋଇଥିଲା। ପୂଜାନୀତି ପରେ କାଳିଜାଈଙ୍କୁ ନିମନ୍ତ୍ରଣ ସ୍ୱରୂପ ଆଜ୍ଞାମାଳ ନେଇ ପ୍ରତ୍ୟାବର୍ତ୍ତନ କରିଥିଲେ।



ସେବାୟତଙ୍କ ଗହଣରେ ମା' ଭଗବତୀଙ୍କ ଚଳନ୍ତି ପ୍ରତିମା କାଠି ଠାକୁରାଣୀ।

**ଭଗବତୀଙ୍କ ଶାରଦୀୟ ପାର୍ବଣ ଆରମ୍ଭ**

- କାଳିଜାଈଙ୍କ ଆଜ୍ଞାମାଳ ନେଇ ଫେରିଲେ

# ପ୍ରଶିକ୍ଷଣ ହସ୍ପିଟାଲ୍ ନିର୍ମାଣ କାର୍ଯ୍ୟର ସ୍ଥିତି ସମୀକ୍ଷା



ବିଭାଗୀୟ ଯନ୍ତ୍ରୀ ଓ ପୂର୍ତ୍ତ ବିଭାଗର ଅଧିକାରୀମାନେ ସ୍ଥିତି ସମୀକ୍ଷା କରୁଛନ୍ତି ।

**ପୁରୀ ଅଫିସ,୧୩।୯:**

ପୁରୀରେ ୬୫୦ ଶଯ୍ୟା ବିଶିଷ୍ଟ ପ୍ରଶିକ୍ଷଣ ହସ୍ପିଟାଲ୍ ନିର୍ମାଣ କାର୍ଯ୍ୟ ପୁଣିଥରେ ଆରମ୍ଭ ହୋଇଛି। କରୋନା ଯୋଗୁ ନିର୍ମାଣ କାର୍ଯ୍ୟର ପ୍ରକ୍ରିୟା ବନ୍ଦ ହୋଇପଡ଼ିଥିବା ବେଳେ ସେପ୍ଟେମ୍ବର ଗାଇଡ୍‌ଲାଇନ୍ ଆସିବା ପରେ ପୁଣିଥରେ ବିଭାଗୀୟ ତଦାରଖ କାର୍ଯ୍ୟ ଆରମ୍ଭ ହୋଇଛି। କୋଠାବାଡ଼ି ବିଭାଗର ମୁଖ୍ୟ ଯନ୍ତ୍ରୀ ଗୌରାଙ୍ଗ ସାହୁ ପୁରୀ ପୂର୍ତ୍ତ ବିଭାଗର ଅଧିକାରୀଙ୍କ ଉପସ୍ଥିତିରେ ବାଲିଗୁଆଳିସ୍ଥିତ ଶ୍ରୀଜଗନ୍ନାଥ କୋଭିଡ୍ ହସ୍ପିଟାଲ୍ ପାଖରେ ପହଞ୍ଚି କାର୍ଯ୍ୟ ତଦାରଖ କରିବା ସହ ଏହାର ପରବର୍ତ୍ତୀ ରୂପରେଖ ଉପରେ ଆଲୋଚନା କରିଛନ୍ତି। ସମ୍ପ୍ରତି ପାଇଲିଂ କାର୍ଯ୍ୟ ଚାଲିଥିବାବେଳେ ଅକ୍ଟୋବର ସୁଦ୍ଧା ପାଇଲିଂ ଶେଷ ହେବ ବୋଲି ଗୌରାଙ୍ଗ ସାହୁ ସୂଚନା ଦେଇଛନ୍ତି। ରାଜ୍ୟର ଏକ ଅତ୍ୟାଧୁନିକ ହସ୍ପିଟାଲ୍ ଶୈଳୀରେ ଏହାକୁ ନିର୍ମାଣ କରାଯାଉଛି। ଅତ୍ୟାଧୁନିକ ସେବା ଯୋଗାଇବାରେ ଏହି ହସ୍ପିଟାଲ୍ ସହାୟକ ହେବ ଓ ପୁରୀ ଜିଲାର ସ୍ୱାସ୍ଥ୍ୟ ସେବା ଏବଂ ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିବ। ଜୁନ ୨୦୨୩ ସୁଦ୍ଧା ଏହି ପ୍ରକଳ୍ପ କାର୍ଯ୍ୟ ଶେଷ ହେବା ନେଇ କାର୍ଯ୍ୟକ୍ରମ ରହିଛି ବୋଲି ପୂର୍ତ୍ତ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଉଲ୍ଲେଖଯୋଗ୍ୟ, ପୁରୀ ଜିଲାର ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ନେଇ ଅନେକ ସମସ୍ୟା ରହିଛି। ରୋଗୀଙ୍କୁ ଜରୁରିକାଳୀନ ସ୍ଥିତିରେ ସମ୍ବେଦନଶୀଳ ଅବସ୍ଥାରେ ଜିଲା ବାହାରେ ଥିବା ଡାକ୍ତରଖାନାକୁ ସ୍ଥାନାନ୍ତରଣ କରାଯାଉଛି। ଏବେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରୁ ସ୍ଥାନାନ୍ତରିତ ହୋଇ ରୋଗୀ ଏହି ଅତ୍ୟାଧୁନିକ ହସ୍ପିଟାଲ୍‌ରେ ଭର୍ତ୍ତି ହେବ। ସୂଚନା ଅନୁଯାୟୀ କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଥିବା ସମସ୍ତ ଡାକ୍ତରୀ ସୁବିଧା ଏଠାରେ ଉପଲବ୍ଧ ହେବ।

# ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଯୋଜନା କର୍ମଶାଳା

**ଜଟଣୀ,୧୩।୯(ଡି.ଏନ୍.ଏ.):**

ଜଟଣୀ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ସୋମବାର ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତି ଆନୁକୂଲ୍ୟରେ ବ୍ଲକସ୍ତରୀୟ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଯୋଜନା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ସରୋଜ କୁମାର ରାଉତ ଅଧକ୍ଷତା କରିଥିଲେ। ଜଟଣୀ ବ୍ଲକ ପ୍ରକଳ୍ପ ସଂଯୋଜକ ସନ୍ତୋଷ ଦାଶ ସ୍ୱୟଂ ସହାୟକ ଗୋଷ୍ଠୀର ବ୍ୟାଙ୍କ ଋଣର ଧାର୍ଯ୍ୟ ଲକ୍ଷ୍ୟ ଓ କର୍ମଶାଳାର ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ସ୍ୱତନ୍ତ୍ର ଅଭିଯାନରେ ବ୍ୟାଙ୍କ ଋଣ ପାଇବା ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ମୂଲ୍ୟାଙ୍କନ କରିବା, ଆବଶ୍ୟକ ଦସ୍ତାବିଜ ପ୍ରସ୍ତୁତ, କ୍ଷୁଦ୍ର ବିନିଯୋଗ ଯୋଜନା ପ୍ରସ୍ତୁତି, ସମନ୍ୱୟ ମେଳାର ପୂର୍ବ ପ୍ରସ୍ତୁତି, ବ୍ୟାଙ୍କରେ ବିଭିନ୍ନ ଖାତା ଖୋଲିବା, ଋଣ ଫେରସ୍ତ କରିବା ପାଇଁ ସମିତି ଗଠନ, ଆର୍ଥିକ ସାକ୍ଷରତା କେନ୍ଦ୍ର ସ୍ଥାପନ ଆଦି ବିଷୟରେ ବ୍ଲକ୍ ପ୍ରକଳ୍ପ ପରିଚାଳିକା ଶୁଭଦ୍ରା ପଣ୍ଡା ବୁଝାଇଥିଲେ। ଉକ୍ତ କର୍ମଶାଳାରେ ଷ୍ଟେଟ୍ ବ୍ୟାଙ୍କ ଜଟଣୀ ଶାଖାର ଶାଖା ପ୍ରବନ୍ଧକ ସୁଜିତ୍ ବେହେରା, ମମତା ବସ୍ତିଆ, ସାଗରିକା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ନିଖୋଜ ମା'ଝିଅଙ୍କୁ ଉଦ୍ଧାର କଲା ପୋଲିସ

**ନିରାକାରପୁର,୧୩।୯(ଡି.ଏନ୍.ଏ.):**

ବିବାହ ପ୍ରଲୋଭନ ଦେଖାଇ ଜଣେ ଯୁବକ ସୁରଟରୁ ଜଣେ ମହିଳାଙ୍କ ସମେତ ତାଙ୍କ ଝିଅଙ୍କୁ ନେଇଯାଇଥିଲେ। ଏନେଇ ଅଭିଯୋଗ ହେବା ପରେ ସୁରଟର ଇଚ୍ଛାପୋର ପୋଲିସ ସୋମବାର ଖୋର୍ଦ୍ଧା ଜିଲା ନିରାକାରପୁର ଥାନାରେ ପହଞ୍ଚି ମା' ଝିଅଙ୍କୁ ସୁରଟ ନେଇ ଯାଇଥିବା ଜଣାପଡ଼ିଛି। ପୁରୀ ଜିଲା ଗାଡ଼ିଶାଗୋଦା ଥାନା ଅନ୍ତର୍ଗତ କାଙ୍କପୁର ଗ୍ରାମର ବିପିନ ପାଟଶାଣୀ ତାଙ୍କ ସ୍ତ୍ରୀ ସୁନିତା ପାଟଶାଣୀ ଓ ଦେଢ଼ ବର୍ଷର ଝିଅ ନିଖୋଜ ଥିବା ନେଇ ଗତ ଅଗଷ୍ଟ ୨୦ରେ ସୁରଟର ଇଚ୍ଛାପୋର ଥାନାରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ପୋଲିସ ମାମଲା(ନଂ.୧୮/୨୧) ରୁଜୁକରି ସୁନିତାଙ୍କ ମୋବାଇଲ ଟ୍ରାକିଂ କରିଥିଲା। ପ୍ରଥମେ ଫୋନ ହାଇଦ୍ରାବାଦରେ ଥିବା ଦେଖାଉଥିବା ବେଳେ ପରେ କଣାସ ଅଞ୍ଚଳ ଦେଖାଇଥିଲା। ଏନେଇ ଇଚ୍ଛାପୋର ପୋଲିସ ଗଡ଼ିଶାଗୋଦା ଥାନା ସହ ଯୋଗାଯୋଗ କରିଥିଲା। ସୁନିତା ଓ ତାଙ୍କ ଝିଅ ନିରାକାରପୁର ଥାନାରେ ଥିବା ଇଚ୍ଛାପୋର ପୋଲିସ ଜାଣିବାକୁ ପାଇଥିଲା। ଇଚ୍ଛାପୋରର ଏକ ୩ଜଣିଆ ପୋଲିସ ଟିମ୍ ପହଞ୍ଚି ମା'ଓ ଝିଅଙ୍କୁ ନେଇ ସୁରଟ ଫେରିଯାଇଛନ୍ତି। ଏ ସମ୍ପର୍କରେ ସୁନିତା କହିଛନ୍ତି, କାଙ୍କପୁରର ଜଣେ ଯୁବକ ବିବାହ ପ୍ରଲୋଭନ ଦେଖାଇ ତାଙ୍କୁ ଓ ତାଙ୍କ ଦେଢ଼ ବର୍ଷର ଝିଅକୁ ହାଇଦ୍ରାବାଦରେ ରଖିଥିଲେ। ସେ ଆଣିଥିବା ୭୦ ହଜାର ଟଙ୍କା ସରିଯିବା ପରେ ଯୁବକ ଜଣଙ୍କ ତାଙ୍କୁ ମାମୁଘରେ ଛାଡ଼ି ପଳାଇଥିଲେ। ଗଡ଼ିଶାଗୋଦା ଥାନାରେ ଜଣାଇଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ଏହପରେ ଦିନେ ରାତିରେ ନିରାକାରପୁରରେ ବୁଲୁଥିବା ବେଳେ ନିରାକାରପୁର ପୋଲିସ ଉଦ୍ଧାର କରିଥିଲା। ଉକ୍ତ ଯୁବକଙ୍କୁ କଠୋର ଦଣ୍ଡ ମିଳୁ ବୋଲି ସେ ଦାବି କରିଛନ୍ତି।

**ନିରାକାରପୁର ଥାନାରୁ ନେଲେ ସୁରଟ**


**GOVERNMENT OF ODISHA** No.A-446
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER,**
**MAYURBHANJ IRRIGATION DIVISION, BARIPADA**
e-mail: exen.mid@gmail.com FAX/TEL: 06792-295472
**"E" PROCUREMENT NOTICE NO. 02MBJ/2021-22.**

| | | |
|---|---|---|
| 1. Name of works | : | Bank protection works, canal and road works as mentioned in the website. |
| 2. Total no. of works | : | 10 (Ten) nos. of work. |
| 3. Estimated cost | : | Varies from 7.96 lakhs to 32.70 lakhs |
| 4. Class of Contractor | : | 'D' & 'C' and 'C' & 'B' |
| 5. Period of completion | : | As mentioned against work. |
| 6. Other details as follows : | | |
| (i) Procurement Officer | : | Superintending Engineer, Mayurbhanj Irrigation Division, Baripada |
| (ii) Availability of Tender online for bidding | : | **15.09.2021 from 10.00 Hours to 29.09.2021 up to 17.00 Hours.** |
| (iii) Date, time and place of opening of Bid. | : | **On 30.09.2021 at 11.00 Hours** in the O/o the Superintending Engineer, Mayurbhanj Irrigation Division, Baripada |
| (iv) Date of Transparent Lottery to be conducted (if required) | : | **On dt. 05.10.2021 at 11.00 AM.** |
| 7. Further details can be seen from the 'e' Procurement Portal http://tendersorissa.gov.in | | |

**Sd./- Superintending Engineer,**
**Mayurbhanj Irrigation Division, Baripada**
OIPR-32158/11/0006/2122


# ନବନିର୍ମାଣ ପାର୍କର ପାଚେରି ଭୁଶୁଡ଼ିଲା

**ନିମାପଡ଼ା,୧୩।୯(ଡି.ଏନ୍.ଏ.)**

ନିମାପଡ଼ା ବ୍ଲକ ତେରଣ୍ଡିଆ ପଞ୍ଚାୟତ ପକ୍ଷରୁ ଦିଘାଳେ ନୀଳକଣ୍ଠେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ନିକଟରେ ନବନିର୍ମିତ ଗ୍ରାମୀଣ ଉଦ୍ୟାନ(ପାର୍କ)ର ପ୍ରାୟ ୬୦ଫୁଟ ପାଚେରି ଲଗାଣ ବର୍ଷା ଯୋଗୁ ଭୁଶୁଡ଼ି ପଡ଼ିଛି। ୨୦ ଲକ୍ଷ ଟଙ୍କା ବ୍ୟୟରେ ନିମାପଡ଼ା-କୋଣାର୍କ ମୁଖ୍ୟ ରାସ୍ତାକଡ଼ରେ ପ୍ରାୟ ୩ମାସ ତଳେ ଏହି ନବନିର୍ମିତ ପାଚେରିଟି ଭୁଶୁଡ଼ି ପଡ଼ିବା ଯୋଗୁ ପଞ୍ଚାୟତବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହି ପାର୍କଟିର କାର୍ଯ୍ୟ ନିମ୍ନମାନର ହୋଇଥିବା ବେଳେ ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସଲାସୁତୁରା ହୋଇ ଟଙ୍କା ହରିଲୁଟ କରିଥିବା ନେଇ ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ସରକାର ନୀତିନିୟମକୁ ଉଲ୍ଲଂଘନ କରି ମନମୁଖି କାର୍ଯ୍ୟ କରିଥିବାରୁ ବର୍ଷା ଯୋଗୁ ଏହି ପାଚେରି ଭାଙ୍ଗିପଡ଼ିଥିବା ଅଞ୍ଚଳବାସୀ କହିଛନ୍ତି। ତେଣୁ ଏହି ଉଦ୍ୟାନ କାର୍ଯ୍ୟରେ ହୋଇଥିବା ଦୁର୍ନୀତିର ଉଚ୍ଚସ୍ତରୀୟ ତଥା ଭିଜିଲାନ୍ସ ତଦନ୍ତ କରାଯାଉ ବୋଲି ପଞ୍ଚାୟତବାସୀ ସ୍ୱପ୍ନେଶ୍ୱର ବେହେରା, ବାପି କାଣ୍ଡି, ବାସୁଦେବ ସ୍ୱାଇଁ, ପ୍ରଦୀପ୍ତ ସ୍ୱାଇଁ, ଈଶ୍ୱର ସ୍ୱାଇଁ, ବଳରାମ ସ୍ୱାଇଁ, ବାପି ଜେନା, ବିକାଶ କାଣ୍ଡି ପ୍ରମୁଖ ଗଣଶିକ୍ଷା ମନ୍ତ୍ରୀ, ପୁରୀ ଜିଲାପାଳ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ, ଜିଲା ଭିଜିଲାନ୍ସ ଅଧିକାରୀ, ନିମାପଡ଼ା ବିଡିଓଙ୍କ ନିକଟରେ ଦାବି କରିଛନ୍ତି। ଏ ନେଇ ବ୍ଲକ ସହକାରୀ ଯନ୍ତ୍ରୀ ସମୀର ବେହେରା କହିଛନ୍ତି, ନିର୍ମାଣ କାର୍ଯ୍ୟରେ କୌଣସି ଅନିୟମିତତା କରାଯାଇ ନାହିଁ। ସରକାରୀ ନୀତିନିୟମ ଅନୁସାରେ ପାର୍କ ନିର୍ମାଣ ହୋଇଥିବା ସହ ପିଲର, ବିମ୍ ଦିଆଯାଇ ମଜଭୁତ କାର୍ଯ୍ୟ କରାଯାଇଛି। ହେଲେ ପ୍ରବଳ ବର୍ଷା ଯୋଗୁ ନଦୀବନ୍ଧରୁ ଅଧିକ ପାଣି ଗଡ଼ିବା, ମୁଖ୍ୟରାସ୍ତା ପାର୍କ ପାଚେରି କଡ଼ରେ ୪ଫୁଟର ପାଣି ଜମି ରହିବା ଯୋଗୁ ପାଚେରିର କିଛି ଅଂଶ ଭୁଶୁଡ଼ି ପଡ଼ିଯାଇଛି ବୋଲି ସହକାରୀ ଯନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷେ ବିଡିଓ ବସନ୍ତ ମଲ୍ଲିକ କହିଛନ୍ତି, ଘଟଣା ସମ୍ପର୍କରେ ଅବଗତ ହୋଇଛି। କୌଣସି ଲିଖିତ ଅଭିଯୋଗ ହେଲେ ଘଟଣାର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।



ଲଗାଣ ବର୍ଷରେ ପାର୍କର ଏକ ପାଚେରି ଭୁଶୁଡି ପଡିଛି ।

- ନିମ୍ନମାନର କାର୍ଯ୍ୟ ଅଭିଯୋଗ
- ଭିଜିଲାନ୍ସ ତଦନ୍ତ ଦାବି

# ପୁରୀ ସହରକୁ ମଦମୁକ୍ତ ଦାବି

**ପୁରୀ ଅଫିସ,୧୩।୯**

**ପୂଜ୍ୟପୂଜା ସଂସଦ ପକ୍ଷରୁ ଦାବିପତ୍ର**

ପୁରୀ ସହରକୁ ମଦମୁକ୍ତ କରିବା ସହ ସ୍ୱର୍ଗଦ୍ୱାର ନିକଟରେ ଖୋଲାଯାଉଥିବା ମଦ ଦୋକନକୁ ବନ୍ଦ କରିବା ଦାବି କରି ସୋମବାର ପୂଜ୍ୟପୂଜା ସଂସଦ ପକ୍ଷରୁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛି। ସଂସଦର ରାଜ୍ୟ ସଭାପତି କୃଷ୍ଣ ଜଗଦେବଙ୍କ ଅଭିଯୋଗ ଅନୁଯାୟୀ, ଶ୍ରୀଜଗନ୍ନାଥଙ୍କ ପବିତ୍ର ସହର ପୁରୀ ଯାହାକି କୋଟି କୋଟି ଭକ୍ତଙ୍କ ଆସ୍ଥା ଓ ଧାର୍ମିକ ଭାବନାର କେନ୍ଦ୍ରସ୍ଥଳୀ ଏବଂ ସର୍ଗଦ୍ୱାର ସହିତ ହିନ୍ଦୁଙ୍କର ଭାବାବେଗ ଜଡ଼ିତ ରହିଛି। ତେଣୁ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ମଦ ଦୋକାନ ଖୋଲିବା ଗ୍ରହଣୀୟ ନୁହେଁ। ତେବେ ସେଠାରେ ବିଦେଶୀ ମଦ ଦୋକାନ- ଖୋଲାଯାଇଥିବାରୁ ଲୋକଙ୍କ ଭାବାବେଗ ଉପରେ କୁଠାରାଘାତ କରାଯାଇଛି। ପ୍ରକାଶ ଥାଉକି, ନିକଟରେ ପୂଜ୍ୟପୂଜା ସଂସଦର ଭୁବନେଶ୍ୱରର ଶାଖା ସଦସ୍ୟମାନେ ରାଜଭବନରେ ରାଜ୍ୟପାଳଙ୍କୁ ଭେଟି ପୁରୀ ତଥା ରାଜ୍ୟକୁ ମଦ ଓ ନିଶାମୁକ୍ତ କରିବାପାଇଁ ସ୍ମାରକପତ୍ର ପ୍ରଦାନ କରିଥିଲା। ରାଜ୍ୟପାଳ ଏ ସମ୍ପର୍କରେ ରାଜ୍ୟ ସରକାରଙ୍କୁ ଚିଠି ଲେଖିବେ ବୋଲି କହିଥିଲେ। ତେବେ ତାଙ୍କର ପୁରୀ ଆଗମନ କାଳରେ ପୁରୀ ବିକାଶ ପରିଷଦ ପକ୍ଷରୁ ମଧ ଏ ସମ୍ପର୍କରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ମଥୁରା, ବୃନ୍ଦାବନ, ବାରାଣାସୀ, ଚିତ୍ରକୋଟ, ଉଜୟିନୀ ସହରରେ ସେଠାକାର ରାଜ୍ୟ ସରକାରମାନେ ମଦ ବିକ୍ରି ଉପରେ ରୋକ ଲଗେଇଥିବା ବେଳେ ପୁରୀ ପରି ପ୍ରସିଦ୍ଧ ଧାର୍ମିକ ସହରକୁ ମଦ ମୁକ୍ତି କରିବା କ୍ଷେତ୍ରରେ ସ୍ଥାନୀୟ ପ୍ରସାଶନ ଓ ରାଜ୍ୟ ସରକାରଙ୍କର କାହିଁକି ପଦକ୍ଷେପ ନେଉନାହାନ୍ତି ବୋଲି ସଂସଦ ପ୍ରଶ୍ନ କରିଛି। ଯଦି ପ୍ରଶାସନ ପକ୍ଷରୁ ଏକ ସପ୍ତାହ ମଧ୍ୟରେ ମଦ ଦୋକାନ ବନ୍ଦ କରା ନ ଯାଏ ଓ ଏହାର ଅନୁମତିକୁ ପ୍ରତ୍ୟାହାର କରା ନ ଯାଏ, ତେବେ ସଂସଦ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ସତ୍ୟାଗ୍ରହ କରାଯିବ ବୋଲି ସଂସଦ ପକ୍ଷରୁ ସୂଚନା ଦିଆଯାଇଛି।




ପୂଜ୍ୟପୂଜା ସଂସଦର ସଦସ୍ୟମାନେ ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଛନ୍ତି ।


**ସୋନପୁର ପୌର ପରିଷଦ କାର୍ଯ୍ୟାଳୟ, ସୁବର୍ଣ୍ଣପୁର**

**ପତ୍ର ସଂଖ୍ୟା: ୪୮୨୪** **ତା: ୦୯।୦୯।୨୦୨୧**

**No. C-947:-** ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ୱାର୍ଡ ନଂ. ୦୮ରେ ଥିବା ଉପ-ନିର୍ବାହୀ ଯନ୍ତ୍ରୀ (ରାସ୍ତା ଓ କୋଠା), ଉପ-ବିଭାଜନ, ସୋନପୁର କାର୍ଯ୍ୟାଳୟ ନିକଟ ତଥା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପାର୍ଶ୍ୱ ଭେଣ୍ଡିଙ୍ଗ ଜୋନରୁ ୫ ଗୋଟି (କ୍ରମିକ ନମ୍ବର ୧ରୁ ୫) ଦୋକାନ ଗୃହଗୁଡ଼ିକ ଲଟେରୀ ଦ୍ୱାରା ଆବଣ୍ଟନ କରାଯିବ । ଆଗ୍ରହୀ ବ୍ୟକ୍ତିମାନେ ସୋନପୁର ପୌର ପରିଷଦ କାର୍ଯ୍ୟାଳୟରୁ ଟ.୨୦୦/- ମୂଲ୍ୟ ଦେଇ ଆବଶ୍ୟକ ଫର୍ମ କ୍ରୟ କରିପାରିବେ । ଏହା ସହିତ ଧାର୍ଯ୍ୟ ଅମାନତ ରାଶି ବ୍ୟାଙ୍କ ଡ୍ରାଫ୍ଟ ମାଧ୍ୟମରେ Executive Officer, Sonepur Municipalityଙ୍କ ନାମରେ ଜମା ଦେବେ । ତା୨୨।୦୯।୨୦୨୧ ଦିବା ୧୧.୦୦ଟା ସୁଦ୍ଧା ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ନିଜର ସମ୍ପୂର୍ଣ୍ଣ ବିବରଣୀ, ଫର୍ମ କ୍ରୟ ରସିଦ ଓ ଅମାନତ ରାଶି ଡ୍ରାଫ୍ଟ ସହିତ କାର୍ଯ୍ୟାଳୟ ଟେଣ୍ଡର ବାକ୍ସରେ ଦାଖଲ କରିବେ । ତା୨୨।୦୯।୨୦୧୧ ଅପରାହ୍ନ ୧୨.୦୦ ଘଣ୍ଟା ସମୟରେ ପୌର ପରିଷଦ କାର୍ଯ୍ୟାଳୟରେ ଟେଣ୍ଡର ବାକ୍ସକୁ ଖୋଲାଯିବ ଏବଂ ସମସ୍ତ ଆବେଦନକୁ ଚୟନ କମିଟିକୁ ପରବର୍ତ୍ତୀ ପ୍ରକ୍ରିୟା ନିମନ୍ତେ ହସ୍ତାନ୍ତରଣ କରାଯିବ । ଏହାର ନିର୍ଦ୍ଧାରିତ ମୂଲ୍ୟ, ଅମାନତ ରାଶି ଓ ମାସିକ ଭଡ଼ାର ବିବରଣୀ ତଥା ବଣ୍ଟନ ସର୍ତ୍ତାବଳୀ ନିମ୍ନରେ ପ୍ରଦାନ କରାଗଲା ।

| କ୍ରମିକ ନଂ. | ଭେଣ୍ଡିଙ୍ଗ ଜୋନର ଅବସ୍ଥିତି | ଦୋକାନ ଗୃହର ଆକାର | ଅମାନତ ରାଶି | ଦୋକାନ ଗୃହର ମାସିକ ଭଡ଼ା |
|---|---|---|---|---|
| ୧ | ଉପ-ନିର୍ବାହୀ ଯନ୍ତ୍ରୀ (ରାସ୍ତା ଓ କୋଠା), ଉପ-ବିଭାଜନ, ସୋନପୁର କାର୍ଯ୍ୟାଳୟ ନିକଟ ତଥା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପାର୍ଶ୍ୱ ଭେଣ୍ଡିଙ୍ଗ ଜୋନ, ୱାର୍ଡ ନଂ.୮ | ୭'x୬' ଷ୍ଟଲ ନଂ.୧ରୁ ୫ (୫ ଗୋଟି) | ଟ.୧୦୦୦୦ | ଟ.୫୦୦ |

**ସର୍ତ୍ତାବଳୀ**

୧. ପୂର୍ବ ବର୍ଷର ବକେୟା ଥିବା କିମ୍ବା କଳା ତାଲିକାଭୁକ୍ତ ବ୍ୟକ୍ତି ଏଥିରେ ଅଂଶଗ୍ରହଣ କରିପାରିବେ ନାହିଁ ।
୨. ଏଥିରେ ଭାଗ ନେବା ବ୍ୟକ୍ତି ସୋନପୁର ପୌର ପରିଷଦ ଅଞ୍ଚଳର ସ୍ଥାୟୀ ବାସିନ୍ଦା ହୋଇଥିବେ ।
୩. ଗୋଟିଏ ପରିବାରର କେବଳ ଜଣେ ମାତ୍ର ବ୍ୟକ୍ତି ଆବେଦନ କରିପାରିବେ ।
୪. ଯେଉଁ ବ୍ୟକ୍ତିମାନେ Street Vendor ହିସାବରେ ସୋନପୁର ପୌର ପରିଷଦରେ ତାଲିକାଭୁକ୍ତ ଥିବେ କିମ୍ବା ପୌର ପରିଷଦରୁ Letter of recommendation (LOR) ପ୍ରାପ୍ତ ହୋଇଥିବେ ଏବଂ କୌଣସି ସ୍ଥାୟୀ ଦୋକାନ କରି ନ ଥିବେ କେବଳ ସେହି ବ୍ୟକ୍ତିବିଶେଷମାନେ ଆବେଦନ କରିପାରିବେ ।
୫. ସମସ୍ତ ଦରଖାସ୍ତକୁ ଏକ କମିଟି ଦ୍ୱାରା ଯାଞ୍ଚ କରାଯିବ ଏବଂ ଯୋଗ୍ୟ ବିବେଚିତ ଆବେଦନକାରୀଙ୍କ ମଧ୍ୟରେ ଲଟେରୀ ଦ୍ୱାରା ଚୟନ କରାଯିବ ।
୬. ଯେଉଁ ବ୍ୟକ୍ତିମାନେ ପୂର୍ବରୁ ଥିବା ପୌର ପରିଷଦ ଦୋକାନଗୃହ ପାଇଥିବେ ତାଙ୍କ ଆବେଦନକୁ ବିଚାରକୁ ନିଆଯିବ ନାହିଁ ।
୭. ଗଠନ ହୋଇଥିବା ଚୟନ କମିଟି ଦୋକାନ ଆବଣ୍ଟନ ବାବଦରେ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିପାରିବେ ।

OIPR-13098/11/0004/2122 **ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ, ସୋନପୁର ପୌର ପରିଷଦ**

**ସୌନ୍ଦର୍ଯ୍ୟ**

ଚିନା ବାଦାମରେ ରହିଛି ଭରପୂର ମାତ୍ରାରେ ପ୍ରୋଟିନ୍, ମ୍ୟାଗ୍ନେସିୟମ୍, ଫାଇବର୍, ଓମେଗା-୩, ଓମେଗା-୬ ଫ୍ୟାଟି ଏସିଡ୍, ଭିଟାମିନ୍-ଇ, ପୋଟାସିୟମ୍, ଜିଙ୍କ୍, କ୍ୟାଲ୍‌ସିୟମ ଇତ୍ୟାଦି ପୋଷକ ତତ୍ତ୍ୱ; ଯାହା କି ଶରୀରକୁ ସୁସ୍ଥ ରଖିବା ସହ ସୌନ୍ଦର୍ଯ୍ୟ ବଢ଼ାଇବା ପାଇଁ ମଧ୍ୟ ବେଶ୍ ଉପଯୋଗୀ। ଆସନ୍ତୁ ଜାଣିବା ସୌନ୍ଦର୍ଯ୍ୟ ବୃଦ୍ଧି ନିମନ୍ତେ ଏହାକୁ ବ୍ୟବହାର କରିବାର କେତୋଟି ସହଜ ଉପାୟ...



# ତ୍ୱଚାପାଇଁ ବରଦାନ ଚିନାବାଦାମ

**ସ୍କିନ୍‌କୁ ରଖେ ଚିକ୍କଣ ଓ ନରମ:** ବାଦାମରେ ଭିଟାମିନ୍-ଇ ଥିବାରୁ ଏହାକୁ ପ୍ରତିଦିନ ବ୍ୟବହାର କରିବା ଦ୍ୱାରା ଏହା ଚର୍ମକୁ ପୋଷଣ ଯୋଗାଇବା ସହ ନରମ ଏବଂ ଚିକ୍କଣ ରଖିଥାଏ। ଏହାର ତେଲ ଲଗାଇବା ଦ୍ୱାରା ସୂର୍ଯ୍ୟକିରଣ ଯୋଗୁ ହେଉଥିବା ଟ୍ୟାନିଂ ଭଳି ସମସ୍ୟା ଦୂର ହୋଇଥାଏ। ଏହା ଚର୍ମକୁ ବ୍ରଣମୁକ୍ତ ରଖି କୋମଳତା ପ୍ରଦାନ କରିଥାଏ। କୁହାଯାଏ, ଇଜିପ୍ଟର ରାଣୀ କ୍ଲିଓପାଟ୍ରା ମଧ୍ୟ ତାଙ୍କ ଖାଦ୍ୟରେ ଏହାକୁ ସାମିଲ କରିବା ସହ ଚର୍ମକୁ ଚିକ୍କଣ ରଖିବା ପାଇଁ ଏହାକୁ ବ୍ୟବହାର କରୁଥିଲେ।

**କେଶକୁ ରଖେ ମଜଭୁତ:** ଏଥିରେ ଆଣ୍ଟି-ଅକ୍ସିଡାଣ୍ଟ ଓ ଭିଟାମିନ୍ ଥିବାରୁ ଏହା ଶରୀରର ଚମକ ବଢ଼ାଇଥାଏ। ମୁଣ୍ଡ ଏବଂ ଶରୀରର ବିଭିନ୍ନ ଅଂଶକୁ ମସାଜ୍ କରିବା ପାଇଁ ଚିନାବାଦାମ ତେଲକୁ ବ୍ୟବହାର କରାଯାଇଥାଏ। ଏହାଦ୍ୱାରା ଚର୍ମ ପୁଷ୍ଟିକର ତେଲ ଶୋଷଣ କରିପାରେ। ବିଶେଷ କରି କେଶ ମୂଳରେ ଏହି ତେଲ ମସାଜ କରିବା ଦ୍ୱାରା ରକ୍ତ ପ୍ରବାହ ଭଲ ହେବା ସହିତ କେଶ ଲମ୍ବା ଏବଂ ମଜଭୁତ ହୋଇଥାଏ। ଏହା କେଶ ପାଚିବା, ଝଡ଼ିବା, ଫାଟିବା ଆଦି ସମସ୍ୟାକୁ ମଧ୍ୟ ଦୂର କରିଥାଏ।

**ଦୂରାଏ ଆଖି ତଳର କଳାଦାଗ:** ଆଖି ତଳ କଳା ଦାଗ, ଆଖି କୁଣ୍ଡେଇ ହେବା ଭଳି ସମସ୍ୟା ଦୂର କରିବା ଲାଗି ଚିନାବାଦାମ ବେଶ୍ ଉପଯୋଗୀ। ଏଥିରେ ଥିବା ଅଧିକ ପରିମାଣର ଓମେଗା ଫ୍ୟାଟି ଏସିଡ୍ ଓ ଖଣିଜ ଲବଣ ଦୃଷ୍ଟି ଶକ୍ତି ବଢ଼ାଇଥାଏ। ଆଖିପତା ଉପରେ ଏହାର ତେଲ ଲଗାଇ ଧୀରେ ଧୀରେ ମସାଜ କରିବା ଦ୍ୱାରା ଆମକୁ ଦିନ ଯାକର ଚାପରୁ ମଧ୍ୟ ମୁକ୍ତି ମିଳେ।



# କରୋନା ତୃତୀୟ ଲହର ଓ ଶିଶୁ



**ପ୍ରଫେସର ଡା. ସରୋଜିନୀ ଷଡ଼ଙ୍ଗୀ**



ଗତ ଦେଢ଼ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ମହାମାରୀ କରୋନା ସାରା ପୃଥିବୀରେ ଆତଙ୍କର ଛାଇ ଖେଳାଇ ଦେଇଛି। ୨୦୨୦ର ମଧ୍ୟଭାଗରେ କରୋନା ଭୂତାଣୁ ପ୍ରାୟ ମଧ୍ୟ ବୟସ୍କ ଓ ବୟସ୍କ ଲୋକମାନଙ୍କୁ ଆକ୍ରାନ୍ତ କଲାବେଳେ ୨୦୨୧ର ପ୍ରଥମାର୍ଦ୍ଧରେ ଅପେକ୍ଷାକୃତ କମ୍ ବୟସ୍କ ବ୍ୟକ୍ତିଙ୍କୁ ଆକ୍ରାନ୍ତ କରିଥିଲା ଏବଂ ତା' ମଧ୍ୟରୁ ଅନେକ ମୃତ୍ୟୁମୁଖରେ ପଡିଥିଲେ। ତେବେ କରୋନାର ଟିକାକରଣ ପ୍ରକ୍ରିୟା ଆରମ୍ଭ ହେବା ପରେ ପ୍ରାୟ କୋଟି କୋଟି ଲୋକ କରୋନା ଟିକାର ଦୁଇଟି ଡୋଜ୍ ନେଇଛନ୍ତି। ବିଶେଷ ଭାବରେ ୪୫ ବର୍ଷରୁ ଊର୍ଦ୍ଧ୍ୱ ଏବଂ ୧୮ରୁ ୪୫ ବର୍ଷ ବୟସ୍କ ବ୍ୟକ୍ତିମାନେ ଟିକା ନେଇ ସାରିଛନ୍ତି। କରୋନା ହେବାଦ୍ୱାରା ଏବଂ କରୋନା ଟିକା ନେବା ଦ୍ୱାରା ଲୋକମାନଙ୍କର ରୋଗ ପ୍ରତିରୋଧକ ଶକ୍ତ ବଢ଼ିଯାଇଛି। ବର୍ତ୍ତମାନ ଆମେରିକା ଆଦି ଦେଶରେ ୧୨ରୁ ୧୫ ବର୍ଷର ବାଳିକାବାଳକମାନଙ୍କ ପାଇଁ ଟିକାକରଣ ପ୍ରକ୍ରିୟା ଆରମ୍ଭ ହୋଇ ସାରିଲାଣି। ଫାଇଜର କମ୍ପାନୀ ଦ୍ୱାରା ପ୍ରସ୍ତୁତ ଟିକା ଏହି ବୟସର ପିଲାଙ୍କଠାରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରି କରୋନା ସଂକ୍ରମଣରୁ ରକ୍ଷା କରିବ ବୋଲି ଆଶା କରାଯାଉଛି। କିନ୍ତୁ ଦୁଃଖର କଥା, ଏଯାଏ ଆଷ୍ଟ୍ରାଜେନେସିଆ ଓ ଭାରତ ବାୟୋଟେକର ଗଭୀର ଅନୁଧ୍ୟାନ ସତ୍ତ୍ୱେ ଭାରତରେ ଶିଶୁମାନଙ୍କର ଟିକାକରଣ ହୋଇପାରିନାହିଁ। ବିଶ୍ୱ ସ୍ୱାସ୍ଥ୍ୟସଂସ୍ଥା ତୃତୀୟ ଲହରରେ ଆକଳନ କରିଛନ୍ତି ଯେ, ଏଥର ଶିଶୁମାନଙ୍କୁ ବେଶି ପରିମାଣରେ କରୋନା ହେବ।

କରୋନାର ପ୍ରଥମ ଲହରରେ ପ୍ରାୟ ୪ଭାଗ ଶିଶୁ ଆକ୍ରାନ୍ତ ହୋଇଥିବା ବେଳେ ଦ୍ୱିତୀୟ ଲହରରେ ୧୫ ପ୍ରତିଶତ ଶିଶୁ କରୋନାରେ ଆକ୍ରାନ୍ତ ହୋଇଥିଲେ ଏବଂ ତୃତୀୟ ଲହରରେ ପ୍ରାୟ ୬୦ ପ୍ରତିଶତ ଶିଶୁ ଆକ୍ରାନ୍ତ ହେବାର ଆଶଙ୍କା ଦେଖାଦେଇଛି। ତେଣୁ ଶିଶୁମାନଙ୍କର ତୁରନ୍ତ ଟିକାକରଣ କରିବା ଖୁବ୍ ଜରୁରୀ। ଏହାଛଡା କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାର ଶିଶୁମାନଙ୍କ ପାଇଁ କରୋନା ୱାର୍ଡ, ବେଡ ଓ ସ୍ୱତନ୍ତ୍ର ହସ୍‌ପିଟାଲର ସୁବିଧା କରୁଛନ୍ତି। ତେବେ ଶିଶୁମାନେ ଘରେ ରହୁଥିବାରୁ ଓ ବାପା, ମା' ବା ଗୁରୁଜନଙ୍କ ଉପରେ ନିଜର ଦୈନନ୍ଦିନ କାମ ପାଇଁ ନିର୍ଭର କରୁଥିବାରୁ ଶିଶୁମାନଙ୍କର ବାପା ମା' ଓ ଅଭିଭାବକ ଏହି ସମୟରେ ବେଶି ସତର୍କ ରହିବା ଦରକାର। ବିଶେଷ କରି କର୍ମଜୀବୀ ଅଭିଭାବକମାନେ ବାହାରକୁ ଯାଉଥିବାରୁ ଅଧିକ ଯତ୍ନଶୀଳ ହେବା ଆବଶ୍ୟକ।

**ବିଶ୍ୱ ସ୍ୱାସ୍ଥ୍ୟସଂସ୍ଥା ଆକଳନ ଅନୁଯାୟୀ କରୋନା ତୃତୀୟ ଲହରରେ ଶିଶୁଙ୍କ ସଂକ୍ରମଣ ହାର ଅଧିକ ରହିବା। ଏଣେ ଏଯାଏ ସେମାନଙ୍କ ପାଇଁ ଭ୍ୟାକ୍ସିନ୍ ଉପଲବ୍ଧ ନ ଥିବାରୁ ଅଭିଭାବକମାନେ ଚିନ୍ତାରେ। ଏଭଳି ପରିସ୍ଥିତିରେ ସରକାରଙ୍କ ସମସ୍ତ କରୋନା ଗାଇଡଲାଇନ୍ ମାନିବା ସହ ବିଭିନ୍ନ ଦିଗପ୍ରତି ସଚେତନ ରହିବା ଏବଂ ଆବଶ୍ୟକ ସତର୍କତା ଅବଲମ୍ବନ କରିବା ହିଁ ଏହାକୁ ରୋକିବାର ଏକମାତ୍ର ଉପାୟ...**

**ଆପଣାନ୍ତୁ ସତର୍କତାମୂଳକ ପଦକ୍ଷେପ:**

**ମାସ୍କ ପିନ୍ଧିବା :** ମା' ବାପା ଓ ପରିବାରର ଅନ୍ୟ ସଦସ୍ୟମାନେ ନିଜେ ମାସ୍କ ପିନ୍ଧିବା ସହ ଏକ ବର୍ଷରୁ ଊର୍ଦ୍ଧ୍ୱ ଶିଶୁଙ୍କୁ ମାସ୍କ ପିନ୍ଧାଇବା ଶିଖାଇବା ଦରାକର। ନିହାତି ଆବଶ୍ୟକ ନ ଥିଲେ ଶିଶୁଙ୍କୁ ବାହାରକୁ ବିଶେଷ କରି କୌଣସି ଜନଗହଳି ସ୍ଥାନକୁ ଆଦୌ ନ ନେବା ଭଲ।

**ସାମାଜିକ ଦୂରତା ବଜାୟ ରଖିବା:** ମା' ବାପା ଓ ପରିବାରର ସବୁ ସଦସ୍ୟମାନେ ଅଫିସ୍, ମାର୍କେଟ କିମ୍ବା ବାହାରକୁ ଗଲେ ସାମାଜିକ ଦୂରତା ବଜାୟ ରଖିବା ଜରୁରୀ।

**ହାତ ଧୋଇବା ଓ ସାନିଟାଇଜର୍ ବ୍ୟବହାର:** ମା' ବାପା ଓ ପରିବାରର ସବୁ ସଦସ୍ୟମାନେ ବାରମ୍ବାର ହାତ ଧୋଇବା ଆବଶ୍ୟକ। ୨୦ ସେକେଣ୍ଡ ଯାଏ ସାବୁନ ଓ ପାଣିରେ ହାତ ଧୋଇ ସାନିଟାଇଜର୍ ବ୍ୟବହାର କରିବା ଦରକାର। ନିଜେ ଶିଶୁକୁ ଖୁଆଇ ଦେବାବେଳେ ହାତ ଭଲ ଭାବେ ସଫା କରି ଖୁଆଇବା ଭଲ। ଏହାଛଡା ନିଜେ ସବୁ କାମ ପୂର୍ବରୁ ହାତ ଧୋଇବା ଓ ସାନିଟାଇଜର୍ ବ୍ୟବହାର କରାଇବା ଉଚିତ। ଏମିତି କି କାହାକୁ ଛୁଇଁଲେ ବା କାହା ସଂସ୍ପର୍ଶରେ ଆସିଲେ ସାନିଟାଇଜର୍ ବ୍ୟବହାର କରିବା ଦରକାର। ଘରେ ବାପା, ମା ଓ ଅନ୍ୟ ସଦସ୍ୟମାନେ କାଶିବା ବା ଛିଙ୍କିବା ବେଳେ ଟିସୁ ପେପର ବ୍ୟବହାର କରିବା ସହ ଟିସୁ ପେପରକୁ ସଙ୍ଗେ ସଙ୍ଗେ ଫିଙ୍ଗି ଦେବା ଆବଶ୍ୟକ। ମୋଟ ଉପରେ ନିଜେ ଓ ଘରେ ସମସ୍ତେ 'ରେସ୍‌ପିରେଟୋରୀ ଏଟିକେଟ୍' ମାନି ଚଳିବା ଗୁରୁତ୍ୱପୂର୍ଣ୍ଣ।

ଶିଶୁର ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସୁଥିବା ପ୍ରତ୍ୟେକ ସଦସ୍ୟ ଟିକା ନେବା ଆବଶ୍ୟକ। ଟିକା ନେଲେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଯାଏ ଏବଂ କୋଭିଡ୍ ହେଲେ ମଧ୍ୟ ଏତେ ମାରାତ୍ମକ ହୁଏ ନାହିଁ। ଶିଶୁର ଅଭିଭାବକମାନେ କୋଭିଡ୍ ଗାଇଡ୍ ଲାଇନ୍ ତଥା ଲକ୍‌ଡାଉନ ଓ ଶଟ୍‌ଡାଉନ ନିୟମ ମାନି ଭିଡ ଜାଗାକୁ ନିଜେ ଯିବା ବା ଶିଶୁକୁ ନେବା ଠିକ୍ ନୁହେଁ।

ଅଭିଭାବକମାନେ କୋଭିଡ୍‌ର ଲକ୍ଷଣ ଜାଣିରଖିବା ଆବଶ୍ୟକ। ନିଜର କିମ୍ବା ପରିବାରରେ କାହାର ଜ୍ୱର, ଥଣ୍ଡା, କାଶ, ଝାଡ଼ା, ପେଟ ବ୍ୟଥା ଆଦି ହେଲେ ସଙ୍ଗେ ସଙ୍ଗେ ଶିଶୁଠାରୁ ଅଲଗା ହୋଇ ସଙ୍ଗରୋଧରେ ରହି ତୁରନ୍ତ ଚିକିତ୍ସା କରାଇବା ଦରକାର। ସେହିପରି ଶିଶୁଙ୍କ ଠାରେ କୌଣସି ଲକ୍ଷଣ ଦେଖାଦେଲେ ଯଥାଶୀଘ୍ର ଡାକ୍ତରଙ୍କ ପରାମର୍ଶ କ୍ରମେ ଚିକିତ୍ସା ଆରମ୍ଭ କରିନେବା ଭଲ।





- ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞ
ମୋ-୯୪୩୭୦୫୫୦୦୭

# ହୁଅନ୍ତୁ ଆଦର୍ଶ ଅଭିଭାବକ

**ପିଲାଙ୍କୁ ଭଲ ମଣିଷ ଭାବେ ଗଢ଼ିବାରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ ଅଭିଭାବକଙ୍କର। କାରଣ ସେମାନେ ହିଁ ହୋଇଥାନ୍ତି ପିଲାଙ୍କର ପ୍ରଥମ ଗୁରୁ । ଯଦି ଆପଣ ବି ନିଜ ପିଲାଙ୍କ ପାଇଁ ଆଦର୍ଶ ଅଭିଭାବକ ହେବାକୁ ଚାହାନ୍ତି ତେବେ ଜାଣି ରଖନ୍ତୁ କେତୋଟି ଟିପ୍ସ...**



**ସ୍ନେହ ଆଦର କରନ୍ତୁ:** ପିଲାଙ୍କୁ ଆକଟ କରିବା ଆଳରେ ଅନେକ ଅଭିଭାବକ ଗାଳି କିମ୍ବା ମାଡ଼ ଦେବାକୁ ବି ପଛାଇ ନ ଥାନ୍ତି। ହେଲେ ଏହାଦ୍ୱାରା ପିଲା ସୁଧୁରିବା ବଦଳରେ ଅଧିକ ବିଗିଡ଼ି ଯାଆନ୍ତି। ତେଣୁ ଏପରି ନ କରି ପିଲାଙ୍କୁ ଯଥେଷ୍ଟ ସ୍ନେହ, ଆଦର ଏବଂ ଭଲ ପାଇବା ଦିଅନ୍ତୁ ଦେଖିବେ ସେମାନେ ଆପଣଙ୍କ ପ୍ରତ୍ୟେକ କଥା ମାନିବେ। ହେଲେ ମନେରଖନ୍ତୁ ଭଲ ପାଇବାର ଅର୍ଥ ନୁହେଁ ସେମାନଙ୍କୁ କୌଣସି କଥାରେ ବାରଣ ନ କରିବା କିମ୍ବା ତାଙ୍କର ସବୁ ଡିମାଣ୍ଡ ପୂରଣ କରିବା। ପିଲାଙ୍କ ଆବଶ୍ୟକତାକୁ ଆଖିଆଗରେ ରଖି ଡିମାଣ୍ଡ ପୂରଣ କରନ୍ତୁ।

**ହୁଅନ୍ତୁ ରୋଲ୍ ମଡେଲ୍:** ସାଧାରଣତଃ ପିଲାମାନେ ଅନୁକରଣ ପ୍ରିୟ ହୋଇଥିବାରୁ ସେମାନେ ପ୍ରଥମେ ମାଆବାପାଙ୍କଠାରୁ ଅନେକ କଥା ଶିଖନ୍ତି। ତେଣୁ ପିଲାଙ୍କ ଆଗରେ ଏଭଳି କାର୍ଯ୍ୟ କରନ୍ତୁ, ଯାହାକୁ ଦେଖି ସେମାନେ ଆପଣଙ୍କୁ ନିଜର ରୋଲ୍ ମଡେଲ ଭାବିବେ ଏବଂ ନିଜେ ମଧ୍ୟ ସେଭଳି କାର୍ଯ୍ୟ କରିବେ, ଯାହାକି ଭବିଷ୍ୟତରେ ସେମାନଙ୍କ ବ୍ୟକ୍ତିତ୍ୱ ବିକାଶରେ ସାହାଯ୍ୟ କରିବ।

**ମିଛ କୁହନ୍ତୁ ନାହିଁ:** ଛୋଟ ହେଉ ବା ବଡ଼ ପିଲାଙ୍କ ଆଗରେ ଅଭିଭାବକ ମିଛ କହିବା ଆଦୌ ଠିକ୍ ନୁହେଁ। କାରଣ ଏହା ପିଲାଙ୍କୁ ବିପଥଗାମୀ କରାଇଥାଏ। ତେଣୁ ନିଜେ ସତ କରିବା ସହ ପିଲାଙ୍କୁ ସର୍ବଦା ସତ କହିବା ଏବଂ ସତ୍‌ମାର୍ଗରେ ଚାଲିବା ଶିଖାନ୍ତୁ।

**ତୁଳନା କରନ୍ତୁ ନାହିଁ:** ଅନେକ ଅଭିଭାବକ ନିଜ ପିଲାଙ୍କୁ ଅନ୍ୟ ପିଲାଙ୍କ ସହ ତୁଳନା କରନ୍ତି ଏବଂ ଅନ୍ୟପରି ସଫଳତା ହାସଲ କରିବାକୁ ଚାପ ପକାନ୍ତି। କେହି କେହି ପିଲାଙ୍କ ସାମାନ୍ୟ ଅସଫଳତାରେ ଗାଳି ମଧ ଦେଇଥାନ୍ତି; ଯାହାକି ପିଲାଙ୍କୁ ମାନସିକ ଆଘାତ ଦେଇଥାଏ। ମନେରଖନ୍ତୁ ସବୁ ପିଲା ସମାନ ନୁହନ୍ତି, ତେଣୁ ଆପଣ ନିଜ ପିଲା ଭିତରେ ଥିବା ଯୋଗ୍ୟତାକୁ ଚିହ୍ନନ୍ତୁ ଏବଂ କାହା ସହ ତୁଳନା ନ କରି ଏହାକୁ ବିକଶିତ କରିବା ଲାଗି ଉତ୍ସାହିତ କରନ୍ତୁ।

**ଖାଦ୍ୟରୁଚି**

# ଚୁକନ୍ଦର ମଞ୍ଚୋଫଲି

**ଆବଶ୍ୟକ ସାମଗ୍ରୀ :** ଓଟ୍‌ସ ଓ ବାଦାମ - ୧ପ୍ୟାକେଟ୍, ବିଟ୍ - ୬ଟି, ଆଳୁ -୨ଟି, ପିଆଜ - ୩ଟି, ଚଣାଡ଼ାଲି - ୭୫ ଗ୍ରାମ, କର୍ନଫ୍ଲୋର୍ - ୩ ଟେବୁଲ ସ୍ପୁନ୍, ଧନିଆ ଚଟଣି - ୨ ଟେବୁଲ ସ୍ପୁନ୍, କଟା କଞ୍ଚା ଲଙ୍କା - ୧ ଟେବୁଲ ସ୍ପୁନ୍, ହଳଦିଆ ଲଙ୍କାଗୁଣ୍ଡ - ୧ଟି ସ୍ପୁନ୍, ଗରମ ମସଲା - ୧ଟି ସ୍ପୁନ୍, ଅଦା ପେଷ୍ଟ - ୧ଟି ସ୍ପୁନ୍, ଘିଅ - ୧ କପ୍, ଲୁଣିଆ ମଟର - ଅଧା କପ୍, ପୋଦିନା ଚଟଣି - ୬୦ ମିଲି, ଲୁଣ - ସ୍ୱାଦ ଅନୁସାରେ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଚଣା ଡାଲିକୁ ୧ଘଣ୍ଟା ପାଇଁ ପାଣିରେ ଭିଜାଇ ରଖନ୍ତୁ। ପରେ ଏହାକୁ ଭଲ ଭାବେ ସିଝାଇ, ଗ୍ରାଇଣ୍ଡିଙ୍ଗ୍ କରନ୍ତୁ। ଚୁଲାରେ ଏକ ପ୍ୟାନ୍ ବସାଇ ଏହି ପେଷ୍ଟକୁ ବାସ୍ନା ଆସିବା ପର୍ଯ୍ୟନ୍ତ ଭାଜନ୍ତୁ। ସେହିପରି ଆଳୁକୁ ମଧ୍ୟ କାଟି ଭାଜି ରଖନ୍ତୁ। ବିଟ୍‌ଗୁଡ଼ିକରୁ ଭଲ ଭାବେ ଚୋପା ଛଡ଼ାଇ ଛୋଟ ଛୋଟ କାଟି ସିଝାଇ ଦିଅନ୍ତୁ। ପରେ ସେଥିରେ ଅଦା, କଞ୍ଚା ଲଙ୍କା ଓ ଧନିଆ ପତ୍ର ପକାଇ ଗ୍ରାଇଣ୍ଡିଙ୍ଗ୍ କରନ୍ତୁ । ସେଗୁଡ଼ିକୁ ନେଇ ଭଜା ହୋଇ ପୂର୍ବରୁ ରଖା ଯାଇଥିବା ଆଳୁରେ ମିଶାଇ ପୁଣି ଗ୍ରାଇଣ୍ଡିଙ୍ଗ୍ କରନ୍ତୁ।

ଏବେ ଏକ ପ୍ୟାନ୍‌ରେ କିଛି ଘିଅ ନିଅନ୍ତୁ। ଘିଅ ଗରମ ହେବା ପରେ ପୂର୍ବ ପ୍ରସ୍ତୁତ ବିଟ୍‌ରୁଟ୍‌ର ମିଶ୍ରଣକୁ ପକାଇ ପାଣି କମିବା ପର୍ଯ୍ୟନ୍ତ ଘାଣ୍ଟନ୍ତୁ । ମିଶ୍ରଣ ଭଲ ଭାବେ ବହଳିଆ ହୋଇଯିବା ପରେ ଚୁଲା ବନ୍ଦ କରି ଥଣ୍ଡା ହେବାକୁ ଛାଡ଼ି ଦିଅନ୍ତୁ।

ଏବେ ସେଥିରେ ଓଟ୍‌ସ, ବାଦାମ, ପୂର୍ବରୁ ପ୍ରସ୍ତୁତ ହୋଇଥିବା ଚଣା ପେଷ୍ଟ, ଗରମ ମସଲା, ହଳଦୀ, ଲଙ୍କାଗୁଣ୍ଡ, କର୍ନଫ୍ଲୋର୍ ଓ ଆବଶ୍ୟକ ଅନୁସାରେ ଲୁଣ ପକାଇ ଭଲ ଭାବେ ଗୋଳାନ୍ତୁ। ଏବେ ଏହାକୁ ଗୋଲ ଗୋଲ ଆକାର କରି ଏଥିରେ ପପ୍‌ସିକଲ୍ କାଠି ଲଗାନ୍ତୁ। ପରେ ଏଥିରେ ଲୁଣି ମଟରକୁ ପକାଇ, ଅଳ୍ପ ଘିଅରେ ସାମାନ୍ୟ ଗରମ କରନ୍ତୁ। ଶେଷରେ ପିଆଜ ଓ ପୋଦିନା ଚଟଣି ଦେଇ ଖାଇବା ପରଷି ଦିଅନ୍ତୁ।



# ବେଡ୍‌ରୁମ୍‌କୁ ଦିଅନ୍ତୁ ନୂଆ ରୂପ

**ଘରକୁ ସୁନ୍ଦର ଭାବେ ସଜାଇବା ପ୍ରତି ଅନେକଙ୍କର ରୁଚି ଥାଏ। ବିଶେଷକରି ବେଡ୍‌ରୁମ୍‌ରେ ଅଧିକାଂଶ ସମୟ ବିତୁଥିବାରୁ ଏହାକୁ ଆକର୍ଷଣୀୟ ଲୁକ୍ ଦେବାକୁ ସେମାନେ ବେଶ୍ ପସନ୍ଦ କରନ୍ତି। ଯଦି ଆପଣବି ବେଡ୍‌ରୁମ୍‌କୁ ନୂଆ ଉପାୟରେ ସଜାଇବାକୁ ଚାହାନ୍ତି ତେବେ ଆପଣାନ୍ତୁ ଏହି ଟିପ୍ସ...**





**କାନ୍ଥରେ ଲଗାନ୍ତୁ ଫିକା ରଙ୍ଗ:-** ବେଡ୍‌ରମ୍‌ର କାନ୍ଥଗୁଡ଼ିକୁ ଫିକା ରଙ୍ଗରେ ସବୁବେଳେ ସୁସଜ୍ଜିତ କରନ୍ତୁ। ଏହା ଆଖିକୁ ସୁନ୍ଦର ଦେଖାଯିବା ସହ ମନକୁ ଶାନ୍ତି ପ୍ରଦାନ କରିଥାଏ। ହାଲକା ନୀଳ, ହାଲ୍‌କା ସବୁଜ, ଲାଭେଣ୍ଡର୍ ଆଦି ରୁମ୍‌ର ସୌନ୍ଦର୍ଯ୍ୟକୁ ବୃଦ୍ଧି କରିଥାଏ। ଏହି ରଙ୍ଗଗୁଡ଼ିକ ଦିନବେଳା ଯେତିକି ସୁନ୍ଦର ଦେଖାଯାଏ, ରାତିରେ ଲାଇଟ୍ ପଡ଼ିଲେ ଆହୁରି ସୁନ୍ଦର ଏବଂ ବ୍ରାଇଟ୍ ଲାଗିଥାଏ।

**ଡିଫରେଣ୍ଟ ଲାଇଟିଂ ବ୍ୟବସ୍ଥା କରନ୍ତୁ :-** ବେଡ୍‌ରମ୍‌ଗୁଡ଼ିକରେ ଯେ କେବଳ ଓଭର୍‌ହେଡ୍ ଲାଇଟ୍ ବା ଟେବୁଲ୍ ଲ୍ୟାମ୍ପ ଲଗାଇବା ତାହା ନୁହେଁ, ବରଂ ଆମେ ଏହାକୁ ବିଭିନ୍ନ କାରର ରଙ୍ଗ ଆଲୋକ ଯଥା ଡିମର୍, ପେଣ୍ଡାଲ୍ ଲାଇଟ୍‌ରେ ସଜାଇ ପାରିବେ। ତେବେ ଲାଇଟ୍‌ଗୁଡ଼ିକ ଲଗାଇବା ସମୟରେ ଏହା ଯେପରି ରୁମ୍‌ର ସବୁ ଜାଗାରେ ପଡ଼ବ ସେଥିପ୍ରତି ଧ୍ୟାନ ଦେବା ଆବଶ୍ୟକ।

**ରୁମ୍‌କୁ ସିଲିଂ କରନ୍ତୁ:-** ବେଡ୍‌ରୁମ୍‌କୁ ଥଣ୍ଡା ରଖିବାକୁ ହେଲେ ରୁମ୍‌କୁ ସିଲିଂ କରିବା ଆବଶ୍ୟକ। ତା'ଛଡ଼ା ବର୍ତ୍ତମାନ ଇଣ୍ଟେରିଅର୍ ଡିଜାଇନିଂ ପାଇଁ ଅନେକ ପ୍ରକାରର ଏବଂ କଲରଫୁଲ୍ ସିଲିଂ କରାଯାଉଛି ଏବଂ ଏହାସହ ଲାଇଟ୍ ମଧ୍ୟ ଲଗାଯାଉଛି। ଆପଣ ଚାହିଁଲେ ବେଡ୍‌ରୁମ୍‌କୁ ଆଇକ୍ୟାଚି କରିବା ଲାଗି ଏଭଳି ସିଲିଂ କରାଇପାରିବେ।

**ଇନ୍‌ଡୋର୍ ପ୍ଲାଣ୍ଟ ଦ୍ୱାରା ସଜାନ୍ତୁ:-** ଇନ୍‌ଡୋର ପ୍ଲାଣ୍ଟ ଲଗାଇ ରୁମ୍‌କୁ ସଜାଇବା ଦ୍ୱାରା, ଏହା ରୁମ୍‌ର ସୌନ୍ଦର୍ଯ୍ୟ ବଢ଼ାଇବା ସହ ସକାରାତ୍ମକ ଚିନ୍ତା ସୃଷ୍ଟି କରିବା ସହ ହୃଦୟକୁ ଶାନ୍ତି ପ୍ରଦାନ କରିଥାଏ। କାକ୍‌ଟସ୍, ମନି ପ୍ଲାଣ୍ଟ, ଆଗ୍ଲୋନିମା, ଲକି ବାମ୍ବୋ,ସ୍ନେକ୍‌ପ୍ଲାଣ୍ଟ, ଟେରାରିୟମ୍ ଆଦି ଇନ୍‌ଡୋର୍ ପ୍ଲାଣ୍ଟ ଆପଣଙ୍କ ବେଡ୍‌ରୁମ୍‌କୁ ଆଟ୍ରାକ୍ଟିଭ୍ ଲୁକ୍ ଦେବ। ଏ ସବୁ ପ୍ଲାଣ୍ଟ ଆପଣଙ୍କୁ ଫ୍ରେସ୍ ଅକ୍ସିଜେନ୍ ଦେବାରେ ସାହାଯ୍ୟ କରିବ।

## ସଂକ୍ଷେପରେ

### ଆଜି ମୁଖ୍ୟମନ୍ତ୍ରୀଙ୍କ ରାଉରକେଲା ଗସ୍ତ

ଭୁବନେଶ୍ୱର,୧୩।୯(ବ୍ୟୁରୋ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ରାଉରକେଲା ଗସ୍ତ କରିବେ। ସେ ପୂର୍ବାହ୍ନ ୧୦ଟାରେ ଭୁବନେଶ୍ୱର ସ୍ଥିତ ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ସ୍ୱତନ୍ତ୍ର ବିମାନ ଯୋଗେ ବାହାରି ଦିନ ୧୧ଟାରେ ରାଉରକେଲା ଏୟାରଷ୍ଟ୍ରିପ୍‌ରେ ପହଞ୍ଚିବେ। ପରେ ସେ ରାଉରକେଲା ଷ୍ଟିଲ ପ୍ଲାଣ୍ଟର ସୁପରସ୍ପେଶାଲିଟି ହସ୍ପିଟାଲ ଅଡିଟୋରିୟମରେ ହେବାକୁ ଥିବା କାର୍ଯ୍ୟକ୍ରମରେ ଯୋଗ ଦେବେ । ସେଠାରେ ମୁଖ୍ୟମନ୍ତ୍ରୀ ୩୮୦ କୋଟି ଟଙ୍କାର ପ୍ରକଳ୍ପର ଉଦ୍‌ଘାଟନ ଏବଂ ୨୧୦ କୋଟି ଟଙ୍କାର ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଏହାସହିତ ସେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନର ଶୁଭାରମ୍ଭ କରିବେ। ରାଉରକେଲାରେ ମୁଖ୍ୟମନ୍ତ୍ରୀଙ୍କ ୫୫ ମିନିଟ୍‌ର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ପୂର୍ବରୁ ପ୍ରାୟ ୧୭ ଜଣ ମନ୍ତ୍ରୀଙ୍କୁ ଜିଲାର ବିଭିନ୍ନ ବ୍ଲକ ଦାୟିତ୍ୱ ବଣ୍ଟାଯାଇଛି। ମୁଖ୍ୟମନ୍ତ୍ରୀ ରାଉରକେଲାରୁ ଫେରିବା ପରେ ମନ୍ତ୍ରୀମାନେ ବିଭିନ୍ନ ବ୍ଲକକୁ ଯାଇ ହେଲ୍‌ଥ କାର୍ଡ ବଣ୍ଟନ କରିବେ ବୋଲି ଜଣାପଡିଛି । ମାଲକାନାଗିରି ପରେ ଏହା ମୁଖ୍ୟମନ୍ତ୍ରୀଙ୍କ ଦ୍ୱିତୀୟ କାର୍ଯ୍ୟକ୍ରମ। ଏହି ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରୁ ସୁନ୍ଦରଗଡ ଜିଲାର ୪ଲକ୍ଷ ୩୬ ହଜାର ୯୪୮ ପରିବାରର ୧୫ ଲକ୍ଷ ୯ ହଜାର ୮୨୧ ଜଣ ସୁଫଳ ପାଇବେ ବୋଲି ରାଜ୍ୟ ଖାଦ୍ୟ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି।

### ଆଜି ଅଭିଯୁକ୍ତଙ୍କ ଜାମିନ, ରିମାଣ୍ଡ ଆବେଦନର ଶୁଣାଣି

**ୱେଲଫେୟାର ଚିଟ୍‌ଫଣ୍ଡ ଠକେଇ ମାମଲା**

**ସିଡୀ ଦାଖଲ ପାଇଁ ଇଓଡବ୍ଲ୍ୟୁକୁ ନିର୍ଦ୍ଦେଶ**

କଟକ ଅଫିସ,୧୩।୯: ୱେଲଫେୟାର ଚିଟ୍‌ଫଣ୍ଡ ଠକେଇ ମାମଲାର ଶୁଣାଣି ସୋମବାର କଟକର ଓଡ଼ିଶା ଜମାକାରୀ ସ୍ୱାର୍ଥ ସୁରକ୍ଷା(ଓପିଆଇଡି) କୋର୍ଟରେ ହୋଇଥିଲା। ଓପିଆଇଡି କୋର୍ଟର ପ୍ରିଜାଇଡିଂ ଅଫିସର ଡ. ଭି. ସୁଜାତା ଏହାର ଶୁଣାଣି କରି କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ)କୁ କେସ୍ ଡାଏରୀ(ସିଡୀ) ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ଅଭିଯୁକ୍ତଙ୍କ ରିମାଣ୍ଡ ଓ ଜାମିନ ଆବେଦନର ଶୁଣାଣି କରାଯିବାକୁ କୋର୍ଟ ଦିନଧାର୍ଯ୍ୟ କରିଛନ୍ତି। ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ବିଶ୍ୱଜିତ୍ ମହାପାତ୍ର ମାମଲା ପରିଚାଳନା କରୁଛନ୍ତି। ସୂଚନାଯୋଗ୍ୟ, ଆନ୍ଧ୍ର ପ୍ରଦେଶର ପୂର୍ବତନ ବିଧାୟକ ମାଲ୍ଲା ବିଜୟ ପ୍ରସାଦ ୱେଲଫେୟାର ବିଲ୍ଡିଂ ଆଣ୍ଡ୍ ଇଷ୍ଟେଟ୍ ପ୍ରାଇଭେଟ ଲିମିଟେଡ ନାମକ ଏକ କମ୍ପାନୀ ଖୋଲିଥିଲେ। ଜମାରାଶି ଉପରେ ଅଧିକ ରିଟର୍ନ ସହ ଭାଇଜାଗରେ ଜମି ଯୋଗାଇଦେବାର ମୋହ ଦେଖାଇ ମାଲ୍ଲାଙ୍କ ସଂସ୍ଥା ବିଭିନ୍ନ ରାଜ୍ୟ ସମେତ ଓଡ଼ିଶାର ଲୋକଙ୍କଠାରୁ ଟଙ୍କା ଆଦାୟ କରୁଥିଲା। ଇଓଡବ୍ଲ୍ୟୁ ନିକଟରେ ପ୍ରାୟ ୧୫୦ଟି ଅଭିଯୋଗ ହୋଇଥିଲା। ଓଡ଼ିଶା କ୍ରାଇମବ୍ରାଞ୍ଚର ଇଓଡବ୍ଲ୍ୟୁ ବିଶାଖାପାଟଣାରୁ ମାଲ୍ଲା ବିଜୟଙ୍କୁ ଗିରଫ କରି ଗତ ୭ ତାରିଖରେ ଓପିଆଇଡି କୋର୍ଟରେ ହାଜର କରାଇ ଜେଲ ପଠାଇ ଦେଇଥିଲା। ଏହି ସମୟରେ ଅଭିଯୁକ୍ତ ଜାମିନ ଆବେଦନ କରିଥିଲେ। ଅନ୍ୟପକ୍ଷରେ ଅଭିଯୁକ୍ତଙ୍କୁ ୩ ଦିନିଆ ରିମାଣ୍ଡରେ ନେବାକୁ ଇଓଡବ୍ଲ୍ୟୁ ପକ୍ଷରୁ ଆବେଦନ କରାଯାଇଥିଲା। ମାଲ୍ଲା ବିଜୟ ୨୦୦୯ରୁ ୨୦୧୪ ପର୍ଯ୍ୟନ୍ତ ଭାଇଜାଗ ୱେଷ୍ଟର ବିଧାୟକ ଥିଲେ।

# ପରିବେଶ କ୍ଷତିପୂରଣ ପରିମାଣ ଦର୍ଶାଅ

**ଏସ୍‌ପିସିବିକୁ ଏନ୍‌ଜିଟି ନିର୍ଦ୍ଦେଶ**

ନୂଆଦିଲ୍ଲୀ, ୧୩।୯

ଢେଙ୍କାନାଳ ଜିଲାରେ ଅତ୍ୟଧିକ ଖଣି ଖନନ ଯୋଗୁ ହୋଇଥିବା କ୍ଷତିର ଭରଣା ଓ ଜରିମାନା ବାବଦରେ କେତେ ପରିବେଶଗତ କ୍ଷତିପୂରଣ ଧାର୍ଯ୍ୟ ହୋଇଛି, ତାହା ସତ୍ୟପାଠ ମାଧ୍ୟମରେ ଜଣାଇବା ପାଇଁ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ସୋମବାର ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି)କୁ ନିର୍ଦ୍ଦେଶ ଦେଇଛନ୍ତି। ଅକ୍ଟୋବର ୮ରେ ହେବାକୁ ଥିବା ପରବର୍ତ୍ତୀ ଶୁଣାଣି ବେଳେ ଟ୍ରିବ୍ୟୁନାଲରେ ହାଜର ହେବା ପାଇଁ ଢେଙ୍କାନାଳ ଜିଲାପାଳଙ୍କୁ ନ୍ୟାୟିକ ସଦସ୍ୟ ବି. ଅମିତ୍ ସ୍ଥାଲେକର ଏବଂ ବିଶେଷଜ୍ଞ ସଦସ୍ୟ ସାଇବାଲ୍ ଦାସଗୁପ୍ତାଙ୍କ ଖଣ୍ଡପୀଠ କହିଛନ୍ତି। ଅତ୍ୟଧିକ ଖଣି ଖନନ ସମ୍ପର୍କିତ ଯୁଗ୍ମ କମିଟିର ରିପୋର୍ଟରେ ଅନେକ ତ୍ରୁଟି ରହିଛି। କଙ୍କଡ଼ାହାଡ଼ ତହସିଲଦାରଙ୍କ ସହମତିରେ ଏହି ଅନିୟମିତତା ହୋଇଥିବା ପ୍ରାରମ୍ଭିକ ଅନୁଧ୍ୟାନରୁ ଜଣାପଡ଼ିଛି ବୋଲି ଟ୍ରିବ୍ୟୁନାଲ କହିଛନ୍ତି। ଢେଙ୍କାନାଳ ଜିଲାପାଳ ଉକ୍ତ କମିଟିର ସଦସ୍ୟ ନିଯୁକ୍ତ ହୋଇଥିଲେ ମଧ୍ୟ ସେ ଦାୟିତ୍ୱରୁ ଓହରିଯାଇ ତହସିଲଦାରଙ୍କୁ ତାଙ୍କ ପ୍ରତିନିଧି ଭାବେ ମନୋନୀତ କରିଥିଲେ।

ସେହିପରି ଅତ୍ୟଧିକ ଖଣି ଖନନ ଯୋଗୁ ଯେଉଁ ପରିବେଶଗତ ଏବଂ ରାଜସ୍ୱ କ୍ଷତି ହେଲା, ତାହାର ଭରଣା ପାଇଁ କେତେ ପରିମାଣର କ୍ଷତିପୂରଣ ଧାର୍ଯ୍ୟ ହୋଇଛି, ତାହା ରିପୋର୍ଟରେ ଉଲ୍ଲେଖ କରାଯାଇନାହିଁ। ବେଆଇନ ଭାବେ କଟାଯାଇଥିବା ଶାଳ ଗଛ ପାଇଁ କ୍ଷତିପୂରଣ ସ୍ଥିର ହୋଇ ନ ଥିବା ରିପୋର୍ଟରୁ ଜଣାପଡ଼ିଛି ବୋଲି ଖଣ୍ଡପୀଠ କହିଛନ୍ତି। ଖଣି ଖନନ ପ୍ରକ୍ରିୟାରେ ଅନେକ ଗଛ କଟାଯିବା ସହ ବେଆଇନ ବ୍ଲାଷ୍ଟିଂ ଯୋଗୁ ଜିଲାର ଝିଲ୍ଲି ମୌଜାରେ କୁନାଲ ଷ୍ଟ୍ରକ୍ଚର ପ୍ରାଇଭେଟ ଲିମିଟେଡ୍‌ର ଘରଗୁଡ଼ିକ କ୍ଷତିଗ୍ରସ୍ତ ହୋଇଥିବା ସୁକାନ୍ତ ପ୍ରଧାନ ଓ ଅନ୍ୟମାନେ ଟ୍ରିବ୍ୟୁନାଲଙ୍କୁ ଜଣାଇଥିଲେ। ସେହିପରି ଷ୍ଟୋନ୍ କ୍ରସରଗୁଡ଼ିକର ବୈଧାନିକ ସ୍ୱୀକୃତି ନ ଥିଲା କି ସେମାନେ ନିୟମାବଳୀ ଅନୁପାଳନ କରୁ ନ ଥିଲେ। ସବୁଜ ବଳୟ ସୃଷ୍ଟି କରାଯାଇ ନ ଥିଲା। ଲିଜ୍ ଅଞ୍ଚଳକୁ ଚିହ୍ନଟ କରାଯାଇ ଲିଜ୍ ବାହାରେ ଖଣି ଖନନ ଚାଲିଥିଲା। ଆର୍‌ଡି ବିଭାଗ ଅନୁମତି ବିନା ଗ୍ରାମାଞ୍ଚଳ ରାସ୍ତାରେ ଅତ୍ୟଧିକ ଲୋଡ୍ ଗାଡ଼ି ଚଳାଚଳ କରୁଥିଲା। ଖଣିଜ ପଦାର୍ଥ ନେବାବେଳେ ବାୟୁ ପ୍ରଦୂଷଣ ରୋକିବା ପାଇଁ ଗାଡ଼ିଗୁଡ଼ିକୁ ଘୋଡ଼ାଇ ନେବା ନିୟମ ଥିଲେ ମଧ୍ୟ ତାହା ପାଳନ ହେଉ ନଥିଲା ବୋଲି ଆବେଦନକାରୀ ଅଭିଯୋଗ କରିଥିଲେ। ସେମାନଙ୍କ ଅଭିଯୋଗର ଅନୁଧ୍ୟାନ ପାଇଁ ଟ୍ରିବ୍ୟୁନାଲ ଯୁଗ୍ମ କମିଟି ଗଠନ କରିଥିଲେ।



ମହୀଶୂର ଜିଲା ନଗରାହୋଲେରେ ଦଶହରା ପାଇଁ ସୋମବାର ୮ ସୁସଜ୍ଜିତ ହାତୀଙ୍କୁ ପ୍ରସ୍ତୁତ କରାଯାଉଛି। ଆସନ୍ତା ୧୬ ତାରିଖରେ ଏହି ତାଲିମପ୍ରାପ୍ତ ହାତୀପଲକୁ ମହୀଶୂର ପ୍ୟାଲେସରେ ସ୍ୱାଗତ କରାଯିବ।

# ଶହେ ତଳକୁ ଖସିଲା ପିଲାଙ୍କ ସଂକ୍ରମଣ

ଭୁବନେଶ୍ୱର,୧୩।୯(ବ୍ୟୁରୋ)



ରାଜ୍ୟରେ କରୋନା ସଂକ୍ରମଣ ସଂଖ୍ୟା ୫ଶହ ତଳକୁ ଖସିଛି। ସେହିପରି ୧୮ବର୍ଷରୁ କମ୍ ପିଲା ସଂକ୍ରମିତ ସଂଖ୍ୟା ମଧ୍ୟ ଶହେ ତଳକୁ ହ୍ରାସ ପାଇଛି। ଗତ କିଛି ଦିନ ହେବ ରାଜ୍ୟରେ ସଂକ୍ରମଣ ସଂଖ୍ୟା ସ୍ଥିର ରହିଥିଲେ ମଧ୍ୟ ଦୈନିକ ଶହେ ଉପରେ ପିଲା ସଂକ୍ରମିତ ହେଉଥିଲେ। ଏପରି କି ଦୈନିକ ମୋଟ ସଂକ୍ରମଣ ହାରର ପ୍ରାୟ ୧୭ ପ୍ରତିଶତ ପିଲା ରହୁଥିଲେ। ତେବେ ଗତ ୨୪ ଘଣ୍ଟାରେ ରାଜ୍ୟରେ ୫୦,୭୮୨ ନମୁନା ପରୀକ୍ଷା କରାଯାଇଥିବା ବେଳେ ୨୧ ଜିଲାରୁ ୪୭୧ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୫୭ଜଣ ୧୮ବର୍ଷରୁ କମ୍ ବୟସ୍କ ଥିବା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ମିଳିଛି। ତେବେ ରାଜ୍ୟରେ ଏବେ ସଂକ୍ରମଣ ହାର ୦.୯୩ ରହିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୧୯୬ ଜଣ ଥିବାବେଳେ କଟକରୁ ୮୧ ଓ ବାକି ୧୯ ଜିଲାରୁ ସଂକ୍ରମିତଙ୍କ ସଂଖ୍ୟା ୫୦ ତଳକୁ ରହିଛି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୦,୧୬,୮୩୩ରେ ପହଞ୍ଚିଛି। ସେପଟେ ରାଜ୍ୟରେ ଆଉ ୬ଜଣଙ୍କ କରୋନାରେ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଖୋର୍ଦ୍ଧାରୁ ସର୍ବାଧିକ ୩ଜଣ ଥିବାବେଳେ ଯାଜପୁର, ଅନୁଗୋଳ ଓ ପୁରୀରୁ ଜଣେ ଲେଖାଏ ରହିଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୮,୧୦୪କୁ ବୃଦ୍ଧି ପାଇଛି। ଅପରପକ୍ଷେ ସୋମବାର ଆଉ ୬୮୨ ରୋଗୀ କରୋନାରୁ ସୁସ୍ଥ ହୋଇଛନ୍ତି। ଫଳରେ ରାଜ୍ୟରେ ମୋଟ ଆରୋଗ୍ୟ ସଂଖ୍ୟା ୧୦,୦୨,୮୧୦କୁ ବୃଦ୍ଧି ପାଇଛି। ବର୍ତ୍ତମାନ ରାଜ୍ୟରେ ମୋଟ୍ ସକ୍ରିୟ ରୋଗୀ ସଂଖ୍ୟା ୫,୮୬୬ ରହିଛି।

# ୧୫ ପରେ କୋଭିଡ୍ ଅନାଥଙ୍କୁ ମିଳିବନି ଆଶୀର୍ବାଦ ସହାୟତା

ଭୁବନେଶ୍ୱର,୧୩।୯(ବ୍ୟୁରୋ)

କୋଭିଡ୍-୧୯ ମହାମାରୀରେ ମାତାପିତାଙ୍କୁ ହରାଇ ଅନାଥ ହୋଇଥିବା ଶିଶୁମାନଙ୍କୁ ସହାୟତା ଯୋଗାଇ ଦେବାକୁ ରାଜ୍ୟ ସରକାର 'ଆଶୀର୍ବାଦ' ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନାରେ ଅନାଥ ଶିଶୁମାନଙ୍କୁ ମାସିକ ଆର୍ଥିକ ସହାୟତା ସହ ଅନ୍ୟାନ୍ୟ ସୁବିଧା ସଯୋଗ ଯୋଗାଇ ଦେବାକୁ ବ୍ୟବସ୍ଥା ରହିଛି। ତେବେ ଏହି ଯୋଜନାର ସୁବିଧା ସେପ୍ଟେମ୍ବର ୧୫ ତାରିଖ ପରେ ଆଉ ମଳିବ ନାହିଁ। ରାଜ୍ୟରେ କରୋନା ସଂକ୍ରମଣ ହ୍ରାସ ପାଉଥିବାରୁ ସରକାର ଏହି ଯୋଜନାକୁ ଆଉ ଆଗକୁ ନେବେ ନାହିଁ। ସେପ୍ଟେମ୍ବର ୧୫ ପରେ ଯଦି କୋଣସି ପିଲା ସେମାନଙ୍କର ମାତାପିତା କିମ୍ବା ଭରଣପୋଷଣ କରୁଥିବା ବ୍ୟକ୍ତିଙ୍କର ମୃତ୍ୟୁ ହୁଏ ତେବେ ସେହି ପିଲାମାନଙ୍କୁ ଶିଶୁ ସୁରକ୍ଷା ଯୋଜନାରେ ସହାୟତା ଯୋଗାଇ ଦିଆଯିବ। ସେମାନଙ୍କୁ ଆଉ ଆଶୀର୍ବାଦ ଯୋଜନାରେ ସାମିଲ କରାଯିବ ନାହିଁ। ଏ ନେଇ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ସମସ୍ତ ଜିଲାପାଳଙ୍କୁ ଚିଠି ଲେଖାଯାଇଛି। ସରକାରଙ୍କ ନିର୍ଦ୍ଦେଶ ମୁତାବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁହାଯାଇଛି।

# 'କୋଭିଡ୍ ମୃତ୍ୟୁ ତଥ୍ୟ ଏପଟସେପଟ କରୁଛନ୍ତି ରାଜ୍ୟ ସରକାର'

ଭୁବନେଶ୍ୱର,୧୩।୯(ବ୍ୟୁରୋ)

ଜୁଲାଇ ପ୍ରଥମ ସପ୍ତାହରେ ରାଜ୍ୟ ସରକାର ବଳକା କୋଭିଡ୍ ମୃତ୍ୟୁର ଘୋଷଣା ଆରମ୍ଭ କଲେ। ଦୈନିକ ୩୦ରୁ ୪୦ ଭିତରେ ସୀମିତ ରହୁଥିବା କୋଭିଡ୍ ମୃତ୍ୟୁ ସଂଖ୍ୟା ହଠାତ୍ ବୃଦ୍ଧି ପାଇ ୬୦ ଅତିକ୍ରମ କରିଥିଲା। ସରକାରଙ୍କ ଯୁକ୍ତି ଥିଲା, ବିଭିନ୍ନ କାରଣ ପାଇଁ ଅଡିଟ୍ ହୋଇପାରି ନ ଥିବା କୋଭିଡ୍ ମୃତ୍ୟୁ ରିପୋର୍ଟ ଏବେ ଘୋଷଣା କରାଯିବ। ବିଭିନ୍ନ କୋଭିଡ୍ ହସ୍ପିଟାଲରେ ଯେତିକି କରୋନା ମୃତ୍ୟୁ ଘୋଷଣା ବାକି ରହିଛି, ତାହା ଜୁଲାଇ ଶେଷ ଆଡ଼କୁ ସରିଯିବ। ଜୁଲାଇ ସରିଗଲା, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଗଲା ଆଉ ୧୫ ଦିନ ଭିତରେ ଘୋଷଣା ଶେଷ ହେବ। ଏହାପରେ ଅଗଷ୍ଟ ଶେଷ ଆଡ଼କୁ ସରିଯିବ ବୋଲି କୁହାଗଲା। ଏବେ ଅଗଷ୍ଟ ଶେଷ ହୋଇଯାଇଛି, ହେଲେ ବଳକା କୋଭିଡ୍ ମୃତ୍ୟୁ ପୂର୍ବଭଳି ଜାରି ରହିଛି ବୋଲି ଭାଜପା ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଗୋଲକ କହିଛନ୍ତି, କୋଭିଡ୍ ମୃତ୍ୟୁ ନେଇ ରାଜ୍ୟ ସରକାର ତଥ୍ୟ ଏପଟସେପଟ କରୁଥିବା ସ୍ପଷ୍ଟ ଜଣାପଡୁଛି। ପ୍ରଚାର ସର୍ବସ୍ୱ ଓଡ଼ିଶା ସରକାର ନିଜର 'ବିଶ୍ୱସ୍ତରୀୟ କୋଭିଡ୍ ପରିଚାଳନା' ପ୍ରଚାରରେ ବ୍ୟସ୍ତ ଥିଲେ, ଏପଟେ ଗରିବ, ମଫସଲ, ଦଳିତ, ଆଦିବାସୀ ଓଡ଼ିଆ ଲୋକ ଚିକିତ୍ସା ନ ପାଇ ମୃତ୍ୟୁବରଣ କରୁଥିଲେ। ତଥ୍ୟ ମୁତାବକ, ୨୦୧୯ରେ ଓଡ଼ିଶା ସରକାର ୩,୪୨,୯୪୭ ମୃତ୍ୟୁ ପଞ୍ଜୀକରଣ କରିଥିବା ବେଳେ ୨୦୨୦ରେ ଏହା ୩,୬୨,୯୮୨ ଥିଲା। ୨୦୨୦ରେ ୨୦,୦୦୦ରୁ ଅଧିକ ମୃତ୍ୟୁ ହୁଏତ କୋଭିଡ୍-୧୯ ଦ୍ୱାରା ହୋଇଛି। କିନ୍ତୁ ସରକାରୀ କୋଭିଡ୍ ମୃତ୍ୟୁ ସଂଖ୍ୟା ଏହା ସହ ମେଳ ଖାଉନାହିଁ। ସେପ୍ଟେମ୍ବର ୧୨ ସୁଦ୍ଧା ଓଡ଼ିଶାରେ ୧୦,୧୫,୭୧୩ କୋଭିଡ୍ ସଂକ୍ରମଣ ମାମଲା ନିଶ୍ଚିତ ହୋଇଛି। ଏହା ଭାରତର ମୋଟ ମାମଲାର ୩.୦୫% ଥିଲା। ତେବେ ୪.୨ କୋଟି ଜନସଂଖ୍ୟା ପାଇଁ ମହାମାରୀ ଆରମ୍ଭରୁ ସରକାରୀ ମୃତ୍ୟୁ ସଂଖ୍ୟା ହେଉଛି ୮୧୪୫। ଯାହା ଭାରତର ମୋଟ ମୃତ୍ୟୁ ସଂଖ୍ୟାର ୧.୮୩%। ଓଡ଼ିଶା ସରକାର କ'ଣ ଏମିତି ପଦକ୍ଷେପ ନେଲେ ଯେ, ସବୁ ପରେ ବି ପାଖାପାଖି ବର୍ଷେ ହେଲା ପ୍ରତିଦିନ ମୃତ୍ୟୁ ସଂଖ୍ୟା ୧୨-୧୭ ରହୁଥିଲା ବୋଲି ଗୋଲକ ପ୍ରଶ୍ନ କରିଛନ୍ତି। ରାଜ୍ୟରେ କୋଭିଡ୍ ମୃତ୍ୟୁକୁ ନେଇ ଏକ ଜନସ୍ୱାର୍ଥ ମାମଲା(ପିଆଇଏଲ୍) ଶୁଣାଣି ବେଳେ ଓଡ଼ିଶା ହାଇକୋର୍ଟ ଏକ ସରକାରୀ ସତ୍ୟପାଠରେ ଅନେକ ଅସଙ୍ଗତି ଦର୍ଶାଇଥିଲେ। ରାଜ୍ୟ ସରକାର କହିଛନ୍ତି, ଚଳିତ ବର୍ଷ ଜୁଲାଇ ୧୫ରୁ ଅଗଷ୍ଟ ୩୧ ମଧ୍ୟରେ ୩୦୯୭ ମୃତ୍ୟୁ ଘଟିଥିବା ବେଳେ ପରବର୍ତ୍ତୀ ସମୟରେ ଦାଖଲ ହୋଇଥିବା ଅନ୍ୟ ଏକ ସତ୍ୟପାଠରେ ସରକାର କହିଛନ୍ତି, ଅଗଷ୍ଟ ୩୧ ସୁଦ୍ଧା ମହାମାରୀ ହେତୁ ଓଡ଼ିଶାରେ ୮୦୨୨ ଜଣଙ୍କ ମୃତ୍ୟୁ ଘଟିଛି। ସରକାରଙ୍କ ତଥ୍ୟ ରିପୋର୍ଟ ଏବଂ ଗଣନା ପଦ୍ଧତିକୁ ହାଇକୋର୍ଟ ମଧ୍ୟ ଭର୍ତ୍ସନା କରିଛନ୍ତି ବୋଲି ଗୋଲକ କହିଛନ୍ତି।

# ଫୁଟ୍‌ବଲ ପଡ଼ିଆର ଉନ୍ନତୀକରଣ ଲାଗି ପ୍ରସ୍ତାବ

**କ୍ରୀଡ଼ାମନ୍ତ୍ରୀଙ୍କୁ ଭେଟିଲେ କୁଳପତି**

ଭୁବନେଶ୍ୱର, ୧୩।୯(ବ୍ୟୁରୋ)

ଫକୀରମୋହନ (ଏଫଏମ) ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ସୋମବାର କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କୁ ତାଙ୍କ ବାସଭବନରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ପ୍ରଫେସର ତ୍ରିପାଠୀ କହିଥିଲେ ଏବେ କ୍ରୀଡ଼ା ପାଇଁ ଓଡ଼ିଶା ସମଗ୍ର ବିଶ୍ୱରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିପାରିଛି। ଏଥିପାଇଁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ କ୍ରୀଡ଼ା ବିଭାଗର ଉଦ୍ୟମକୁ ପ୍ରଶଂସା କରିଥିଲେ। ତେବେ କୁଳପତି ଏଫ୍ଏମ୍ ବିଶ୍ୱବିଦ୍ୟାଳୟଠାରେ ଥିବା ଫୁଟବଲ ପଡ଼ିଆର ଉନ୍ନତୀକରଣ ନିମନ୍ତେ ମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବକୁ ମନ୍ତ୍ରୀ ବେହେରା ଗ୍ରହଣ କରିବା ସହିତ ଏହାର କାର୍ଯ୍ୟକାରୀ ଦିଗରେ ପ୍ରଚେଷ୍ଟା କରିବେ ଏବଂ ବାଲେଶ୍ୱର ଗସ୍ତରେ ଯାଇ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିବେ ବୋଲି କହିଛନ୍ତି।

# ୨ମାସ ମଧ୍ୟରେ ସରକାର ପଦକ୍ଷେପ ନିଅନ୍ତୁ: ହାଇକୋର୍ଟ

**ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଅନୁକମ୍ପାମୂଳକ ନିଯୁକ୍ତି ପ୍ରସଙ୍ଗ**

କଟକ ଅଫିସ,୧୩।୯



ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଅନୁକମ୍ପାମୂଳକ ନିଯୁକ୍ତି ସମ୍ପର୍କିତ ମାମଲାର ଶୁଣାଣି ସୋମବାର ହାଇକୋର୍ଟରେ ହୋଇଥିଲା। ବିଚାରପତି ବିଶ୍ୱନାଥ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ମାମଲାର ଶୁଣାଣିକରିଆବେଦନକାରୀଙ୍କଆବେଦନକୁ ଗ୍ରହଣ କରିବା ସହ ୨ ମାସ ମଧ୍ୟରେ ନିଯୁକ୍ତି ପ୍ରକ୍ରିୟା ସମ୍ପର୍କରେ ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାରେ ରାଜ୍ୟ ସରକାର, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, ଜଗତ୍‌ସିଂପୁର ଜିଲା ଶିକ୍ଷା ଅଧିକାରୀ ଓ ନୂଆଗଡ଼ସ୍ଥିତ ଗୋବିନ୍ଦ ଚନ୍ଦ୍ର ହାଇସ୍କୁଲର ପରିଚାଳନା କମିଟିକୁ ପକ୍ଷଭୁକ୍ତ କରାଯାଇଥିଲା।

ମାମଲାର ବିବରଣୀରୁ ପ୍ରକାଶ, ଜଗତ୍‌ସିଂହପୁର ଜିଲା ନୂଆଗଡ଼ର ଗୋବିନ୍ଦ ଚନ୍ଦ୍ର ହାଇସ୍କୁଲରେ କନିଷ୍ଠ କିରାଣି ଭାବେ କାର୍ଯ୍ୟ କରୁଥିବା ସ୍ୱର୍ଗତ ପ୍ରାଣକୃଷ୍ଣ ସାମନ୍ତରାୟଙ୍କ ପୁଅ ବିନ୍ଦୁସାଗର ଅନୁକମ୍ପାମୂଳକ ନିଯୁକ୍ତି ଦାବି କରି ୨୦୧୭ ମସିହାରେ ବିଭାଗୀୟ ଅଧିକାରୀଙ୍କ ନିକଟରେ ଆବେଦନ କରିଥିଲେ। ତାଙ୍କ ନିଯୁକ୍ତିକୁ ସରକାର ବିଚାର କରିବା ପରିବର୍ତ୍ତେ ୨୦୨୦ ସେପ୍ଟେମ୍ବର ୯ରେ ଏକ ଆମେଣ୍ଡମେଣ୍ଟ ଆଣି ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଅନୁକମ୍ପାମୂଳକ ନିଯୁକ୍ତି ବ୍ୟବସ୍ଥାକୁ ଉଚ୍ଛେଦ କଲେ। ସରକାରଙ୍କ ଏହି ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ବିନ୍ଦୁସାଗର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ଆମେଣ୍ଡମେଣ୍ଟ ପୂର୍ବରୁ ଉକ୍ତ କିରାଣିଙ୍କ ମୃତ୍ୟୁ ଘଟିଛି। ଆବେଦନକାରୀ ମଧ୍ୟ ଏହି ଆମେଣ୍ଡମେଣ୍ଟ ପୂର୍ବରୁ ନିଯୁକ୍ତି ପାଇଁ ଆବେଦନ କରିଛନ୍ତି। ତେଣୁ ଏହାକୁ ବିଚାରକୁ ନିଆଯାଇ ନିଯୁକ୍ତି ପ୍ରକ୍ରିୟା ବାବଦରେ ପଦକ୍ଷେପ ନେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆଇନଜୀବୀ କେ.କେ. ସ୍ୱାଇଁ ମାମଲା ପରିଚାଳନା କରିଥିଲେ।





ଯାଜପୁର ଜିଲା ବଡ଼ଚଣା ବ୍ଲକ୍ ଅଧୀନ ସିହାଠାରେ ନିର୍ମାଣାଧୀନ ଉତ୍କଳ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ୍(ଗ୍ରାମୀଣ)ର ୧୦୦ ଫୁଟ୍‌ରୁ ଊର୍ଦ୍ଧ୍ୱ ଲମ୍ବର ପାଚେରି ଲଗାଣ ବର୍ଷା ଯୋଗୁ ସୋମବାର ସକାଳେ ଭୁଶୁଡ଼ି ପଡ଼ିଛି।

# ବିଳମ୍ବରେ କଂଗ୍ରେସର ପିପିଲି ଉପନିର୍ବାଚନ ପ୍ରସ୍ତୁତି

- ବିଜେଡି, ଭାଜପା ଭଳି କଂଗ୍ରେସ ବାଣ୍ଟିଲା ପଞ୍ଚାୟତ ଦାୟିତ୍ୱ
- ଆଜି ପ୍ରକାଶ ପାଇବ ତାଲିକା

ଭୁବନେଶ୍ୱର, ୧୩।୯(ବ୍ୟୁରୋ)

ପିପିଲି ଉପନିର୍ବାଚନ ଆସନ୍ତା ୩୦ ତାରିଖରେ ହେବ। ଏଥିଲାଗି ବିଜେଡି ଓ ଭାଜପା ଜୋର୍‌ଦାର ଉଦ୍ୟମ ଚଳାଇଛନ୍ତି। ଏହା ଭିତରେ ଉପନିର୍ବାଚନକୁ ଆଉ ମାତ୍ର ୧୬ ଦିନ ରହିଛି। କଂଗ୍ରେସ ପ୍ରଭାରୀ ଏ. ଚେଲ୍ଲାକୁମାରଙ୍କ ନେତୃତ୍ୱରେ ଦଳ ସୋମବାର ପିପିଲି ଉପନିର୍ବାଚନ ନେଇ ରଣନୀତି ପ୍ରସ୍ତୁତ କରିଛି। ଦଳୀୟ ଉପସଭାପତି ଏବଂ ସାଧାରଣ ସମ୍ପାଦକଙ୍କ ହାତରେ ଗୋଟିଏ ଲେଖାଏ ପଞ୍ଚାୟତ ଦାୟିତ୍ୱ ଦେବା ଲାଗି ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି। ବୈଠକ ପରେ ଚେଲ୍ଲାକୁମାର କହିଛନ୍ତି, ବର୍ତ୍ତମାନ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ବଦଳିବେନାହିଁ। ସଙ୍ଗଠନ କାମ ଠିକ୍ ଭାବେ ଚାଲିଛି। ଦଳୀୟ ବିଶୃଙ୍ଖଳା ବରଦାସ୍ତ କରାଯିବ ନାହିଁ। ପିସିସିର ନୂଆ ଟିମ୍ ସହିତ ପଞ୍ଚାୟତ ନିର୍ବାଚନ ବିଷୟରେ ଆଲୋଚନା କରାଯାଇଛି। ଆସନ୍ତା ମାସରୁ ପ୍ରତ୍ୟେକ ଜିଲା ଗସ୍ତ କରିବା ସହ ଲୋକମାନଙ୍କ ସହିତ ମିଶିବେ ବୋଲି ସେ କହିଛନ୍ତି।

ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ପକ୍ଷରୁ ଚଳିତ ମାସର ଗତ ୮ ତାରିଖରେ ପିସିସି ରାଜ୍ୟ ଉପସଭାପତି, କୋଷାଧ୍ୟକ୍ଷ, ସାଧାରଣ ସମ୍ପାଦକ, ସମ୍ପାଦକ ଏବଂ କାର୍ଯ୍ୟକାରୀ କମିଟି ତାଲିକା ପ୍ରକାଶ ପାଇଥିଲା। ନୂଆ ତାଲିକାରେ ସ୍ଥାନ ପାଇଥିବା ଉପସଭାପତି, ସାଧାରଣ ସମ୍ପାଦକଙ୍କୁ ନେଇ ରାଜ୍ୟ ପ୍ରଭାରୀ ପ୍ରଥମ ବୈଠକ କରିଛନ୍ତି। ଏଥିରେ ମୁଖ୍ୟତଃ ବିଜେଡି ଓ ଭାଜପା ଶୈଳୀରେ କଂଗ୍ରେସ ନେତାଙ୍କୁ ପିପିଲିର ବିଭିନ୍ନ ପଞ୍ଚାୟତ ଏବଂ ଏନ୍ଏସି ଦାୟିତ୍ୱ ଦେବାକୁ ସ୍ଥିର ହୋଇଛି। କାହାକୁ କେଉଁ ପଞ୍ଚାୟତ ଦାୟିତ୍ୱ ମିଳିବ ସେନେଇ ଆଲୋଚନା ସରିଥିବା ବେଳେ ମଙ୍ଗଳବାର ଏନେଇ ଦଳ ତରଫରୁ ବିଧିବଦ୍ଧ ଭାବେ ତାଲିକା ପ୍ରକାଶ ପାଇବ। ସେହିପରି ନୂତନ ଭାବେ ପ୍ରକାଶ ପାଇଥିବା ପିସିସି ତାଲିକାରେ ବହୁ ବରିଷ୍ଠ ନେତାଙ୍କ ନାମ ରଖାଯାଇ ନ ଥିବା ଦେଖିବାକୁ ମିଳିଛି। ତେଣୁ ତାଲିକାରୁ ବାଦ୍ ପଡ଼ିଥିବା ପ୍ରାୟ ୨୫ଜଣ ବରିଷ୍ଠ ନେତାଙ୍କୁ ପିପିଲି ଉପନିର୍ବାଚନରେ ଦାୟିତ୍ୱ ଦିଆଯିବାକୁ ସ୍ଥିର ହୋଇଛି। ଏହାସହ ପିସିସି କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଏକ ସଂଯୋଜକ ଟିମ୍ ରହିବ। ଏହି ଟିମ୍ ତତ୍ତ୍ୱାବଧାନରେ ପିପିଲି ଉପନିର୍ବାଚନ ଲଢ଼ାଯିବ ବୋଲି ସୂଚନା ମିଳିଛି। ଏନେଇ ଚୂଡ଼ାନ୍ତ ନିଷ୍ପତ୍ତି ସୋମବାର ରାତି କିମ୍ବା ମଙ୍ଗଳବାର ସୁଦ୍ଧା ନିଆଯିବ ବୋଲି ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି ସୂଚନା ଦେଇଛନ୍ତି। ଭାଜପା ଓ ବିଜେଡି ବିରୋଧରେ ଲୋକଙ୍କ ନିକଟକୁ ଯିବା ଲାଗି କୁହାଯାଇଥିବା ବେଳେ ତୃଣମୂଳସ୍ତରରେ ଦଳ ଏକାଠି ଥିବାର ବାର୍ତ୍ତା ଦେବା ଲାଗି ଦଳୀୟ ନେତାଙ୍କୁ ପ୍ରଭାରୀ କହିଥିବା ଜଣାପଡ଼ିଛି।

ଅନ୍ୟପଟେ ପିସିସି ଅଧୀନରେ ଥିବା ବିଭିନ୍ନ ସେଲ୍‌ର ଅଧ୍ୟକ୍ଷମାନଙ୍କୁ ନେଇ ଏକ ବୈଠକ ଚେଲ୍ଲାକୁମାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଛି। ଏଥିରେ ବିଭିନ୍ନ ସେଲ୍‌ର ଅଧ୍ୟକ୍ଷମାନଙ୍କୁ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଫଳତା ବିରୋଧରେ କାର୍ଯ୍ୟକ୍ରମ କରିବା ସହ ତାହା ଯେପରି ତୃଣମୂଳସ୍ତରରେ ପହଞ୍ଚାଯାଇପାରିବ ସେଥିଲାଗି ନିର୍ଦ୍ଦେଶ ଦିଆଯାଇଛି।

**ୟୁପିଃ କରୋନାରେ ଯାଇଛି ୨ ହଜାର କର୍ମଚାରୀଙ୍କ ଜୀବନ**

ଚଳିତ ବର୍ଷ ଉତ୍ତରପ୍ରଦେଶରେ ହୋଇଥିବା ପଞ୍ଚାୟତ ନିର୍ବାଚନରେ ଦାୟିତ୍ୱରେ ଥିବା ୨,୧୨୮ ସରକାରୀ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରୁ ୨,୦୯୭ ଜଣ କରୋନାରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଥିବାବେଳେ ଅନ୍ୟ କାରଣରୁ ୩୧ ଜଣଙ୍କ ଜୀବନ ଯାଇଛି। ୟୁପି ସରକାରଙ୍କ ପକ୍ଷରୁ ସଦ୍ୟ ପ୍ରକାଶିତ ରିପୋର୍ଟ ଅନୁସାରେ, ଗତ ଏପ୍ରିଲରେ ହୋଇଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ମୃତ କର୍ମଚାରୀଙ୍କ ମଧ୍ୟରୁ ୯୫ ପ୍ରତିଶତ ଶିକ୍ଷକ ରହିଛନ୍ତି।



# ସୀମା ଜଗିବ ସଶସ୍ତ୍ର ରୋବୋ

ବିଶ୍ୱର ଡ୍ରୋନ୍ ଟେକ୍ନୋଲୋଜିରେ ଏକ ନୂଆ ଅଧ୍ୟାୟ ଯୋଡ଼ିଛି ଇସ୍ରାଏଲ୍। ପ୍ରତିରକ୍ଷା କଣ୍ଟ୍ରାକ୍ଟର ଇସ୍ରାଏଲ୍ ଏରୋସ୍ପେସ୍ ଇଣ୍ଡଷ୍ଟ୍ରିଜ୍ ପକ୍ଷରୁ ବିକଶିତ ରୋବୋ 'ଆର୍‌ଇଏକ୍ସ ଏମ୍‌କେଆଇଆଇ'କୁ ସୋମବାର ଲଡ୍‌ଠାରେ ଅନାବରଣ କରାଯାଇଛି। ଏହି ମାନବ ରହିତ ଉଡ଼ନ୍ତା ଯାନକୁ ଯୁଦ୍ଧଭୂମି ଓ ସୀମାରେ ମୁତୟନ କରାଯାଇପାରିବ। ତେବେ ରୋବୋ ଜରିଆରେ କାହାକୁ ଟାର୍ଗେଟ କରି ହତ୍ୟା କରାଯିବ ତାହା ତାକୁ ନିୟନ୍ତ୍ରଣ କରୁଥିବା ବ୍ୟକ୍ତିଙ୍କ ଉପରେ ନିର୍ଭର କରିବ। ତେଣୁ ଏହାକୁ ନେଇ ମୁଣ୍ଡ ଟେକିଛି ବିବାଦ ।



**ଲଡ୍, ୧୩।୯**

ଇସ୍ରାଏଲ ପକ୍ଷରୁ ଏକ ରିମୋଟ ଚାଳିତ ସଶସ୍ତ୍ର ରୋବୋ ବିକଶିତ କରାଯାଇଛି। 'ଆରଇଏକ୍ସ ଏମ୍‌କେଆଇଆଇ' ନାମକ ଏହି ଅତ୍ୟାଧୁନିକ ରୋବୋରେ ୪ଟି ଚକ ରହିଛି। ଏକ ଟାବ୍‌ଲେଟ୍ ଜରିଆରେ ପରିଚାଳିତ ଏହି ଯାନରେ ଦୁଇଟି ମେଶିନ୍ ଗନ୍ ଓ କ୍ୟାମେରା ଓ ସେନ୍ସର ମଧ୍ୟ ସଂଲଗ୍ନ କରାଯାଇଛି। ଯୁଦ୍ଧଭୂମି ଓ ସୀମାନ୍ତରେ ମୁତୟନ ସୁରକ୍ଷା ବଳଙ୍କ ସ୍ଥିତି ସମ୍ପର୍କରେ ଏହା ଗୋଇନ୍ଦା ସୂଚନା ସଂଗ୍ରହ, ଆହତ ସୈନ୍ୟଙ୍କୁ ଉଦ୍ଧାର କରିବା ସହ ଲକ୍ଷ୍ୟଭେଦ ବେଳେ ଆବଶ୍ୟକ ଉପକରଣ ନେବା ଆଣିବାରେ ସକ୍ଷମ। ରିମୋଟ କଣ୍ଟ୍ରୋଲ ଜରିଆରେ ପରିଚାଳିତ ଏହି ସଶସ୍ତ୍ର ରୋବୋ ଯୁଦ୍ଧାଞ୍ଚଳରେ ପାଟ୍ରୋଲିଂ କରିବା ସହ ସୀମାରେ ଅନୁପ୍ରବେଶ ରୋକିବ। ଏଭଳି ଅର୍ଦ୍ଧସ୍ୱୟଂଚାଳିତ ମେଶିନ ସେନାକୁ ନିଜ ଯବାନମାନଙ୍କ ଜୀବନ ରକ୍ଷାରେ ସହାୟକ ହେବ ବୋଲି ସରକାରୀ ସଂସ୍ଥାଗୁଡ଼ିକ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷେ ଜୀବନମୃତ୍ୟୁ ସମ୍ପର୍କିତ ନିଷ୍ପତ୍ତି ଦିଗରେ ଏହା ଏକ ଘାତକ ପଦକ୍ଷେପ ବୋଲି ସମାଲୋଚକ ଆଶଙ୍କା ବ୍ୟକ୍ତ କରିଛନ୍ତି। ପ୍ରକାଶ ଯେ, ବିଗତ ୧୫ ବର୍ଷ ମଧ୍ୟରେ ଇସ୍ରାଏଲ୍ ଏରୋସ୍ପେସ୍ ଇଣ୍ଡଷ୍ଟ୍ରିଜ୍‌ର ସହାୟକ ସଂସ୍ଥା ଇଏଲ୍‌ଟିଏ ସିଷ୍ଟମ୍ସ ପକ୍ଷରୁ ଅନେକ ୬ରୁ ଉର୍ଦ୍ଧ୍ୱ ରୋବୋ ବିକଶିତ କରାଗଲାଣି। ସେଥିମଧ୍ୟରୁ ସଦ୍ୟ ରୋବୋ ସର୍ବାଧୁନିକ ଓ ଉନ୍ନତ। ଇସ୍ରାଏଲ୍ ସେନା ବର୍ତ୍ତମାନ ଏକ ଅପେକ୍ଷାକୃତ ଛୋଟ ଅଥଚ ଅନୁରୂପ ଯାନ ବ୍ୟବହାର କରୁଛି। ଜାଗୁଆର ନାମକ ଉକ୍ତ ଯାନ ଗାଜା ଷ୍ଟ୍ରିପ୍ ସୀମାରେ ମୁତୟନ ହୋଇଛି।

# ଧାନ କିଣିବା ପୂର୍ବରୁ ଚାଷୀଙ୍କ ଜମି ରେକର୍ଡ ଯାଞ୍ଚ ହେବ

**ନୂଆଦିଲ୍ଲୀ, ୧୩।୯**

ଧାନ କିଣିବା ପୂର୍ବରୁ କେନ୍ଦ୍ର ସରକାର ଚାଷୀମାନଙ୍କ ଜମିର ରେକର୍ଡ ଯାଞ୍ଚ କରିବେ। ଅକ୍ଟୋବରରୁ ଏହି ପ୍ରକ୍ରିୟା ଆରମ୍ଭ ହେବ। ଏମ୍‌ଏସ୍‌ପି ଯେପରି ବେପାରିମାନଙ୍କ ପାଖକୁ ନ ଯାଇ ଚାଷୀ ପାଇବେ ତାହା ନିଶ୍ଚିତ କରିବା ଲାଗି ପ୍ରଥମ ଥର ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଥିବା ଖାଦ୍ୟ ମନ୍ତ୍ରଣାଳୟ ସଚିବ ସୁଧାଂଶୁ ପାଣ୍ଡେ ସୋମବାର କହିଛନ୍ତି। ଆସାମ, ଉତ୍ତରାଖଣ୍ଡ ଏବଂ ଜମ୍ମୁ-କଶ୍ମୀରକୁ ବାଦ୍ ଦେଲେ ଧାନ ସଂଗୃହୀତ ହେଉଥିବା ଅଧିକାଂଶ ରାଜ୍ୟ ଏଥିପାଇଁ ପ୍ରସ୍ତୁତ ହୋଇଛନ୍ତି। ଧାନ ସଂଗ୍ରହ ଦାୟିତ୍ୱରେ ଥିବା ଭାରତର ଖାଦ୍ୟ ନିଗମ (ଏଫ୍‌ସିଆଇ) ସହ ସେମାନେ ଜମିଜମାର ଡିଜିଟାଲ ରେକର୍ଡ ସଂଯୋଗ କରିଛନ୍ତି। ସରକାର କିଣୁଥିବା ଧାନ ଚାଷୀଙ୍କ ନିଜ ଜମିରୁ କିମ୍ବା ସେମାନେ ଭାଗଚାଷୀ ତାହା ଜଣାପଡ଼ିଯିବ। ସେମାନେ କେତେ ଜମିରୁ କେତେ ଧାନ ଉତ୍ପାଦନ କରୁଛନ୍ତି ତାହାର ହିସାବ ସରକାରଙ୍କ ପାଖରେ ରହିବ ଓ ସେହି ଅନୁଯାୟୀ ଧାନ କିଣାଯିବ। ପ୍ରକୃତ ଚାଷୀଙ୍କଠାରୁ ଧାନ କିଣିବା ଏହି ଯାଞ୍ଚର ଉଦ୍ଦେଶ୍ୟ ।

# ୭୫ କୋଟି ଟପିଲା ଟିକାକରଣ

**ନୂଆଦିଲ୍ଲୀ, ୧୩।୯:** କରୋନା ଭାଇରସ୍‌ର ସମ୍ଭାବ୍ୟ ତୃତୀୟ ଲହର ଆତଙ୍କ ଭିତରେ ଭାରତର ଟିକାକରଣ ସୋମବାର ୭୫ କୋଟି ଡୋଜ୍ ଅତିକ୍ରମ କରିଛି। ଏହି ଧାରା ଜାରି ରହିଲେ ଡିସେମ୍ବର ସୁଦ୍ଧା ମୋଟ ଜନସଂଖ୍ୟାର ୪୩% ଟିକାକରଣ ହୋଇଯିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଖୁସି ବ୍ୟକ୍ତ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବଳିଷ୍ଠ ନେତୃତ୍ୱ ଯୋଗୁ ଏହା ସମ୍ଭବ ହୋଇପାରିଥିବା ସେ ଟୁଇଟ୍ କରି କହିଛନ୍ତି। ତୃତୀୟ ଲହରକୁ ରୋକିବା ପାଇଁ ଚଳିତ ବର୍ଷ ଶେଷ ସୁଦ୍ଧା ଦେଶର ୬୦% ଲୋକଙ୍କୁ ଦୁଇଟି ଯାକ ଡୋଜ୍ ଟିକା ଦିଆଯିବା ଜରୁରୀ।

# ଶପଥ ନେଲେ ଭୂପେନ୍ଦ୍ର



**ଅହମଦାବାଦ, ୧୩।୯:** ଗୁଜରାଟର ୧୭ତମ ମୁଖ୍ୟମନ୍ତ୍ରୀ ଭାବେ ଭୂପେନ୍ଦ୍ର ପଟେଲ ସୋମବାର ଶପଥ ଗ୍ରହଣ କରିଛନ୍ତି। ରାଜଭବନରେ ଅନୁଷ୍ଠିତ ଉତ୍ସବରେ ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ହରିୟାଣା ମୁଖ୍ୟମନ୍ତ୍ରୀ ମନୋହରଲାଲ୍ ଖଟ୍ଟର, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ, ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ପଦରୁ ବିଜୟ ରୁପାନୀଙ୍କ ଇସ୍ତଫା ପରେ ପ୍ରଥମ ଥର ବିଧାନସଭାକୁ ଆସିଥିବା ଭୂପେନ୍ଦ୍ରଙ୍କୁ ରବିବାର ନୂଆ ମୁଖ୍ୟମନ୍ତ୍ରୀ ନିର୍ବାଚନ କରାଯାଇଥିଲା। ୨୦୨୨ ଡିସେମ୍ବରରେ ହେବାକୁ ଥିବା ଗୁଜରାଟ ବିଧାନସଭା ନିର୍ବାଚନ ଭାଜପା ତାଙ୍କ ନେତୃତ୍ୱରେ ଲଢ଼ିବାକୁ ଯାଉଛି।

# ଇସ୍ରାଏଲ୍‌ର ଯୋଡ଼ାମୁଣ୍ଡ ଶିଶୁଙ୍କୁ ଅଲଗା କଲେ ଭାରତୀୟ ଡାକ୍ତର

**ଜେରୁଜେଲମ୍, ୧୩।୯**

ବ୍ରିଟେନରେ କାର୍ଯ୍ୟରତ ବିଶ୍ୱ ପ୍ରସିଦ୍ଧ ଭାରତୀୟ ଶିଶୁରୋଗ ନ୍ୟୁରୋସର୍ଜନ ଇସ୍ରାଏଲ୍‌ର ଯୋଡ଼ାମୁଣ୍ଡ ଯାଆଁଳା ଶିଶୁଙ୍କୁ ସଫଳତାର ସହ ଅସ୍ତ୍ରୋପଚାର କରି ଅଲଗା କରିବାରେ ଇସ୍ରାଏଲ୍‌ର ଡାକ୍ତରମାନଙ୍କୁ ସହାୟତା କରିଛନ୍ତି। ଉକ୍ତ ଶିଶୁଦ୍ୱୟ ଏବେ ସ୍ୱାଭାବିକ ଜୀବନ ଜିଇଁବାକୁ ଯାଉଛନ୍ତି। କଶ୍ମୀରରେ ଜନ୍ମିତ ଡ. ନୂର୍ ଉଲ୍ ଓ୍ୱାସେ ଜିଲାନି ଲଣ୍ଡନର ଗ୍ରେଟ୍ ଓର୍‌ମଣ୍ଡ ଷ୍ଟ୍ରିଟ୍ ହସ୍ପିଟାଲରେ କାର୍ଯ୍ୟ କରୁଛନ୍ତି। ଇସ୍ରାଏଲ୍‌ର ସୋରୋକା ହସ୍ପିଟାଲର ଡାକ୍ତରମାନଙ୍କ ଅନୁରୋଧ ରକ୍ଷା କରି ସେ ବ୍ରିଟେନ ବାହାରେ ଯୋଡ଼ାମୁଣ୍ଡ ଶିଶୁର ଅସ୍ତ୍ରୋପଚାର କରିବାକୁ ରାଜି ହୋଇଥିଲେ। ଏଭଳି ଅସ୍ତ୍ରୋପଚାରରେ ସେ ଓ ତାଙ୍କ ସହକର୍ମୀ ପ୍ରଫେସର ଡାଭିଡ୍ ଡୁନ୍‌ୱେ ସାରା ବିଶ୍ୱରେ ଖ୍ୟାତି ଅର୍ଜନ କରିଛନ୍ତି।



ଡ. ନୂର୍ ଉଲ୍ ଓ୍ୱାସେ ଜିଲାନି

# ମୁଁ ବଞ୍ଚିଛି କହିଲେ ବରାଦର

**କାବୁଲ, ୧୩।୯**

ତାଲିବାନ୍ ୨.୦ ସରକାରରେ ଉପ-ପ୍ରଧାନମନ୍ତ୍ରୀ ହୋଇଥିବା ମୁଲ୍ଲା ଅବଦୁଲ ଗନି ବରାଦରଙ୍କ ମୃତ୍ୟୁକୁ ନେଇ ଉଠୁଥିବା ଗୁଜବକୁ ସେ ଖଣ୍ଡନ କରିଛନ୍ତି। ସେ ଆହତ ହୋଇ ନ ଥିବା ଏବଂ ଜୀବିତ ଅଛନ୍ତି ବୋଲି ଏକ ଅଡିଓ ମେସେଜ ମାଧ୍ୟମରେ ସେ କହିଛନ୍ତି। ଏହି ଅଡିଓକୁ ତାଲିବାନ୍ ମୁଖପାତ୍ର ମହମ୍ମଦ ନଇମ ଟୁଇଟ କରିଛନ୍ତି। କ୍ଷମତା ଭାଗବଣ୍ଟାକୁ ନେଇ ତାଲିବାନ୍ ମଧ୍ୟରେ ସଂଘର୍ଷ ହୋଇଥିବା ଏବଂ ହକ୍କାନୀ ନେଟୱର୍କ ସଦସ୍ୟଙ୍କ ଗୁଳିରେ ବରାଦର ଆହତ କିମ୍ବା ମୃତ ହୋଇଥିବା ନେଇ ଆଫଗାନିସ୍ତାନର ଟୋଲୋ ନ୍ୟୁଜ୍ ରିପୋର୍ଟ ପ୍ରକାଶ କରିଥିଲା। ରବିବାର କାତାରରୁ କାବୁଲ ଆସି ବୈଠକ କରିଥିବା ତାଲିବାନ୍ ବରିଷ୍ଠ ନେତାଙ୍କୁ ବରାଦର ସାକ୍ଷାତ କରି ନ ଥିବାରୁ ତାଙ୍କ ମୃତ୍ୟୁକୁ ନେଇ ଚର୍ଚ୍ଚା ଜୋର ଧରିଛି।



ଗୁଜରାଟର ଜାମନଗର ରାସ୍ତାରେ ବର୍ଷା ପାଣି ଜମିଥିବାରୁ ସୋମବାର ଲୋକେ ଏକ ଡଙ୍ଗାରେ ଯାତାୟାତ କରୁଛନ୍ତି।

## ଫୁର୍‌ସତ୍

# ବିକାଶ ପାଇଁ ସରକାରୀ ଭାଷା ବ୍ୟବହାର




ସରକାରୀ ନୀତି ଓ ଯୋଜନା ସମ୍ପର୍କରେ ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରା ରାଜଭାଷା ଅବା ବିଭିନ୍ନ ଅଞ୍ଚଳର କଥିତ ଭାଷା ମାଧ୍ୟମରେ ଅବଗତ କରାଯିବାର ପ୍ରୟାସ କରାଯାଇଥାଏ। ଏପରିସ୍ଥଳେ ସରକାରୀ ଭାଷାର ଗୁରୁତ୍ୱ ଅଧିକ ରହିଛି। ଦେଶର ସଂଖ୍ୟାଧିକ ଲୋକଙ୍କ ଦ୍ୱାରା କୁହାଯାଉଥିବା ଭାଷା ଯୋଗୁ ପ୍ରଶାସନିକ ବ୍ୟବସ୍ଥା ସମସ୍ତଙ୍କ ପାଖରେ ପହଞ୍ଚାଇବା ଲାଗି ଭାରତ ସରକାରଙ୍କ ପକ୍ଷରୁ ଉଦ୍ୟମ ହୋଇଥିଲା। ୧୯୪୯ ସେପ୍ଟେମ୍ବର ୧୪ରେ ହିନ୍ଦୀକୁ ସରକାରୀ ଭାଷାର ମାନ୍ୟତା ପ୍ରଦାନ ଲାଗି ସମ୍ବିଧାନ ସଭାରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏ ସମ୍ପର୍କରେ ଭାରତୀୟ ସମ୍ବିଧାନର ୧୭ ଅଧ୍ୟାୟର ଧାରା ୩୪୩(୧)ରେ ଉଲ୍ଲେଖ କରାଯାଇଛି। ସ୍ୱାଧୀନତା ପରେ ବହୁ ସାହିତ୍ୟିକଙ୍କ ସମେତ ହିନ୍ଦୀକୁ ସରକାରୀ ଭାଷା ଭାବେ ପ୍ରତିଷ୍ଠିତ କରିବା ଲାଗି ବେଓହାର ରାଜେନ୍ଦ୍ର ସିଂ ନିରନ୍ତର ଉଦ୍ୟମ କରିଥିଲେ। ଶେଷରେ ତାଙ୍କ ଜନ୍ମ ଦିବସ (ସେପ୍ଟେମ୍ବର ୧୪ )କୁ ହିନ୍ଦୀ ଦିବସ ଭାବେ ପାଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି ଦିନକୁ ମନେରଖିବା ପାଇଁ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ସରକାର ୧୪ ସେପ୍ଟେମ୍ବରକୁ ହିନ୍ଦୀ ଦିବସ ଭାବରେ ପାଳନ କରାଯିବାକୁ ଘୋଷଣା କରିଥିଲେ। ୧୯୫୩ଠାରୁ ପ୍ରତିବର୍ଷ ସେପ୍ଟେମ୍ବର ୧୪କୁ ହିନ୍ଦୀ ଦିବସ ଭାବେ ପାଳନ କରାଯାଉଛି।

# ଆଲ୍‌କହଲ ଫ୍ରି ୱାଇନ୍




**ଲଣ୍ଡନ:** ସୀମିତ ପରିମାଣର ମଦ୍ୟପାନ ହୃଦ୍‌ରୋଗ ଆଶଙ୍କା କମ୍ କରିଥାଏ ବୋଲି ଦୀର୍ଘଦିନରୁ ଶୁଣି ଆସୁଛେ। ଏକ ସଦ୍ୟତମ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଆଲ୍‌କହଲ୍ ଫ୍ରି ୱାଇନ୍ (ବିନା ମାଦକ ମଦ) ମଧ୍ୟ ସ୍ୱାସ୍ଥ୍ୟ ପ୍ରତି ସମାନ ଭାବେ ଉପକାର ସାବ୍ୟସ୍ତ ହୋଇପାରେ। ବ୍ରିଟେନର ଆଙ୍ଗ୍ଲିଆ ରସ୍କିନ୍ ବିଶ୍ୱବିଦ୍ୟାଳୟର ଗବେଷକମାନେ ଏଭଳି ମଦ ବିଷୟରେ କହିଛନ୍ତି, ଯାହାକି ଆଣ୍ଟିଅକ୍ସିଡାଣ୍ଟରେ ଭରପୂର ଅଙ୍ଗୁରରୁ ପ୍ରସ୍ତୁତ। ସେଥିରେ ଆଲ୍‌କହଲ୍ ନାହିଁ ବୋଲି 'ଦ ଡେଲି ମେଲ୍'ରେ ପ୍ରକାଶ ପାଇଛି।

ଗବେଷକମାନଙ୍କ ଟିମ୍ ୪୦ରୁ ୬୯ ବର୍ଷ ବୟସର ପ୍ରାୟ ୪ ଲକ୍ଷ ୫୦ ହଜାର ଲୋକଙ୍କ ତଥ୍ୟ ବିଶ୍ଳେଷଣ କରି ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ମଧ୍ୟମ ମଦ୍ୟପାନର ପ୍ରଭାବକୁ ଅନୁଧ୍ୟାନ କରିଥିଲେ। ସେହି ବିଷୟ କ୍ଲିନିକାଲ ନ୍ୟୁଟ୍ରିଶନ ପତ୍ରିକାରେ ପ୍ରକାଶ ପାଇଛି। ସେଥିରେ ଦର୍ଶାଯାଇଛି, ମଦ୍ୟପାନ କରୁ ନ ଥିବା ଏବଂ କାଁ ଭାଁ ମଦ୍ୟପାନ କରୁଥିବା ବ୍ୟକ୍ତିଙ୍କ ତୁଳନାରେ ସପ୍ତାହରେ ୧୧ ଗ୍ଲାସ ମଦ ପିଉଥିବା ଲୋକଙ୍କୁ କରୋନାରି ହୃଦ୍‌ରୋଗ ହେବା ଆଶଙ୍କା ୪୦% କମ୍। ନିୟମିତ ଭାବେ ଆଲ୍‌କହଲ୍ ଫ୍ରି ୱାଇନ୍ ପିଉଥିବା ବ୍ୟକ୍ତିଙ୍କଠାରେ ମଧ୍ୟ ଏହି ଆଶଙ୍କା କମ୍। ଅଙ୍ଗୁରରେ ପଲିଫେନୋଲ ନାମକ ଆଣ୍ଟିଅକ୍ସିଡାଣ୍ଟ ଅଧିକ, ଯାହା ଭଲ କୋଲେଷ୍ଟରଲ ସ୍ତରକୁ ବଢ଼ାଇପାରେ। ଅନ୍ୟପକ୍ଷରେ ମଧ୍ୟମ ପରିମାଣର ବିୟର, ସାଇଡର୍ କିମ୍ବା ସ୍ପିରିଟ ପିଇବା ଦ୍ୱାରା ପ୍ରାୟ ୧୦% ବିପଦ ଟଳିଥିଲା। ଅଙ୍ଗୁରଭିତ୍ତିକ ମଦ୍ୟପାନ ଦ୍ୱାରା ଅବିଶ୍ୱସନୀୟ ହୃତ୍‌ପିଣ୍ଡ ସୁରକ୍ଷା ମିଳିଥାଏ। ପଲିଫେନୋଲ ଯୋଗୁ ଏହି ଲାଭ ହେଉଥିବା ବିଶ୍ୱବିଦ୍ୟାଳୟର ଆସୋସିଏଟ୍ ପ୍ରଫେସର ଡ. ରୁଡୋଲଫ୍ ଶଟେ କହିଛନ୍ତି। କିନ୍ତୁ ମଦ ଓ ସ୍ୱାସ୍ଥ୍ୟ ମଧ୍ୟରେ ଥିବା ସକାରାତ୍ମକ ତତ୍ତ୍ୱ କ୍ୟାନସର ଭଳି ବିପଦ ଦ୍ୱାରା ଅକାମୀ ହୋଇଯାଇଥାଏ।

# ଚାଲିଲେ ବଢ଼ିବ ଆୟୁଷ

**ନୂଆଦିଲ୍ଲୀ:** ଚାଲିଲେ ଆୟୁଷ ବଢ଼େ। ଏକ ରିସର୍ଚ୍ଚରୁ ଜଣାପଡ଼ିଛି କି ପ୍ରତିଦିନ ଚାଲିଲେ କମ୍ ବୟସରେ ମୃତ୍ୟୁର ଆଶଙ୍କା କମି ଯାଇଥାଏ। ଜାମା ନେଟୱର୍କ ପକ୍ଷରୁ ପ୍ରକାଶିତ ଜର୍ନାଲରେ ଏଭଳି ଏକ ରିପୋର୍ଟ ପ୍ରକାଶ ପାଇଛି। ରିସର୍ଚ୍ଚ ଅନୁସାରେ ପ୍ରତିଦିନ ୭ହଜାର ପାଦ ଚାଲୁଥିବା ବ୍ୟକ୍ତିମାନଙ୍କର କମ୍ ବୟସରେ ମୃତ୍ୟୁର ଆଶଙ୍କା ବହୁତ କମି ଯାଇଥାଏ। କିନ୍ତୁ ୧୦ହଜାରରୁ ଅଧିକ ଷ୍ଟେପ ଚାଲିଲେ ମଧ୍ୟ ସେହି ସମାନ ପରିମାଣର ଲାଭ ମିଳିଥାଏ। ରିସର୍ଚ୍ଚ ନିମନ୍ତେ ୩୮ରୁ ୫୦ ବର୍ଷ ବୟସର ପ୍ରାୟ ୨,୧୦୦ ଜଣଙ୍କୁ ନିଆଯାଇଥିଲା। ବିଶେଷଜ୍ଞମାନେ ପ୍ରତିଦିନ ଚାଲୁଥିବା ଏହି ବ୍ୟକ୍ତିମାନଙ୍କର ରିପୋର୍ଟକୁ ତିନିଭାଗରେ ବିଭକ୍ତ କରିଛନ୍ତି। ଅନୁସନ୍ଧାନ ଅନୁସାରେ ବିଶେଷଜ୍ଞମାନେ କହିଛନ୍ତି କି ୭ ହଜାରରୁ ୭ ହଜାର ପାଦ ଚାଲୁଥିବା ବ୍ୟକ୍ତିମାନଙ୍କର ସ୍ୱାସ୍ଥ୍ୟ ବହୁତ ଭଲ ଥିଲା। କିନ୍ତୁ ୧୦ ହଜାରରୁ ଅଧିକ ପାଦ ଚାଲୁଥିବା ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟରେ ଅତ୍ୟଧିକ ଉନ୍ନତି ପରିଲକ୍ଷିତ ହୋଇ ନ ଥିଲା।

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

# ଗ୍ଲାମରସ୍ ଲୁକ୍‌ରେ ଅମିଷା



**ମୁମ୍ବାଇ:** ବିଗତ ଦିନରେ ବଲିଉଡ୍‌କୁ ଲୋକପ୍ରିୟ ଚଳଚ୍ଚିତ୍ର ଭେଟିଦେଇଥିବା ନାୟିକା ଅମିଷା ପଟେଲ ଏବେ ସୋସିଆଲ ମିଡିଆରେ ଛାଇ ହୋଇ ରହିଛନ୍ତି । ଦୀର୍ଘ ଦିନ ହେଲା ବଡ ପରଦାଠାରୁ ଦୂରରେ ଥିବା ଏହି ନାୟିକା କିନ୍ତୁ ସୋସିଆଲ ମିଡିଆରେ ଖୁବ ଆକ୍ଟିଭ । ସମୟ ସମୟରେ ସେ ତାଙ୍କର ଏମିତି କିଛି ଫଟୋ ଓ ଭିଡିଓ ଶେୟାର କରିଥାଆନ୍ତି ଯାହା ତାଙ୍କ ପ୍ରଶଂସକଙ୍କ ନିଦ ହଜାଇ ଦେଇଥାଏ । ନିକଟରେ ସେ ବ୍ଲୁ କଲର ବିକିନି ସହ ଏକ ସୁଇମିଂ ପୁଲ ନିକଟରେ ଗ୍ଲାମରସ୍ ପୋଜ ଦେଉଥିବାର ଏକ ଭିଡିଓ ସେ ତାଙ୍କ ଅଫିସିଆଲ ଇନଷ୍ଟାଗ୍ରାମ ହ୍ୟାଣ୍ଡଲରେ ଶେୟାର କରିଛନ୍ତି। ଆଉ ଏହାକୁ ଦେଖିବା ପରେ ଆଦୌ ଲାଗୁନାହିଁ କି ନାୟିକା ୪୫ଟି ବସନ୍ତ ଅତିକ୍ରମ କରିଗଲେଣି । ଖୁବ ହଟ୍ ଏବଂ ସେକ୍ସି ଲାଗୁଥିବା ଅମିଶା ବୟସକୁ ପଛକୁ ପକାଇ ଦେଇଥିବା ତାଙ୍କ ପ୍ରଶଂସକ କମେଣ୍ଟ କରିଛନ୍ତି। ସେ ଯାହା ହେଉ ବେଶ୍ କିଛି ଦିନର ବିରତିପରେ ଅମିଷା ପୁଣିଥରେ ବଡ଼ ପରଦାକୁ ଫେରୁଛନ୍ତି ବୋଲି ଶୁଣିବାକୁ ମିଳିଛି । 'କହୋନା ପ୍ୟାର ହୈ'ରୁ ନିଜର କ୍ୟାରିୟର ଆରମ୍ଭ କରିଥିବା ଅମିଷା 'ଗଦ୍ଦର ଏକ ପ୍ରେମ କଥା'ରେ ସନ୍ନି ଦେଓଲଙ୍କ ସହ ଅଭିନୟ କରି ଦର୍ଶକଙ୍କ ନିକଟତର ହୋଇପାରିଥିଲେ । ନିକଟରେ ଗଦ୍ଦର ଏକ ପ୍ରେମ୍ କଥା ଫିଲ୍ମକୁ ୨୦ ବର୍ଷ ପୂରିଛି। ଏବେ ଶୁଣିବାକୁ ମିଳିଛି କି ଅମିଶା ପୁଣିଥରେ 'ଗଦ୍ଦର ଏକ ପ୍ରେମ କଥା ୨' ବା ସିକ୍ୱେଲରେ ନଜର ଆସିବେ। ଏହାବାଦ୍ ଅମିଷା 'ମିଷ୍ଟ୍ରି ଅଫ୍ ଟାଟୁ' ପାଇଁ କାମ ଆରମ୍ଭ କରିଛନ୍ତି। ଏଥିରେ ତାଙ୍କୁ ଅର୍ଜୁନ ରାମପାଲ ଏବଂ ଡେଜି ଶାହାଙ୍କ ସହ ଦେଖିବାକୁ ମିଳିବ। ଏହି ଥ୍ରିଲର ମୁଭିକୁ କଲାଇରାରି ସଥାପ୍ପା ଏବଂ ଗଣେଶ ମହାଦେବନ୍ ନିର୍ଦ୍ଦେଶନା ଦେଇଛନ୍ତି।

## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ଗୋବର୍ଦ୍ଧନ ବାରିକ
ସ୍ଥାନ- ମୃତ୍ୟୁଞ୍ଜୟପୁର, (ପଣ୍ଡୁଳା)
ଆବିର୍ଭାବ: ୦୧।୦୭।୧୯୭୦
ତିରୋଧାନ: ୧୪।୦୯।୨୦୨୦

ଆପଣ ଛାଡ଼ି ଚାଲି ଯିବାର ବର୍ଷଟିଏ ବିତିଗଲା । ଆପଣଙ୍କର ସ୍ନେହ, ଶ୍ରଦ୍ଧା ଓ କର୍ତ୍ତବ୍ୟନିଷ୍ଠା ସଦା ସର୍ବଦା ମନେ ରହିବ । ପ୍ରଥମ ଶ୍ରାଦ୍ଧ ଦିବସରେ ବିନମ୍ର ଶ୍ରଦ୍ଧା ସୁମନ ଅର୍ପଣ କରୁଛୁ।

-:ଶୋକସନ୍ତପ୍ତ:-
ହତଭାଗ୍ୟ ପୁତ୍ର: ଜଗଦୀଶ ବାରିକ
ଧ-୨୧୬୩୫

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ଶାନ୍ତିପ୍ରିୟା ପଟ୍ଟନାୟକ
ଆଇନଜୀବି ଓ ସମାଜସେବୀ
ମାତୃଭବନ, କଟକରୋଡ୍, ଭୁବନେଶ୍ୱର-୬
ଆବିର୍ଭାବ-୦୬।୦୧।୧୯୫୫
ତିରୋଧାନ- ୦୪।୦୯।୨୦୨୧

ପ୍ରତି ମୁହୂର୍ତ୍ତରେ ତୁମର ଅଭାବ ଏବଂ ଅନୁପସ୍ଥିତି ଅନୁଭବ ହେଉଛି, ଏତେ ସହଜ ନୁହେଁ ଏଇ ଦୁଃଖ ଓ ପୀଡ଼ା କମ୍ ହେବ, ତଥାପି ତୁମର ସ୍ନେହ, କର୍ତ୍ତବ୍ୟନିଷ୍ଠା, ଭଲପାଇବା ଓ ଆଶୀର୍ବାଦ ଆମକୁ ସର୍ବଦା ଅନୁପ୍ରାଣିତ କରିବ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଜଗନ୍ନାଥ ଓ ମା' ବୁଧେଶ୍ୱରୀଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

-ଶୋକସନ୍ତପ୍ତ-
ସ୍ୱାମୀ: ପ୍ରଶାନ୍ତ (ଫକୁ), ଝିଅ-ଜ୍ୱାଇଁ: ପ୍ରଜ୍ଞା-ମୁନା, ପ୍ରାଚୀ-ଅରୁଣ, ପୂଜା, ନାତୁଣୀ, ଗୁନ୍‌ଗୁନ୍, ଟୁକ୍‌ଟୁକ୍, ସାଇବା ଓ ପରିବାବର୍ଗ ।
ଧ-୨୧୬୩୪

**ଘରେବସି ଲୋନ ପାଆନ୍ତୁ ସରଳ କିସ୍ତି ରେ**
ଭାରତର ଏକମାତ୍ର ବିଶ୍ୱସୀନିୟ କମ୍ପାନୀ
ମାର୍କସିଟ, ହୋମଲୋନ, ପର୍ସନାଲ, ପଶୁପାଳନ, ଆଧାରକାର୍ଡ, ସମ୍ପତି, Bpl ଇତ୍ୟାଦି ସମସ୍ତ ଋଣ ମାତ୍ର ୫ ଦିନରେ ଘରେ ବସି ପାଆନ୍ତୁ।
1 ଲକ୍ଷ୍ୟ ରୁ 50 ଲକ୍ଷ୍ୟ ପର୍ଯନ୍ତ
ମହିଳା, ବିଦ୍ୟାର୍ଥୀ ଓ ସରକାରୀ କର୍ମଚାରୀ ଙ୍କୁ ବିଶେଷ ରିହାତି
2th floor, Krishna Reddy, Mumbai, Maharastra
9457958917
9458678925

**BIJAY FINANCE**
ମାର୍କସିଟ୍, ପର୍ସନାଲ, ପ୍ରପର୍ଟି, କୃଷି, ଶିକ୍ଷା, ଗୃହ, କୁକୁଡ଼ା ପାଳନ, ମାଛଚାଷ ଓ ଗାଈ ପାଳନ ଇତ୍ୟାଦି ସମସ୍ତ ପ୍ରକାର ଋଣ ପାଇ ପାରିବେ ୧୦ଦିନ ମଧ୍ୟରେ।
ସୁଧ = 2%
M: 8280679220
M: 8280198227

**ବାବା ମୁବାରକ୍ ଖାନ୍**
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଁପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9990655786
8800979262

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା ଅଧୀନରେ
1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
Mob. 9999268493
Whatsapp: 8902923601

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୪ ସେପ୍ଟେମ୍ବର, ୨୦୨୧



# ମେଡ୍‌ଭେଡେଭ ନୂଆ ଚାମ୍ପିୟନ

**ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ୍ ଟେନିସ**

## ଜୋକୋଭିଚ୍‌ଙ୍କ ସିଜନ ସୁଇପ୍ ଆଶା ଅଧୁରା

**ନ୍ୟୁୟର୍କ, ୧୩।୯**

ବର୍ଷ ଶେଷ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନ ଟେନିସର ପୁରୁଷ ସିଙ୍ଗଲ୍ସରେ ନୂଆ ଚାମ୍ପିୟନ ହୋଇଛନ୍ତି ରୁଷିଆର ଡାନିଲ ମେଡ୍‌ଭେଡେଭ। ଫାଇନାଲରେ ସେ ସର୍ବିୟାର ନୋଭାକ୍ ଜୋକୋଭିଚ୍‌ଙ୍କୁ ୬-୪, ୬-୪, ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି। ଏଥିସହ ମେଡ୍‌ଭେଡେଭ କ୍ୟାରିୟରରେ ପ୍ରଥମଥର ପାଇଁ ଏକ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବାର ଗୌରବ ଅର୍ଜନ କରିଛନ୍ତି। ଅନ୍ୟପକ୍ଷରେ ଚଳିତ ବର୍ଷ ହାର୍ଡ କୋର୍ଟ, କ୍ଲେ କୋର୍ଟ ଓ ଗ୍ରାସ୍ କୋର୍ଟରେ ଯଥାକ୍ରମେ ଅଷ୍ଟ୍ରେଲିଆନ ଓପନ, ଫ୍ରେଞ୍ଚ ଓପନ ଓ ୱିମ୍ବଲେଡନ ଓପନ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିବା ଜୋକୋଭିଚ୍‌ଙ୍କ ସିଜନ ସୁଇପ୍ ଆଶା ଅଧୁରା ରହିଯାଇଛି। ଏହା ପୂର୍ବରୁ ସେ ଚଳିତ ବର୍ଷର କୌଣସି ଗ୍ରାଣ୍ଡସ୍ଲାମ ମ୍ୟାଚରେ ପରାଜିତ ହୋଇ ନ ଥିଲେ। ଯଦି ଏଠାରେ ଜୋକୋଭିଚ୍ ଚାମ୍ପିୟନ ହୋଇଥାନ୍ତେ ତେବେ ୧୯୬୯ ପରେ ପ୍ରଥମ ଖେଳାଳିଭାବେ ପୁରୁଷ ସିଙ୍ଗଲ୍ସରେ ଗୋଟିଏ କ୍ୟାଲେଣ୍ଡର ବର୍ଷର ସମସ୍ତ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବାର ରେକର୍ଡ କରିଥାନ୍ତେ।

ପୂର୍ବରୁ ଜୋକୋଭିଚ୍ ୨୦୦୮, ୨୦୧୧, ୨୦୧୨, ୨୦୧୩, ୨୦୧୫, ୨୦୧୬, ୨୦୧୯, ୨୦୨୦ ଓ ୨୦୨୧ରେ ଅଷ୍ଟ୍ରେଲିଆନ ଓପନ, ୨୦୧୬ ଓ ୨୦୨୧ରେ ଫ୍ରେଞ୍ଚ ଓପନ, ୨୦୧୧, ୨୦୧୪, ୨୦୧୫, ୨୦୧୮, ୨୦୧୯ ଓ ୨୦୨୧ରେ ୱିମ୍ବଲେଡନ ଏବଂ ୨୦୧୧, ୨୦୧୫ ଓ ୨୦୧୮ରେ ୟୁଏସ୍ ଓପନ ଟାଇଟଲ ଜିତିଥିଲେ। ସମ୍ପ୍ରତି ନମ୍ବର ୱାନ ର୍‍ୟାଙ୍କିଙ୍ଗ୍‌ରେ ଥିବା ଜୋକୋଭିଚ୍ ୟୁଏସ୍ ଓପନ ଫାଇନାଲରେ କିନ୍ତୁ ମେଡ୍‌ଭେଡେଭଙ୍କ ଉଚିତ ମୁକାବିଲା କରିପାରି ନ ଥିଲେ। ଅନ୍ୟପକ୍ଷରେ ମେଡ୍‌ଭେଡେଭ ପୂର୍ବରୁ ୨ ଥର ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିଥିଲେ ହେଁ ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଥିଲେ। ୨୦୧୯ ୟୁଏସ୍ ଓପନ ଫାଇନାଲରେ ସେ ରାଫାଲ ନାଡାଲଙ୍କଠାରୁ ଏବଂ ଚଳିତ ବର୍ଷ ଅଷ୍ଟ୍ରେଲିଆନ ଓପନ ଫାଇନାଲରେ ଜୋକୋଭିଚ୍‌ଙ୍କଠାରୁ ହାରି ଯାଇଥିଲେ। ତେଣୁ ଏଠାରେ ବିଜୟୀ ହୋଇ ଏହି ରୁଷୀୟ ଟେନିସ ତାରକା ଜୋକୋଭିଚ୍‌ଙ୍କଠାରୁ ଅଷ୍ଟ୍ରେଲିଆନ ଓପନ ଫାଇନାଲ ପରାଜୟର ମଧୁର ପ୍ରତିଶୋଧ ନେଇଛନ୍ତି।

"ମୁଁ ମାନସିକ ଏବଂ ଭାବାବେଗ ସହିତ ଗତ କିଛି ସପ୍ତାହ ଧରି ଏହି ଟୁର୍ନାମେଣ୍ଟ ପାଇଁ ପ୍ରସ୍ତୁତ ହୋଇଥିଲି। ମୁଁ ଏଥିପାଇଁ ଖୁସି ଯେ, ଟୁର୍ନାମେଣ୍ଟ ଶେଷ ହୋଇଛି। ସମଭାବରେ କହିବାକୁ ଗଲେ ମୁଁ ନିରାଶ ଏବଂ ଦୁଃଖ ଅନୁଭବ କରୁଛି। ତେବେ କୋର୍ଟରେ ମୋତେ ସମର୍ଥନ ଜଣାଇଥିବା ଦର୍ଶକଙ୍କ ନିକଟରେ ମୁଁ କୃତଜ୍ଞ" ବୋଲି ଜୋକୋଭିଚ୍ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ରବିବାର ଫାଇନାଲ ପର୍ଯ୍ୟନ୍ତ ଜୋକୋଭିଚ୍‌ଙ୍କ ଉପରେ ସମସ୍ତଙ୍କ ନଜର ରହିଥିଲା। ଗତ କିଛି ସପ୍ତାହଧରି ସେ ପ୍ରଶଂସକଙ୍କ ଆଶା ଆକାଂକ୍ଷାର ଚାପକୁ ସଫଳତାର ସହ ହାତେଇଥିଲେ। ନ୍ୟୁୟର୍କ ଟୁର୍ନାମେଣ୍ଟ ସହ ତା'ର ଅବସାନ ଘଟିଲା। ଗତ ଫେବୃୟାରୀରେ ସେ ଅଷ୍ଟ୍ରେଲିଆନ ଓପନ ଜିତିଥିଲେ। ସେହିପରି ଜୁନ୍‌ରେ ଫ୍ରେଞ୍ଚ ଓପନ ଏବଂ ଜୁଲାଇରେ ୱିମ୍ବଲେଡନ ଗ୍ରାଣ୍ଡସ୍ଲାମରେ ବିଜୟ ମୁକୁଟ ପିନ୍ଧିଥିଲେ। ଟେନିସ ଇତିହାସରେ ଅନ୍ୟତମ ସଫଳ ଖେଳାଳି ହେବାର ଗୌରବ ଅର୍ଜନ କରିଥିବା ଜୋକୋଭିଚ୍ ଅଳ୍ପକେ କ୍ୟାଲେଣ୍ଡର ବର୍ଷ ସ୍ଲାମରୁ ବଞ୍ଚିତ ହୋଇଛନ୍ତି। ଗୋଟିଏ ବର୍ଷରେ ୪ଟି ଯାକ ଗ୍ରାଣ୍ଡସ୍ଲାମ ଜିତିବାର ରେକର୍ଡ ରଡ୍ ଲାଭରଙ୍କ ନାମରେ ରହିଛି। ସେ ଥରେ ନୁହେଁ ୨ଥର ୧୯୬୨ ଓ ୧୯୬୯ରେ ଏହି ସଫଳତା ପାଇଥିଲେ। ସେହିପରି ମହିଳା ଖେଳାଳିଭାବେ ଷ୍ଟେଫି ଗ୍ରାଫ୍ ୧୯୮୮ରେ ଏପରି ସଫଳତା ପାଇବାର ଗୌରବ ଅର୍ଜନ କରିଥିଲେ। ଜୋକୋଭିଚ୍ ଏବେ ଜ୍ୟାକ୍ କ୍ରାଓଫୋର୍ଡ ଓ ଲିଓ ହୋଡ୍‌ଙ୍କ କ୍ଲବରେ ସାମିଲ ହୋଇଛନ୍ତି। କ୍ରାଓଫୋର୍ଡ ୧୯୩୩ ଓ ହୋଡ୍ ୧୯୫୬ରେ ବର୍ଷର ପ୍ରଥମ ୩ଟି ଗ୍ରାଣ୍ଡସ୍ଲାମ ଜିତିବା ପରେ ୟୁଏସ୍ ଓପନ ଫାଇନାଲରେ ହାରି ଯାଇଥିଲେ। ଅନ୍ୟପକ୍ଷରେ "ଜୋକୋଭିଚ୍‌ଙ୍କ ପାଇଁ ମୁଁ ଦୁଃଖିତ, କାରଣ ସେ କ'ଣ ଅନୁଭବ କରୁଛନ୍ତି ତାହା ମୁଁ ଭାବିପାରୁନି" ବୋଲି ୨୫ ବର୍ଷୀୟ ମେଡ୍‌ଭେଡେଭ କହିଛନ୍ତି। ଜୋକୋଭିଚ୍‌ଙ୍କୁ ଫାଇନାଲରେ ପରାସ୍ତ କରିଥିବାରୁ ତାଙ୍କ ମନୋବଳ ବଢ଼ିଛି ବୋଲି ମେଡ୍‌ଭେଡେଭ ପ୍ରକାଶ କରିଛନ୍ତି।



ମହିଳା ଡବଲ୍ସ ଚାମ୍ପିୟନ ଚାଇନାର ଝାଙ୍ଗ ଶୁଇ ଓ ଅଷ୍ଟ୍ରେଲିଆର ସାମ୍ ଷ୍ଟୋସୁର।

## ଷ୍ଟୋସୁର-ଝାଙ୍ଗ୍‌ଙ୍କୁ ମହିଳା ଡବଲ୍ସ ଟାଇଟଲ

**ନ୍ୟୁୟର୍କ, ୧୩।୯ (ଏପି):** ଅଷ୍ଟ୍ରେଲିଆର ସାମ୍ ଷ୍ଟୋସୁର ଓ ଚାଇନାର ଝାଙ୍ଗ୍ ଶୁଇ ଯୋଡ଼ି ଚଳିତ ବର୍ଷର ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ମହିଳା ଡବଲ୍ସ ଟାଇଟଲ ଜିତିଛନ୍ତି। ୩୭ ବର୍ଷୀୟ ଷ୍ଟୋସୁର ଓ ୩୨ ବର୍ଷୀୟ ଝାଙ୍ଗ୍ ଫାଇନାଲରେ ଟାଇଟଲ ଫେଭରାଇଟ କୋକୋ ଗଫ ଓ କାଟି ମ୍ୟାକନାଲିଙ୍କୁ ୬-୩, ୩-୬, ୬-୩ ସେଟ୍‌ରେ ପରାସ୍ତ କରିଛନ୍ତି। ଆର୍ଥର ଏସ୍ ଆରେନାରେ ମ୍ୟାଚଟି ୨ ଘଣ୍ଟା ବିଶିଷ୍ଟ ହୋଇଥିଲା। ଶେଷରେ ଅଷ୍ଟ୍ରେଲିଆ-ଚାଇନା ଭେଟେରାନ ଯୋଡ଼ି ବାଜି ମାରିଥିଲେ। ଷ୍ଟୋସୁର-ଝାଙ୍ଗ୍ ସାଥିହୋଇ ଏଠାରେ ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଛନ୍ତି। ଦୁହେଁ ପୂର୍ବରୁ ୨୦୧୯ରେ ଅଷ୍ଟ୍ରେଲିଆନ ଓପନ ଚାମ୍ପିୟନ ହୋଇଥିଲେ। ୧୧ତମ ସିଡ୍‌ର ମାନ୍ୟତା ପାଇଥିବା ଗଫ ଓ ମ୍ୟାକନାଲି ମହିଳା ସିଙ୍ଗଲ୍ସରେ ଟିନ୍‌ଏଜ୍ ବିଜେତା ୧୮ ବର୍ଷୀୟ ଏମା ରାଡୁକାନୁଙ୍କ କ୍ଲବରେ ଯୋଗଦେବା ନେଇ ଆଶା ରଖିଥିଲେ। ମାତ୍ର ଷ୍ଟୋସୁର ଓ ଝାଙ୍ଗ୍ ଅପେକ୍ଷାକୃତ ପ୍ରଭାବୀ ପ୍ରଦର୍ଶନ କରି ଚାମ୍ପିୟନ ହୋଇଥିଲେ। ପୂର୍ବରୁ ଷ୍ଟୋସୁର ଏଠାରେ ୨୦୦୫ରେ ଲିସା ରେମଣ୍ଡଙ୍କୁ ସାଥିକରି ଡବଲ୍ସ ଟାଇଟଲ ହାସଲ କରିଥିଲେ। ଏହା ବ୍ୟତୀତ ସେ ୨୦୧୧ରେ ସେରେନା ୱିଲିୟମ୍ସଙ୍କୁ ପରାସ୍ତ କରି ୟୁଏସ ଓପନ ମହିଳା ସିଙ୍ଗଲ୍ସ ଚାମ୍ପିୟନ ମଧ୍ୟ ହୋଇଥିଲେ।



ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ ଚାମ୍ପିୟନ ରୁଷିଆର ଡାନିଲ ମେଡଭେଡେଭ ଟ୍ରଫି ସହ।

## ଟିମ୍ ପେନ୍‌ଙ୍କ ବେକରେ ହେବ ଅସ୍ତ୍ରୋପଚାର

**ମେଲବୋର୍ନ, ୧୩।୯ (ପି.ଟି.):** ଡିସେମ୍ବରରେ ଇଂଲଣ୍ଡ ବିପକ୍ଷ ଆଶେସ ସିରିଜ ଖେଳାଯିବାକୁ ଥିବାବେଳେ ମଙ୍ଗଳବାର ଅଷ୍ଟ୍ରେଲିଆ ଟେଷ୍ଟ ଅଧିନାୟକ ଟିମ୍ ପେନ୍‌ଙ୍କ ବେକରେ ଅସ୍ତ୍ରୋପଚାର ହେବ। ଫଳରେ ୩୭ ବର୍ଷୀୟ ପେନ୍ ସେତେବେଳକୁ ଫିଟ୍ ହୋଇଯାଇଥିବେ। ବେକରେ ଯନ୍ତ୍ରଣା ଅନୁଭବ କରିବାରୁ ସେ ଟାସ୍‌ମାନିଆରେ ପ୍ରି-ସିଜନ ଟ୍ରେନିଂରେ ସାମିଲ ହୋଇପାରି ନ ଥିଲେ।

## ଓଡ଼ିଶାରେ ହ୍ୟାଣ୍ଡବଲ ପରିଚାଳନା ପାଇଁ ଆଡ୍‌ହକ କମିଟି

**ଭୁବନେଶ୍ୱର, ୧୩।୯ (କ୍ରୀଡ଼ା ପ୍ରତିନିଧି):** ହ୍ୟାଣ୍ଡବଲ ଫେଡେରେଶନ ଅଫ୍ ଇଣ୍ଡିଆ ଦ୍ୱାରା ଅନୁବନ୍ଧିତ ଓଡ଼ିଶା ହ୍ୟାଣ୍ଡବଲ ଆସୋସିଏଶନ ରାଜ୍ୟର ୩୦ଟି ଜିଲାରୁ ମାତ୍ର ୯ଟି ଜିଲାକୁ ସ୍ୱୀକୃତି ପ୍ରଦାନ କରିଛି। ଅବଶିଷ୍ଟ ୨୧ଟି ଜିଲା ସହ ସହବନ୍ଧିତ ହେବାରେ ଆସୋସିଏଶନ ବିଫଳ ହୋଇଛି। ତେଣୁ ହ୍ୟାଣ୍ଡବଲ ଫେଡେରେଶନ ଅଫ୍ ଇଣ୍ଡିଆର କାର୍ଯ୍ୟକାରିଣୀ କମିଟି ଓଡ଼ିଶା ରାଜ୍ୟ ହ୍ୟାଣ୍ଡବଲ ଆସୋସିଏଶନକୁ ଦେଇଥିବା ସ୍ୱୀକୃତି ପ୍ରତ୍ୟାହାର କରି ନେଇଛି। ଏଥିସହ ଓଡ଼ିଶାରେ ହ୍ୟାଣ୍ଡବଲ୍‌ର ପରିଚାଳନା ପାଇଁ ଏକ ଆଡ୍‌ହକ କମିଟି ଗଠନ କରାଯାଇଛି। ରିଦ୍ଧିକ୍ ଅଧିକାରୀ ଏହି ଆଡ୍‌ହକ କମିଟିର ଅଧ୍ୟକ୍ଷ ମନୋନୀତ ହୋଇଥିବାବେଳେ ପ୍ରିୟନାଥ ରାୟ, ପ୍ରଣୟ କୁମାର ପାଣି, ରମେଶ ପୃଷ୍ଟି, ମାନସ କୁମାର ସିଂ, ସୁରେଶ ଚନ୍ଦ୍ର ପାଢ଼ୀ ଓ ସୀତେନ୍ଦ୍ରନାଥ ଦାସ ସଦସ୍ୟ ରହିଛନ୍ତି।

## ହେଡେନ ଓ ଫିଲାଣ୍ଡର ପାକିସ୍ତାନ କୋଚ୍



ମାଥ୍ୟୁ ହେଡେନ ଓ ଭେର୍ନନ ଫିଲାଣ୍ଡର।

**ଲାହୋର, ୧୩।୯ (ପି.ଟି.):** ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ହେବାକୁ ଥିବା ଆସନ୍ତା ଆଇସିସି ଟି୨୦ କ୍ରିକେଟ ବିଶ୍ୱକପ୍ ପାଇଁ ଅଷ୍ଟ୍ରେଲିଆର ପୂର୍ବତନ ଓପନର ମାଥ୍ୟୁ ହେଡେନ ଓ ଦକ୍ଷିଣ ଆଫ୍ରିକାର ପୂର୍ବତନ ପେସ୍ ବୋଲର ଭେର୍ନନ ଫିଲାଣ୍ଡର ପାକିସ୍ତାନ ଦଳର କୋଚ୍ ଭାବେ ନିଯୁକ୍ତି ପାଇଛନ୍ତି। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)ର ନବନିର୍ବାଚିତ ଚେୟାରମ୍ୟାନ ରମିଜ ରାଜା ସୋମବାର ଏହି ସୂଚନା ଦେଇଛନ୍ତି। ଦୁଇ ବର୍ଷ ପାଇଁ ନିଯୁକ୍ତି ପାଇଥିବା ମୁଖ୍ୟ କୋଚ୍ ମିସ୍‌ବା ଉଲ୍ ହକ୍ ଓ ବୋଲିଂ କୋଚ୍ ୱାକାର ୟୁନିସ ଆଗୁଆ ପଦବୀରୁ ଇସ୍ତଫା ପ୍ରଦାନ କରିବା ପରେ ସେମାନଙ୍କ ସ୍ଥାନରେ ହେଡେନ ଓ ଫିଲାଣ୍ଡରଙ୍କୁ ନିଯୁକ୍ତି ମିଳିଛି। ପାକିସ୍ତାନ ଦଳକୁ ନୂଆ ରୂପ ଦେବା ସମୟ ଆସି ପହଞ୍ଚିଛି। ସେଥିପାଇଁ ହେଡେନ ଓ ଫିଲାଣ୍ଡରଙ୍କୁ ନିଯୁକ୍ତି ଦିଆଯାଇଥିବା ରମିଜ କହିଛନ୍ତି। ପିସିବି ପୂର୍ବରୁ ନ୍ୟୁଜିଲାଣ୍ଡ ବିପକ୍ଷ ଘରୋଇ ସିରିଜ ପାଇଁ ପୂର୍ବତନ ଟେଷ୍ଟ ସ୍ପିନର ସାକ୍‌ଲିନ୍ ମୁସ୍ତାକ ଓ ଅଲରାଉଣ୍ଡର ଅବ୍‌ଦୁଲ ରଜାକ୍‌ଙ୍କୁ କାମଚଳା କୋଚ୍ ଭାବେ ନିଯୁକ୍ତି ଦେଇଥିଲା। ମିସ୍‌ବା ଓ ୱାକାରଙ୍କ ଚୁକ୍ତି ମିଆଦ ଶେଷ ହୋଇ ନ ଥିଲେ ମଧ୍ୟ ବର୍ଷକ ପରେ ସେମାନଙ୍କ ପଦବୀରୁ ଇସ୍ତଫା ପ୍ରଦାନ କରିଛନ୍ତି। ପାକିସ୍ତାନ ଅତୀତରେ ଅନେକ ବିଦେଶୀ କୋଚ୍‌ଙ୍କୁ ନିଯୁକ୍ତି ଦେଇଛି। ସେମାନଙ୍କ ମଧ୍ୟରେ ରିଚାର୍ଡ ପାଇବସ, ବବ୍ ଉଲମର, ଜିଓଫ ଲସନ, ଡାଭ୍ ହ୍ୱାଟମୋର୍ ଓ ମିକି ଆର୍ଥର ପ୍ରମୁଖ ଅନ୍ୟତମ ଥିଲେ। ହେଲେ ସେମାନଙ୍କଠାରୁ ଆଶାନୁରୂପ ଫଳ ମିଳିପାରି ନ ଥିଲା।

## ଶୁଟରଙ୍କ ସନ୍ଦେହଜନକ ମୃତ୍ୟୁ

**ଚଣ୍ଡିଗଡ଼, ୧୩।୯ (ପି.ଟି.):** ଜାତୀୟସ୍ତର ଶୁଟର ନମନବୀର ସିଂ ବ୍ରାର୍‌ଙ୍କ ମରଶରୀରକୁ ମୋହାଲିସ୍ଥିତ ତାଙ୍କ ବାସଭବନରୁ ପୋଲିସ ଜବତ କରିଛି। ଏହି ୧୮ବର୍ଷୀୟ ଶୁଟରଙ୍କ ଶରୀରରେ ଗୁଳିର କ୍ଷତ ଚିହ୍ନ ରହିଛି। ନମନବୀରଙ୍କ ଦୁର୍ଘଟଣାକ୍ରମେ ଗୁଳି ମାଡ଼ରେ ମୃତ୍ୟୁ ଘଟିଛି ଅବା ସେ ଆତ୍ମହତ୍ୟା କରିଛନ୍ତି ତାହା ସ୍ପଷ୍ଟ ହୋଇ ନାହିଁ। ପୋର୍ଷ୍ଟମର୍ଟମ ରିପୋର୍ଟକୁ ଅପେକ୍ଷା କରାଯାଇଥିବା ମୋହାଲିର ଡେପୁଟି ସୁପରିନ୍‌ଟେଣ୍ଡେଣ୍ଟ ଅଫ୍ ପୋଲିସ (ଡିଏସ୍‌ପି) ଗୁର୍‌ଶେର୍ ସିଂ ସାନ୍ଧୁ କହିଛନ୍ତି। ପୋଲିସକୁ ତାଙ୍କ ପରିବାର ତରଫରୁ ଖବର ଦିଆଯାଇଥିଲା। ବ୍ରାର୍ ଦକ୍ଷିଣ କୋରିଆରେ ଅନୁଷ୍ଠିତ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ଡବଲ ଶୁଟିଂ ଟ୍ରାପ୍ ଇଭେଣ୍ଟରେ ଏକ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

## ଡୁରାଣ୍ଡ କପ୍ କ୍ୱାର୍ଟରରେ ଗୋଆ

**କୋଲକାତା, ୧୩।୯ (ପି.ଟି.):** ଏଫ୍‌ସି ଗୋଆ ତୃତୀୟ ଦଳ ଭାବେ ୧୩୦ତମ ଡୁରାଣ୍ଡ କପ୍ ଫୁଟବଲ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ସୋମବାର ସଲ୍ଟଲେକ୍ ଷ୍ଟାଡିୟମରେ ଅନୁଷ୍ଠିତ ଗ୍ରୁପ 'ବି' ମ୍ୟାଚରେ ଏହି ଦଳ ୨-୧ ଗୋଲରେ ସୁଦେଭା ଦିଲ୍ଲୀ ଏଫ୍‌ସିକୁ ପରାସ୍ତ କରିଛି। ଗୋଆ ଦଳ ପକ୍ଷରୁ ମହମ୍ମଦ ନେମିଲ ଓ ଜର୍ଜ ଓର୍ଟିଜ ମେଣ୍ଡୋଜା ଏବଂ ସୁଦେଭା ପକ୍ଷରୁ ୱିଲିୟମ ଗୋଲ ସ୍କୋର କରିଥିଲେ। ୨ଟି ଗେମ୍ ପରେ ସୁଦେଭା ବିପକ୍ଷରେ ଗୋଆ ଶତ ପ୍ରତିଶତ ବିଜୟ ରେକର୍ଡ ବଜାୟ ରଖିଛି। ଖରାପ ପାଗ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା।

## ଦିଲ୍ଲୀ କ୍ୟାପିଟାଲ୍ସରେ ଓକ୍ସଙ୍କ ସ୍ଥାନରେ ଡ୍ୱାର୍ସୁଇସ୍

**ଦୁବାଇ, ୧୩।୯ (ପି.ଟି.)**

ସେପ୍ଟେମ୍ବର ୧୯ରୁ ଖେଳାଯିବାକୁ ଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଦ୍ୱିତୀୟାର୍ଦ୍ଧ ପାଇଁ ଦିଲ୍ଲୀ କ୍ୟାପିଟାଲ୍ସ କ୍ରିସ୍ ଓକ୍ସଙ୍କ ସ୍ଥାନରେ ଅଷ୍ଟ୍ରେଲିଆର ବେନ୍ ଡ୍ୱାର୍ସୁଇସ୍‌ଙ୍କୁ ଦଳରେ ନେଇଛି। ୨୭ ବର୍ଷୀୟ ପେସ୍ ବୋଲର ଡ୍ୱାର୍ସୁଇସ୍ ଜଣେ ବାମହାତୀ ପେସ୍ ବୋଲର। ସେ ନିଜ ଦେଶ ତରଫରୁ କେବେ ଖେଳିନାହାନ୍ତି। କିନ୍ତୁ ୭ ଲିଷ୍ଟ ଏ' ଏବଂ ୮୨ ଟି୨୦ ମ୍ୟାଚରେ ଯଥାକ୍ରମେ ୧୨ ଓ ୧୦୦ ଉଇକେଟ ଅକ୍ତିଆର କରିଛନ୍ତି। ଲିଷ୍ଟ ଏ'ରେ ସେ ନ୍ୟୁ ସାଉଥ୍ ୱେଲ୍ସ ଏବଂ ବିଗ୍ ବାଶ୍‌ରେ ସେ ସିଡ୍‌ନୀ ସିକ୍ସର୍ସ ତରଫରୁ ପ୍ରତିନିଧିତ୍ୱ କରିଥାନ୍ତି। ବିଗ୍ ବାଶ୍ ଇତିହାସରେ ସେ ୬ଷ୍ଠ ସର୍ବୋଚ୍ଚ ଉଇକେଟ ହାସଲକାରୀ ବୋଲର ବିବେଚିତ ହୋଇଛନ୍ତି। ସେ ୬୯ ମ୍ୟାଚରେ ୮୫ ଉଇକେଟ ଅକ୍ତିଆର କରିଛନ୍ତି। ଡ୍ୱାର୍ସୁଇସ୍ ପୂର୍ବରୁ ଆଇପିଏଲ୍‌ରେ କିଙ୍ଗ୍ସ ଏକାଦଶ ପଞ୍ଜାବରୁ ପ୍ରତିନିଧିତ୍ୱ କରିସାରିଛନ୍ତି। ସେ ଖୁବ୍ ଶୀଘ୍ର ୟୁଏଇରେ ଦିଲ୍ଲୀ କ୍ୟାପିଟାଲ୍ସ ଟିମ୍ ବାୟୋ-ବବଲରେ ଯୋଗଦେବେ ବୋଲି ଫ୍ରାଞ୍ଚାଇଜ୍ ତରଫରୁ କୁହାଯାଇଛି। ଓକ୍ସଙ୍କ ଇଂଲଣ୍ଡ ଟିମ୍‌ମେଟ୍ ଜନି ବେୟାରଷ୍ଟୋ (ସନରାଇଜର୍ସ ହାଇଦ୍ରାବାଦ) ଓ ଡାୱିଡ୍ ମଲାନ (ପଞ୍ଜାବ କିଙ୍ଗ୍ସ) ପ୍ରମୁଖ ବ୍ୟକ୍ତିଗତ କାରଣ ଦର୍ଶାଇ ଆଇପିଏଲ୍ ଦ୍ୱିତୀୟ ପର୍ଯ୍ୟାୟରୁ ଓହରିଯାଇଛନ୍ତି।




## 'ୱାନ୍ ମ୍ୟାନ୍ ଶୋ' ସମୟ ଯାଇଛି

**ଭିଭିଏସ୍ ଲକ୍ଷ୍ମଣ**

ଓଲ୍ଡ ଟ୍ରାଫୋର୍ଡଠାରେ ଫାଇନାଲ ଟେଷ୍ଟ ବାତିଲ ହେବା ଘଟଣା କିଛି ପରିମାଣରେ ନିରାଶା କରିଛି ନିଶ୍ଚୟ। କିନ୍ତୁ ନିଷ୍ପତ୍ତିକୁ ନେଇ କାହାରିକୁ ଅଙ୍ଗୁଳି ନିର୍ଦ୍ଦେଶ କରିବା ଅବା ମ୍ୟାଚର ପୁନଃ ଆୟୋଜନ ପାଇଁ ଜୋର୍ ଦେବା ଆଦୌ ଠିକ୍ ନୁହେଁ। କରୋନା ମହାମାରୀ ଆସିବାର ଦେଢ଼ବର୍ଷରୁ ଅଧିକ ସମୟ ହୋଇଗଲାଣି, ହେଲେ ଏପର୍ଯ୍ୟନ୍ତ ବିଶ୍ୱ ଏଥିରୁ ସୁରକ୍ଷିତ ହୋଇପାରି ନାହିଁ। ମ୍ୟାଚ ବାତିଲ ପ୍ରସଙ୍ଗରେ ଅନେକ ହୁଏତ ଭାରତକୁ ଭିଲେନ ଭାବରେ ଦେଖିପାରନ୍ତି, ମାତ୍ର ଚଳିତବର୍ଷ ଗ୍ରୀଷ୍ମଋତୁରେ ମୋ ଆଇପିଏଲ୍ ଅଭିଜ୍ଞତା କହୁଛି, ଯଦି ଦଳର କୌଣସି ସଦସ୍ୟ କରୋନା ପଜିଟିଭ୍ ଚିହ୍ନଟ ହୁଅନ୍ତି ତେବେ ତାଙ୍କ ସହ ସଂସ୍ପର୍ଶରେ ଆସିଥିବା ଦଳର ଅନ୍ୟ ସଦସ୍ୟମାନଙ୍କ ମଧ୍ୟରେ ଆଶଙ୍କା ସୃଷ୍ଟି ହେବା ସ୍ୱାଭାବିକ। ମ୍ୟାଚର ପ୍ରଦର୍ଶନ ଉପରେ ମଧ୍ୟ ଏହା ପ୍ରଭାବ ପକାଇଥାଏ। ଯେଉଁ ଖେଳପ୍ରେମୀମାନଙ୍କ ଅର୍ଥ, ସମୟ ଓ ଭାବନା ଏହି ଟେଷ୍ଟ ମ୍ୟାଚ ସହ ଜଡ଼ିତ ଥିବ ସେମାନଙ୍କୁ ଏହି ନିଷ୍ପତ୍ତି ନିଶ୍ଚିତ ରୂପେ ବାଧିଥିବ। ବିସିସିଆଇ ଯଦିଓ ଏହି ମ୍ୟାଚକୁ ଆସନ୍ତାବର୍ଷ ସୀମିତ ଓଭର ସିରିଜ ପାଇଁ ଇଂଲଣ୍ଡ ଟୁର୍ ସମୟରେ ଖେଳିବା ପାଇଁ ପ୍ରସ୍ତାବ ଦେଇଛି, ମୁଁ ଆଶା କରୁଛି ବର୍ତ୍ତମାନ ପରିସ୍ଥିତିରେ ଆଇସିସି ଭାରତକୁ ୨-୧ରେ ସିରିଜ ବିଜୟୀ ଘୋଷଣା କରିବା ଶ୍ରେୟସ୍କର ହେବ। ସିରିଜ ରୋମାଞ୍ଚକ ସ୍ଥିତିରେ ରହିଥିଲା। ହେଲେ ଦୁଇ ଦଳ ମଧ୍ୟରୁ କେଉଁ ଦଳ ଶ୍ରେଷ୍ଠ ତାହା ଖେଳପ୍ରେମୀ ଭଲରୂପେ ଅନୁମାନ ଲଗାଇପାରିଥିବେ। ଭାରତ ଯଦି ୩-୧ରେ ସିରିଜ ବିଜୟୀ ହୋଇଥାନ୍ତା ତା'ହେଲେ ଦୁଇ ଦଳର ପ୍ରକୃତ ଶକ୍ତି ପ୍ରତିଫଳିତ ହୋଇପାରିଥାନ୍ତା। ସିରିଜରୁ ଗୋଟିଏ କଥା ସ୍ପଷ୍ଟ ହୋଇପାରିଛି ଯେ, ଭ୍ରମଣକାରୀ ଦଳ ପାଖରେ କ୍ୱାଲିଟି ପେସ୍ ବୋଲର ରହିଛନ୍ତି। ସେମାନଙ୍କ ଉପରେ ଭରସା କରାଯାଇପାରୁଛି। ସେମାନେ ଏବେ ବିଦେଶରେ ନିୟମିତ ଭାବେ ଟେଷ୍ଟ ମ୍ୟାଚ ଓ ସିରିଜ ଜିତାଉଛନ୍ତି। ଦିନ ଥିଲା ଜଣେ ଅବା ଦୁଇ ଜଣ ଖେଳାଳିଙ୍କ ପ୍ରଦର୍ଶନ ଉପରେ ଭାରତ ନିର୍ଭରଶୀଳ ଥିଲା। ମାତ୍ର ସେଇ ଧାରା ଏବେ ନାହିଁ। ଭାରତୀୟ ଦଳକୁ ଆଉ ପୂର୍ବଭଳି 'ୱାନ ମ୍ୟାନ ଶୋ' ଆଖ୍ୟା ଦେବା ଭୁଲ ହେବ। ଏବେ ଦଳର ପ୍ରାୟ ପ୍ରତ୍ୟେକ ଖେଳାଳିଙ୍କ ଅବଦାନ ରହୁଛି। ମୁଁ ମୋ ସ୍ତମ୍ଭରେ ସବୁବେଳେ ଆର. ଅଶ୍ୱିନଙ୍କ ସପକ୍ଷରେ କହିଆସିଛି, ହେଲେ ସିରିଜରେ ରବୀନ୍ଦ୍ର ଜାଡେଜା ଆଶାଠାରୁ ଅଧିକ ଭଲ ପ୍ରଦର୍ଶନ କରିଛନ୍ତି। ବିଶେଷ କରି ଓଭାଲଠାରେ ଅନ୍ତିମ ଦିବସରେ ସେ ଟାଇଟଲ ବୋଲିଂ କରିବା ସହ ଉଇକେଟ ନେବାରେ ସମର୍ଥ ହୋଇପାରିଛନ୍ତି। ରୋହିତ ଶର୍ମା ଓ କେ.ଏଲ୍. ରାହୁଲ କେବଳ କୁଶଳୀ ନୁହନ୍ତି ଅଭିଜ୍ଞ ମଧ୍ୟ। ଟେଷ୍ଟ କ୍ରିକେଟରେ ବର୍ତ୍ତମାନ ଉଭୟେ ନମ୍ବର ୱାନ ଯୋଡ଼ି। ଟମ୍ ଲଥାମ ଓ ଡେଭନ କନୱେଙ୍କୁ ସେମାନେ ପଛରେ ପକାଇ ଦେଇଛନ୍ତି। ଭାରତୀୟ ଦଳର ମିଡଲ ଅର୍ଡର ବ୍ୟାଟିଂ ଏକ ଚିନ୍ତାର ବିଷୟ। ଗତ ଦୁଇଟି ଟେଷ୍ଟରେ ସେମାନେ ଫର୍ମକୁ ଫେରିଥିବା ସୂଚନା ଦେଇଛନ୍ତି। ହେଲେ ଅଜିଙ୍କ୍ୟ ରାହାନେ ଓ ରିଷଭ ପନ୍ତଙ୍କ ବ୍ୟାଟ୍‌ରୁ ରନ୍ ଆସୁନାହିଁ। ମିଡଲ ଅର୍ଡରରେ କେତେକ ବୈଷୟିକ ସମସ୍ୟା ରହିଛି। ଯଥାଶୀଘ୍ର ଏଥିରେ ସୁଧାର ଆଣିବା ଜରୁରୀ। -(ଗେମ୍‌ପ୍ଲାନ)

SEAGRAM'S
ROYAL STAG
PACKAGED DRINKING WATER

## କଳାହାଣ୍ଡି କପ୍ କ୍ରିକେଟ ସ୍ଥଗିତ

**ଭୁବନେଶ୍ୱର, ୧୩।୯ (କ୍ରୀଡ଼ା ପ୍ରତିନିଧି):** କଳାହାଣ୍ଡି କପ୍ କ୍ରିକେଟ ଟୁର୍ନାମେଣ୍ଟର ୨ ଦିନିଆ ସୁପରଲିଗ୍‌କୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖା ଯାଇଛି। ଲଗାଣ ବର୍ଷାଜନିତ ଖରାପ ପାଗ ଯୋଗୁ ଓଡ଼ିଶା କ୍ରିକେଟ ଆସୋସିଏଶନ ଏପରି ନିଷ୍ପତ୍ତି ନେଇଛି।

## ଓଡ଼ିଶା ଜୁନିୟର କ୍ରିକେଟ ଦଳ ୨ ୱାର୍ମଅପ୍ ମ୍ୟାଚ ଖେଳିବ

**ଭୁବନେଶ୍ୱର, ୧୩।୯ (କ୍ରୀଡ଼ା ପ୍ରତିନିଧି):** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଦ୍ୱାରା ହେବାକୁ ଥିବା ସୀମିତ ଓଭର କ୍ରିକେଟ ଟୁର୍ନାମେଣ୍ଟ ପାଇଁ ପ୍ରସ୍ତୁତ ହେବାକୁ ୧୯ ବର୍ଷରୁ କମ୍ ଓଡ଼ିଶା କ୍ରିକେଟ ଦଳ ୨ଟି ୱାର୍ମଅପ୍ ମ୍ୟାଚ ଖେଳିବ। ୨ଟି ଯାକ ବନ୍ଧୁତ୍ୱପୂର୍ଣ୍ଣ ୱାର୍ମଅପ୍ ମ୍ୟାଚ ଝାଡ଼ଖଣ୍ଡ ୧୯ ବର୍ଷରୁ କମ୍ ଦଳ ସହ ହେବ। ମ୍ୟାଚ ୨ଟି ଚଳିତ ମାସ ୧୫ ଓ ୧୬ ତାରିଖରେ ରାଞ୍ଚିସ୍ଥିତ ଜେଏସସିଏ ଅନ୍ତର୍ଜାତୀୟ ଷ୍ଟାଡିୟମ କମ୍ପ୍ଲେକ୍ସରେ ଖେଳାଯିବ ବୋଲି ସୋମବାର ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି।



କୋଲକାତାରେ ସୋମବାର ଏଫ୍‌ସି ଗୋଆ ଓ ସୁଦେଭା ଦିଲ୍ଲୀ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ଡୁରାଣ୍ଡ କପ୍ ଫୁଟବଲ ମ୍ୟାଚ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୧୪/୨୦୨୧ Bhubaneswar, Tuesday, September 14/ 2021

# ଭାରତୀୟ ଦଳରେ ଓଡ଼ିଶାରୁ ୩


ତରୁଲତା ନାଏକ, ମାମା ନାଏକ ଓ ନିର୍ମାଲ୍ୟ ରାଉତ।

**ଭୁବନେଶ୍ୱର, ୧୩।୯(କ୍ରୀଡ଼ା ପ୍ରତିନିଧି)**

## ବାଳିକା ୧୮ ବର୍ଷରୁ କମ୍ ଏସିଆ ରଗ୍‌ବୀ

ଦୀର୍ଘଦିନ ବନ୍ଦ ରହିବା ପରେ ଏସିଆରେ ରଗ୍‌ବୀ ଚାମ୍ପିୟନଶିପ୍ ଆରମ୍ଭ ହେବାକୁ ଯାଉଛି। ଏହି କ୍ରମରେ ୧୮ ବର୍ଷରୁ କମ୍ ବାଳିକା ଏସିଆ ରଗ୍‌ବୀ ୭ଏସ୍ ଚାମ୍ପିୟନଶିପ୍ ତାସକେଣ୍ଟଠାରେ ଚଳିତ ମାସ ୧୮ ଓ ୧୯ ତାରିଖରେ ଅନୁଷ୍ଠିତ ହେବ। ଉଜବେକିସ୍ତାନ ରଗ୍‌ବୀ ଫେଡେରେଶନ ଆନୁକୂଲ୍ୟରେ ଆୟୋଜନ ହେବାକୁ ଯାଉଥିବା ଏହି ପ୍ରତିଯୋଗିତାରେ ଭାରତ ଭାଗନେବ। ସୋମବାର ଘୋଷିତ ଭାରତୀୟ ଦଳରେ ଓଡ଼ିଶାର ୩ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ କେନ୍ଦୁଝରର ତରୁଲତା ନାଏକ, ମାମା ନାଏକ ଓ ବରଗଡ଼ର ନିର୍ମାଲ୍ୟ ରାଉତ। ଭାରତ ସମେତ ଏହି ପ୍ରତିଯୋଗିତାରେ ଆୟୋଜକ ଉଜ୍‌ବେକିସ୍ତାନ, କାଜାଖସ୍ତାନ, କିର୍ଗିଜସ୍ତାନ ଓ ୟୁନାଇଟେଡ ଆରବ ଏମିରେଟ୍ସ ଭାଗନେବେ। ଭାରତୀୟ ଦଳ ସୋମବାର ଦିଲ୍ଲୀ ଯାତ୍ରା କରିଛି ଏବଂ ଦଳ ସେଠାରୁ ମଙ୍ଗଳବାର ତାସକେଣ୍ଟ ଯିବାର କାର୍ଯ୍ୟକ୍ରମ ରହିଛି।

# ମୋହନ ବାଗାନ-କେରଳ ବ୍ଲାଷ୍ଟର୍ସ ଉଦ୍‌ଘାଟନୀ

**ମୁମ୍ବାଇ, ୧୩।୯(ପି.ଟି.)**

ନଭେମ୍ବର ୧୯ରେ ଏଟିକେ ମୋହନ ବାଗାନ ଓ କେରଳ ବ୍ଲାଷ୍ଟର୍ସ ଏଫ୍‌ସି ଉଦ୍‌ଘାଟନୀ ମୁକାବିଲା ସହ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ) ଫୁଟବଲ ସିଜନ ଆରମ୍ଭ ହେବ। ସୋମବାର ଆୟୋଜକଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଇଷ୍ଟବେଙ୍ଗଲ ନଭେମ୍ବର ୨୧ରେ ଜାମସେଦପୁର ଏଫ୍‌ସି ବିପକ୍ଷରେ ଖେଳି ଏହାର ଅଭିଯାନ ଆରମ୍ଭ କରିବ। ଏହାର ପରଦିନ ଗତଥରର ବିଜେତା ମୁମ୍ବାଇ ସିଟି ଏଫ୍‌ସି ନବଗଠିତ ଏଫ୍‌ସି ଗୋଆ ସହ ମୁକାବିଲା କରିବ। ୨୦୨୧-୨୨ ସିଜନରେ ୧୧୫ଟି ଗେମ୍ ଖେଳାଯିବ। ପ୍ରଥମ ୧୧ ରାଉଣ୍ଡରେ ୫୫ ମ୍ୟାଚ ଖେଳାଯିବ। ଏହା ୨୦୨୨ ଜାନୁୟାରୀ ୯ ପର୍ଯ୍ୟନ୍ତ ଚାଲିବ। ମ୍ୟାଚଗୁଡ଼ିକ ଗୋଆରେ ଖେଳାଯିବ। ଡବଲ ହେଡର ଶନିବାର ଅନୁଷ୍ଠିତ ହେବ। ଦ୍ୱିତୀୟ ମ୍ୟାଚ ରାତି ୯ଟା ୩୦ରୁ ଆରମ୍ଭ ହେବ। ଭୁବନେଶ୍ୱର ଭିତ୍ତିକ ଓଡ଼ିଶା ଏଫ୍‌ସି ନଭେମ୍ବର ୨୪ରେ ଏହାର ପ୍ରଥମ ମ୍ୟାଚ ବେଙ୍ଗାଲୁରୁ ଏଫ୍‌ସି ବିପକ୍ଷରେ ଖେଳିବ।

# ଜାତୀୟ ବକ୍ସିଂ ପାଇଁ ୧୧ ଜଣିଆ ଓଡ଼ିଶା ଦଳ

**ଭୁବନେଶ୍ୱର, ୧୩।୯ (କ୍ରୀଡ଼ା ପ୍ରତିନିଧି)**

ଚଳିତ ମାସ ୧୫ରୁ ୨୧ ପର୍ଯ୍ୟନ୍ତ କର୍ଣ୍ଣାଟକର ବେଲେରିଠାରେ ୫ମ ଏଲିଟ ପୁରୁଷ ବକ୍ସିଂ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାକୁ ଥିବା ୧୧ ଜଣିଆ ଓଡ଼ିଶା ଦଳ ସୋମବାର ବେଲେରି ଅଭିମୁଖେ ଯାତ୍ରା କରିଛି। ଓଡ଼ିଶା ଦଳରେ ସ୍ଥାନ ପାଇଥିବା ବକ୍ସରମାନେ ହେଲେ ସନ୍ତୋଷ ପ୍ରଧାନ, ସନ୍ତୋଷ ଭୋଇ, ନିକଲସନ ପିଟର, ମାନସ ଜେନା, ପ୍ରିୟବ୍ରତ ନାୟକ, ଦୀପକ କୁମାର ପରିଡ଼ା, ଏସ.ଆର. ସାହୁ, ସପନ କୁମାର ନାୟକ, ଅନିଲ କୁମାର ଜେନା, ଆଦିତ୍ୟ କୁମାର ମହାନ୍ତି ଓ ଦିବ୍ୟ ରଞ୍ଜନ ଦଳେଇ। କୋଚ୍ ଏବଂ ମ୍ୟାନେଜରଭାବେ ଶିବରାମ ପାତ୍ର ଓଡ଼ିଶା ଦଳସହ ଯାତ୍ରା କରିଛନ୍ତି। ଏହା ବ୍ୟତୀତ ଜାତୀୟ ରେଫରି ଶିଶିର କୁମାର ପାଣିଗ୍ରାହୀ ଓ ରାଜ୍ୟ ବକ୍ସିଂ ଆସୋସିଏଶନ ସମ୍ପାଦକ ଅନିଲ ବହିଦାର ବୈଷୟିକ ପ୍ରତିନିଧିଭାବେ ବେଲେରି ଯାଇଛନ୍ତି।

# ରୁଟ୍, ରିଚାର୍ଡସନ ପ୍ଲେୟର ଅଫ୍ ଦି ମନ୍ଥ

**ଦୁବାଇ, ୧୩।୯ (ପି.ଟି.)**

ଭାରତୀୟ ପେସ୍ ବୋଲର ଯଶପ୍ରୀତ ବୁମ୍‌ରା ଓ ପାକିସ୍ତାନର ଶାହିନ ଆଫ୍ରିଦୀଙ୍କୁ ପଛରେ ପକାଇ ଇଂଲଣ୍ଡ ଅଧିନାୟକ ଜୋ ରୁଟ୍ ଅଗଷ୍ଟ ମାସର ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ପ୍ଲେୟର ଅଫ୍ ଦି ମନ୍ଥ ବିବେଚିତ ହୋଇଛନ୍ତି। ନିକଟରେ ଭାରତ ବିପକ୍ଷ ଟେଷ୍ଟ ସିରିଜରେ ଚମତ୍କାର ବ୍ୟାଟିଂ ପାଇଁ ସେ ଏହି ପୁରସ୍କାର ଜିତିଛନ୍ତି। ସେହିପରି ମହିଳା ବିଭାଗରେ ଏହି ପୁରସ୍କାର ଆୟର୍ଲାଣ୍ଡ ଅଲ୍ ରାଉଣ୍ଡର ଏମିଅର୍ ରିଚାର୍ଡସନ ହାସଲ କରିଛନ୍ତି। ଅଗଷ୍ଟରେ ଭାରତ ବିପକ୍ଷ ୩ ଟେଷ୍ଟ ମ୍ୟାଚରେ ରୁଟ୍ ୫୦୭ ରନ କରିଥିଲେ। ତନ୍ମଧ୍ୟରେ ତାଙ୍କର ୩ଟି ଶତକ ରହିଛି। ଚମତ୍କାର ଫର୍ମ ଯୋଗୁ ସେ ଟେଷ୍ଟ ବ୍ୟାଟ୍ସମ୍ୟାନ ର‍୍ୟାଙ୍କିଙ୍ଗ ତାଲିକାର ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ଆଇସିସି ଭୋଟିଂ ଏକାଡେମୀର ଅନ୍ୟତମ ସଦସ୍ୟ ଦକ୍ଷିଣ ଆଫ୍ରିକାର ପୂର୍ବତନ ଅଲରାଉଣ୍ଡର ଜେପି ଡୁମିନି ରୁଟ୍‌ଙ୍କ ବ୍ୟାଟିଂର ଉଚ୍ଚ ପ୍ରଶଂସା କରିଛନ୍ତି। ଭାରତ ବିପକ୍ଷ ଟେଷ୍ଟ ସିରିଜରେ ଇଂଲଣ୍ଡ ଅଧିନାୟକ ଜଣେ ବ୍ୟାଟ୍ସମ୍ୟାନ ଭାବେ ଯେପରି ତାଙ୍କ ଦାୟିତ୍ୱ ତୁଲାଇଲେ ଏହା ତାଙ୍କୁ ପ୍ରଭାବିତ କରିଛି। ଅନ୍ୟପକ୍ଷରେ ମହିଳା ବିଭାଗରେ ରିଚାର୍ଡସନ ତାଙ୍କ ଟିମ୍‌ମେଟ ଗାବି ଲୁଇସ୍ ଓ ଥାଇଲାଣ୍ଡର ନାଟାୟା ବୁଚିଥାମ୍‌ଙ୍କଠାରୁ କଡ଼ା ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହୋଇଥିଲେ। ଗତ ମାସରେ ଟି୨୦ ବିଶ୍ୱକପ୍ ୟୁରୋପ କ୍ୱାଲିଫାୟରରେ ରିଚାର୍ଡସନ ଅଲରାଉଣ୍ଡ ଖେଳ ପ୍ରଦର୍ଶନ କରିଥିଲେ।




ପୁରୁଣା ଗଣ୍ଠି ବ୍ୟଥାର ପ୍ରଭାବୀ ଉପଚାର
ଡା. ଅର୍ଥୋ ହିଁ କାହିଁକି କିଣିବେ?
ସମଗ୍ର ଭାରତରେ ମିଳିଛି ପରିଣାମ

Rajasthan — ରାମକରଣ ଖିଞ୍ଚି, 74 ବର୍ଷ, ଆଣ୍ଠୁ ଯନ୍ତ୍ରଣା କାରଣରୁ ବ୍ୟଥିତ ଥିଲେ। ସବୁ ପ୍ରକାର ଚିକିତ୍ସା କରାଇଲେ କିନ୍ତୁ ଯନ୍ତ୍ରଣା ଅଳ୍ପ କିଛି କାଳ ପାଇଁ ବନ୍ଦ ହୋଇ ପୁନର୍ବାର ଆରମ୍ଭ ହୋଇଯାଉଥିଲା। କିନ୍ତୁ ଆୟୁର୍ବେଦିକ ଡା. ଅର୍ଥୋ ତେଲ, କ୍ୟାପ୍‌ସୁଲର 3-4 ମାସର ସେବନ ପରେ ସେ ଆଜି ବହୁତ ସୁସ୍ଥ ଅଟନ୍ତି। ଆଜି ତାଙ୍କୁ କୌଣସି ପ୍ରକାର ବିଦେଶୀ ଔଷଧର ଆବଶ୍ୟକତା ପଡୁନାହିଁ।

Maharashtra — ଶାନ୍ତାବାଈ ଉତ୍ତମ ରାଓ, ବନ୍‌ସୋଡ 67 ବୟସ୍କା ଗୃହିଣୀ। ସେ ଲେଖନ୍ତି ଯେ ବିଗତ 1 ବର୍ଷ ଧରି ମୋ ଗୋଡ଼ ଓ ଆଣ୍ଠୁରେ ଅସହ୍ୟ ଯନ୍ତ୍ରଣା ରହୁଥିଲା। ଡାକ୍ତରଙ୍କୁ ଦେଖାଇଲି, କିନ୍ତୁ ଆରାମ ମିଳିଲା ନାହିଁ। ଦିନେ ଟିଭିରେ ଆୟୁର୍ବେଦିକ ଡା. ଅର୍ଥୋ ତେଲ, କ୍ୟାପସୁଲର ବିଜ୍ଞାପନ ଦେଖି ମେଡିକାଲ ଷ୍ଟୋର୍‌ରୁ ତାହାକୁ ମଗାଇଲି। ମାତ୍ର 2 ମାସ ମଧ୍ୟରେ ମୋତେ ଯନ୍ତ୍ରଣାରୁ ଉପଶମ ମିଳିଗଲା।

Himachal — କେବଳ କୁମାର, ସାରା ଦିନର ପରିଶ୍ରମ କାରଣରୁ ଆଣ୍ଠୁ ସମସ୍ୟା ବଢ଼ିବାରେ ଲାଗିଥିଲା। ଅନେକ ଡାକ୍ତରଙ୍କୁ ଦେଖାଇଲେ ଓ ଔଷଧ ମଧ୍ୟ ସେବନ କଲେ, କିନ୍ତୁ କିଛି ଲାଭ ମିଳିଲା ନାହିଁ। ଦିନେ ଖବରକାଗଜରେ ଡା. ଅର୍ଥୋର ବିଜ୍ଞାପନ ପଢ଼ି ସେ ଆୟୁର୍ବେଦିକ ଡା. ଅର୍ଥୋ ଟ୍ରିଟ୍‌ମେଣ୍ଟ ଆରମ୍ଭ କଲେ। ମାତ୍ର ଦେଢ଼-ଦୁଇ ମାସରେ ତାଙ୍କ ସମସ୍ତ ସମସ୍ୟା ଉଭାନ୍ ହୋଇଗଲା।

Odisha — ମୁଁ ଗୀତା ପ୍ରକାଶ ଚନ୍ଦ୍ର ମିଶ୍ର, 65 ବର୍ଷୀୟ ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର ଓ କରାଟେରେ ବ୍ଲାକ୍‌ବେଲ୍ଟ ଅଟେ। କିନ୍ତୁ ବିଗତ ଦଶବର୍ଷ ଧରି ମୋ ଉଭୟ ଆଣ୍ଠୁ ଓ କାନ୍ଧରେ ଅତି ତୀବ୍ର ଯନ୍ତ୍ରଣା ଦେଖାଦେଉଥିଲା। ମୁଁ ଡା. ଅର୍ଥୋ ଆୟୁର୍ବେଦିକ ତେଲ ଗଣ୍ଠି ଓ ଆଣ୍ଠୁରେ ମାଲିସ୍ କଲି ଓ 2-2 କ୍ୟାପ୍‌ସୁଲ ସକାଳେ-ସନ୍ଧ୍ୟାରେ ସେବନ କଲି। ଅଳ୍ପକିଛି ସପ୍ତାହ ପରେ ଆଜି ମୋତେ ବହୁତ ଉପଶମ ମିଳିଛି।

Gujarat — ଲତାବେନ ନନ୍ଦଲାଲ ଶଂଖଲା, ବୟସ 59 ବର୍ଷ, ଗୃହିଣୀ, ଆଣ୍ଠୁ ଓ କାନ୍ଧ ଯନ୍ତ୍ରଣା କାରଣରୁ ଅତ୍ୟନ୍ତ ପୀଡ଼ିତ ରହୁଥିଲେ। ବିଦେଶୀ ଔଷଧର ପ୍ରଭାବ ବି ମାତ୍ର ଅଳ୍ପ କିଛି ସମୟ ପାଇଁ ରହୁଥିଲା। ଦିନେ ସେ ଟିଭିରେ ଡା. ଅର୍ଥୋ ଆୟୁର୍ବେଦିକ ତେଲ ଓ କ୍ୟାପ୍‌ସୁଲର ବିଜ୍ଞାପନ ଦେଖି ମେଡିକାଲ ଷ୍ଟୋର୍‌ରୁ ମଗାଇଲେ। ଆଜି 3 ମାସ ମଧ୍ୟରେ ହିଁ ତାଙ୍କୁ ଯନ୍ତ୍ରଣାରୁ ବହୁତ ଉପଶମ ମିଳିଛି।

Rajasthan — ମୋଟ ସିଂହ 76 ବର୍ଷୀୟ, ଚାଷବାସ କାମ କରନ୍ତି। ବିଗତ 10 ବର୍ଷ ଧରି ସେ ଆଣ୍ଠୁ ଯନ୍ତ୍ରଣା କାରଣରୁ ବିବ୍ରତ ରହୁଥିଲେ। ମହଙ୍ଗା ଔଷଧ ବି ଖାଇଲେ, କିନ୍ତୁ ପରିଣାମ ଶୂନ୍ୟ। ତାଙ୍କର ଜଣେ ମିତ୍ର ତାଙ୍କୁ ଆୟୁର୍ବେଦିକ ଡା. ଅର୍ଥୋ ତେଲ ଓ କ୍ୟାପ୍‌ସୁଲ ବ୍ୟବହାର କରିବା ପାଇଁ ଦେଲେ। ଆୟୁର୍ବେଦିକ ଡା. ଅର୍ଥୋର ଦୈନନ୍ଦିନ ବ୍ୟବହାର କାରଣରୁ ଆଜି ତାଙ୍କଠାରେ ଗଣ୍ଠି ବ୍ୟଥାର ସମସ୍ୟା ଆଉ ନାହିଁ।

24x7 Helpline No.: 7876977777 • Website: www.drorthooil.com • Available at all medical & general stores

ନକଲକାରୀଙ୍କ ପ୍ରତି ସାବଧାନ
'ଡା. ଅର୍ଥୋ'ର ସବୁ ଉତ୍ପାଦ କେବଳ 'ଡା. ଅର୍ଥୋ' ନାମରେ ହିଁ ତିଆରି କରାଯାଏ, ଏକା ସଦୃଶ ନାମ, ପ୍ୟାକିଂ, ବୋତଲ, ବିଜ୍ଞାପନ ପ୍ରତି ସାବଧାନ। ସର୍ବୋତ୍ତମ ଡା. ଅର୍ଥୋ ହିଁ କିଣନ୍ତୁ।



ଅର୍ଶ - ଭଗନ୍ଦର
ର ପ୍ରଭାବୀ ଆୟୁର୍ବେଦିକ ଚିକିତ୍ସା
ପ୍ରଭାବ ପ୍ରଥମ ଦିନରୁ ହିଁ ଦେଖାଯାଏ।
ବାସିର 3+1 ପ୍ୟାକ୍ FREE
JOLLY
ବାସିର
ଜେଲ୍ ଓ କ୍ୟାପ୍‌ସୁଲ
ପ୍ରତ୍ୟେକ ମେଡିକାଲ ଷ୍ଟୋରରେ ଉପଲବ୍ଧ। Helpline» 0161-520-1588



Piramal
Polycrol®
XPRESS RELIEF




ପୋଲିକ୍ରୋଲ ଇନ,
ଏସିଡିଟି ଆଉଟ,
ଦାଦାଙ୍କ ଭରସା,
ଉଇଦାଉଟ ଏନି ଡାଉଟ!

#Refers to start of the acid neutralization reaction that will occur in the stomach when product comes in contact with stomach acid. *If acidity persists, please contact your physician.

For queries or feedback, contact consumer care officer at toll free no. 1800229898 or consumercare@piramal.com | Available at Apollo, Frank Ross and local chemist stores near you.


3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ